ପୃଷ୍ଠା-୮+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୧/୨୦୨୨ (୮+୮=୧୬ ପୃଷ୍ଠା+ ଛୁଟିଦିନ) | Bhubaneswar, Sunday, August 21/2022 | Page 8+8 | ₹ 7.00 | ★★★★

୪୮ଶ ଭାଗ ୨୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 266 | ମୂଲ୍ୟ ₹୭/-

# ଅଟକିଛି ୮ ରେଳ ପ୍ରକଳ୍ପ

## ଜମି ଅଧିଗ୍ରହଣ ବାଧକ

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ରାଜ୍ୟରେ ରେଳ ପ୍ରକଳ୍ପ କଚ୍ଛପ ଗତିରେ ଚାଲିଛି। ଭୌଗୋଳିକ ଦୃଷ୍ଟିକୋଣରୁ ଓଡ଼ିଶା ଦେଶର ଅଷ୍ଟମ ବୃହତ୍ ରାଜ୍ୟ ହୋଇଥିଲେ ମଧ୍ୟ ଅନ୍ୟ ରାଜ୍ୟ ତୁଳନାରେ ରେଳ ସାନ୍ଦ୍ରତା କ୍ଷେତ୍ରରେ ବହୁ ପଛରେ ରହିଛି। ଏପରିକି ଦେବଗଡ଼, ନବରଙ୍ଗପୁର, କନ୍ଧମାଳ, ମାଲକାନଗିରି ଭଳି ଆଦିବାସୀ ବହୁଳ ଜିଲାଗୁଡ଼ିକୁ ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ରେଳ ସଂଯୋଗ ହୋଇପାରି ନାହିଁ। ରାଜ୍ୟର ବିଭିନ୍ନ ଭାଗରେ ରେଳ ମନ୍ତ୍ରଣାଳୟ ଦ୍ୱାରା ଯେଉଁ ପ୍ରକଳ୍ପ ଆରମ୍ଭ କରାଯାଉଛି ଆନ୍ତରିକତା ଅଭାବ ଯୋଗୁ ତାହା ଦୀର୍ଘ ବର୍ଷ ପରେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ଅନୁମତି ଆଳରେ ପ୍ରକଳ୍ପ ବର୍ଷ ବର୍ଷ ଧରି ପଡ଼ିରହୁଛି।



ରାଜ୍ୟ ପରିବହନ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଜମି ଅଧିଗ୍ରହଣ ଓ ଜଙ୍ଗଲ ଅନୁମତି ପାଇଁ ୮ଟି ରେଳ ପ୍ରକଳ୍ପ ଦୀର୍ଘ ବର୍ଷ ହେବ ଅଧାରେ ପଡ଼ିରହିଛି। ଖୋର୍ଦ୍ଧାରୋଡ୍-ବଲାଙ୍ଗୀର, ତାଳଚେର-ବିମଳାଗଡ଼ ଭଳି ପ୍ରକଳ୍ପ ଦୁଇ ଦଶନ୍ଧି ବିତିବା ପରେ ମଧ୍ୟ ଶେଷ ହୋଇ ପାରୁନାହିଁ। ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ପ୍ରକଳ୍ପ କାର୍ଯ୍ୟ ୧୯୯୬ରେ ଆରମ୍ଭ ହୋଇଥିଲା। ଦୀର୍ଘ ୨୫ ବର୍ଷ ପରେ ମଧ୍ୟ ଏହି ରେଳଲାଇନ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ୩୨୫.୬ କିମି ରେଳଲାଇନ ମଧ୍ୟରୁ ଏ ପର୍ଯ୍ୟନ୍ତ ମାତ୍ର ୬୮ କିଲୋମିଟର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହି ପ୍ରକଳ୍ପ ପାଇଁ ବେସରକାରୀ ଜମି ଅଧିଗ୍ରହଣ ସମସ୍ୟା ସୃଷ୍ଟି କରିଛି। ପ୍ରକଳ୍ପ ପାଇଁ ଆହୁରି ୮୮.୨୪୭ ଏକର ଜମି ଯୋଗାଇ ଦେବାକୁ ବାକି ରହିଛି। ପ୍ରକଳ୍ପ କାର୍ଯ୍ୟ କେବେ ସରିବ ତାହା ମଧ୍ୟ ଅନିଶ୍ଚିତତା ଭିତରେ ରହିଛି। ସେହିପରି ୧୫୦ କିମି ତାଳଚେର -ବିମଳାଗଡ଼ ରେଳ ପ୍ରକଳ୍ପ ୨୦୦୩-୦୪ରେ ଆରମ୍ଭ ହୋଇଥିଲା। ୧୭ ବର୍ଷ ପରେ ମଧ୍ୟ ଏହା ଅସମ୍ପୂର୍ଣ୍ଣ ହୋଇ ରହିଛି। ଏହି ପ୍ରକଳ୍ପ ପାଇଁ ଅଧା ଜମି ମଧ୍ୟ ଅଧିଗ୍ରହଣ ହୋଇ ନାହିଁ। ଖଣିଜ ସମ୍ପଦ ଭରା ଅନୁଗୋଳ ଜିଲା ପାଇଁ ଏହି ରେଳପଥ ଗୁରୁତ୍ୱ ବହନ କରୁଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ହେଲେ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସମସ୍ୟା ହୋଇଛି। ପ୍ରକଳ୍ପ ପାଇଁ ଆବଶ୍ୟକ ସମୁଦାୟ ୯୮୭.୧୦୫ ଏକର ଜମିରୁ ୪୯୭.୦୬ ଏକର ଜମି ଯୋଗାଇ ଦିଆଯାଇଛି। ଆହୁରି ୪୯୦.୦୪୫ ଏକର ଜମି ଯୋଗାଇ ଦେବାକୁ ବାକି ରହିଛି।

ସେହିପରି ଆଦୌ ରେଳଲାଇନ ନ ଥିବା ମାଲକାନଗିରି ଓ ନବରଙ୍ଗପୁର ଜିଲାରେ ହେବାକୁ ଥିବା ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ରେଳ ପ୍ରକଳ୍ପ ସ୍ଥାଣୁ ଅବସ୍ଥାରେ ରହିଛି। ଏଥିପାଇଁ ଆବଶ୍ୟକ ହେଉଥିବା ୧୭୭୦.୩୪୯ ଏକର ଘରୋଇ ଜମିରୁ କାଣିଚାଏ ବି ଅଧିଗ୍ରହଣ କରାଯାଇ ନାହିଁ। ତାଳଚେର-ସମ୍ବଲପୁର ଦ୍ୱିତୀୟ ରେଳଲାଇନ, ସାଲେଗାଁଓ- ବୁଢ଼ାପଙ୍କ ତୃତୀୟ ଓ ଚତୁର୍ଥ ରେଳଲାଇନ, ସମ୍ବଲପୁର-ଟିଟିଲାଗଡ଼ ଦ୍ୱିତୀୟ ରେଳଲାଇନ ଏବଂ ଟିଟିଲାଗଡ଼- ବିଜୟନଗରମ୍ ତୃତୀୟ ରେଳଲାଇନ କାମ ମଧ୍ୟ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

**ଜନଗଣନା ପରମ୍ପରା ଭାଙ୍ଗିଛୁ**

### ଆଜିର ମନ୍ତବ୍ୟ

“ ବିଚାର ଅପେକ୍ଷାରେ ପଡ଼ିରହିଥିବା ମାମଲା ୫ କୋଟି ଟପିଲାଣି। ବିଚାରପତି ୫୦ ମାମଲା ସମାଧାନ କଲେ ୧୦୦ ନୂଆ ମାମଲା ରୁଜୁ ହେଉଛି।

– କିରେନ୍ ରିଜିଜୁ, ଆଇନ ମନ୍ତ୍ରୀ

# ମୁମ୍ବାଇରେ ୨୬/୧୧ ଭଳି ଆକ୍ରମଣ ଧମକ

## ପାକିସ୍ତାନୀ ନମ୍ବରରୁ ଆସିଥିଲା ହ୍ୱାଟ୍ସଆପ୍ ବାର୍ତ୍ତା

ମୁମ୍ବାଇ,୨୦।୮

ମୁମ୍ବାଇରେ ୨୬/୧୧ ଭଳି ଭୟାବହ ଆକ୍ରମଣ ଘଟାଇବା ଲାଗି ହ୍ୱାଟ୍ସଆପ୍ ବାର୍ତ୍ତା ଜରିଆରେ ଧମକ ଦିଆଯାଇଛି। ମୁମ୍ବାଇ ଟ୍ରାଫିକ ପୋଲିସ କଣ୍ଟ୍ରୋଲ ରୁମ୍ ହେଲ୍ପଲାଇନର ହ୍ୱାଟ୍ସଆପ୍ ନମ୍ବରକୁ ଶୁକ୍ରବାର ରାତି ପ୍ରାୟ ୧୧ଟା ବେଳେ ଏଭଳି ଏକାଧିକ ମେସେଜ୍ ଆସିଛି। ପାକିସ୍ତାନ କୋଡ୍ ଥିବା ଫୋନ୍ ନମ୍ବରରୁ ଏଭଳି ମେସେଜ ଆସିଥିବା ମୁମ୍ବାଇ ପୋଲିସ କମିଶନର ବିବେକ ଫନ୍‌ସଲ୍‌କର କହିଛନ୍ତି। ଏହି ଖବର ମିଳିବା ପରେ ମୁମ୍ବାଇରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ସିଟି ପୋଲିସ ସହ ତଟସୁରକ୍ଷା ବଳ ପକ୍ଷରୁ ଉପକୂଳ ଅଞ୍ଚଳରେ କଡ଼ା ଯାଞ୍ଚ କରାଯାଉଛି। ସିଟି କ୍ରାଇମ୍ ବ୍ରାଞ୍ଚ ଘଟଣାର ତଦନ୍ତ ଚଳାଇଛି। ☞ପୃଷ୍ଠା-୪











## ଅନୁବ୍ରତଙ୍କ ଜାମିନ ଆବେଦନ ଖାରଜ

ଗୋରୁ ଚୋରାଚାଲାଣ ଦୁର୍ନୀତି ମାମଲାରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ନେତା ଅନୁବ୍ରତ ମଣ୍ଡଳଙ୍କ ଜାମିନ ଆବେଦନକୁ ସିବିଆଇର ସ୍ୱତନ୍ତ୍ର ଅଦାଲତ ଶନିବାର ଖାରଜ କରିଦେଇଛନ୍ତି। ଏଥିସହିତ ତାଙ୍କର ସିବିଆଇ ହାଜତ ସମୟସୀମାକୁ ଅଗଷ୍ଟ ୨୪ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଅନୁବ୍ରତ ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ସେ ଜାମିନରେ ବାହାରିଲେ ସାକ୍ଷୀମାନଙ୍କୁ ପ୍ରଭାବିତ କରିବା ସହ ପ୍ରମାଣ ନଷ୍ଟ କରିପାରନ୍ତି। ସେଥିପାଇଁ ତାଙ୍କ ହାଜତ ମିଆଦ ବଢ଼ାଇବା ଲାଗି ସିବିଆଇ ପକ୍ଷରୁ ଆବେଦନ କରାଯାଇଥିଲା।



## ସଂକ୍ଷେପରେ

### ଭାରତକୁ ୭ କଳାକୃତି ଫେରାଇବ ସ୍କଟ୍‌ଲାଣ୍ଡ ମ୍ୟୁଜିୟମ

**ଲଣ୍ଡନ,୨୦।୮:** ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋ ମ୍ୟୁଜିୟମ ଭାରତକୁ ୭ ପ୍ରାଚୀନ କଳାକୃତି ଫେରାଇଦେବ। ସେଥିପାଇଁ ଶୁକ୍ରବାର ବ୍ରିଟେନରେ ଥିବା ଭାରତର କାର୍ଯ୍ୟକାରୀ ଉଚ୍ଚାୟୁକ୍ତ ସୁଜିତ ଘୋଷଙ୍କ ଉପସ୍ଥିତିରେ ମାଲିକାନା ହସ୍ତାନ୍ତର ଉତ୍ସବ କେଲ୍‌ଭିନ୍‌ଗ୍ରୋଭ ଆର୍ଟ ଗ୍ୟାଲେରି ଓ ମ୍ୟୁଜିୟମରେ ଅନୁଷ୍ଠିତ ହୋଇଯାଇଛି। ମ୍ୟୁଜିୟମ ଚଳାଉଥିବା ଦାତବ୍ୟ ସଂଗଠନ ଗ୍ଲାସ୍‌ଗୋ ଲାଇଫ୍ ଉକ୍ତ ପ୍ରାଚୀନ କଳାକୃତି ଫେରାଇବ ବୋଲି ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲା। ଫେରିବାକୁ ଥିବା କଳାକୃତି ମଧ୍ୟରେ ରହିଛି ଚତୁର୍ଦ୍ଦଶ ଶତାବ୍ଦୀର ଇଣ୍ଡୋ-ପର୍ସିଆନ୍ ତଲୱାର ଏବଂ ୟୁପିର କାନପୁର ମନ୍ଦିରରୁ ଚୋରି ହୋଇଥିବା ଏକାଦଶ ଶତାବ୍ଦୀର ପଥର ଖୋଦେଇ ଦ୍ୱାରବନ୍ଧ। ଗ୍ଲାସ୍‌ଗୋ ଲାଇଫ୍ ସହ ବନ୍ଧୁତା ଯୋଗୁ ସେଠାରୁ ଭାରତକୁ ଗୁରୁତ୍ୱପୂର୍ଣ୍ଣ କଳାକୃତି ଫେରିବା ସମ୍ଭବ ହୋଇଛି। ଏହି କଳାକୃତି ଆମ ସଭ୍ୟତା ଐତିହ୍ୟର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଘୋଷ କହିଛନ୍ତି। ଏଥିପାଇଁ ଗ୍ଲାସ୍‌ଗୋ ଲାଇଫ୍, ଗ୍ଲାସ୍‌ଗୋ ସିଟି କାଉନ୍‌ସିଲ ସମେତ ଅନ୍ୟ ସହଯୋଗୀମାନଙ୍କୁ ସେ ଉଚ୍ଚ ପ୍ରଶଂସା କରିଛନ୍ତି।

### ମଥୁରା ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ବେଳେ ୨ ମୃତ

**ମଥୁରା,୨୦।୮:** ମଥୁରାର ବାଙ୍କ ବିହାରୀ ମନ୍ଦିରରେ ଶୁକ୍ରବାର ଜନ୍ମାଷ୍ଟମୀ ଉତ୍ସବ ପାଳନ ବେଳେ ପ୍ରବଳ ଭିଡ଼ ଯୋଗୁ ଶ୍ୱାସରୁଦ୍ଧ ହୋଇ ୨ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ମୃତକ ଦ୍ୱୟ ନିର୍ମଳା ଦେବୀ ଓ ରାମପ୍ରସାଦ ବିଶ୍ୱକର୍ମା ବୋଲି ପୋଲିସ କହିଛି। ଜନ୍ମାଷ୍ଟମୀ ପାଇଁ ମନ୍ଦିରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଯାତାୟାତରେ କଟକଣା ଲଗାଯିବାରୁ ପ୍ରସ୍ଥାନ ଗେଟ୍ ନିକଟରେ ଜଣେ ଶ୍ରଦ୍ଧାଳୁ ମୂର୍ଚ୍ଛା ଯାଇଥିଲେ। ଆହତ ଓ ଅସୁସ୍ଥ ହୋଇପଡ଼ିଥିବା ଶ୍ରଦ୍ଧାଳୁମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ହୋଟେଲରେ ଆତଙ୍କବାଦୀ ଆକ୍ରମଣ: ୧୩ ନିହତ

**ମୋଗାଦିଶୁ, ୨୦।୮:** ସୋମାଲିଆ ରାଜଧାନୀ ମୋଗାଦିଶୁର ଏକ ହୋଟେଲରେ ଶୁକ୍ରବାର ରାତିରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିରେ ୧୩ ଜଣଙ୍କ ମୃତ୍ୟୁ ଘଟିଥିବା ଜଣେ ସିକ୍ୟୁରିଟି କମାଣ୍ଡର ଶନିବାର ସୂଚନା ଦେଇଛନ୍ତି। ଆତଙ୍କବାଦୀଙ୍କ ଅଲ୍ କାଏଦା ଲିଙ୍କ୍ ରହିଥିବା ଜଣାପଡ଼ିଛି। ସୋମାଲିଆର ଅଲ୍ ଶବାବ୍ ସଙ୍ଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ଆକ୍ରମଣକାରୀ ଦୁଇଟି କାର୍‌ରେ ଆସି ହୟାତ ହୋଟେଲରେ ବୋମା ପକାଇବା ସହ ଆଖିବୁଜା ଗୁଳିମାଡ଼ କରିଥିଲେ। ଏଥିରେ ହୋଟେଲର ଅଧିକାଂଶ ଭାଗ ନଷ୍ଟ ହୋଇଯାଇଥିବାବେଳେ ୪୦ ଜଣ ଆହତ ହୋଇଛନ୍ତି।

### ବ୍ରାହ୍ମଣଙ୍କ ଉପରେ ବିବାଦୀୟ ମନ୍ତବ୍ୟ: ଭାଜପାନେତା ନିଲମ୍ବିତ

**ଭୋପାଳ, ୨୦।୮:** ମଧ୍ୟପ୍ରଦେଶର ଗ୍ୱାଲିଅର୍-ଚମ୍ବାଲ ଅଞ୍ଚଳର ଭାଜପା ନେତା ପ୍ରୀତମ ସିଂ ଲୋଧିଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ନିକଟରେ ଅବନ୍ତିବାଈ ଲୋଧିଙ୍କ ଜନ୍ମ ବାର୍ଷିକି ପାଇଁ ଆୟୋଜିତ ସଭାରେ ଯୋଗ ଦେଇ ପ୍ରୀତମ କହିଥିଲେ, ଧର୍ମ ଆଳରେ ବ୍ରାହ୍ମଣମାନେ ଲୋକଙ୍କୁ ବୋକା ବନେଇବା ସହ ସେମାନଙ୍କୁ ହଇରାଣ କରୁଛନ୍ତି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।


ପ୍ରୀତମ ସିଂ ଲୋଧି

### ଅବକାରୀ ଦୁର୍ନୀତି ମାମଲା
### ଅଭିଯୁକ୍ତଙ୍କୁ ସିବିଆଇ ଜେରା

**ନୂଆଦିଲ୍ଲୀ,୨୦।୮:** ଦିଲ୍ଲୀ ଅବକାରୀ ନୀତି ଉଲ୍ଲଂଘନ ଦୁର୍ନୀତି ମାମଲାରେ ସିବିଆଇ ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ଘର ସମେତ ୩୧ଟି ସ୍ଥାନରେ ଚଢ଼ାଉ କରିଥିଲା। ଏତଲାରେ ସିସୋଡିଆଙ୍କ ସମେତ ୧୫ ଅଭିଯୁକ୍ତ ରହିଥିବାବେଳେ ସେମାନଙ୍କ ମଧ୍ୟରୁ କେତେକଙ୍କୁ ସିବିଆଇ ଅଧିକାରୀମାନେ ଶନିବାର ଜେରା କରିଛନ୍ତି। ଜେରା କରାଯାଇଥିବା ଅଭିଯୁକ୍ତଙ୍କ ନାଁ ତଦନ୍ତକାରୀ ଏଜେନ୍ସି ପ୍ରକାଶ କରିନାହିଁ। ତେବେ ସିସୋଡିଆ ଏବଂ ୩ ଅବକାରୀ ଅଧିକାରୀଙ୍କ ବ୍ୟତୀତ ଏତଲାରେ ଦିନେଶ ଆରୋରା, ପେରନ୍‌ଡ ରିକାର୍ଡର ପୂର୍ବତନ କର୍ମଚାରୀ ମନୋଜ ରାୟ, ଇଣ୍ଡୋସ୍ପିରିଟ୍ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସମୀର ମହେନ୍ଦ୍ରୁ ପ୍ରମୁଖଙ୍କ ନାମ ରହିଛି।


ବର୍ଷାରେ ହିମାଚଳ ପ୍ରଦେଶର କାଙ୍ଗ୍ରା ଜିଲାରେ ଥିବା ଚକ୍କି ରେଲୱେ ବ୍ରିଜ୍ ଭାଙ୍ଗିଯାଇଛି।



ଶିମ୍‌ଲାର ଥିଓଗ୍‌ଠାର ଭୂସ୍ଖଳନ ଯୋଗୁ ଏକ କାର୍ ଭାଙ୍ଗିରୁଜି ଯାଇଛି।

# ଜଳପ୍ରଳୟ ନେଲା ୨୩ ଜୀବନ

- ହିମାଚଳରେ ବନ୍ୟା, ୧୯ ମୃତ
- ଭାଙ୍ଗିଗଲା ରେଲ୍‌ୱେ ବ୍ରିଜ୍
- ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା: ୪ ମୃତ

**ଶିମ୍‌ଲା/ଡେରାଡୁନ୍, ୨୦।୮**

ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ଭୀଷଣ ବର୍ଷା ଯୋଗୁ ବନ୍ୟା ଓ ଭୂସ୍ଖଳନ ହୋଇଛି। ୨୪ ଘଣ୍ଟାରେ ଦୁଇ ରାଜ୍ୟରେ ଜଳପ୍ରଳୟ ଅନ୍ୟୁନ ୨୩ ଜଣଙ୍କ ଜୀବନ ନେଲାଣି। କେବଳ ହିମାଚଳ ପ୍ରଦେଶରେ ୧୯ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୩ ଶିଶୁ ରହିଛନ୍ତି। ଉତ୍ତରାଖଣ୍ଡରେ ୪ ଜଣଙ୍କ ଜୀବନ ଯାଇଛି। ଉଭୟ ରାଜ୍ୟରେ ବହୁସଂଖ୍ୟାରେ ଲୋକ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ହିମାଚଳ ପ୍ରଦେଶର କାଙ୍ଗ୍ରା ଜିଲାରେ ଥିବା ଚକ୍କି ରେଲ୍‌ୱେ ବ୍ରିଜ୍ ଭାଙ୍ଗିଯାଇଛି। ଫଳରେ ଯୋଗୀନ୍ଦରନଗର-ପଠାନକୋଟ ରୁଟ୍‌ରେ ଯିବାକୁ ଥିବା ଟ୍ରେନ୍‌ଗୁଡ଼ିକୁ ବାତିଲ କରାଯାଇଛି।

ହିମାଚଳ ପ୍ରଦେଶରେ କାଙ୍ଗ୍ରା, ମଣ୍ଡି, ଚାମ୍ବା ଜିଲା ବ୍ୟାପକ ପ୍ରଭାବିତ ହୋଇଛି। ମଣ୍ଡି ଓ ଚମ୍ବାରେ ବାଦଲଫଟା ବର୍ଷା ହୋଇଛି। ଧର୍ମଶାଳାରେ ବର୍ଷା ପ୍ରାୟ ୬୦ ବର୍ଷର ରେକର୍ଡ ଭାଙ୍ଗିଛି। ଅନ୍ୟୁନ ୧୫ରୁ ୨୦ ଜଣ ପାଣିରେ ଭାସିଯାଇଛନ୍ତି। କେବଳ ମଣ୍ଡି ଜିଲାରେ ଭୂସ୍ଖଳନ ଯୋଗୁ ୧୨ ଜଣଙ୍କ ଜୀବନ ଯାଇଛି। ଅନେକ ସ୍ଥାନରେ ରାସ୍ତାରେ ଥିବା ଗାଡ଼ିଗୁଡ଼ିକ ଭାସିଯାଇଛି। ମଣ୍ଡିରେ ୬ ଜଣ ଥିବା ଏକ କାର୍ ଭାସିଯିବାରୁ ଥିବା ଜଣେ ୧୫ ବର୍ଷୀୟା ବାଳିକାଙ୍କ ମୃତଦେହ ଜବତ ହୋଇଛି। ଏହି ୩ ଜିଲାରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ଘୋଷଣା କରାଯାଇଛି। ପ୍ରାୟ ୭୪୦ ରାସ୍ତାରେ ବର୍ଷା ଓ ବନ୍ୟା ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଉଦ୍ଧାର କାର୍ଯ୍ୟ ପାଇଁ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଟିମ୍ ମୁତୟନ ହୋଇଛନ୍ତି। ଅଗଷ୍ଟ ୨୮ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ତେଣୁ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦା କୌଣସି ନଦୀ କିମ୍ବା ଝରଣା ନିକଟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଉତ୍ତରାଖଣ୍ଡରେ ବର୍ଷା ପ୍ରଳୟ ଜାରି ରହିଛି। ଏକାଧିକ ସ୍ଥାନରେ ବାଦଲଫଟା ବର୍ଷା ହୋଇଛି। ୧୦ରୁ ଊର୍ଦ୍ଧ୍ୱ ପାଣିରେ ଭାସି ନିଖୋଜ ଅଛନ୍ତି। ଋଷିକେଶ-ବଦ୍ରିନାଥ, ଋଷିକେଶ-ଗଙ୍ଗୋତ୍ରୀ ଜାତୀୟ ରାଜପଥ ବିଭିନ୍ନ ସ୍ଥାନ ବ୍ଲକ୍ ହୋଇଛି। ସୋଙ୍ଗ ନଦୀ ଉପରେ ଥିବା ପୋଲ ଭାସିଯାଇଛି। ମଶୌରି ନିକଟରେ ଥିବା ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କେମ୍ପ୍ଟି ଫଲ୍‌ସରେ ବନ୍ୟାପାଣି ପଶିଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଥାନୋ ସମେତ କେତେକ ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଆବଶ୍ୟକ ପଡ଼ିଲେ ସେନାର ସହାୟତା ନିଆଯିବ ବୋଲି ସେ କହିଛନ୍ତି।

### ଗିରଫ ହୋଇପାରନ୍ତି ଇମ୍ରାନ



**ଇସ୍‌ଲାମାବାଦ,୨୦।୮(ପି.ଟି.)**

ନିଷିଦ୍ଧ ପାଣ୍ଠି ମାମଲାର ତଦନ୍ତ କରୁଥିବା ସଂଘୀୟ ତଦନ୍ତକାରୀ ସଂସ୍ଥା (ଏଫ୍‌ଆଇଏ) ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଗିରଫ କରିପାରେ। ସମନ ଜାରି ସତ୍ତ୍ୱେ ଇମ୍ରାନ ଏଫ୍‌ଆଇଏରେ ହାଜର ନ ହେବାରୁ ତାଙ୍କୁ ଶୁକ୍ରବାର ପୁନର୍ବାର ନୋଟିସ ଜାରି ହୋଇଛି। ୩ ଥର ନୋଟିସ ପରେ ତାଙ୍କୁ ଗିରଫ କରାଯାଇପାରିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଇମ୍ରାନ୍‌ଙ୍କ ଦଳ ଦ୍ୱାରା ଚାଲୁଥିବା ୫ଟି କମ୍ପାନୀକୁ ଏଫ୍‌ଆଇଏ ଠାବ କରିଛି। ଆମେରିକା, ଅଷ୍ଟ୍ରେଲିଆ, କାନାଡା, ବ୍ରିଟେନ ଏବଂ ବେଲ୍‌ଜିୟମରେ କାର୍ଯ୍ୟ କରୁଥିବା ଏହି କମ୍ପାନୀ ସମ୍ପର୍କରେ ଇମ୍ରାନ ନିର୍ବାଚନ କମିଶନଙ୍କୁ ଦେଇଥିବା ରିପୋର୍ଟରେ ଉଲ୍ଲେଖ କରି ନ ଥିଲେ।

### ଲଦାଖରୁ ଅସୁସ୍ଥ ଇସ୍ରାଏଲ୍ ନାଗରିକଙ୍କୁ ଉଦ୍ଧାର କଲା ବାୟୁସେନା

**ଶ୍ରୀନଗର,୨୦।୮**

ଲଦାଖରେ ପାର୍ବତ୍ୟାଞ୍ଚଳ ଅସୁସ୍ଥତାରେ ପୀଡ଼ିତ ହେବା ସହ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିବା ଜଣେ ଇସ୍ରାଏଲୀ ନାଗରିକଙ୍କୁ ଭାରତୀୟ ବାୟୁସେନା ଉଦ୍ଧାର କରିଛି। ମର୍ଖା ଉପତ୍ୟକା ନିକଟ ନିମଲିଙ୍ଗ କ୍ୟାମ୍ପ୍‌ରେ ଥିବା ଇସ୍ରାଏଲୀ ନାଗରିକ ନୋଆମ ଗିଲ୍‌ଙ୍କୁ ତୁରନ୍ତ ଉଦ୍ଧାର କରିବା ଲାଗି ଶନିବାର ସକାଳେ ୧୧୪ ହେଲିକପ୍ଟର ୟୁନିଟ୍‌କୁ କଲ୍ ଆସିଥିଲା। ଗିଲ୍‌ଙ୍କ ଅକ୍ସିଜେନ୍ ସ୍ତର ୬୮କୁ ଖସିଯାଇଥିଲା। ୱିଙ୍ଗ କମାଣ୍ଡର ଆଶିଷ କପୁରଙ୍କ ନେତୃତ୍ୱରେ ଚାରି ଜଣିଆ ଟିମ୍ ୨୦ ମିନିଟ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ମିଶନକୁ ହାତକୁ ନେଇଥିଲା। ଜୋର୍‌ରେ ପବନ ବହିବା ସହ ଟର୍ବୁଲେଣ୍ଟ ସ୍ଥିତିରେ ସେମାନେ ୪୫ ମିନିଟରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ୩୦ ମିନିଟ ଖୋଜାଖୋଜି ପରେ ଏକ ସଙ୍କୀର୍ଣ୍ଣ ନଦୀ ଘାଟିରୁ ତାଙ୍କୁ ଠାବ କରାଯାଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ବହୁ କଷ୍ଟରେ ତାଙ୍କୁ ଲେହ ଅଣାଯାଇଥିବା ବାୟୁସେନା ମୁଖପାତ୍ର କହିଛନ୍ତି।


ନୂଆଦିଲ୍ଲୀର ବୀରଭୂମିଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସେମାନଙ୍କ ପିତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୮ତମ ଜନ୍ମବାର୍ଷିକୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। ପାଖରେ ଜ୍ୱାଇଁ ରବର୍ଟ ଭଦ୍ରା ଉପସ୍ଥିତ ଅଛନ୍ତି।

## ମୁମ୍ବାଇରେ ରହିବାକୁ ୱାରାୱାରାଙ୍କୁ ନିର୍ଦ୍ଦେଶ

**ମୁମ୍ବାଇ,୨୦।୮**



ଏଲ୍‌ଗାର ପରିଷଦ-ମାଓବାଦୀ ଲିଙ୍କ୍ ମାମଲାରେ ଅଭିଯୁକ୍ତ କବି ତଥା ସାମାଜିକ କର୍ମୀ ପି. ୱାରାୱାରା ରାଓଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ସୁପ୍ରିମକୋର୍ଟ ଜାମିନ ମଞ୍ଜୁର କରିଥିଲେ। ସେ ମୁମ୍ବାଇରେ ରହିବା ସହ ବିନା ଅନୁମତିରେ ବାହାରକୁ ନ ଯିବା ଲାଗି ମୁମ୍ବାଇର ଏକ ସ୍ୱତନ୍ତ୍ର ଅଦାଲତ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ୱାରାୱାରା ତାଙ୍କ ବାସଭବନରେ ବାହାର ଲୋକଙ୍କୁ ଏକାଠି କରିପାରିବେ ନାହିଁ କିମ୍ବା ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ନ ହେବାକୁ ସର୍ତ୍ତ ରଖାଯାଇଛି। ସେହିପରି ମାମଲାର ସହଅଭିଯୁକ୍ତ କିମ୍ବା ଅନୁରୂପ କାର୍ଯ୍ୟ ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସହ କୌଣସି ପ୍ରକାର ଯୋଗାଯୋଗ ନ କରିବାକୁ ତାଙ୍କୁ ପରାମର୍ଶ ଦିଆଯାଇଛି। ସୁପ୍ରିମକୋର୍ଟ ଗତ ୧୦ ତାରିଖରେ ୱାରାୱାରାଙ୍କୁ ଜାମିନ ମଞ୍ଜୁର କରିଥିବାବେଳେ ସ୍ୱତନ୍ତ୍ର ଅଦାଲତ ଜାମିନ ସର୍ତ୍ତାବଳୀ ଧାର୍ଯ୍ୟ କରିଛନ୍ତି। ଏନ୍‌ଆଇଏ କୋର୍ଟଙ୍କ ବିନା ଅନୁମତିରେ ସେ ମୁମ୍ବାଇ ବାହାରକୁ ଯାଇପାରିବେ ନାହିଁ। ସେ ଗ୍ରେଟର ମୁମ୍ବାଇସ୍ଥିତ ତାଙ୍କ ବାସଭବନର ସବିଶେଷ ଠିକଣା ଫୋନ୍ ନମ୍ବର କୋର୍ଟରେ ଦାଖଲ କରିବେ। ଏଥିସହିତ ତାଙ୍କ ସହ ରହୁଥିବା ୩ ଜଣ ସମ୍ପର୍କୀୟଙ୍କ ଯୋଗାଯୋଗ ନମ୍ବର ମଧ୍ୟ ଦାଖଲ କରିବାକୁ କୁହାଯାଇଛି।

## ସମ୍ମାନର ହକ୍‌ଦାର ଗର୍ଭବତୀ: ହାଇକୋର୍ଟ

**ନୂଆଦିଲ୍ଲୀ,୨୦।୮**

ପ୍ରତ୍ୟେକ ଗର୍ଭବତୀ ମହିଳା ମାତୃତ୍ୱ ସମୟରେ ସମ୍ମାନ ପାଇବା ପାଇଁ ହକ୍‌ଦାର ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଗର୍ଭବତୀଥିବା ଜଣେ ମହିଳା କଏଦୀଙ୍କ ୩ ମାସିଆ ଅନ୍ତରୀଣ ଜାମିନ ଆବେଦନର ଶୁଣାଣି ବେଳେ ବିଚାରପତି ଅନୂପ କୁମାର ମେଣ୍ଡିରାତ୍ତା ଏହା କହିଛନ୍ତି। ସେ ଆଉ ମଧ୍ୟ କହିଛନ୍ତି, ଜେଲ ଭିତରେ ପ୍ରସବ କରିବା କେବଳ ମହିଳାଙ୍କୁ ଘାତକ ଦେଇ ନ ଥାଏ ବରଂ ଏହା ନବଜାତ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ପ୍ରତ୍ୟେକ ଗର୍ଭବତୀ ମହିଳା ସମ୍ମାନ ପାଇବା ପାଇଁ ଯୋଗ୍ୟ ବୋଲି ଭାରତୀୟ ସମ୍ବିଧାନର ଆର୍ଟିକଲ୍ ୨୧ରେ ଉଲ୍ଲେଖ ରହିଛି। ମହିଳା ଜଣକ ରହୁଥିବା ଜେଲ୍‌ରେ ପ୍ରସବ ପାଇଁ କୌଣସି ସୁବିଧା ନ ଥିବାବେଳେ ତାଙ୍କୁ ଦୀନ ଦୟାଲ ଉପାଧ୍ୟାୟ ହସ୍ପିଟାଲରେ ପ୍ରସବ କରିବା ଲାଗି ରେଫର କରାଯାଇଛି। ହାଇକୋର୍ଟ ୨୦ ହଜାର ଟଙ୍କାର ବ୍ୟକ୍ତିଗତ ମୁଚାଲିକାରେ ମହିଳାଙ୍କୁ ୩ ମାସର ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଅପହରଣ ଓ ହତ୍ୟା ଉଦ୍ୟମ କରୁଥିବା ଅଭିଯୋଗରେ ମହିଳାଙ୍କୁ ଜେଲ ଦଣ୍ଡ ମିଳିଛି।

## ‘କଶ୍ମୀର ସମସ୍ୟା ସମାଧାନ ପାଇଁ ଯୁଦ୍ଧ ବିକଳ୍ପ ନୁହେଁ’

**ଇସ୍‌ଲାମାବାଦ, ୨୦।୮**


ଶେହବାଜ୍ ଶରିଫ୍

ଭାରତ ସହ ପାକିସ୍ତାନ ସ୍ଥାୟୀ ଶାନ୍ତି ଚାହେଁ। କଶ୍ମୀର ପ୍ରସଙ୍ଗ ସମାଧାନ କରିବା ପାଇଁ ଯୁଦ୍ଧ କେବେ ଏକ ବିକଳ୍ପ ନୁହେଁ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଶନିବାର କହିଛନ୍ତି। ହାର୍ଭାର୍ଡ ୟୁନିଭର୍ସିଟିର ଏକ ପ୍ରତିନିଧି ଦଳକୁ ସମ୍ବୋଧିତ କଲାବେଳେ ଶେହବାଜ କହିଥିଲେ, ଜାତିସଂଘର ସଂକଳ୍ପନାମା ଅନୁସାରେ କଶ୍ମୀର ପ୍ରସଙ୍ଗର ସମାଧାନ ସହ କ୍ଷେତ୍ରୀୟ ଶାନ୍ତି ଜଡ଼ିତ। କୂଟନୈତିକ ମାଧ୍ୟମରେ ଭାରତ ସହ ପାକ୍ ଶାନ୍ତିପୂର୍ଣ୍ଣ ସମ୍ପର୍କ ଚାହେଁ। ଉଭୟ ଦେଶ ଆଉ ଏକ ଯୁଦ୍ଧର ପରିଣାମ ଭୋଗିବା ପାଇଁ ଚାହାନ୍ତି ନାହିଁ ବୋଲି ସେ କହିଛନ୍ତି।

## କେଜ୍‌ରିୱାଲ, ସିସୋଡିଆ ଦୋଷମୁକ୍ତ


ଅରବିନ୍ଦ କେଜ୍‌ରିୱାଲ


ମନୀଷ ସିସୋଡିଆ


ଯୋଗେନ୍ଦ୍ର ଯାଦବ

### ମାନହାନି ମାମଲା

**ନୂଆଦିଲ୍ଲୀ,୨୦।୮**

ଏକ ମାନହାନି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏବଂ ପୂର୍ବତନ ଏଏପି ନେତା ଯୋଗେନ୍ଦ୍ର ଯାଦବଙ୍କୁ ଦିଲ୍ଲୀର ଏକ ଅଦାଲତ ଶନିବାର ଦୋଷମୁକ୍ତ କରିଛନ୍ତି। ଆଇନଜୀବୀ ତଥା ପୂର୍ବତନ ଏଏପି କର୍ମୀ ସୁରେନ୍ଦ୍ର ଶର୍ମା ସେମାନଙ୍କ ବିରୋଧରେ ମାନହାନି ମାମଲା ରୁଜୁ କରିଥିଲେ। ଅଭିଯୋଗ ଅନୁଯାୟୀ ଶର୍ମାଙ୍କୁ ୨୦୧୩ ଦିଲ୍ଲୀ ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ଏଏପି ଟିକେଟ ଦେଇଥିଲା। ପରେ ତାଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣି ଶେଷ ମୁହୂର୍ତ୍ତରେ ତାଙ୍କ ଟିକେଟକୁ ବାତିଲ କରିଦିଆଯାଇଥିଲା। ମିଛ ରିପୋର୍ଟକୁ ନେଇ କେଜ୍‌ରିୱାଲ ତାଙ୍କ ବିରୋଧରେ ଅସମ୍ମାନଜନକ ଶବ୍ଦ ବ୍ୟବହାର କରିଥିବା ଶର୍ମା ଅଭିଯୋଗ କରିଥିଲେ।

## ଜୈବିକ ଆକ୍ରମଣ ଆଶଙ୍କାରେ ତାଇୱାନ

- କୋଭିଡ୍ କଟକଣା କଡ଼ାକଡ଼ି
- ବିଦେଶୀଙ୍କ ପାଇଁ ବିମାନବନ୍ଦରରେ ବାହାର ଖାଦ୍ୟ ମନା

**ତାଇପେଇ, ୨୦।୮**

ଚାଇନା-ତାଇୱାନ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଥିବାବେଳେ ବେଜିଂ ଏହି ଦ୍ୱୀପରାଷ୍ଟ୍ର ଉପରେ ଜୈବିକ ଅସ୍ତ୍ର ପ୍ରୟୋଗ କରିପାରେ ବୋଲି ତାଇପେଇ ଆଶଙ୍କା କରିଛି। କରୋନା ଭୂତାଣୁ ଚାଇନାର ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିରୁ ସୃଷ୍ଟି କରାଯାଇଥିବା ଦାବି କରାଯାଉଥିବାବେଳେ ସେପରି କିଛି ଭାଇରସ୍ ବେଜିଂ ତାଇୱାନ ଆକ୍ରମଣ ପାଇଁ ବ୍ୟବହାର କରିପାରେ। ଅଗଷ୍ଟ ୩ରେ ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତ ପରେ ଚାଇନା ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣାଇଛି। ସମରାଭ୍ୟାସ ସହ ବାରମ୍ବାର ବେଜିଂ ଯୁଦ୍ଧବିମାନ ଏବଂ ଜାହାଜ ତାଇୱାନ ବାୟୁସୀମା ଓ ଜଳସୀମା ଲଂଘୁଛି। ଏସବୁ ସହ ଏବେ ତାଇୱାନ କୌଣସି ଭୂତାଣୁ କିମ୍ବା ଜୀବାଣୁ ଆକ୍ରମଣ ସହ ଲଢ଼ିବା ପାଇଁ ମଧ୍ୟ ପ୍ରସ୍ତୁତି କରୁଛି। ଏହାକୁ ଦୃଷ୍ଟିରେ ରଖି ତାଇୱାନ ସରକାର କୋଭିଡ୍ କଟକଣା କଡ଼ାକଡ଼ି କରିଛନ୍ତି। ବିମାନବନ୍ଦରରେ କୋଭିଡ ଟେଷ୍ଟ ବାଧ୍ୟତାମୂଳକ ହୋଇଥିବାବେଳେ ବାହାରୁ ଖାଦ୍ୟସାମଗ୍ରୀ ଆମଦାନୀ ଉପରେ ନଜର ରଖାଯାଇଛି। ବାହାରୁ ଆସୁଥିବା ଯାତ୍ରୀ ସେମାନଙ୍କ ସ୍ୱାସ୍ଥ୍ୟ ରିପୋର୍ଟ ଦେବାକୁ କୁହାଯାଇଛି। ଏକ ଫର୍ମରେ ସେମାନଙ୍କ ପରିଚୟ ଏବଂ କ୍ୱାରାଣ୍ଟାଇନ ଠିକଣା ଦେବାକୁ ପଡ଼ୁଛି। ଖାଦ୍ୟ ସାମଗ୍ରୀରେ ସ୍ୱାଇନ୍ ଫ୍ଲୁ, ଏଚ୍୧ଏନ୍୧ ଭାଇରସ୍ ଏବଂ ଅନ୍ୟ ରୋଗସୃଷ୍ଟିକାରୀ ଭୂତାଣୁ ଓ ଜୀବାଣୁ ଥିବା ଆଶଙ୍କାରେ କୌଣସି ଯାତ୍ରୀଙ୍କୁ ତାଇୱାନ ଏୟାରପୋର୍ଟକୁ ଖାଦ୍ୟ ଆଣିବାକୁ ବାରଣ କରାଯାଇଛି। ବିଦେଶୀ ନାଗରିକ ସ୍ଥାନୀୟ ସିମ୍ ନେବା ବାଧ୍ୟତାମୂଳକ। ତାଇୱାନ ସେନା ରସାୟନିକ କିମ୍ବା ଜୈବିକ ଯୁଦ୍ଧର ମୁକାବିଲା କରିବା ପାଇଁ ସ୍ୱତନ୍ତ୍ର ଭାବେ ତାଲିମ ନେଇଛନ୍ତି।



ତାଇୱାନ୍ ଏୟାରପୋର୍ଟରେ ଜଣେ ବିଦେଶୀ ନାଗରିକ ନାମ ପଞ୍ଜୀକରଣ କରୁଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୦୧,୫୧,୯୫୭ | ୬୪,୭୦,୩୫୭ | ୫୭,୪୧,୭୬,୮୫୦ |
| ଭାରତ | ୪,୪୩,୨୭,୮୯୦ | ୫,୨୭,୨୮୯ | ୪,୩୬,୯୯,୪୩୫ |
| ଓଡ଼ିଶା | ୧୩,୨୪,୭୭୪ | ୯୧୬୨(+୫୩) | ୧୩,୧୨,୯୦୧ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଏବେ ବି ୪.୭୨ ଲକ୍ଷ ଜଳବନ୍ଦୀ

ଭୁବନେଶ୍ୱର,୨୦।୮ (ବ୍ୟୁରୋ)

ଉତ୍ତର ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଶନିବାର ଦୁର୍ବଳ ହୋଇ ଝାଡ଼ଖଣ୍ଡ ଏବଂ ଛତିଶଗଡ଼କୁ ଚାଲିଯାଇଛି। ଫଳରେ ଓଡ଼ିଶାରେ ବର୍ଷା ପରିମାଣ ହ୍ରାସପାଇଛି। ଆସନ୍ତା ସପ୍ତାହେ ଯାଏ ରାଜ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଲଘୁଚାପ ଯୋଗୁ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲାର ଭୋଗରାଇରେ ୨୨୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କନ୍ଧମାଳର ଫିରିଙ୍ଗିଆରେ ୨୧୧, ଟିକାବାଲିରେ ୧୯୬, ଚକାପାଦରେ ୧୮୬, ସମ୍ବଲପୁରରେ ୧୮୫.୨, ମୟୂରଭଞ୍ଜର କୁସୁମିରେ ୧୭୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା ନଦୀର ଜଳ ପତ୍ତନ ବୃଦ୍ଧିପାଉଛି। ଫଳରେ ବନ୍ୟା ଆଶଙ୍କା ଦେଖାଦେଇଛି। ଶନିବାର ରାତି ୮ଟାରେ ଝାଡ଼ଖଣ୍ଡର ଗାଲୁଡିହରେ ୧୪ଟି ଗେଟ୍ ଖୋଲାଯିବା ଯୋଗୁ ସୁବର୍ଣ୍ଣରେଖା ନଦୀରେ ବଡ଼ଧରଣର ବନ୍ୟା ଆଶଙ୍କା ଉପୁଜିଛି। ଏନେଇ ସତର୍କ ରହିବାକୁ ମୟୂରଭଞ୍ଜ, ବାଲେଶ୍ୱର ଜିଲାପାଳଙ୍କୁ କୁହାଯାଇଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି) ପ୍ରଦୀପ ଜେନା ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ରାଜ୍ୟର ବନ୍ୟାସ୍ଥିତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଏସ୍ଆରସି ଜେନା କହିଛନ୍ତି ଯେ, ଲଘୁଚାପ ଅବପାତରେ ପରିଣତ ହୋଇ ଓଡ଼ିଶା ଅତିକ୍ରମ କରିସାରିଛି। ଏବେ ହୀରାକୁଦରେ ୪ଟି ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି। ଆବଶ୍ୟକ ସ୍ଥଳେ ଉକ୍ତ ୪ଟି ଗେଟ୍‌କୁ ମଧ୍ୟ ବନ୍ଦ କରି ଦିଆଯାଇପାରେ। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୯୬ ହଜାର ୧୮୬ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୧ ଲକ୍ଷ ୨ ହଜାର ୬୮୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ମହାନଦୀର ଖଇରମାଳଠାରେ ୫ ଲକ୍ଷ ୯୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ବଡ଼ମୂଳଠାରେ ୭ ଲକ୍ଷ ୬୭ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ସେହିପରି ମୁଣ୍ଡଳିଠାରେ ୮ ଲକ୍ଷ ୩୫ ହଜାର ୬୭୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ମୁଣ୍ଡଳୀ ସମେତ ସବୁ ସ୍ଥାନରେ ଜଳସ୍ତର କ୍ରମଶଃ ହ୍ରାସପାଉଛି ବୋଲି ଏସ୍ଆରସି କହିଛନ୍ତି ।


ମୟୂରଭଞ୍ଜ ଜିଲା ଜମ୍ବୀରା ନଦୀର ବନ୍ୟା ଜଳ ବାରିପଦା-ରାସଗୋବିନ୍ଦପୁର ମୁଖ୍ୟ ରାସ୍ତାର ବାଛୁରୀପାଳଠାରେ ପ୍ରବାହିତ ହୋଇ ଯାତାୟାତ ବ୍ୟାହତ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ ବନ୍ୟା ଦ୍ୱାରା ୧୩ ଜିଲାର ୭୩ ବ୍ଲକ୍ ୬୦୭ ପଞ୍ଚାୟତର ୨୨୩୨ ଗ୍ରାମ ପ୍ରଭାବିତ ହୋଇଛି। ୭୬୩ ଗ୍ରାମ ପାଣିଘେରରେ ରହିଥିବା ବେଳେ ୪ ଲକ୍ଷ ୭୨ ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ପ୍ରାୟ ୭ ଲକ୍ଷ ୧୩ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଏହି ସବୁ ଅଞ୍ଚଳର ୨୪୮ ରିଲିଫ୍ କେନ୍ଦ୍ରରେ ୧ ଲକ୍ଷ ୪ ହଜାର ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ବନ୍ୟାରେ ୧୮୬୬ ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ଲଗାଣ ବର୍ଷାରେ ୩୯୧୬ ଘର ଭାଙ୍ଗିଯାଇଛି। ସେହିପରି ଲଗାଣ ବର୍ଷାରେ ୮ ଜିଲାର ୫୨ ବ୍ଲକ ୨୬୩ ପଞ୍ଚାୟତ ଅଧୀନ ୫୨୪ ଗ୍ରାମର ୨୬,୯୮୨ ଲୋକ ପ୍ରଭାବିତ ହୋଇଛନ୍ତି। ଏହି ଅଞ୍ଚଳରେ ୧୪ ରିଲିଫ୍ କେନ୍ଦ୍ରରେ ୨ ହଜାର ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି।

ଲଘୁଚାପଜନିତ ବର୍ଷାରେ ରାଜ୍ୟରେ ହାରାହାରି ୪୨.୬ ମିଲିମିଟର ବର୍ଷା ହୋଇଥିବାବେଳେ କନ୍ଧମାଳରେ ସର୍ବାଧିକ ୧୩୫.୫ ମି.ମି., ମୟୂରଭଞ୍ଜରେ ୧୨୫.୨ ମି.ମି., ବୌଦ୍ଧରେ ୯୮.୮ ମି.ମି., ବାଲେଶ୍ୱରରେ ୯୭.୧ ମି.ମି., କଳାହାଣ୍ଡିରେ ସର୍ବାଧିକ ୯୨.୬ ମି.ମି. ବର୍ଷା ହୋଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୩ ଲକ୍ଷ ୮୭ ହଜାର ବିଦ୍ୟୁତ୍ ଉପଭୋକ୍ତା କ୍ଷତିଗ୍ରସ୍ତ ହୋଇଛି। ସେଥିମଧ୍ୟରୁ ୩ ଲକ୍ଷ ୬୪ ହଜାର ଲୋକଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୬୩ ମେଡିକାଲ ରିଲିଫ୍ କେନ୍ଦ୍ର ଖୋଲା ଯାଇଥିବାବେଳେ

- ■ ସୁବର୍ଣ୍ଣରେଖାରେ ବଡ଼ଧରଣର ବନ୍ୟା ଆଶଙ୍କା
- ■ ୫ ପ୍ରମୁଖ ନଦୀର ଜଳସ୍ତର ବଢୁଛି
- ■ ବନ୍ୟାରେ ୧୮୬୬, ଲଗାଣ ବର୍ଷାରେ ୩୯୧୬ ଘର ଭାଙ୍ଗିଛି

୧୧୫ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଚିକିତ୍ସା ଟିମ୍ ମୁତୟନ ହୋଇଛନ୍ତି। ୪୨ ହଜାର ଓଆରଏସ୍ ପ୍ୟାକେଟ୍, ୧ ଲକ୍ଷ ୭୭ ହଜାର ହାଲୋଜିନ୍ ବଟିକା ବଣ୍ଟାଯାଇଛି। ଏହି ସମୟ ମଧ୍ୟରେ ୬୭୦୦ ସାଧାରଣ ରୋଗର ଚିକିତ୍ସା କରାଯାଇଥିବାବେଳେ ୧୨ ସାପ କାମୁଡ଼ା ଘଟଣାର ଚିକିତ୍ସା କରାଯାଇଛି। ଗୋସମ୍ପଦର ସୁରକ୍ଷା ପାଇଁ ବନ୍ୟାଞ୍ଚଳରେ ୧୯୩ ଭେଟେରିନାରି ଟିମ୍ ନିୟୋଜିତ ହୋଇଛନ୍ତି। ୪୦୭ କ୍ୟାମ୍ପ ଆୟୋଜିତ ହୋଇଥିବାବେଳେ ୧୮ ହଜାରରୁ ଊର୍ଦ୍ଧ୍ୱ ପ୍ରାଣୀଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି। ୧୦ ଜିଲାକୁ ୬୧୩.୯୮୩ ମେଟ୍ରିକ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଛି। ବନ୍ୟାଞ୍ଚଳରେ ୧୬୦ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିବାବେଳେ ୯ ପାଇପ୍ ଲାଇନ୍‌କୁ ସ୍ୱାଭାବିକ କରାଯାଇଛି। ୬୧୮ ନଳକୂପକୁ ବିଶୋଧନ କରାଯାଇଛି। ୧ ଲକ୍ଷ ୫୦ ହଜାର ପାଣି ବୋତଲ, ୭ ଲକ୍ଷ ୫୦ ହଜାର ପାଣି ପାଉଚ୍ ବଣ୍ଟାଯାଇଛି। ୧୫୩ ଭ୍ରାମ୍ୟମାଣ ଜଳ ଯୋଗାଣ ଟ୍ୟାଙ୍କର ନିୟୋଜିତ କରାଯାଇଛି ବୋଲି ଏସ୍ଆରସି କହିଛନ୍ତି।

# ବୈତରଣୀରେ କୁମ୍ଭୀର, ଲୋକେ ଭୟଭୀତ


ଆନନ୍ଦପୁର ପଞ୍ଚାୟତଠାରେ ନଦୀରେ ଭାସୁଥିବା କୁମ୍ଭୀର।

ଧାମନଗର,୨୦।୮ (ଡି.ଏନ୍.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଆନନ୍ଦପୁର ପଞ୍ଚାୟତର ନିର୍ମାଣାଧୀନ ବୈତରଣୀ ସେତୁ ନିକଟରେ ଶନିବାର ଅପରାହ୍ନରେ ନଦୀରେ ଏକ କୁମ୍ଭୀର ଦେଖିବାକୁ ମିଳିଛି। କୁମ୍ଭୀରକୁ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ତେବେ ନଦୀରେ କୁମ୍ଭୀର ଭାସୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।ସ୍ଥାନୀୟ ଯୁବକମାନେ ସେତୁ ଉପରେ ଠିଆ ହୋଇ ବନ୍ୟା ପାଣି ଦେଖୁଥିବା ବେଳେ ଏକ କୁମ୍ଭୀର ନଜରକୁ ଆସିଥିଲା। ଏହି ଖବର ପ୍ରଚାରିତ ହେବା ପରେ ସେଠାରେ ଶତାଧିକ ଲୋକଙ୍କ ଭିଡ଼ ଜମିଥିଲା। କୁମ୍ଭୀରଟି ଧୀରେ ଧୀରେ ଆନନ୍ଦପୁର ଘାଟରୁ ତଳକୁ ଉତେଇପୁର ଆଡ଼କୁ ନଦୀରେ ଯାଇଥିଲା। ଉତେଇପୁର ଅଞ୍ଚଳରେ ଲୋକେ ଡଙ୍ଗା ସାହାଯ୍ୟରେ ଜାଲ ଧରି ନଦୀରେ କୁମ୍ଭୀର ଖୋଜିଥିଲେ। ଏନେଇ ଧାମନଗର ବନ ବିଭାଗ ପାଖରେ କୌଣସି ଖବର ନ ଥିବା ରେଞ୍ଜର କୁଶ ଚରଣ ସିଂ ପ୍ରକାଶ କରିଛନ୍ତି। ତେବେ ମିଠା ପାଣି ପାଇ କୁମ୍ଭୀର ଉପରକୁ ଉଠି ଆସିଥିବ। ପୁଣି ତଳକୁ ପଳାଇଯିବ ବୋଲି ସେ କହିଛନ୍ତି।

# ଯୁକ୍ତ୨ ନାମଲେଖା ଅବଧି ବଢ଼ିଲା

## ୩୦ ଯାଏ ନାମଲେଖାଇ ପାରିବେ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୦।୮ (ବ୍ୟୁରୋ)

ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଯୁକ୍ତ୨ ନାମଲେଖା ଅବଧିକୁ ରାଜ୍ୟ ସରକାର ୫ଦିନ ବୃଦ୍ଧି କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଅନୁମୋଦନକ୍ରମେ ପରିବର୍ତ୍ତିତ ନାମଲେଖା କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି। ବର୍ତ୍ତମାନ ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ସଂସ୍କୃତରେ ପ୍ରଥମ ପର୍ଯ୍ୟାୟ ନାମଲେଖା ଚାଲିଛି। ଏହା ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବାବେଳେ ୨୫ ତାରିଖରେ ସରିବାର ଥିଲା। କିନ୍ତୁ ଏହାକୁ ପରିବର୍ତ୍ତନ କରାଯାଇଛି। ନୂତନ କାର୍ଯ୍ୟସୂଚୀ ଅନୁଯାୟୀ, ନାମଲେଖା ଅବଧିକୁ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଯେଉଁମାନେ ମନୋନୀତ ହୋଇଛନ୍ତି, ସେମାନଙ୍କ ନାମଲେଖା ପାଇଁ ଆଉ ୫ଦିନ ସୁଯୋଗ ମିଳିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଅବଧି ସେପ୍ଟେମ୍ବର ୫ରୁ ୭ ତାରିଖ ରହିଥିଲା। ଏବେ ତାହାକୁ ସେପ୍ଟେମ୍ବର ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ସ୍ପଟ୍ ନାମଲେଖା ସେପ୍ଟେମ୍ବର ୧୫ରୁ ୧୬ ମଧ୍ୟରେ ଅନୁଷ୍ଠିତ ହେବାର ଥିଲା। ତାହା ଏବେ ୧୭ ରୁ ୨୦ ତାରିଖ ମଧ୍ୟରେ ହେବ ବୋଲି ଗଣଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଚଳିତବର୍ଷ ଯୁକ୍ତ୨ ନାମଲେଖା ପାଇଁ ୪,୮୦,୭୦୪ ଛାତ୍ରୀଛାତ୍ର ଆବେଦନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୪,୦୪,୪୦୦ ଛାତ୍ରୀଛାତ୍ର ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ସାଧାରଣ ବର୍ଗରେ ୩,୨୫,୪୩୩ଜଣ ଥିବାବେଳେ ଏସ୍‌ସି ୩୮,୮୪ ଓ ଏସ୍‌ଟିରେ ୩୮,୬୨୩ଜଣ ରହିଛନ୍ତି। ବାକି ଛାତ୍ରୀଛାତ୍ର ଅନ୍ୟ ୪ ବର୍ଗରେ ରହିଛନ୍ତି। ପ୍ରଥମ ଦିନରେ ୫୦ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। କିନ୍ତୁ ରାଜ୍ୟରେ ବନ୍ୟା ସ୍ଥିତି ଜାରି ରହିଥିବାରୁ ନାମଲେଖା ଅବଧି ବୃଦ୍ଧି କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଥିଲା। ଓଡ଼ିଶା ଅଭିଭାବକ ମହାସଂଘ ମଧ୍ୟ ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଅନୁରୋଧ କରିଥିଲା। ଯୁକ୍ତ୨ ନାମଲେଖା ଅବଧି ବୃଦ୍ଧି କରାଯାଇପାରେ ବୋଲି ପୂର୍ବରୁ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ଏବେ ନାମଲେଖା ଅବଧି ବୃଦ୍ଧି କରାଯାଇଥିବାରୁ ଛାତ୍ରୀଛାତ୍ର ଖୁସିବ୍ୟକ୍ତ କରିବା ସହିତ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରିଛନ୍ତି।

# ବ୍ୟାରେଜ ଉପରୁ ନଦୀକୁ ଡେଇଁପଡ଼ିଲେ ଯୁବତୀ

- ■ ମତ୍ସ୍ୟଜୀବୀଙ୍କ ପାଇଁ ହୋଇଗଲା ଜୀବନ ରକ୍ଷା
- ■ ଗେଟ୍ ବନ୍ଦ ପରେ କରାଗଲା ଉଦ୍ଧାର
- ■ ପାରିବାରିକ ଅଶାନ୍ତିରୁ ଆତ୍ମହତ୍ୟା ଉଦ୍ୟମ ଚର୍ଚ୍ଚା

କଣିହାଁ/ପବିତ୍ରନଗର, ୨୦।୮ (ଡି.ଏନ୍.ଏ.)

ଖୋଲା ଥିଲା ସମଲ ବ୍ୟାରେଜ୍ ଗେଟ୍। ବର୍ଷାକୁ ଦେଖି ବ୍ରାହ୍ମଣୀରୁ ହେଉଥିଲା ଜଳ ନିଷ୍କାସନ। ପୋଲ ଉପରେ ପୂର୍ବପରି ଥିଲା ଲୋକଙ୍କ ଆତଯାତ। ହେଲେ ହଠାତ୍ ଘଟିଯାଇଥିଲା ଏକ ଅଘଟଣ। ନିକଟସ୍ଥ ଗାଁରୁ ଚାଲି ଚାଲି ଆସୁଥିବା ଜଣେ ଯୁବତୀ ବ୍ୟାରେଜ ଉପରୁ ଡେଇଁପଡ଼ିଥିଲେ ପାଣିଭରା ନଦୀକୁ। ଉଚ୍ଛୁଳା ନଈରେ ଉବୁଟୁବୁ ହେଉଥିବା ଦେଖି ଉଦ୍ଧାର ପାଇଁ ଧାଇଁଆସିଥିଲେ ୪ ଜଣ ମତ୍ସ୍ୟଜୀବୀ। ବ୍ରିଜ୍ ଉପରୁ ମଧ୍ୟ ବଢ଼ିଥିଲା ସାଧାରଣ ଲୋକଙ୍କ ସହାୟତାର ହାତ। ସମସ୍ତଙ୍କ ଉଦ୍ୟମ ଶେଷରେ ହୋଇଥିଲା ସଫଳ। ଅଥଳ ଜଳରୁ ଉଦ୍ଧାର ହୋଇ କୂଳକୁ ଆସିଥିଲେ ସମ୍ପୃକ୍ତା ଯୁବତୀ। ବଞ୍ଚିଯାଇଥିଲା ଏକ ବହୁମୂଲ୍ୟ ଜୀବନ। ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ଅଞ୍ଚଳରେ ଶନିବାର ସକାଳେ ଘଟିଥିବା ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।


ନଦୀକୁ ଡେଇଁ ପଡ଼ିଥିବା ଯୁବତୀଙ୍କୁ ଉଦ୍ଧାର ପରେ ଆମ୍ବୁଲାନ୍ସ ନିକଟକୁ ନିଆଯାଉଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ସମ୍ପୃକ୍ତା ଯୁବତୀଙ୍କ ଘର ସମଲ ବ୍ୟାରେଜ୍‌ଠାରୁ ଅଧ କିଲୋମିଟର ଦୂରରେ। ସକାଳ ପ୍ରାୟ ୭ଟା ବେଳେ ସେ ବ୍ୟାରେଜ୍ ଉପରେ ଯାଉଥିବା ବେଳେ ହଠାତ୍ ନଦୀକୁ ଡେଇଁପଡ଼ିଥିଲେ। ଗେଟ୍ ଖୋଲାଥିବାରୁ ନଦୀର ପ୍ରଖର ସ୍ରୋତରେ ସେ ବୁଡ଼ିଯାଉଥିବା ଦେଖି ବ୍ରିଜ୍ ଉପରେ ଅଟୋ ନେଇ ଯାଉଥିବା ଜୟନ୍ତ ସାହୁ ପାଟି କରିଥିଲେ। ତାଙ୍କ ପାଟି ଶୁଣି ସେଠାରେ ଥିବା ଲୋକମାନେ ଧାଇଁଆସିଥିଲେ। ତୁରନ୍ତ ବ୍ୟାରେଜ ଗେଟ୍ ବନ୍ଦ କରାଯିବା ପରେ ସମଲ ଗ୍ରାମର ମତ୍ସ୍ୟଜୀବୀ ପରମାନନ୍ଦ ପଲେଇ, ବାବୁନା ସାମଲ, ଭ୍ରମର ସେଠୀ ଓ ବାଇଗଣ ବେହେରା ଯୁବତୀଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ୨ ଜଣ ଡଙ୍ଗା ନେଇ ଯୁବତୀଙ୍କ ନିକଟରେ ପହଞ୍ଚିଥିବା ବେଳେ ଅନ୍ୟ ଦୁଇଜଣ ବ୍ୟାରେଜ୍ ଗେଟ୍ ଦେଇ ତଳକୁ ଯାଇ ରଶି ସାହାଯ୍ୟରେ ତାଙ୍କୁ ଟାଣି ଆଣିବାରେ ସକ୍ଷମ ହୋଇଥିଲେ। ଗେଟ୍ ନିକଟରେ କିଛି ସମୟ ବସାଇବା ପରେ ତାଙ୍କୁ ଡଙ୍ଗା ଜରିଆରେ କୂଳକୁ ଆଣିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ୧୦୮ ଆମ୍ବୁଲାନ୍ସ ଓ କଣିହାଁ ଅଗ୍ନିଶମ ବିଭାଗ କର୍ମଚାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ। ପରେ ଅଗ୍ନିଶମ କର୍ମଚାରୀମାନେ ଯୁବତୀଙ୍କୁ କୂଳରୁ ଆମ୍ବୁଲାନ୍ସ ଯାଏ ଆଣି ନିକଟସ୍ଥ ତାଳଚେର ମଣ୍ଡାପାଳ ମେଡିକାଲକୁ ପଠାଇ ଦେଇଥିଲେ। ସେଠାରେ ଚିକିତ୍ସା ପରେ ମଧ୍ୟାହ୍ନରେ ଯୁବତୀ ଜଣକ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବ୍ୟାରେଜ୍ ଉପରେ ଉପସ୍ଥିତ ଲୋକଙ୍କ ସହ ମତ୍ସ୍ୟଜୀବୀଙ୍କ ଏପରି ଉଦ୍ୟମକୁ ସ୍ଥାନୀୟ ଲୋକେ ଉଚ୍ଚ ପ୍ରଶଂସା କରିଛନ୍ତି। ଏ ସମ୍ପର୍କରେ ସମଲ ଥାନା ଆଇଆଇସି ଯାଜ୍ଞସେନୀ ପ୍ରଧାନ କହିଛନ୍ତି, ଘଟଣା ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପାରିବାରିକ ଅଶାନ୍ତିରୁ ଯୁବତୀ ଜଣଙ୍କ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଶୁଣିବାକୁ ମିଳୁଛି।

# ଏମ୍ସ ୫ମ ମହଲାରୁ ଡେଇଁ ରୋଗୀ ମୃତ

- ■ ସ୍ତ୍ରୀ ଆଗରେ ଡେଇଁପଡ଼ିଲେ ସ୍ୱାମୀ
- ■ ଗୋଡ଼ରେ ଘା' ହେବାରୁ ମେଡିକାଲରେ ହୋଇଥିଲେ ଭର୍ତ୍ତି
- ■ ଦିନେ କି ଦୁଇଦିନ ମଧ୍ୟରେ ଡିସ୍‌ଚାର୍ଜ ହୋଇଥାନ୍ତେ
- ■ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ

ଭୁବନେଶ୍ୱର,(ବ୍ୟୁରୋ)୨୦।୮

ରାଜଧାନୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ରେ ଏକ ଦୁଃଖଦ ଘଟଣା ଘଟିଛି। ଶନିବାର ପୂର୍ବାହ୍ନ ୧୧ଟାରେ ମେଡିକାଲର ୫ମ ମହଲାରୁ ଡେଇଁ ଜଣେ ରୋଗୀ ଜୀବନ ହାରିଛନ୍ତି। ସ୍ତ୍ରୀଙ୍କ ଆଗରେ ସ୍ୱାମୀ ଜୀବନ ହାରିବା ଘଟଣା ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମୃତକ ଜଣଙ୍କ ହେଲେ ଏମ୍ସର ପ୍ଲାଷ୍ଟିକ ସର୍ଜରୀ ୱାର୍ଡରେ ଚିକିତ୍ସିତ ହେଉଥିବା ପୁରୀ ଜିଲା ଚନ୍ଦନପୁର ବ୍ଲକ ବୀରପ୍ରତାପପୁର ଅଞ୍ଚଳର ମହେନ୍ଦ୍ର ସ୍ୱାଇଁ। ତେବେ ସେ ତଳକୁ କାହିଁକି ଡେଇଁ ଆତ୍ମହତ୍ୟା କଲେ ତା'ର କାରଣ ସ୍ପଷ୍ଟ ହୋଇ ନ ଥିଲେ ହେଁ ରୋଗ ଯନ୍ତ୍ରଣା ସହ୍ୟ କରି ନ ପାରି ମହେନ୍ଦ୍ର ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସ୍ତ୍ରୀ ତାଙ୍କୁ ହୁଇଲ ଚେୟାରରେ ବୁଲାଉଥିବାବେଳେ ମହେନ୍ଦ୍ର ହଠାତ ଚେୟାରରୁ ୫ ମହଲାରେ ଥିବା ବାଲକୋନିରୁ ତଳକୁ ଡେଇଁ ପଡ଼ିଥିଲେ। ତାଙ୍କୁ ସଙ୍ଗେସଙ୍ଗେ କାଜୁଆଲିଟିବିଭାଗକୁନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ମହେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ।

ସୂଚନାନୁସାରେ, ମହେନ୍ଦ୍ର ଗ୍ରାମରେ ପରିବା ବିକ୍ରି କରୁଥିବାବେଳେ ସ୍ତ୍ରୀ ବନିତା ମନ୍ଦିର ସାମ୍ନାରେ ଦୀପ ବିକ୍ରି କରି ଗୁଜରାଣ ମେଣ୍ଟାନ୍ତି। ହେଲେ କୌଣସି କାରଣରୁ ମହେନ୍ଦ୍ରଙ୍କ ବାମ ଗୋଡ଼ରେ ଘା' ହୋଇଥିଲା। ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଗତ ଜୁଲାଇ ୧୧ ତାରିଖରେ ମହେନ୍ଦ୍ର ଏମ୍ସର ପ୍ଲାଷ୍ଟିକ ସର୍ଜରୀ ୱାର୍ଡରେ ଭର୍ତ୍ତି ହୋଇଥିଲେ। ପ୍ରଥମେ ଅସ୍ତ୍ରୋପଚାର କରାଯିବା ପରେ ଜଙ୍ଘରୁ ମାଂସ ନିଆଯାଇ ବାମ ଗୋଡ଼ ଘା' ସ୍ଥାନରେ ପ୍ଲାଷ୍ଟିକ୍ ସର୍ଜରୀ କରାଯାଇଥିଲା। ଆସନ୍ତା ଦିନେ କିମ୍ବା ୨ଦିନ ମଧ୍ୟରେ ସେ ମେଡିକାଲରୁ ଡିସ୍‌ଚାର୍ଜ ହୋଇଥାନ୍ତେ। ହେଲେ ହଠାତ୍ ମହେନ୍ଦ୍ର ବାହାରକୁ ଟିକେ ପବନ ଖାଇ ଆସିବାକୁ ସ୍ତ୍ରୀଙ୍କୁ କହିଥିଲେ। ସ୍ୱାମୀ ମହେନ୍ଦ୍ରଙ୍କ କଥା ରଖି ବନିତା ହୁଇଲ ଚେୟାରରେ ବୁଲାଉଥିବାବେଳେ ମହେନ୍ଦ୍ର ଚେୟାରରୁ ଉଠି ପଡ଼ି ପଞ୍ଚମ ମହଲାର ବାଲ୍‌କୋନି ବାଡ଼ାରେ ଚଢ଼ିଯାଇଥିଲେ। ଏହି ସମୟରେ ସ୍ତ୍ରୀ ତାଙ୍କ ଶାର୍ଟକୁ ଭିଡ଼ି ଅଟକେଇବାକୁ ଉଦ୍ୟମ କରୁଥିବାବେଳେ ଶାର୍ଟ ଚିରିଯାଇଥିଲା ଏବଂ ମହେନ୍ଦ୍ର ସିଧା ତଳେ ପଡିଯାଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଏମ୍ସ ଜନସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।

# ଡେପୁଟି କଲେକ୍ଟରଙ୍କ ସ୍ତ୍ରୀ ନାଁରେ ରାଶନ କାର୍ଡ

ମାଲକାନଗିରି,୨୦।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲାର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ନିଜ ସ୍ତ୍ରୀଙ୍କ ନାଁରେ ରାଶନ କାର୍ଡ କରାଇଥିବା ଅଭିଯୋଗ ହୋଇଛି। ଏମିତି କି ମ୍ୟୁନିସିପାଲିଟି ଲ୍ୟାଣ୍ଡ୍ ରାଇଟ୍‌ସରେ ଜମି ପଟ୍ଟା ହାତେଇବା ପାଇଁ ଏହି କାର୍ଡ ବ୍ୟବହାର କରାଯାଇଛି। ମାଲକାନଗିରି ଡେପୁଟି କଲେକ୍ଟର ଲଳିତ ମଣ୍ଡଳଙ୍କ ସ୍ତ୍ରୀ ବିନୋଦାରାନି ମଣ୍ଡଳଙ୍କ ନାଁରେ ରାଶନ କାର୍ଡ ରହିଥିବା ଜଣାପଡ଼ିବା ପରେ ତାଙ୍କୁ ପୌର ପରିଷଦ ପକ୍ଷରୁ ନୋଟିସ କରାଯାଇଛି।

ସୂଚନାଯୋଗ୍ୟ, ଯେଉଁ ବ୍ୟକ୍ତି ଦୀର୍ଘ ବର୍ଷ ଧରି ସରକାରୀ ଜାଗାରେ ରହି ଆସୁଛନ୍ତି ତାଙ୍କୁ ସରକାରୀ ନିୟମ ଅନୁଯାୟୀ ମ୍ୟୁନିସିପାଲିଟି ଲ୍ୟାଣ୍ଡ ରାଇଟ୍‌ସରେ ଜମି ପଟ୍ଟା ପ୍ରଦାନ କରାଯିବ। ତେବେ ଏହି ପଟ୍ଟା ପାଇଁ ରାଶନ କାର୍ଡଧାରୀ ୧୦,୮୦୦ ଟଙ୍କା ଖଜଣା ଦେବାର ନିୟମ ଥିବାବେଳେ ଆର୍ଥିକ ସ୍ୱଚ୍ଛଳ ବର୍ଗର ଲୋକଙ୍କୁ ୬୫,୦୦୦ ଟଙ୍କା ଖଜଣା ଆକାରରେ ଦେବାକୁ ପଡ଼ିବ। ମାଲକାନଗିରି ଡେପୁଟି କଲେକ୍ଟରଙ୍କ ସ୍ତ୍ରୀଙ୍କ ନାଁରେ ଡିଏନ୍‌କେ ସହରାଞ୍ଚଳ ବସ୍ତିରେ ଏକ ଜାଗା ରହିଛି। ୨୦୨୦ରେ ସହରାଞ୍ଚଳ ବସ୍ତିବାସିନ୍ଦାଙ୍କୁ ଚିହ୍ନଟ କରି ପଟ୍ଟା ପ୍ରଦାନ ନିମନ୍ତେ ନିୟମ ହେବାପରେ ସର୍ଭେ କରାଯାଇଥିଲା। ଏହି ସମୟରେ ବିନୋଦାରାନିଙ୍କ ନାମ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ ପଟ୍ଟା ପ୍ରଦାନବେଳେ ପୌର ପରିଷଦ ପକ୍ଷରୁ ରାଶନ କାର୍ଡ ମଗାଯିବାରୁ ବିନୋଦାରାନି ତାହା ଦାଖଲ କରିଥିଲେ। ଉକ୍ତ ସମୟରେ ସେ ଡେପୁଟି କଲେକ୍ଟରଙ୍କ ସ୍ତ୍ରୀ ଥିବା ସତ୍ତ୍ୱେ ଅଧିକ ଖଜଣା ପଇଠରୁ ବର୍ତ୍ତିବା ଲାଗି ରାଶନ କାର୍ଡ ଦେଇଥିଲେ। ତେବେ ରାଶନ କାର୍ଡରେ ସ୍ୱାମୀଙ୍କ ନାମ ନ ରହି ବାପାଙ୍କ


Government Of Odisha/ଓଡ଼ିଶା ସରକାର
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ
Ration Card/ରେସନ କାର୍ଡ
Ration Card No/ ରେସନ କାର୍ଡ ନଂ : 21091311400
Ration Card Type/ ରେସନ କାର୍ଡର ପ୍ରକାର : ଅଗ୍ରାଧିକାର ପରିବାର/PHH
Head of Household/ପରିବାରର ମୁଖ୍ୟ : ବିନୋଦାରାନି ମଣ୍ଡଳ

| ମୁଖ୍ୟଙ୍କ ଲିଙ୍ଗ | ତାଙ୍କ ସ୍ୱାମୀ/ସ୍ତ୍ରୀ ଙ୍କ ନାମ | ତାଙ୍କ ପିତାଙ୍କ ନାମ |
|---|---|---|
| ମହିଳା | | ବିମଳ ମଣ୍ଡଳ |

Mobile No/ମୋବାଇଲ୍ ନଂ : 8763129898
NPR Family ID :
Present Address/ ବର୍ତ୍ତମାନର ଠିକଣା
House No. : 00 WARD NO-15
Village/Locality : Nurshry Ro ULB : MALKANGIRI MPL
District : MALKANGIRI
FPS Code and Name /ସୁଲଭ ମୂଲ୍ୟ ଦୋକାନର କୋଡ୍ ଓ ନାମ :
2109W038-MOUSAMI WSHG
Electricity Connection Status/ ବିଦ୍ୟୁତ୍ ସଂଯୋଗ : No
Distribution Company : Consumer Number :
Division :
Gas Connection Status/ ଗ୍ୟାସ ସଂଯୋଗ : No
Consumer Number : Agency :
Old Ration Card No :
Ration Per Month : 8 କେଜି ଚାଉଳ (ପ୍ରତ୍ୟେକ ପିଛା)
Total Family Members/ପରିବାରର ସଦସ୍ୟ ସଂଖ୍ୟା : 1
Date of Issue of card
30/07/2022
FSCW Department, Govt. of Odisha.
Issuing Authority

## ପୌର ପରିଷଦ ପକ୍ଷରୁ ନୋଟିସ

ନାଁ ଉଲ୍ଲେଖ ଥିବାରୁ ତାଙ୍କ ପରିଚୟ ସାମ୍ନାକୁ ଆସି ନ ଥିଲା। ଫଳରେ ବିନୋଦାରାନିଙ୍କୁ ସ୍ୱଳ୍ପ ଖଜଣାରେ ପଟ୍ଟା ମିଳିଥିଲା। ପରବର୍ତ୍ତୀ ସମୟରେ ସେ ଡେପୁଟି କଲେକ୍ଟରଙ୍କ ସ୍ତ୍ରୀ ବୋଲି ଜଣାପଡ଼ିବା ପରେ ତାଙ୍କୁ ନୋଟିସ କରାଯାଇଛି। ଏ ନେଇ ମାଲକାନଗିରି ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ ଚକ୍ରବର୍ତ୍ତୀଙ୍କୁ ପଚାରିବାରୁ ସେ କହିଛନ୍ତି, ବିନୋଦାରାନି ଡେପୁଟି କଲେକ୍ଟରଙ୍କ ସ୍ତ୍ରୀ ବୋଲି ଜଣାପଡ଼ିବା ପରେ ତାଙ୍କ ନାମରେ ହୋଇଥିବା ପଟ୍ଟା ବାବଦକୁ ଅଧିକ ଖଜଣା ଦେବା ପାଇଁ ନୋଟିସ କରାଯାଇଛି। ସେହିପରି ଏ ବିଷୟରେ ଡେପୁଟି କଲେକ୍ଟର ଲଳିତ ମଣ୍ଡଳଙ୍କୁ ପଚାରିବାରୁ ସେ କହିଛନ୍ତି, ବିବାହ ପୂର୍ବରୁ ଶ୍ୱଶୁରଙ୍କ ନାଁରେ ରାଶନ କାର୍ଡ ଥିଲା। ପରବର୍ତ୍ତୀ ସମୟରେ ସରକାରଙ୍କ ନିୟମ ଅନୁଯାୟୀ ବସ୍ତିବାସିନ୍ଦାଙ୍କ ସର୍ଭେ ସମୟରେ ସ୍ତ୍ରୀଙ୍କ ନାମରେ ପଟ୍ଟା ହୋଇଛି। ତେବେ ସ୍ତ୍ରୀଙ୍କୁ କରାଯାଇଥିବା ନୋଟିସ ବିଷୟରେ ଅଧିକ କିଛି ଜାଣି ନ ଥିବା ସେ କହିଛନ୍ତି। ମାଲକାନଗିରିରେ ଏମିତି ଆଉ କେତେଜଣ ସରକାରୀ ପଦବୀରେ ଥିବା ଅଧିକାରୀଙ୍କ ସମ୍ପର୍କୀୟଙ୍କ ନାଁରେ ରାଶନ କାର୍ଡ ରହିଛି ତାହାର ତଦନ୍ତ ନିମନ୍ତେ ବୁଦ୍ଧିଜୀବୀ ଦାବି କରିଛନ୍ତି।



# '୨୦୨୪ ଲଢ଼େଇ ଏଏପି, ଭାଜପା ମଧ୍ୟରେ ହେବ'

## କହିଲେ ସିସୋଡିଆ

ନୂଆଦିଲ୍ଲୀ,୨୦।୮

ଅବକାରୀ ନିୟମ ଉଲ୍ଲଂଘନ ଦୁର୍ନୀତି ଅଭିଯୋଗରେ ସିବିଆଇ ଚଢ଼ାଉର ଦିନକ ପରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରୁଥିବା ସେ ଅଭିଯୋଗ କରିଛନ୍ତି। ଶିକ୍ଷା ଓ ଅବକାରୀ ବିଭାଗ ଦାୟିତ୍ୱରେ ଥିବା ସିସୋଡିଆ ଏକ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ କହିଛନ୍ତି, ତାଙ୍କ ଘରେ ସିବିଆଇ ଚଢ଼ାଉ ପାଇଁ ହାଇକମାଣ୍ଡ ନିର୍ଦ୍ଦେଶ ଦେଇଥିଲେ। ଆମ୍ ଆଦ୍‌ମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜରିୱାଲ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କରିଥିବା କାର୍ଯ୍ୟ ଏବେ ବିଶ୍ୱବ୍ୟାପୀ ଆଲୋଚନାର ବିଷୟ ହୋଇଛି। ଏହାକୁ ବନ୍ଦ କରିବା ଲାଗି ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର କେନ୍ଦ୍ରୀୟ ଏଜେନ୍ସିକୁ ଲଗାଇଛି। ଅବକାରୀ ଦୁର୍ନୀତିକୁ ନେଇ କେନ୍ଦ୍ର ସରକାର ବିବ୍ରତ ନୁହନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ମୁଖ୍ୟ ଚ୍ୟାଲେଞ୍ଜର କେଜ୍‌ରିୱାଲ ହେବେ, ଏହା ଭାଜପା ନେତୃତ୍ୱାଧୀନ ସରକାରଙ୍କ ଚିନ୍ତା ବଢ଼ାଇଦେଇଛି। ୨୦୨୪ ସାଧାରଣ ନିର୍ବାଚନରେ ଲଢ଼େଇ ଭାଜପା ଏବଂ ଏଏପି ମଧ୍ୟରେ ହେବାକୁ ଯାଉଥିବା ସିସୋଡିଆ କହିଛନ୍ତି।

ଅବକାରୀ ନୀତିରେ କୌଣସି ଭୁଲ୍ ହୋଇନାହିଁ, ଏହା ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ କାର୍ଯ୍ୟକାରୀ ହୋଇଛି। ଆଗାମୀ ଦିନରେ ତାଙ୍କୁ ଗିରଫ କରାଯାଇପାରେ। ତେବେ ଏହା ତାଙ୍କ ଦଳକୁ ଭଲ କାର୍ଯ୍ୟ କରିବାରୁ ଅଟକାଇପାରିବ ନାହିଁ ବୋଲି ସିସୋଡିଆ କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ଅବକାରୀ ଦୁର୍ନୀତି ମାମଲାରେ ସିସୋଡିଆ ଜଣେ ଅଭିଯୁକ୍ତ, କିନ୍ତୁ ଏହାର କିଙ୍ଗ୍‌ପିନ ହେଉଛନ୍ତି ଅରବିନ୍ଦ କେଜ୍‌ରିୱାଲ। ପୂର୍ବରୁ ଏଏପି ବହୁତ ବଡ଼ ଦାବି କରୁଥିଲା, କିନ୍ତୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ ଛିଡ଼ାହୋଇପାରି ନ ଥିଲା ବୋଲି ଅନୁରାଗ କହିଛନ୍ତି।



ଉପରାଷ୍ଟ୍ରପତି ଜଗ୍‌ଦୀପ ଧନକରଙ୍କୁ ବିଜେଡି ଏମ୍‌ପି ପିନାକୀ ମିଶ୍ର ଏବଂ ସସ୍ମିତ ପାତ୍ର ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରୁଛନ୍ତି।

# 'ନୂଆ ଗାଡ଼ି କିଣିବେନି କି ପାଦ ଛୁଆଁଇବାକୁ ଦେବେନି ମନ୍ତ୍ରୀ'

## ଆର୍‌ଜେଡି ମନ୍ତ୍ରୀଙ୍କୁ ତେଜସ୍ୱୀଙ୍କ ନିର୍ଦ୍ଦେଶ

ପାଟନା,୨୦।୮

ବିହାରରେ ନବଗଠିତ ମହାମେଣ୍ଟ ସରକାରର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ତାଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ମନ୍ତ୍ରୀଙ୍କ ପାଇଁ ୬ଟି ନିର୍ଦ୍ଦେଶାବଳୀ ଜାରି କରିବା ସହ ଏହାକୁ କଡାକଡି ପାଳନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଆର୍‌ଜେଡି ମନ୍ତ୍ରୀମାନେ ବିଭାଗରେ ନିଜ ପାଇଁ କୌଣସି ନୂତନ ଯାନ କିଣିବେ ନାହିଁ। ସେହିପରି ମନ୍ତ୍ରୀମାନେ ଶ୍ରମିକ, ଶୁଭେଚ୍ଛୁ, ସମର୍ଥକ କିମ୍ବା ତାଙ୍କଠାରୁ ବୟସ୍କ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ପାଦ ଛୁଇଁବାକୁ ଦେବେ ନାହିଁ। ସୌଜନ୍ୟ ଏବଂ ଅଭିବାଦନ ପାଇଁ ନମସ୍କାର ପରମ୍ପରାକୁ ପ୍ରୋତ୍ସାହିତ କରାଯିବ ବୋଲି ତେଜସ୍ୱୀ କହିଛନ୍ତି। ସମସ୍ତଙ୍କ ସହ ଭଦ୍ର ଏବଂ ସୌଜନ୍ୟମୂଳକ ଆଚରଣ କରିବାକୁ ମନ୍ତ୍ରୀମାନଙ୍କୁ ଅନୁରୋଧ କରାଯାଇଛି। ଉପହାର ସ୍ୱରୂପ ଫୁଲ ତୋଡ଼ା ଦେବା ପରିବର୍ତ୍ତେ, ପୁସ୍ତକ-କଲମ ଆଦାନ ପ୍ରଦାନକୁ ଉତ୍ସାହିତ କରାଯିବ। ସମସ୍ତ ବିଭାଗୀୟ କାର୍ଯ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସଙ୍କୋଚତା, ସ୍ୱଚ୍ଛତା ଏବଂ ତୁରନ୍ତ କାର୍ଯ୍ୟକାରିତାକୁ ପ୍ରୋତ୍ସାହିତ କରାଯିବ। ସମସ୍ତ ମନ୍ତ୍ରୀ କ୍ରମାଗତ ଭାବେ ମୁଖ୍ୟମନ୍ତ୍ରୀ ବିହାର ସରକାର ଏବଂ ସେମାନଙ୍କ ଅଧୀନରେ ଥିବା ବିଭାଗ, କାର୍ଯ୍ୟ ଯୋଜନା ଓ ବିକାଶ କାର୍ଯ୍ୟ ସୋସିଆଲ ମିଡିଆରେ ପ୍ରଚାର କରିବେ। ଯାହା ଦ୍ୱାରା ଜନସାଧାରଣ ମନ୍ତ୍ରୀଙ୍କର ପ୍ରତ୍ୟେକ ପଦକ୍ଷେପ ବିଷୟରେ ସକାରାତ୍ମକ ସୂଚନା ପାଇପାରିବେ। ତେଜସ୍ୱୀଙ୍କ ଏଭଳି ନିର୍ଦ୍ଦେଶ ନେଇ ଏବେ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଆରମ୍ଭ ହୋଇଛି।

# ଉପରାଷ୍ଟ୍ରପତିଙ୍କୁ ଭେଟି ଶୁଭେଚ୍ଛା ଜଣାଇଲେ ବିଜେଡି ଏମ୍‌ପି

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

ଉପରାଷ୍ଟ୍ରପତି ଜଗ୍‌ଦୀପ ଧନକରଙ୍କୁ ଭେଟିଲେ ବିଜେଡି ଏମ୍‌ପି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରାମର୍ଶକ୍ରମେ ପୁରୀ ଏମ୍‌ପି ପିନାକୀ ମିଶ୍ର ଏବଂ ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର ଧନକରଙ୍କୁ ଶନିବାର ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଏନ୍‌ଡିଏ ପ୍ରାର୍ଥୀ ହୋଇଥିବା ଧନକରଙ୍କୁ ସମର୍ଥନ ଦେଇଥିଲା। ଧନକର ହେଉଛନ୍ତି ଦେଶର ଚତୁର୍ଦ୍ଦଶ ଉପରାଷ୍ଟ୍ରପତି। ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶପଥ ପାଠ କରାଇଥିଲେ। ତେବେ ଧନକରଙ୍କ ସହ ବିଜେଡିର ଏହି ୨ ଏମ୍‌ପି ଦୀର୍ଘ ସମୟ ଧରି ଆଲୋଚନା କରିଥିବା ବେଳେ ତାଙ୍କୁ ପୁଷ୍ପଗୁଚ୍ଛ ସହ ଏକ ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରିଛନ୍ତି।

**SCHOOL OF EDUCATION**
**BERHAMPUR UNIVERSITY**

**EXTENSION OF DATE FOR SUBMISSION OF APPLICATION FORM FOR B.ED. COURSE - 2022-24**

| | |
|---|---|
| The last date of receipt of duly filled-in-application form along with processing-cum-application fee. | 04.09.2022 (Monday) |

For more details visit **www.soebu.in / www.buodisha.edu.in**.

**Sd./- Principal**

# ଦଳ ଦରି ପକାଇବା କାମ ଦେଲେ ବି କରିବି: ଶିବରାଜ

**ନୂଆଦିଲ୍ଲୀ, ୨୦।୮:** ଭାଜପା ସଂସଦୀୟ ବୋର୍ଡରୁ ବାହାର ହେବା ନେଇ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ମୁହଁ ଖୋଲିଛନ୍ତି। ମୁଁ ଯୋଗ୍ୟ କି ନୁହେଁ ସେନେଇ ମୋର କୌଣସି ଚିନ୍ତା ନାହିଁ। ଯଦି ଦଳ ମୋତେ ଦରି ପକାଇବା କାମ ଦିଏ ତାହାକୁ ମୁଁ ଖୁସିରେ କରିବି। ରାଜନୀତିରେ କୌଣସି ବ୍ୟକ୍ତିଗତ ଅଭିଳାଷ ରହିବା ଉଚିତ ନୁହେଁ ବୋଲି ଶିବରାଜ କହିଛନ୍ତି। ଏକ ଚ୍ୟାନେଲ କାର୍ଯ୍ୟକ୍ରମରେ ଯୋଗଦେଇ ଶନିବାର ଶିବରାଜ କହିଛନ୍ତି, ଭାଜପା ଏକ ବିରାଟ ପରିବାର। କେତେକ ଏହାର ପ୍ରବାହରେ ଆଗକୁ ଗତି କରନ୍ତି ଏବଂ କେତେକ ବାହାରକୁ



ଶିବରାଜ ସିଂ ଚୌହାନ

ଆସନ୍ତି। କେନ୍ଦ୍ରୀୟ ସ୍ତରରେ ଏକ ଦଳ ଅଛି, ଯାହା କାହାକୁ କ'ଣ କରିବାକୁ ହେବ ତାହା ସ୍ଥିର କରନ୍ତି। ଯେପରି ଆମେ ରାଜ୍ୟରେ ନିଷ୍ପତ୍ତି ନେଉଛୁ। ସେ କହିଛନ୍ତି ଯେଉଁମାନେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଦ୍ୱାରା ସଂସଦୀୟ ବୋର୍ଡରେ ଅନ୍ତର୍ଭୁକ୍ତ ହୋଇଛନ୍ତି ସେମାନେ ଯୋଗ୍ୟ ଅଟନ୍ତି। ବୋର୍ଡରେ ଦେଶର ପୂର୍ବ-ପଶ୍ଚିମ ଏବଂ ଉତ୍ତର-ଦକ୍ଷିଣକୁ ବିଚାରକୁ ନିଆଯାଇ ସଦସ୍ୟଙ୍କୁ ସାମିଲ କରାଯାଇଛି। ସୂଚନାଯୋଗ୍ୟ, ଅଗଷ୍ଟ ୧୭ରେ ଭାଜପା ଏହାର ସଂସଦୀୟ ବୋର୍ଡକୁ ପୁନର୍ଗଠନ କରିଥିଲା ଯେଉଁଥିରେ କିଛି ନୂତନ ଚେହେରାଙ୍କୁ ସାମିଲ କରାଯାଇଥିବାବେଳେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଏବଂ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀଙ୍କୁ ବାଦ ଦିଆଯାଇଥିଲା।

FORM NO.-13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, C.D.A., CUTTACK, ODISHA
**O.A. No. - 154 of 2022**

HDFC BANK LIMITED .......................... APPLICANT
VERSUS
AMAR PREET SINGH & ANOTHER ...........DEFENDANT(S)

To,
1. **AMAR PREET SINGH,** aged about 41 years, S/o- Jaspal Singh, At- Vedvyas, Near Gurudwara, P.S.- Brahmani Tarang, Rourkela, Dist- Sundargarh, Pin-769041.
2. **RAMANDEEP KAUR,** aged about 39 years, W/o- Amar Preet Singh, At- Vedvyas, Near Gurudwara, P.S.- Brahmani Tarang, Rourkela, Dist- Sundargarh, Pin-769041.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 154 of 2022** in the court of the Debts Recovery Tribunal, Cuttack for recovery of **Rs. 29,42,294.28/-** only together with current and future interest costs and the other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorized agent in support of their defence to show cause within 30 days from the date of publication or on **15.09.2022** at **10.30 A.M**. as to why reliefs prayed for should not granted.

Take notice that in case of default the applicant will be heard and determined in their absence.

Given under my hand and seal of this tribunal on this **28th** day of **July, 2022**.

(MANOJ KUMAR PATNAIK)
REGISTRAR

FORM NO. 13
BEFORE THE DEBTS RECOVERY TRIBUNAL: CUTTACK: ODISHA
C-71, SECTOR-7, CDA, CUTTACK, ODISHA
O.A. NO. 276/2021

AXIS BANK LIMITED ...APPLICANT
-Vrs.-
M/s. Purushottam Education & Welfare Trust & others ...DEFENDANTS

To,
1. **Alok Kumar Bagaria (Vice President),** At: B-27, Industrial Estate, Rourkela-769004.
2. **Sarat Kumar Sahu (Vice President),** At: B-27, Industrial Estate, Rourkela-769004. ... DEFENDANTS

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A. No. 276/2021** in the Court of the Debts of Recovery Tribunal at Cuttack for recovery of **Rs.98,40,819.36 (Rupees Ninety Eight Lakh Forty Thousand Eight Hundred Nineteen and Thirty Six Paisa only)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **09.09.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **21st day of July, 2022.**

Sd/-
Date: 21.07.2022 REGISTRAR

# ମୟୂରଭଞ୍ଜରେ ବିଜେଡିର ସାଙ୍ଗଠନିକ ପୁନର୍ଗଠନ

## ଜିଲାଠାରୁ ବ୍ଲକ ପର୍ଯ୍ୟନ୍ତ ଦାୟିତ୍ୱ ବାଣ୍ଟିଲା ଦଳ

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପର୍ଯ୍ୟାୟକ୍ରମେ ଦଳରେ ସାଙ୍ଗଠନିକ ପୁନର୍ଗଠନ କରିଛନ୍ତି। ପ୍ରଥମେ ଦଳର ବରିଷ୍ଠ ପର୍ଯ୍ୟବେକ୍ଷକ ତା'ପରେ ବିଜୁ ଯୁବ ଜନତା ଦଳ ଓ ଶନିବାର ମୟୂରଭଞ୍ଜର ଜିଲା ଏବଂ ବ୍ଲକ କମିଟିର ସାଙ୍ଗଠନିକ ପୁନର୍ଗଠନ କରାଯାଇଛି। ମୟୂରଭଞ୍ଜ-୧ ସାଙ୍ଗଠନିକ ଜିଲାରେ ଆସୁଥିବା ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ବାରିପଦାରେ କୃଷ୍ଣଚନ୍ଦ୍ର ଦାସ, ବଡ଼ସାହି ଗଣେଶ୍ୱର ପାତ୍ର, ବାଙ୍ଗିରିପୋଷୀ ଅଜେନ କୁମାର ମୁର୍ମୁ, ମୋରଡ଼ା ଆଦିତ୍ୟ ପଣ୍ଡା, ଉଦଳା ଶ୍ରୀନାଥ ସୋରେନଙ୍କୁ ଉପସଭାପତି ନିଯୁକ୍ତି ମିଳିଛି। ସାଧାରଣ ସମ୍ପାଦକ ଭାବେ ଏହି ୫ ନିର୍ବାଚନମଣ୍ଡଳୀରେ ଅନିଲ ପୃଷ୍ଟି, ବୃନ୍ଦାବନ ଦାସ, ଦୁର୍ଗା ଚରଣ ମାରାଣ୍ଡି, କିତିଶ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତିଙ୍କୁ ନିଯୁକ୍ତି ମିଳିଛି। ସମ୍ପାଦକ ଭାବେ ବାରିପଦାରେ ଅନ୍ତର୍ଯ୍ୟାମୀ ବେହେରା, କେଶବ ସାହୁ, ବିଦ୍ୟାନାଥ ସାହୁଙ୍କୁ ନିଯୁକ୍ତି ମିଳିଛି। ବଡସାହିରେ ଅଭିନ୍ନ ସୁନ୍ଦର ପାତ୍ର, ଜତିକାନ୍ତ ସାମଲ, ପ୍ରକାଶ ଚନ୍ଦ୍ର ଦଳେଇ, ବାଙ୍ଗିରିପୋଷୀରେ ଉମେଶ ଚନ୍ଦ୍ର ସିଂ, କମଳାକାନ୍ତ ବାରିକ, ରବୀନ୍ଦ୍ର କର, ମୋରଡ଼ାରେ ସଞ୍ଜୀବ ଦେ, ସତ୍ୟରଞ୍ଜନ କର, ଜଗନ୍ନାଥ ଦାସ ଏବଂ ଉଦଳାରେ ପ୍ରବୀର ଚନ୍ଦ୍ର ସାଇ, ମାନସ ରଞ୍ଜନ ମହାରାଣା, ସୁବାସ ଦଳେଇଙ୍କୁ ନିଯୁକ୍ତି ମିଳିଛି। ସେହିପରି ଏହି ସାଙ୍ଗଠନିକ ଜିଲାରେ ଆସୁଥିବା ବ୍ଲକ ଏବଂ ଏନ୍‌ଏସି ପାଇଁ ମଧ୍ୟ ସଭାପତି ନିଯୁକ୍ତ ହୋଇଛନ୍ତି। ଖୁଣ୍ଟା ବ୍ଲକରେ ସିଦ୍ଧାର୍ଥ ସୋରେନ, ବାରିପଦା ବ୍ଲକରେ ଦିଲୀପ ପାତ୍ର, ବାରିପଦା ମ୍ୟୁନିସିପାଲିଟିରେ କୃଷ୍ଣାନନ୍ଦ ମହାନ୍ତି, ବଡ଼ସାହିରେ ତପନ କୁମାର ପତି, ସାନ୍ତକ ଲେଙ୍କା, ବାଙ୍ଗିରିପୋଷୀରେ ବୀରକିଶୋର ମହାନ୍ତି, କୁଳିଅଣାରେ ଶୁଭ୍ରାଂଶୁ ଶେଖର ଦେଓ, ଶ୍ୟାମାଖୁଣ୍ଟାରେ କନୁଅର ସିଂ, ମୋରଡ଼ାରେ ଜୟପ୍ରକାଶ ରାଉଳ, ଶୁଳିଆପଦାରେ ଦିବ୍ୟଲୋଚନ ଦାସ, ରାସଗୋବିନ୍ଦପୁରରେ ହରେକୃଷ୍ଣ ନାଏକ, ଉଦଳା ବ୍ଲକରେ ଗୋବିନ୍ଦ ନାଏକ, କପ୍ତିପଦାରେ ସୁବାଶ ଚନ୍ଦ୍ର ସାଇ, ଜି.ବି ନଗର ବ୍ଲକରେ ସତ୍ୟବାନ ଉପାଧ୍ୟାୟ, ଉଦଳା ଏନ୍‌ଏସିରେ ବନମାଳି ବେହେରାଙ୍କୁ ନିଯୁକ୍ତି ମିଳିଛି।

ମୟୂରଭଞ୍ଜ-୨ ସାଙ୍ଗଠନିକ ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ଉପସଭାପତି ଭାବେ କରଞ୍ଜିଆରେ ସନ୍ତୋଷ ମହାନ୍ତ, ଯଶୀପୁର ମଙ୍ଗଲ ସିଂ ମୋଦି, ସାରସକଣା ଅମରେନ୍ଦ୍ର କର, ରାଇରଙ୍ଗପୁରରେ ସୁବାସ ମଣ୍ଡଳ ଏବଂ ସ୍ୱରୂପ ବେହେରାଙ୍କୁ ନିଯୁକ୍ତି ମିଳିଛି। ଏହିସବୁ ନିର୍ବାଚନମଣ୍ଡଳୀରେ ବସନ୍ତ ପାଇବାରତୀ, ଖଗେଶ୍ୱର ସାହୁ, ପର୍ମେଶ୍ୱର ବେହେରା, ପଙ୍କଜ ରାଉତ ଏବଂ ସଚିନ ଅଗ୍ରୱାଲଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ଉତ୍ତମ ମହାପାତ୍ର, ରାଜେନ୍ଦ୍ର ମଲ୍ଲିକ, ଶ୍ୟାମ ଦାସ, ନିନା ଦାସ, ଗୋପେଶ୍ୱର ଦଳେଇ, ବିପିନ ବିହାରୀ ମହନ୍ତ, ପଙ୍କଜ ମିଶ୍ର, ବିଶ୍ୱନାଥ ସାହୁ, ତ୍ରୈଲୋଚନ ମିଶ୍ର, ମାନସ ରଞ୍ଜନ ଆଚାର୍ଯ୍ୟ, ମହେଶ୍ୱର ନାଏକ, ପ୍ରଭାକର ପରିଡା, ସୁପାଇ ଟୁଡୁ, ଦୁଲାରାମ ମାରାଣ୍ଡି, ବିଶ୍ୱଜିତ ମହାନ୍ତିଙ୍କୁ ସମ୍ପାଦକ ଭାବେ ଉପକ୍ତ ୫ ନିର୍ବାଚନମଣ୍ଡଳୀ ଓ୍ୱାରି ନିଯୁକ୍ତି ମିଳିଛି। ସେହିପରି ତିରିଂ ବ୍ଲକରେ ବଳଦେବ ହେମ୍ବ୍ରମ, ବହଳଦାରେ ହରେକୃଷ୍ଣ ମଣ୍ଡଳ, ଜାମ୍‌ଦାରେ ସିଦ୍ଧଲାଲ ହେମ୍ବ୍ରମ, ରାଇରଙ୍ଗପୁର ବ୍ଲକରେ ସଚ୍ଚିଦାନନ୍ଦ ମହନ୍ତ, ବିଜାତଳାରେ ମାଝିରାମ ଟୁଡୁ, ବିଶୋଇରେ ଫଗୁରାମ ମାରାଣ୍ଡି, ସାରସକଣାରେ ସମୀର କୁମାର ବେହେରା, କୁସୁମୀରେ ସୁଲୋଚନା ହେମ୍ବ୍ରମ, ଯଶୀପୁରରେ ବିଶ୍ୱେଶ୍ୱର ମହନ୍ତ, ରରୁଆଁରେ ଅମରେଶ ଭଞ୍ଜଦେଓ, ଶୁକ୍ଲିରେ ନରେଶ ଗିରି, କରଞ୍ଜିଆ ବ୍ଲକରେ ସତ୍ୟନାରାୟଣ ମହନ୍ତ, ଠାକୁରମୁଣ୍ଡାରେ ନନ୍ଦକିଶୋର ବାରିକ, ରାଇରଙ୍ଗପୁର ମ୍ୟୁନିସିପାଲିଟିରେ ପ୍ରଭାତ ପଟ୍ଟନାୟକ, କରଞ୍ଜିଆ ଏନ୍‌ଏସିରେ ନିତ୍ୟାନନ୍ଦ ଦାସଙ୍କୁ ସଭାପତି ନିଯୁକ୍ତି ମିଳିଛି।

**ODISHA PUBLIC SERVICE COMMISSION**
**CUTTACK**
**NOTICE**
No.7608/PSC Dt.20.08.2022
(DR - IV) (2PH-01-2022-23)

No. D-138: It is for information of all concerned that **written examination** for recruitment to the post of **Assistant Section Officer**, pursuant to Advt. No. 26 of 2021-22 shall be conducted as per the following **rescheduled programme**.

| Date | First Sitting 09.00 A.M. to 10.30 A.M. (09.00 A.M. to 11.00 A.M. for PwD Candidates) | Second Sitting 11.30 A.M. to 01.00 P.M. (11.30 A.M. to 01.30 P.M. for PwD Candidates) | Third Sitting 02.30 P.M. to 04.30 P.M. (02.30 P.M. to 05.10 P.M. for PwD Candidates) |
|---|---|---|---|
| 27.08.2022 (Saturday) | Paper - I General Awareness | Paper - II (a) Test of Reasoning & Mental ability (b) Mathematics | Paper - III Language (a) English (b) Odia |

The eligible candidates are advised to visit the website of the Commission regularly for update.

Sd./- Secretary

**ଓଡ଼ିଶା ଲୋକସେବା ଆୟୋଗ, କଟକ**
**ବିଜ୍ଞାପନ**
No.୭୬୦୮/PSC Dt.୨୦।୦୮।୨୦୨୨

ଏତଦ୍ୱାରା ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ସୂଚିତ କରାଯାଉଅଛି ଯେ ଆୟୋଗର ବିଜ୍ଞାପନ ସଂଖ୍ୟା ୨୬/୨୦୨୧-୨୨ ଅନୁସାରେ ଏ.ଏସ୍.ଓ. ଲିଖିତ ପରୀକ୍ଷା ନିମ୍ନଲିଖିତ ସମୟ ସାରଣୀ କ୍ରମେ ପୁନଃନିର୍ଦ୍ଧାରଣ କରାଗଲା।

| Date | First Sitting 09.00 A.M. to 10.30 A.M. (09.00 A.M. to 11.00 A.M. for PwD Candidates) | Second Sitting 11.30 A.M. to 01.00 P.M. (11.30 A.M. to 01.30 P.M. for PwD Candidates) | Third Sitting 02.30 P.M. to 04.30 P.M. (02.30 P.M. to 05.10 P.M. for PwD Candidates) |
|---|---|---|---|
| 27.08.2022 (Saturday) | Paper - I General Awareness | Paper - II (a) Test of Reasoning & Mental ability (b) Mathematics | Paper - III Language (a) English (b) Odia |

ସମସ୍ତ ପ୍ରାର୍ଥୀ ପରୀକ୍ଷା ସମ୍ପର୍କିତ ପରବର୍ତ୍ତୀ ସୂଚନା ପାଇଁ ନିୟମିତ ଭାବରେ ଆୟୋଗର ୱେବସାଇଟ୍ ଦେଖନ୍ତୁ।

କମିଶନ ଆଦେଶ ଅନୁଯାୟୀ
ସ୍ୱା./- ସଚିବ
ଓଡ଼ିଶା ଲୋକସେବା ଆୟୋଗ

OIPR-12002/11/0140/2223

FORM NO.-13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, C.D.A., CUTTACK, ODISHA
**O.A. No. - 155 of 2022**

HDFC BANK LIMITED .......................... APPLICANT
VERSUS
ASLAM ALAM & ANOTHER ...........DEFENDANT(S)

To,
1. **ASLAM ALAM ,** aged about 31 years, S/o- Mohammad Sarif, At- KD- 197, Ward No.03, Kalinagar, Brajaraj Nagar, Near Kali Mandir, Dist- Jharsuguda, Pin-768233.
2. **MOHAMMAD SARIF,** aged about 54 years, S/o- Mohammad Israil, At- KD- 197, Ward No.03, Kalinagar Nagar, Brajaraj Nagar, Near Kali Mandir, Dist- Jharsuguda, Pin-768233.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 155 of 2022** in the court of the Debts Recovery Tribunal, Cuttack for recovery of **Rs. 27,23,731.98/-** only together with current and future interest costs and the other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorized agent in support of their defence to show cause within 30 days from the date of publication or on **15.09.2022** at **10.30 A.M**. as to why reliefs prayed for should not granted.

Take notice that in case of default the applicant will be heard and determined in their absence.

Given under my hand and seal of this tribunal on this **28th** day of **July, 2022**.

(MANOJ KUMAR PATNAIK)
REGISTRAR

FORM NO.-13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, C.D.A., CUTTACK, ODISHA
**O.A. No. - 156 of 2022**

HDFC BANK LIMITED .......................... APPLICANT
VERSUS
NRUSINGHA CHARAN BEURA & ANOTHER ..........DEFENDANT(S)

To,
1. **NRUSINGHA CHARAN BEURA,** S/o- Jasobanta Beura, At- Lajpat Nagar, Bhejaput, Damanjodi, Dist- Koraput-763008.
2. **SOUBHAGYA RANJAN BEURA,** S/o- Nrusingha Charan Beura, At- Lajpat Nagar, Bhejaput, Damanjodi, Dist- Koraput-763008.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 156 of 2022** in the court of the Debts Recovery Tribunal, Cuttack for recovery of **Rs. 39,13,972.46/-** only together with current and future interest costs and the other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorized agent in support of their defence to show cause within 30 days from the date of publication or on **15.09.2022** at **10.30 A.M**. as to why reliefs prayed for should not granted.

Take notice that in case of default the applicant will be heard and determined in their absence.

Given under my hand and seal of this tribunal on this **28th** day of **July, 2022**.

(MANOJ KUMAR PATNAIK)
REGISTRAR

FORM NO.-13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, C.D.A., CUTTACK, ODISHA
**O.A. No. - 153 of 2022**

HDFC BANK LIMITED .......................... APPLICANT
VERSUS
DEBASIS KUMAR JOSHI & OTHERS ...........DEFENDANT(S)

To,
1. **DEBASISH KUMAR JOSHI,** aged about 53 years, S/o- Himanshu Sekhar Joshi, At- Brahmanpada, Sundargarh Town, Dist- Sundargarh, Pin-770001.
2. **NILAMADHAB JOSHI,** aged about 47 years, S/o- Himanshu Sekhar Joshi, At- Brahmanpada, Sundargarh Town, Dist- Sundargarh, Pin-770001.
3. **SUBHADRA JOSHI,** aged about 54 years, D/o- Nilambar Mishra, At- Brahmanpada, Sundargarh Town, Dist.- Sundargarh, Pin-770001.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 153 of 2022** in the court of the Debts Recovery Tribunal, Cuttack for recovery of **Rs. 28,79,019/-** only together with current and future interest costs and the other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorized agent in support of their defence to show cause within 30 days from the date of publication or on **15.09.2022** at **10.30 A.M**. as to why reliefs prayed for should not granted.

Take notice that in case of default the applicant will be heard and determined in their absence.

Given under my hand and seal of this tribunal on this **29th** day of **July, 2022**.

(MANOJ KUMAR PATNAIK)
REGISTRAR

FORM NO.-13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, C.D.A., CUTTACK, ODISHA
**O.A. No. - 150 of 2022**

HDFC BANK LIMITED .......................... APPLICANT
VERSUS
JAHANGIR ALAM & ANOTHER .....................DEFENDANT(S)

To,
1. **JAHANGIR ALAM,** aged about 32 years, S/o- Fakre Alam, At- Somapali Sadar, Dhankauda, Nr Nooren Masjid, Dist- Sambalpur, Pin- 7681006.
2. **NAVDEEP KUMAR KEDIA,** aged about 37 years, S/o- Bijay Kumar Kedia, At- Balaji Apartment, 1st Floor, B2, Opp. Balaji Mandir Sadar, Dist.- Sambalpur, Pin-768003.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 150 of 2022** in the court of the Debts Recovery Tribunal, Cuttack for recovery of **Rs. 32,89,463.23/-** only together with current and future interest costs and the other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorized agent in support of their defence to show cause within 30 days from the date of publication or on **15.09.22** at **10.30 A.M**. as to why reliefs prayed for should not granted.

Take notice that in case of default the applicant will be heard and determined in their absence.

Given under my hand and seal of this tribunal on this **29th** day of **July, 2022**.

(MANOJ KUMAR PATNAIK)
REGISTRAR

> ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। –ଶ୍ରୀମା

# ଜନଗଣନା ପରମ୍ପରା ଭାଙ୍ଗିଛୁ



ଆକାର ପଟେଲ

ଭାରତର ଜନଗଣନା ପୁନର୍ବାର ବିଳମ୍ବ ହୋଇଛି ଓ ଅନିଶ୍ଚୟତା ମଧ୍ୟରେ ରହିଛି। ଜନଗଣନାର ୧୫୦ ବର୍ଷ ଇତିହାସ ମଧ୍ୟରେ ପ୍ରଥମ ଥର ପାଇଁ ଏହା ଠିକ୍ ସମୟରେ ହୋଇପାରି ନାହିଁ। ତେବେ ଦେଖିବା ଏହା ପଛରେ କି କାରଣ ରହିଛି। ୧୮୮୧ରୁ, ଏପରି କି ଯୁଦ୍ଧ ସମୟରେ ଜନଗଣନା ବନ୍ଦ ହୋଇ ନାହିଁ। କାରଣ ଜନଗଣନା ହେଉଛି ଆମର ସର୍ବବୃହତ୍ ତଥ୍ୟ ସଂଗ୍ରହ ପ୍ରକ୍ରିୟା। ଏହା ଭାରତର ଜନସଂଖ୍ୟା ଗଣନା କରିବା ସହ ଲୋକମାନଙ୍କ ଶିକ୍ଷା, ପରିବାରର ସୁଖ ସାଧନ ଏବଂ ସେମାନଙ୍କ ରୋଜଗାରର ସ୍ଥିତି ସମ୍ପର୍କିତ ତଥ୍ୟ ଜଣାଏ। ଜନଗଣନା ବିଳମ୍ବ ହେଲେ ଆମେ ଏହିସବୁ ତଥ୍ୟ ଜାଣିପାରିବା ନାହିଁ। ଫଳରେ ଆକାଂକ୍ଷିତ ଲକ୍ଷ୍ୟ ହାସଲ ଅସ୍ୱଚ୍ଛ ହେବ ଓ ଏଥିପାଇଁ ସରକାର ଠିକ୍ ନୀତି ନିର୍ଦ୍ଧାରଣ କରିପାରିବେ ନାହିଁ। କୋଭିଡ୍ ଯୋଗୁ ଜନଗଣନା ହୋଇ ପାରିବ ନାହିଁ ବୋଲି ମୋଦି ସରକାର କହୁଛନ୍ତି। ଏହା ବାସ୍ତବ କାରଣ ନୁହେଁ। ଅତୀତରେ ବି ଦୁଇଟି ବୃହତ୍ ସର୍ଭେ କ୍ଷେତ୍ରରେ ସମସ୍ୟା ଦେଖାଦେଇଥିଲା। ସେଥିମଧ୍ୟରୁ ଗୋଟିଏ ହେଉଛି କଞ୍ଜ୍ୟୁମର ଏକ୍ସପେଣ୍ଡିଚର ସର୍ଭେ। ଏହା ପ୍ରକାଶ କରିଥିଲା ଯେ, ୨୦୧୨ ତୁଳନାରେ ୨୦୧୮ରେ ଭାରତୀୟମାନେ ଖାଦ୍ୟ ସମେତ ଅନ୍ୟ ସବୁଥିରେ କମ୍ ବ୍ୟୟ କରୁଥିଲେ। ୨୦୧୯ରେ ଏହି ସର୍ଭେର ସବିଶେଷ ବିବରଣୀ ଏକ ଖବରକାଗଜରେ ପ୍ରକାଶ ପାଇବା ପରେ ସରକାରୀ ସ୍ତରରେ ତଥ୍ୟ ପ୍ରକାଶ କରିବାକୁ ସରକାର ମନା କରିଦେଲେ। ଉକ୍ତ ସର୍ଭେ ପ୍ରତି ୫ ବର୍ଷରେ ଥରେ ହୁଏ,ଏହା ଭାରତର ବୃହତ୍ ଅସଂଗଠିତ କ୍ଷେତ୍ରର ଅର୍ଥ ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ପ୍ରଦାନ କରେ। ଏବେ ୧୦ ବର୍ଷ ହେଲା ଆମେ ଏ ବିଷୟରେ କୌଣସି ତଥ୍ୟ ପାଇନାହୁଁ। ଅର୍ଥମନ୍ତ୍ରୀଙ୍କ ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ ସର୍ଭେ ତଥ୍ୟ ପ୍ରକାଶ କରିବାକୁ ମୋଦି ସରକାରଙ୍କୁ କହିଥିଲେ ମଧ୍ୟ ତାହା ହୋଇପାରିଲା ନାହିଁ। ବିଶେଷକରି ସରକାର ନିଜେ ଖବରର ଉତ୍ସ ହୋଇଥିବାରୁ ଖରାପ ଖବରରୁ ନଜର ହଟାଇବା ଲାଗି ଚେଷ୍ଟା କରିବା ଭାରତୀୟମାନଙ୍କ ପାଇଁ ନିଶ୍ଚିତ ଭାବେ ବିପଜ୍ଜନକ। କିନ୍ତୁ ଦୀର୍ଘଦିନ ହେଲା ସରକାର ଏହା କରିଆସୁଛନ୍ତି। ୨୦୧୯ରେ ସରକାରଙ୍କର ଆଉ ଏକ ସର୍ଭେରୁ ଜଣାପଡ଼ିଥିଲା ଯେ, ୨୦୧୮ରେ ବେରୋଜଗାର ରେକର୍ଡ ସ୍ତର ୬ %ରେ ରହିଥିଲା, ଏପରି କି ସ୍ୱାଧୀନତା ପରେ ଯାହା ଥିଲା ଏହା ତା'ର ଦୁଇଗୁଣ ଅଧିକ। ଏହି ସର୍ଭେ ବିଜ୍‌ନେସ ଷ୍ଟାଣ୍ଡାର୍ଡ ଖବରକାଗଜରେ ପ୍ରକାଶ ପାଇଥିଲେ ବି ସରକାର ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଅନ୍ୟପଟେ ତଥ୍ୟ ଭୁଲ୍ ବୋଲି କହିବା ପାଇଁ ନୀତି ଆୟୋଗକୁ ପ୍ରେରିତ କରାଯାଇଥିଲା। କିନ୍ତୁ ୨୦୧୯ରେ ନିର୍ବାଚନ ପରେ ସରକାର କୌଣସି ପରିବର୍ତ୍ତନ ନ କରି ସର୍ଭେ ରିପୋର୍ଟ ପ୍ରକାଶ କରିଥିଲେ। ତା'ପରଠାରୁ ବେରୋଜଗାର ହାର କମି ନାହିଁ, ବରଂ ୪ ବର୍ଷ ହେଲା ଅଧିକ ରହିଛି।

ଜାତୀୟ ନାଗରିକ ପଞ୍ଜୀକରଣର ପ୍ରଥମ ସୋପାନ କୁହାଯାଉଥିବା ନ୍ୟାଶନାଲ ପପୁଲେଶନ ରେଜିଷ୍ଟର(ଏନ୍‌ପିଆର୍) ବା ଜାତୀୟ ଜନସଂଖ୍ୟା ପଞ୍ଜୀକରଣକୁ ମୋଦି ସରକାର ଜନଗଣନାରେ ସାମିଲ କରିଛନ୍ତି। ବୁଝାପଡୁଛି ଯେ,ଏହା ସରକାର ଏବଂ ତଳସ୍ତରର ଅମଲାତନ୍ତ୍ରୀଙ୍କୁ କ୍ଷମତା ଦେବ ଯେଉଁଥିରେ ସେମାନେ ପ୍ରତ୍ୟେକ ନାଗରିକଙ୍କୁ ସନ୍ଦିଗ୍ଧ ଭାବେ ଚିହ୍ନଟ କରିପାରିବେ। ଏହା ସେମାନଙ୍କ ଭୋଟ ଅଧିକାର ଛଡ଼ାଇନେବ ଏବଂ ଏହା ଏକ ପ୍ରକ୍ରିୟା ଆରମ୍ଭ କରିବ ଯାହା ଜାତୀୟ ନାଗରିକତ୍ୱ ପଞ୍ଜୀକରଣ ତାଲିକା, ଫରେନ୍ର୍ ଟ୍ରିବ୍ୟୁନାଲ ଦେଇ ଡିଟେନସନ ସେଣ୍ଟରରେ ଶେଷ ହେବ। ଏହା ସହ ଗଣନକାର ଯଥା ସ୍କୁଲ ଶିକ୍ଷକମାନେ ଏସମ୍ପର୍କରେ ପ୍ରଶ୍ନ ପଚାରିବା ପରେ ବିରୋଧର ସମ୍ମୁଖୀନ ହୋଇପାରନ୍ତି। ଭାରତର ପୂର୍ବତନ ମୁଖ୍ୟ ପରିସାଂଖ୍ୟିକୀବିତ ପ୍ରଣବ ସେନ୍ କହିଛନ୍ତି ଯେ, ଆମର ଏଭଳି କିଛି ସ୍ଥିତି ଥାଇପାରେ ଯେଉଁଥିରେ ତୁମେ ଠିକ୍ ଭାବେ ଜନଗଣନା କରିବାକୁ ଅକ୍ଷମ ହୋଇଛ। କିନ୍ତୁ ଯଦି ଜନଗଣନା ଠିକ୍ ଭାବେ କରା ନ ଯାଏ ତେବେ ଆଗାମୀ ୧୦ ବର୍ଷ ପାଇଁ ପରିବାର ସମ୍ପର୍କିତ ସର୍ଭେ ସହଜ ହେବ ନାହିଁ, କାରଣ ସବୁ ପରିବାର ସମ୍ପର୍କିତ ସର୍ଭେ ଜନଗଣନାରେ ଏକ ଢାଞ୍ଚା ଭାବେ ଜନଗଣନା ଉପରେ ନିର୍ଭରକରେ। ଯଦି ଏହା ସମସ୍ୟା ଭିତରକୁ ଚାଲିଯାଏ ତେବେ ଏଥିରେ ବିପଦ ରହିଛି, ଯେଉଁଥିରେ ତୁମେ ପରବର୍ତ୍ତୀ ୧୧ ବର୍ଷ ପାଇଁ ସମସ୍ୟାରେ ରହିବ। କେତେକ ରାଜ୍ୟ ଏନ୍‌ପିଆର୍‌କୁ ଲାଗୁ କରିବାକୁ ମନା କରି ଦେଇଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବାର ଆଶଙ୍କା ରହିଥିବା ଦର୍ଶାଇ କେରଳ ଏହାକୁ ଲାଗୁ କରିବ ନାହିଁ ବୋଲି କେନ୍ଦ୍ରକୁ କହିଛି। ଏହା ପୂର୍ବରୁ ମଧ୍ୟପ୍ରଦେଶ ଲାଗୁ କରିବ ନାହିଁ ବୋଲି କହିଥିଲା। ମହାରାଷ୍ଟ୍ର ଏହାକୁ ବିରୋଧ କରିଆସୁଛି। ଗଣନକାରଙ୍କୁ କୌଣସି କାଗଜପତ୍ର ନ ଦେଖାଇବା ଲାଗି ପଶ୍ଚିମବଙ୍ଗ ଏହାର ନାଗରିକମାନଙ୍କୁ ପ୍ରେରିତ କରିଥିଲା। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଛନ୍ତି ଯେ, ସେମାନେ ତାଙ୍କ ଲୋକଙ୍କୁ ଜେଲରେ ରଖିବାକୁ ଅନୁମତି ଦେବେ ନାହିଁ, ବରଂ ଏହା ପରିବର୍ତ୍ତେ ସେମାନେ ନିଜେ ଜେଲ ଯିବେ। ଏହା ସ୍ପଷ୍ଟ ଯେ, ସଂଘୀୟ ସ୍ତରରେ ପ୍ରାପ୍ତ ତଥ୍ୟଗୁଡ଼ିକୁ ଏକାଠି କଲେ ମଧ୍ୟ ତାହା ଅସମ୍ପୂର୍ଣ୍ଣ ରହିବ। ଏହା ସମ୍ଭବତଃ ଜନଗଣନା ବିଳମ୍ବ ହେବାର ସବୁଠୁ ସମ୍ଭାବ୍ୟ କାରଣ। ସରକାର ଆଉ ଏକ ଗଣ ଆନ୍ଦୋଳନ ସୃଷ୍ଟି ହେବାକୁ ଚାହୁଁନାହାନ୍ତି କି ଏନ୍‌ପିଆର୍ ଓ ଏନ୍‌ଆର୍‌ସି ଫାଶରେ ପଶିବାକୁ ଚାହୁଁନାହାନ୍ତି। ଯଦି ପ୍ରଧାନମନ୍ତ୍ରୀ ସ୍ପଷ୍ଟ ଭାବେ କହିବେ ଯେ, ଏନ୍‌ଆର୍‌ସି ଲାଗୁ ହେବାକୁ ଯାଉନାହିଁ ଏବଂ ଜନଗଣନା ପ୍ରକ୍ରିୟାରେ ଏନ୍‌ଆର୍‌ସି ପ୍ରଶ୍ନଗୁଡ଼ିକ ବନ୍ଦ ହେବ, ତେବେ ଏହା ଆଗେଇଚାଲିବ। ହେଲେ ସେ ଏହା କହିବେ ନାହିଁ।

ଏକ ଦଶନ୍ଧି ପାଇଁ ବିଶ୍ୱସନୀୟ ତଥ୍ୟ ହରାଇବା ହିଁ ଆମ ପାଇଁ ବିପଦ। କିନ୍ତୁ ଅର୍ଥ ବ୍ୟବସ୍ଥା ଏବଂ ଭାରତୀୟମାନଙ୍କ ସ୍ଥିତି ସମ୍ପର୍କରେ କୌଣସି ତଥ୍ୟ ନ ଥାଇ ମଧ୍ୟ ସରକାର ଆରାମରେ ରହିଛନ୍ତି। ବିଶେଷକରି ତଥ୍ୟ ସକାରାତ୍ମକ ହେଉନାହିଁ। ଏହି କାରଣରୁ ୧୮୮୧ରୁ ଠିକ୍ ଭାବେ ଚାଲି ଆସୁଥିବା ଓ ଭାରତର ସ୍ଥିତି ସମ୍ପର୍କରେ ଅବଗତ କରୁଥିବା ଏକ ଜନଗଣନା ପରମ୍ପରାକୁ ଆମେ ଭାଙ୍ଗିଛୁ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | | | 1 | |
| | | | 2 | 5 | | | 6 | |
| | 8 | | | 3 | | | | 5 |
| | | | | | | | | |
| 1 | | 4 | | 2 | 3 | | | |
| 3 | 5 | | 8 | | 4 | 6 | | |
| 8 | | | 6 | | | | 9 | |
| | | | | 4 | 9 | | | |
| | 2 | | | | | | | 3 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 9 | 5 | 3 | 4 | 7 | 1 | 2 |
| 5 | 2 | 7 | 9 | 1 | 8 | 4 | 6 | 3 |
| 4 | 3 | 1 | 7 | 6 | 2 | 5 | 8 | 9 |
| 7 | 9 | 8 | 2 | 5 | 1 | 6 | 3 | 4 |
| 3 | 1 | 6 | 4 | 9 | 7 | 2 | 5 | 8 |
| 2 | 5 | 4 | 6 | 8 | 3 | 1 | 9 | 7 |
| 6 | 4 | 3 | 8 | 2 | 5 | 9 | 7 | 1 |
| 1 | 7 | 5 | 3 | 4 | 9 | 8 | 2 | 6 |
| 9 | 8 | 2 | 1 | 7 | 6 | 3 | 4 | 5 |

ଗତ କାଲିର ଉତ୍ତର

# ତୁମ ଭାରତ ମହାନ୍



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

କେଇଦିନ ତଳେ ଅମୃତ ମହୋତ୍ସବର ଅମୃତ ଲଗ୍ନରେ ଲାଲ୍‌କିଲ୍ଲାରେ ପତାକା ଉତ୍ତୋଳନ କରି ରାଷ୍ଟ୍ର ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ କରିଥିବା ସମ୍ବୋଧନ ଯେଉଁମାନେ ଶୁଣିଥିବେ, ସେମାନେ ଜାଣିଥିବେ ସମଗ୍ର ବିଶ୍ୱର ସବୁ ଦେଶ ତୁଳନାରେ ଭାରତବର୍ଷ କେମିତି ଭିନ୍ନ ଓ ଅନନ୍ୟ। ତେବେ କେବଳ ଆମ ପ୍ରଧାନମନ୍ତ୍ରୀ କାହିଁକି, ପ୍ରତ୍ୟେକ ଭାରତୀୟଙ୍କ ପାଇଁ ତ ପ୍ରତିକ୍ଷଣରେ ଅନୁଚ୍ଚାରିତ ଭାବେ ଝରି ପଡ଼ିଥାଏ ଯେଉଁ ତିନିଟି ଶବ୍ଦର ଅମୃତମୟ ଆବେଦନ, ତାହା ହେଉଛି– ମେରା ଭାରତ ମହାନ୍। ନିଜ ଗର୍ଭରୁ ଜନ୍ମ ନେଇଥିବା ଶିଶୁଟି ଯେତେ କୁତ୍ସିତ କଦାକାର ହେଲେ ବି ସେ ଯେମିତି ମା' ପାଇଁ ଜଗତର ସୁନ୍ଦରତମ ସୃଷ୍ଟି, ସେମିତି ଯାବତୀୟ ସ୍ଖଳନ ସତ୍ତ୍ୱେ ବି ଜଣେ ମା' ତା' ସନ୍ତାନ ପାଇଁ ଚିରକାଳ ଅନନ୍ୟା। ସୁତରାଂ, 'ମୋ ଭାରତ ମହାନ୍' ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ସ୍ୱତଃସ୍ଫୂର୍ତ୍ତ ସ୍ୱାଭାବିକ ଉଚ୍ଚାରଣ। ଅବଶ୍ୟ ଏ କଥା ଭିନ୍ନ ଯେ ନିଜ ଜନ୍ମଦାତ୍ରୀଙ୍କ ମହନୀୟ ତ୍ୟାଗକୁ ବିସ୍ମରି ଯାଇ ବୃଦ୍ଧାବସ୍ଥାରେ ତାଙ୍କୁ ପରିତ୍ୟାଗ କରୁଥିବା କିଛି କୁଳାଙ୍ଗାର ସନ୍ତାନଙ୍କ ପରି ନିଜ ଜନ୍ମଭୂମିର ଛାତି ଉପରେ ଛିଡ଼ା ହୋଇ ସବୁଯାକ ପ୍ରତିଷ୍ଠା ଓ ପ୍ରତିପତ୍ତି ଅର୍ଜନ କଲାପରେ କିଛି ଭାରତୀୟ ଏ କଥା କହିବାକୁ ପଛାନ୍ତି ନାହିଁ– ''ଏ ଦେଶରେ ଅସହିଷ୍ଣୁତା ଯେମିତି ବଢ଼ି ଚାଲିଛି, ତହିଁରେ ଏ ଦେଶ ଛାଡ଼ି ଅନ୍ୟ ଦେଶରେ ରହିବାକୁ ମୋ ପତ୍ନୀ କହୁଛି।''

ତେବେ ନିଜ ମାଆଙ୍କୁ ନିଜେ ମହାନ୍ କହିଲେ ଯେଉଁ ସୁଖ ନ ଥାଏ, ତା'ଠାରୁ କାହିଁ କେତେ ଅଧିକ ଖୁସି ମିଳେ ଯେତେବେଳେ ଅନ୍ୟ କେହି କହନ୍ତି–''ତୁମ ଭାରତ ମହାନ୍'। ଠିକ୍ ସେଦିନର ସେଇ ଦିଗ୍‌ବିଜୟୀ ଆଲେକ୍‌ଜାଣ୍ଡାର ଏଇ ଭୂମିର ଅନ୍ୟତମ ଶାସକ ପୁରୁଙ୍କୁ ପରାସ୍ତ କରି ମଧ୍ୟ ତାଙ୍କ ବ୍ୟକ୍ତିତ୍ୱ ଓ ଜାତୀୟତାବୋଧ ନିକଟରେ ମଥାନତ କରି କହିଥିଲେ, ''ଆପଣଙ୍କ ଭାରତ ମହାନ୍''। ଏହାର ବହୁବର୍ଷ ପରେ ସ୍ୱାମୀ ବିବେକାନନ୍ଦ ଚିକାଗୋ ଧର୍ମ ମହାସଭାରେ ବିଶ୍ୱର ବହୁ ପ୍ରାଜ୍ଞପ୍ରବୁଦ୍ଧଙ୍କ ଆଗରେ ଧର୍ମର ଯେଉଁ ଭିନ୍ନ ପରିଭାଷା ପେସ୍ କରିଥିଲେ, ତାହା ପ୍ରତ୍ୟକ୍ଷ କରି ଅବଶିଷ୍ଟ ବିଶ୍ୱ ଏକ ସଙ୍ଗେ ଗାଇ ଉଠିଥିଲା– 'ତୁମ ଭାରତ ମହାନ୍'। ପ୍ରକୃତରେ ନିଜ ମା' ହେଉ କି ମାତୃଭୂମି, ଏ ଦୁହିଁଙ୍କର ପ୍ରଶଂସା ଅନ୍ୟ ମୁହଁରୁ ଶୁଣିଲେ ସନ୍ତାନର କର୍ଣ୍ଣ ମନ ଧନ୍ୟ ହୋଇଯାଏ।

ଅଥଚ ଅନ୍ୟପକ୍ଷରେ ନିଜ ଜନନୀ ଓ ଜନ୍ମଭୂମିଙ୍କ ନିନ୍ଦାଗାନ କାନରେ ପଡ଼ିଲେ କେମିତି ହୁଅନ୍ତା କାହାର ଅନୁଭବ! କେଇଦିନ ତଳେ ଚାଇନା ଓ ତାଇୱାନ୍‌ର ସମ୍ପର୍କ ତିକ୍ତ ହୋଇଥିଲା। ଦୁଇ ଦେଶର ପ୍ରେକ୍ଷାପଟରେ ଭାରତର ସମ୍ଭାବ୍ୟ ଭୂମିକାକୁ ନେଇ ଏକ ସଙ୍କେତଧର୍ମୀ ଆଲେଖ୍ୟ ଘୂରି ବୁଲୁଥିଲା ସାମାଜିକ ଗଣମାଧ୍ୟମରେ। ଆଲେଖ୍ୟଟିର ଅନ୍ତର୍ନିହିତ ବାର୍ତ୍ତା ଥିଲା ଚିନ୍ତା ଉଦ୍ରେକକାରୀ। କର୍ମନିଯୁକ୍ତି ପାଇଁ ତାଇୱାନ୍‌ରେ ରହୁଥିବା ଜଣେ ଭାରତୀୟ ଯୁବକ ଲକ୍ଷ୍ୟ କଲେ ଯେ ତାଇୱାନ୍ ନାଗରିକଙ୍କର ଭାରତୀୟମାନଙ୍କ ପାଇଁ ଭଲ ଧାରଣା ନାହିଁ, ଶ୍ରଦ୍ଧା ବା ସମ୍ମାନ ତ ଦୂରର କଥା। ସେ ଏହାର କାରଣ ଜାଣିବାକୁ ବ୍ୟଗ୍ର ହୋଇ ଉଠିଲେ। ବହୁଦିନ ଚେଷ୍ଟା କରି ବିଫଳ ହେଲା ପରେ ଶେଷରେ ତାଙ୍କର ଜଣେ ତାଇୱାନ୍ ସହକର୍ମୀଙ୍କ ସହ ଘନିଷ୍ଠ ହୋଇ ଯାହା ଜାଣିଲେ, ତାହା ଏତେ ଯୁକ୍ତିଯୁକ୍ତ ଥିଲା ଯେ ସେହି ଅବଧାରଣାକୁ ପ୍ରତିହତ କରିବା ଥିଲା ତାଙ୍କ ପାଇଁ ସାଧ୍ୟାତୀତ। ''ଯେଉଁ ଦେଶର ବତିଶ କୋଟି ଜନତାଙ୍କୁ ମାତ୍ର ଦଶ ହଜାର ବ୍ରିଟିଶର୍ ଦୁଇଶହ ବର୍ଷ ଯାଏଁ ଶାସନ କରିପାରନ୍ତି, ପୁଣି ଜେନେରାଲ ଡାୟରଙ୍କ ପରି ଜଣେ ଫିରିଙ୍ଗୀ କମାଣ୍ଡରଙ୍କ ଆଦେଶରେ ଫିରିଙ୍ଗୀ ସେନାରେ କର୍ମରତ ଶହେଜଣ ଭାରତୀୟ ସୈନ୍ୟ ଗୁଳି ମାରି ତେରଶହ ନିରସ୍ତ୍ର ଭାରତୀୟଙ୍କୁ ହତ୍ୟା କରିପାରନ୍ତି ଓ ମୋଗଲ ଶାସନ କାଳରେ ଛୋଟ ଚାକିରି ଓ କିଛି ଟଙ୍କା ବିନିମୟରେ ନିଜ ଧର୍ମ ପରିବର୍ତ୍ତନ କରିପାରନ୍ତି, ସେଭଳି ଦେଶ ଓ ତାହାର ନାଗରିକମାନଙ୍କ ପାଇଁ ଆମ ଦେଶର ବା ଆମ ନାଗରିକମାନଙ୍କର ସାମାନ୍ୟ ସମ୍ମାନ ନାହିଁ।'' ନିଜ ଦେଶ ବିରୋଧରେ କି ନିଷ୍ଠୁର ସତ୍ୟର ନିର୍ମମ ଅବତାରଣା! ଅଥଚ ଏହା ଅତିରଞ୍ଜିତ ବା ଅସତ୍ୟ ନୁହେଁ ଯେ, ଏହାକୁ ସେକାଳର ବା ଏକାଳର କୌଣସି ଦେଶପ୍ରେମୀ ଭାରତୀୟ ପ୍ରତିବାଦ ବା ପ୍ରତିହତ କରିବେ, କରିପାରିବେ!



ନାଗରିକମାନଙ୍କ ଗଣ ଚରିତ୍ର ନୁହେଁ, ଜଣେ ନାଗରିକଙ୍କର ଚରିତ୍ର ମଧ୍ୟ ଗୋଟିଏ ଦେଶର କପାଳରେ କଳାର କାଳିମା ବୋଳି ଦେଇପାରେ। ଏ ସମ୍ପର୍କରେ ଏକ ବଳିଷ୍ଠ ଦୃଷ୍ଟାନ୍ତ। ଜଣେ ହଙ୍ଗେରୀ ନାଗରିକ ଭାରତ ପରିଭ୍ରମଣରେ ଆସି ଦିନେ ଏକ ଦାମିକା ସାଇକେଲରେ ଭୁବନେଶ୍ୱରରୁ ପୁରୀ ଯାଉଥିଲା ବେଳେ ଅଚାନକ ତାଙ୍କ ସାଇକେଲଟିରୁ ପବନ ବାହାରିଗଲା। ସେ ଚାଲି ଚାଲି ଆଗକୁ ବଢୁଥିଲା ବେଳେ ଜଣେ ଅଳ୍ପ ପଢୁଆ ସ୍ଥାନୀୟ ଯୁବକ ତାଙ୍କ ସମସ୍ୟା ବୁଝିଲା ଓ ନିକଟରେ ଥିବା ତାଙ୍କ ଘରକୁ ଯାଇ ସାଇକେଲରେ ପବନ ଭରିଦେବା ପାଇଁ ପ୍ରସ୍ତାବ ବାଢ଼ିଲା। ମୁଖ୍ୟ ରାସ୍ତାରୁ ବାଟ ଭାଙ୍ଗି ଯୁବକଟି ସହ ତାଙ୍କ ଗାଁ ଆଡ଼କୁ ମୁହାଁଇଲେ ବିଦେଶୀ। ଗାଁ ଭିତରେ ଗୋଟିଏ ଘର ପିଣ୍ଡାରେ ବିଦେଶୀଙ୍କୁ ବସାଇ ସେ ଘର ପଛକୁ ସାଇକେଲ ନେଇ ପମ୍ପ ଦେବାକୁ ଗଲା ଯେ ଗଲାପୁତ୍ର ଆଉ ବାହୁଡ଼ି ନ ଆସିଲା। ଦୀର୍ଘ ଚାରିଘଣ୍ଟା ଅପେକ୍ଷା କରି ନିଜ ସାଇକେଲଟିକୁ ଫେରି ପାଇବାର କୌଣସି ସମ୍ଭାବନା ନ ଦେଖି ସେ ମୁଖ୍ୟ ରାସ୍ତାକୁ ଫେରିଆସିଲେ ଓ ଜଣେ ବୟସ୍କ ଉଚ୍ଚଶିକ୍ଷିତ ଓଡ଼ିଆଙ୍କ ନିକଟରେ ନିଜର ଦୁର୍ଦ୍ଦଶା ବଖାଣି ପଚାରୁଥିଲେ– ''ଇଜ୍ ଦିସ୍ ଇଓର ଇଣ୍ଡିଆ ?'' ପ୍ରଶ୍ନଟିଏ ତ ନୁହେଁ, ପ୍ରତ୍ୟେକ ଭାରତୀୟଙ୍କ ଛାତିରେ ହାତୁଡ଼ିର ପ୍ରଚଣ୍ଡ ପ୍ରହାର ଯେମିତି!

ଆମରି ମାଟିରେ ସେମିତି ଆଉ ଏକ କଥା। ନେଦରଲାଣ୍ଡର ବାସିନ୍ଦା ପତ୍ନୀପତି ଦୁହେଁ ଭାରତ ଭ୍ରମଣରେ ଆସି ଓଡ଼ିଶାର ଏକ ଗ୍ରାମ୍ୟ ମେଳା ବୁଲି ଦେଖୁଥିଲା ବେଳେ କେହି ଦୁର୍ବୃତ୍ତ ତାଙ୍କ ମୋଟରସାଇକେଲରୁ ସବୁତକ ତେଲ ଚୋରାଇ ନେଇଥିଲା। ମେଳାସ୍ଥଳରୁ ପ୍ରାୟ ଛଅକିମି ଚାଲି ଚାଲି ଆସି ନିକଟସ୍ଥ ଛୋଟ ସହରର ପେଟ୍ରୋଲ ଟାଙ୍କିରେ ପହଞ୍ଚି ଦେଖିଲେ ଟାଙ୍କିରେ ତେଲ ନାହିଁ। ବିବ୍ରତ ବିଦେଶୀ ଦମ୍ପତି ସେଇ ସହରର ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କୁ ଭେଟି ତାଙ୍କ ସହାୟତା ଲୋଡ଼ିବାରୁ ସେ କଳାବଜାରରେ ପେଟ୍ରୋଲ ବିକୁଥିବା ଜଣେ ଦୋକାନୀଠୁଁ ତେଲ କିଣିନେବାକୁ ପରାମର୍ଶ ଦେଲେ। ହଠାତ୍ ଗମ୍ଭୀର ହୋଇ ଉଠିଲେ ବିଦେଶୀ ଓ ପରବର୍ତ୍ତୀ ପେଟ୍ରୋଲ ଟାଙ୍କି ସେଠାରୁ କେତେ ଦୂର ବୋଲି ବ୍ୟବସାୟୀଙ୍କୁ ପଚାରିଲେ। ସେଠାରୁ ବାର କିମି ଶୁଣିଲା ପରେ ତାଙ୍କ ଜିମାରେ ବାଇକ୍‌ଟି ରଖି ହାତରେ ଗୋଟିଏ ଜାର୍ ଧରି ଅନ୍ୟ ଟାଙ୍କି ଉଦ୍ଦେଶ୍ୟରେ ପତ୍ନୀପତି ଦୁହେଁ ଚାଲିବାକୁ ଲାଗିଲେ; ଆଶ୍ଚର୍ଯ୍ୟ ଚକିତ ବ୍ୟବସାୟୀଙ୍କୁ ଏ କଥା କହି– ''କାହାରି ଉଚିତ ପ୍ରାପ୍ୟଠାରୁ ବେଶି ବା କମ୍ ନ ଦେବା ପାଇଁ ଆମ ଦେଶ ଆମକୁ ଶିକ୍ଷା ଦେଇଛି। ବିଦେଶ ମାଟିରେ ଏ ଶିକ୍ଷାର ଅବମାନନା କଲେ ଆମ ଦେଶର ଅସମ୍ମାନ ହେବନି? ଦେଶର ସମ୍ମାନ ଆଗରେ ଚବିଶ କିମି ଚାଲିବା କେଉଁ ବଡ଼କଥା ଯେ!'' ଆଶ୍ଚର୍ଯ୍ୟରେ ଆଖି ଯୋଡ଼ିକ ଖୋସି ହୋଇ ଯାଇଥିଲା ସେଦିନ ସେଇ ବ୍ୟବସାୟୀଙ୍କର। ତାଙ୍କ ପାଟିରୁ ବାହାରି ପଡ଼ିଥିଲା– ''କେତେ ମହାନ୍ ତୁମର ଦେଶ!''

'ମୋ ଭାରତ ମହାନ୍' ବୋଲି ଗଳା ଫଟାଇ ସ୍ଲୋଗାନ ଦେଲେ ଅବା ଇଟାବାଲି ବୋହୁଥିବା ଟ୍ରକ୍ ପଛରେ ବଡ଼ ବଡ଼ ଅକ୍ଷରରେ ଲେଖିଦେଲେ ଭାରତ ମହାନ୍ ହୋଇଯାଏ ନାହିଁ। ସେଥିପାଇଁ ଆମ ଦେଶର ପୁରୁ ଓ ବିବେକାନନ୍ଦଙ୍କ ପରି ବା ନେଦରଲାଣ୍ଡର ସେହି ଦମ୍ପତିଙ୍କ ପରି ନିଜକୁ ଗଢ଼ିବାକୁ ହୁଏ, ଯାହା ନିଜ ଢୋଲ ନିଜେ ପିଟିବା ବଦଳରେ ଆମକୁ ଦେଖି ବିଦେଶୀଏ କହନ୍ତେ– 'ତୁମ ଭାରତ ମହାନ୍'!!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୭୨୪୧୦୫

# ସ୍ଥାପତ୍ୟର ଅଗ୍ରଧାବିକା

ବ୍ୟକ୍ତିତ୍ୱ



ମାରିନା ତବସୁମ୍

ଘର, କାର୍ଯ୍ୟାଳୟ, ଷ୍ଟୁଡିଓଠାରୁ ଆରମ୍ଭ କରି ସର୍ବସାଧାରଣ ସୌଧ ନିର୍ମାଣ ଲାଗି ସ୍ଥପତିଙ୍କ ଉପସ୍ଥିତି ନିତାନ୍ତ ଜରୁରୀ। କେଉଁଠି ବାସ୍ତୁଶାସ୍ତ୍ର ଦେଖାଯାଇ ଏସବୁ ନିର୍ମାଣ ହେଉଛି ତ ଆଉ କେଉଁଠି ବିଶୁଦ୍ଧ ପରିବେଶ ଉପଯୋଗୀ ନିର୍ମାଣକୁ ଗୁରୁତ୍ୱ ଦିଆଯାଉଛି। କିନ୍ତୁ କେତେକ ସୃଜନଶୀଳ ସ୍ଥପତି ଅଛନ୍ତି ଯେଉଁମାନେ ଲାଭଖୋର ଚିନ୍ତାଧାରାକୁ ସମ୍ପୂର୍ଣ୍ଣ ଜାବୁଡ଼ି ନ ଧରି ନୂଆ କିଛି ଭେଟି ଦେବାକୁ ଅହରହ ଚେଷ୍ଟା କରୁଛନ୍ତି। ବାଂଲାଦେଶର ମାରିନା ତବସୁମ୍ ଏଭଳି ଚେହେରାର ଜଣେ ବ୍ୟକ୍ତି, ଯିଏକି ପରିବେଶ ଓ ଜଳବାୟୁକୁ ଦୃଷ୍ଟିରେ ରଖି ନକ୍ସା ଆଙ୍କୁଛନ୍ତି। ତାଙ୍କ ସୃଜନାତ୍ମକ ପରିକଳ୍ପନାରେ ଗଢ଼ିଉଠୁଥିବା ସୌଧ ଅନ୍ତର୍ଜାତୀୟ ସ୍ତରର ଦୃଷ୍ଟି ଆକର୍ଷଣ କରିବାରୁ ପ୍ରଥମ ଦକ୍ଷିଣ ଏସୀୟ ଭାବେ ସେ ଲିସବନ୍ ଟ୍ରିଏନାଲ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ସମକାଳୀନ ବିଷୟବସ୍ତୁ, ନିର୍ଦ୍ଦିଷ୍ଟ ସଂସ୍କୃତି ଓ ଭୌଗୋଳିକ ସ୍ଥିତିକୁ ଦେଖି ତବ୍‌ସୁମ୍ କାର୍ଯ୍ୟ ଜାରି ରଖିବା ତାଙ୍କ କ୍ୟାରିୟରକୁ ଅଧିକ ଆକର୍ଷଣୀୟ କରିପାରିଛି ବୋଲି ପୁରସ୍କାରର ବିଚାରକମଣ୍ଡଳୀ ଉକ୍ତ ସମ୍ମାନ ଘୋଷଣା କରିବା ଅବସରରେ ଏଭଳି ପ୍ରଶଂସାସୂଚକ ମନ୍ତବ୍ୟ ଦେଇଛନ୍ତି।

ମାରିନା ତବସୁମ୍ ୧୯୬୯ରେ ବାଂଲାଦେଶ ରାଜଧାନୀ ଢାକାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପରିବାର ବଙ୍ଗ ବିଭାଜନ ପରେ ୧୯୪୭ରେ ଢାକା ଚାଲିଯାଇଥିଲେ। ପିତା କର୍କଟ ରୋଗ ବିଶାରଦ ହୋଇଥିଲେ ହେଁ ଝିଅ ପିଲାଦିନୁ ଥିଲେ ସୃଜନମନସ୍କ। ହୋଲି କ୍ରସ୍ ଗର୍ଲସ ସ୍କୁଲ ଓ କଲେଜରୁ ସେ ପଢ଼ା ଶେଷ କରିବା ପରେ ୧୯୯୪ରେ ବାଂଲାଦେଶ ୟୁନିଭର୍ସିଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲଜିରୁ ଆର୍କିଟେକ୍‌ଚରରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ୧୯୯୫ରେ ସେ କାସେଫ୍ ଚୌଧୁରୀଙ୍କ ସହ ମିଶି 'ଅର୍ବାନା' ନାମରେ ଏକ ସ୍ଥାପତ୍ୟ ସଂସ୍ଥା ପ୍ରତିଷ୍ଠା କରିଥିଲେ। ୧୦ ବର୍ଷ ସେହିଠାରେ ବିଭିନ୍ନ ପ୍ରକାର ପ୍ରକଳ୍ପର ନକ୍ସା ଆଙ୍କିଥିଲେ । ଏହି ଦଶନ୍ଧି ଭିତରେ ସେ ଅର୍ଜନ କରିଥିବା ଅଭିଜ୍ଞତାକୁ ପାଥେୟ କରି ୨୦୦୫ରେ ନିଜସ୍ୱ ଫାର୍ମ ଗଢ଼ିଲେ ଓ ତାହାର ନାମ ଦେଇଥିଲେ 'ମାରିନା ତବସୁମ୍ ଆର୍କିଟେକ୍ଟସ'। ଏହାର ପ୍ରମୁଖ ସ୍ଥପତି ଭାବେ ସେ ନୂଆ ଧରଣର ପରିକଳ୍ପନା କରି ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନେଲେ। ତାଙ୍କ ସୃଜନାତ୍ମକ କାର୍ଯ୍ୟକୁ ଦେଖି ବାଂଲାଦେଶର ବିଆର୍‌ଏସି ବିଶ୍ୱବିଦ୍ୟାଳୟ ୨୦୦୫ରେ ତବ୍‌ସୁମ୍‌ଙ୍କୁ ଭିଜିଟିଂ ପ୍ରଫେସର ନିଯୁକ୍ତ କରିଥିଲା। ସେଠାରେ ସେ ସମକାଳୀନ ଦକ୍ଷିଣ ଏସୀୟ ସ୍ଥାପତ୍ୟ ଉପରେ ଛାତ୍ରୀଛାତ୍ରଙ୍କୁ ପଢ଼ାଇଲେ। ଢାକାସ୍ଥିତ ଅନ୍ୟତମ ଘରୋଇ ବିଶ୍ୱବିଦ୍ୟାଳୟ 'ୟୁନିଭର୍ସିଟି ଅଫ୍ ଏସିଆ ପାସିଫିକ୍'ରେ ଅଣ୍ଡରଗ୍ରାଜୁଏଟ୍ ଷ୍ଟୁଡିଓ ପାଠ୍ୟକ୍ରମ ପଢ଼ାଇବା ସହ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଓ ସମ୍ମିଳନୀରେ ସ୍ଥାପତ୍ୟ କଳା ଉପରେ ସନ୍ଦର୍ଭ ଉପସ୍ଥାପନ କରି ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସମ୍ମାନ ସ୍ୱରୂପ ତାଙ୍କୁ ୨୦୧୫ରୁ 'ବେଙ୍ଗଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଆର୍କିଟେକ୍‌ଚର ଲାଣ୍ଡସ୍କେପ୍‌ସ ଆଣ୍ଡ୍ ସେଟଲ୍‌ମେଣ୍ଟସ' ଏକାଡେମିକ୍ ପ୍ରୋଗ୍ରାମ୍‌ର ନିର୍ଦ୍ଦେଶକ ରଖାଯାଇଆସିଛି। ବାଂଲାଦେଶର ସିଭିଲ୍ ଏଭିଏଶନ ଅଥରିଟି (ସିଏଏ) କାର୍ଯ୍ୟ ଲାଗି ଭାରତର ଶ୍ରେଷ୍ଠ ସ୍ଥପତି ବିଜୟ ଜୈନଙ୍କୁ ନିମନ୍ତ୍ରଣ କରିବା ଲାଗି ୨୦୧୩ରେ ପ୍ରସ୍ତାବ ଦେଇ ସ୍ଥାପତ୍ୟ କଳା ପ୍ରତି ଥିବା ତାଙ୍କ ଗଭୀର ଅନୁରାଗକୁ ବ୍ୟକ୍ତ କରିଥିଲେ।

ତବସୁମ୍ ନୂଆ ପିଢ଼ିର ସ୍ଥାପତ୍ୟ ଭାବନାର ଅନ୍ୟତମ ପ୍ରମୁଖ ବିନ୍ଧାଣି। ସେ କହନ୍ତି ବଜାରଭିତ୍ତିକ ସୌଧ ପରିକଳ୍ପନାରେ କେବଳ ଲାଭଖୋର ମନୋବୃତ୍ତି ନୁହେଁ, ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଅନୁକୂଳ ହୋଇପାରୁଥିବା ପ୍ରକଳ୍ପକୁ ଛିଡ଼ା କରାଇପାରିଲେ ସ୍ଥପତିର ନକ୍ସା ବାସ୍ତବ ରୂପ ନେଇଥାଏ। ମଣିଷର ଜୀବନ୍ତ ଅଭ୍ୟାସ ଓ ଚାହିଦାକୁ ଦେଖି ପୁନଃଭାବନା ଜାଗ୍ରତ ହେବା ଆବଶ୍ୟକ। ବିଶ୍ୱକୁ ବଦଳାଇବା କ୍ଷେତ୍ରରେ ସୂକ୍ଷ୍ମ ପରିବର୍ତ୍ତନ ମୁଖ୍ୟ ହାତୟନ୍ତ୍ରଟି ମଧ୍ୟ ପାଲଟିଯାଇପାରେ। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନକୁ ଦୃଷ୍ଟିରେ ରଖି ସ୍ଥପତିମାନେ ନିଜସ୍ୱ ଚିନ୍ତା ଖଟାଇବା ଦରକାର। ପ୍ରତ୍ୟେକ ପ୍ରକଳ୍ପ ଲାଗି ପ୍ରଚୁର ଗବେଷଣା ଓ ସୂଚନାକୁ ଏକତ୍ର କରାଯିବା ଆବଶ୍ୟକ ହୋଇପଡ଼ିଲାଣି। ତେଣୁ ସେ ସଂଗ୍ରହାଳୟ, ଗୋଷ୍ଠୀ କେନ୍ଦ୍ର ହେଉ ବା ଘରୋଇ ଆବାସସ୍ଥଳୀ ଯାହା କିଛି ପାଇଁ ନକ୍ସା ଦେଇଥାଆନ୍ତି, ସେଥିରେ ପରିବେଶ ଉପଯୋଗୀ ଚିନ୍ତାକୁ ସନ୍ନିବେଶିତ କରିଥାଆନ୍ତି। ବାଂଲାଦେଶର 'ବେ ଅର୍ ରୁଫ୍ ମସ୍କ' ପ୍ରକଳ୍ପ ତାଙ୍କ ଉଲ୍ଲେଖନୀୟ କାର୍ଯ୍ୟକୁ ସୂଚାଇଥାଏ। ସେଥିପାଇଁ ସେ ୨୦୧୬ରେ ସ୍ଥାପତ୍ୟ କ୍ଷେତ୍ରରେ ଆଗା ଖାଁ ପୁରସ୍କାର ପାଇଥିଲେ। ତବସୁମ୍ ଏବେ ଦକ୍ଷିଣ-ପୂର୍ବ ବାଂଲାଦେଶର କକ୍ସ ବଜାର ନିକଟ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ଲାଗି ଖୁବ୍ କମ୍ ଅର୍ଥ ବ୍ୟୟରେ ମୋବାଇଲ ମଡ୍ୟୁଲାର ହାଉସ୍ ନିର୍ମାଣ ଲାଗି କାର୍ଯ୍ୟ କରୁଛନ୍ତି। ଏପରି କି ସ୍ଥାନାନ୍ତରିତ ହୋଇପାରୁଥିବା ବାଉଁଶ କୁଡ଼ିଆ ନିର୍ମାଣ କରି ଯୋଗାଇ ଦେବାରେ ତାଙ୍କର ଅବଦାନ ରହିଛି। ଏଭଳି ମାନବୀୟ କାର୍ଯ୍ୟ ସହ ପରିବେଶ ଉପଯୋଗୀ ସ୍ଥାପତ୍ୟ ଶିଳ୍ପ ସକାଶେ ଉପାଦେୟ ନକ୍ସା ଦେବାରେ ତବସୁମ୍ ଅଗ୍ରଧାବିକା ପାଲଟିଯାଇଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କେରଳର ଦମ୍ପତି ଶିବ ସ୍ୱାମୀ ଓ ମହାଲକ୍ଷ୍ମୀ ଅସହାୟ ପିଲାମାନଙ୍କ ଶିକ୍ଷା ପାଇଁ ସବୁକିଛି ସମର୍ପଣ କରିଦେଇଛନ୍ତି। କୋଏମ୍ବାଟୁରର ପଚପଳୟମ୍‌ରେ ରହୁଥିବା ଏହି ଦମ୍ପତି 'କଲଭି ଥୁନାଇ' ସଂସ୍ଥା ଗଢ଼ି ଏବେ ସୁଦ୍ଧା ୧୦୦୦ରୁ ଊର୍ଦ୍ଧ୍ୱ ଅସହାୟ ପିଲାଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ କରିସାରିଲେଣି । ସେମାନଙ୍କ ମଧ୍ୟରୁ ୩୫୦ ଜଣ ବି ଚାକିରି କରିଛନ୍ତି। ୨୦୧୪ରେ ଉଭୟେ ଏହି ସଂସ୍ଥା ଗଢ଼ିଥିଲେ। ଏଠାରେ ପିଲାମାନଙ୍କ ସ୍କୁଲ୍ ଟାସ୍କ କରାଇବା, ବିଷୟ ଉପରେ ଥିବା ଦ୍ୱନ୍ଦ୍ୱ ଦୂର କରିବା ସହ ଅନ୍ୟ କାର୍ଯ୍ୟକଳାପ ଉପରେ ଧ୍ୟାନ ଦିଆଯାଉଛି। ଏଠାରେ ଚତୁର୍ଥରୁ ଦ୍ୱାଦଶ ଯାଏ ପିଲାଙ୍କୁ ପଢ଼ାଯାଉଛି। ଏବେ ମୋଟ ୧୩୬ ଜଣ ପିଲା ପଢୁଛନ୍ତି। ଦୁଇଟି ବ୍ୟାଚ୍‌ରେ ଶିକ୍ଷା ଦିଆଯାଉଛି। ପିଲାମାନେ ୪ଟାରୁ ୮ଟା ଯାଏ ଓ ଅନ୍ୟମାନେ ୯ଟାରୁ ୧୨ଟା ଯାଏ ପଢୁଛନ୍ତି। ଏଥିପାଇଁ ୧୧ ଜଣଙ୍କୁ ସବୈତନିକ ନିଯୁକ୍ତି ଦିଆଯାଇଛି। ସ୍କୁଲ ନିର୍ମାଣଠାରୁ ଆରମ୍ଭ କରି ଅନ୍ୟ ସବୁ କାର୍ଯ୍ୟରେ ଏ ବାବଦରେ ସେମାନେ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି। ଯେଉଁ ପିଲାମାନେ ପଢାଛାଡ଼ି ଅନ୍ୟ କାର୍ଯ୍ୟ କରୁଛନ୍ତି ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ବି ସାମିଲ କରୁଛନ୍ତି ଏହି ଦମ୍ପତି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଅଗଷ୍ଟ ୧୯୯୭

- ଆସାମ ରାଜ୍ୟପାଳ ଭାବେ ଭାରତୀୟ ପଦାତିକ ବାହିନୀର ପୂର୍ବତନ ଉପମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏସ୍.କେ. ସିହ୍ନା ନିଯୁକ୍ତ।
- ସଙ୍ଗୀତ ସାମ୍ରାଜ୍ଞୀ ଲତା ମଙ୍ଗେସ୍‌କରଙ୍କୁ 'ରାଜୀବ ଗାନ୍ଧୀ ସଦ୍‌ଭାବନା ପୁରସ୍କାର' ପ୍ରଦାନ।
- ଚୀନ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଷ୍ଟେଟ୍ କାଉନ୍‌ସିଲ ପକ୍ଷରୁ ବିଦେଶୀ ପାଣ୍ଠି ବିନିଯୋଗରେ ପ୍ରତିଷ୍ଠିତ ଟେଲିଭିଜନ ଓ ରେଡିଓ କେନ୍ଦ୍ର ଉପରେ କଟକଣା ଜାରି।

## ପାଠକ ଶ୍ରେଷ୍ଠ ବିଚାରକ

### ଗୌରବ ଫେରାଇ ଅଣାଯାଉ

ମହାଶୟ,

ଆଗରୁ କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକର ଯଥେଷ୍ଟ ସୁନାମ ଥିଲା। ବିଶେଷକରି ମାଟ୍ରିକ ଓ ଯୁକ୍ତ ୨ରେ ଛାତ୍ରୀଛାତ୍ରମାନେ ଟପ୍ପର ସ୍ଥାନ ଅଧିକାର କରୁଥିଲେ। ରାଜ୍ୟ ସରକାର ଏଥିରେ ଅନୁପ୍ରାଣୀତ ହୋଇ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଉଦ୍ୟମ ଆରମ୍ଭ କଲେ। ମାତ୍ର ପରିତାପର ବିଷୟ, ଏବେ ବେସରକାରୀ ବିଦ୍ୟାଳୟ ପିଲାଏ ଉପରୋକ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଟପ୍ପର ସ୍ଥାନର ଅଧିକାରୀ ହେଉଛନ୍ତି। ସେଥିପାଇଁ ଅଭିଭାବକମାନଙ୍କ ମନରେ ନାନା ପ୍ରଶ୍ନବାଚୀ ଉଙ୍କି ମାରୁଛି। ତାହାଛଡ଼ା କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକର ସ୍ଥିତି ଯଥେଷ୍ଟ ଉନ୍ନତ। ଉକ୍ତ ବିଦ୍ୟାଳୟଗୁଡ଼ିକରେ ଦକ୍ଷ ଶିକ୍ଷକମାନେ ଭରପୂର ହୋଇ ରହିଛନ୍ତି। ଶିକ୍ଷାର ପରିବେଶ ମଧ୍ୟ ମନ୍ଦ ନୁହେଁ। ଏତେ ସତ୍ତ୍ୱେ କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକର ପରୀକ୍ଷା ଫଳାଫଳ ଉନ୍ନତ ପରିଲକ୍ଷିତ ନ ହେବା ଦୁର୍ଭାଗ୍ୟର କଥା। ତେବେ ପୂର୍ବ ଗୌରବକୁ ଫେରାଇ ଆଣିବା ନିମନ୍ତେ କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ।

–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

## ଚିରନ୍ତନୀ

ବିରହ ମିଳନ ଶୁଭଇ ଛଳନା ସମ
ତଥାପି ତୋ ରୂପେ ଲୋଲୁପ ପରାଣ ମମ
ତଥାପି ରସନା ଡାକିବାକୁ ଖୋଜେ ତୋତେ
''ଜୀବନ ଦୋସର ପରାଣର ପ୍ରିୟତମ।''
(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଚଳିତ ବର୍ଷ ବୃଦ୍ଧି ପାଇବ ଖାଦ୍ୟଶସ୍ୟ ଉତ୍ପାଦନ

**ନୂଆଦିଲ୍ଲୀ,୨୦।୮**

ଚଳିତ ବର୍ଷ ଦେଶର ଖାଦ୍ୟଶସ୍ୟ ଉତ୍ପାଦନ ପୂର୍ବ ବର୍ଷଠାରୁ ରେକର୍ଡ ପରିମାଣରେ ବୃଦ୍ଧି ପାଇବ ବୋଲି କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆକଳନ କରାଯାଇଛି। ମନ୍ତ୍ରଣାଳୟର ସୂଚନା ଅନୁସାରେ ୨୦୨୨-୨୩ ରେ ଦେଶର ଖାଦ୍ୟଶସ୍ୟ ଉତ୍ପାଦନ ରେକର୍ଡ ସାଙ୍ଗକୁ ଘରୋଇ ବଜାରରେ ମଧ୍ୟ ଏହାର ଚାହିଦା ବଢ଼ିବ। ଫଳରେ ଦେଶର ମୁଦ୍ରାସ୍ଫୀତି କିଛି ପରିମାଣରେ ସୁଧାର ସାଙ୍ଗକୁ ଅର୍ଥନୈତିକ କାରବାରରେ ମଧ୍ୟ ଭଲ ଫଳାଫଳ ପ୍ରଦାନ କରିବ। ସରକାରୀ ରିପୋର୍ଟ ଅନୁସାରେ ୨୦୨୧-୨୨ ରେ ଚାଉଳ, ଗହମ ଏବଂ ଡାଲି ସମେତ ଅନ୍ୟାନ୍ୟ ଖାଦ୍ୟଶସ୍ୟ ଉତ୍ପାଦନ ରେକର୍ଡ ୩୧୫.୭ ନିୟୁତ ଟନ୍ ଛୁଇଁବ। ସେହିପରି ୨୦୨୦-୨୧ ତୁଳନାରେ ଏହା ୪.୯୮ ନିୟୁତ ଟନ୍ ଅଧିକ ବୋଲି ଜଣାପଡ଼ିଛି। ଅପରପକ୍ଷରେ ଖାଦ୍ୟ ଏବଂ କୃଷି ସଂସ୍ଥାନ (ଏଫ୍ଏଓ)ର ଖାଦ୍ୟ ଦର ସୂଚକାଙ୍କ ୨୦୨୨ରେ ୧୩.୮%କୁ ବୃଦ୍ଧି ପାଇଛି।



ନରେନ୍ଦ୍ର ସିଂ ତୋମାର

ଘରୋଇ ବଜାରରେ ଯୋଗାଣ ଅଭାବ ସ୍ଥିତି ଉପୁଜିଥିଲା। ଫଳରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ରପ୍ତାନି ଉପରେ ମଧ୍ୟ କଟକଣା ଲାଗୁ କରିଥିଲେ। ତେବେ ରପ୍ତାନି କଟକଣା ପୂର୍ବରୁ ଅର୍ଥାତ୍ ଜାନୁୟାରୀ-ଏପ୍ରିଲରେ ଦେଶର ହାରାହାରି ଗହମ ରପ୍ତାନି ପରିମାଣ ୯୦୩,୬୯୦ ଟନ୍ ଥିଲା, ଯାହାକି ୨୦୨୧ ତୁଳନାରେ ଅନେକ ମାତ୍ରାରେ ଅଧିକ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ୨୦୨୧ରେ ଦେଶରୁ ମୋଟ ୫୧୫,୬୬୭ ଟନ୍ ଗହମ ରପ୍ତାନି ହୋଇଥିଲା। ଟଙ୍କାର ବିନିମୟ ମୂଲ୍ୟ ଖସିବା ସମୟରେ ଅନ୍ତର୍ଜାତୀୟ ବଜାରରେ ଖାଇବା ତେଲର ବର୍ଦ୍ଧିତ ଦର ଆମଦାନୀ ବିଲ୍ ବଢ଼ାଇଥିଲା। ଖାଦ୍ୟ ମୁଦ୍ରାସ୍ଫୀତି ଉପରେ ଏହାର ପ୍ରଭାବ ପଡ଼ିଥିବା ରେଟିଂ ଏଜେନ୍ସି କ୍ରିସିଲ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ ମଧ୍ୟ ଉଲ୍ଲେଖ କରାଯାଇଛି। ତେବେ ୨୦୨୧-୨୨ରେ ଉତ୍ପାଦନ ହେବାକୁ ଥିବା ୩୧୫.୭ ନିୟୁତ ଟନ୍ ଖାଦ୍ୟଶସ୍ୟ ୨୦୧୬-୧୭ରୁ ୨୦୨୦-୨୧ ପର୍ଯ୍ୟନ୍ତ ୫ ବର୍ଷରେ ଦେଶର ହାରାହାରି ଖାଦ୍ୟଶସ୍ୟ ଉତ୍ପାଦନ ତୁଳନାରେ ୨୫ ନିୟୁତ ଟନ୍ ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତୁତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଆଲୋଚ୍ୟ ଆର୍ଥିକ ବର୍ଷରେ ରେକର୍ଡ ୧୩୦.୨୯ ନିୟୁତ ଟନ୍ ଚାଉଳ ଏବଂ ୧୦୬.୮୪ ନିୟୁତ ଟନ୍ ଗହମ ଉତ୍ପାଦନ ହେବ ବୋଲି କୃଷି ମନ୍ତ୍ରଣାଳୟ ପକ୍ଷରୁ ଆକଳନ କରାଯାଇଛି। ଗତ ୫ ବର୍ଷର ହାରାହାରି ବାର୍ଷିକ ଉତ୍ପାଦନ ତୁଳନାରେ ଏହା ୩.୮୭ ନିୟୁତ ଟନ୍ ଅଧିକ ରହିବ। ନରେନ୍ଦ୍ର ମୋଦି ସରକାରଙ୍କ ଚାଷୀ ଅନୁକୂଳ ନୀତି, କୃଷକମାନଙ୍କ କଠିନ ପରିଶ୍ରମ ଏବଂ ବୈଜ୍ଞାନିକମାନଙ୍କ ଉଦ୍ୟମ ଯୋଗୁ ରେକର୍ଡ ଖାଦ୍ୟଶସ୍ୟ ଉତ୍ପାଦନ ହେବ ବୋଲି କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ତେଲଙ୍ଗାନା, ଓଡ଼ିଶା, ଛତିଶଗଡ଼, ଆସାମ, କର୍ନାଟକ, ଆନ୍ଧ୍ରପ୍ରଦେଶ ଏବଂ ହରିୟାଣା ଭଳି ଚାଉଳ ଉତ୍ପାଦନକାରୀ ରାଜ୍ୟରେ କମ୍ ବିହନ ବୁଣାଯାଇଛି। ଏଥିମଧ୍ୟରୁ ଅଧିକାଂଶ ରାଜ୍ୟରେ ଏ ବର୍ଷ ଅଭାବୀ ବର୍ଷା ଦେଖାଦେଇଛି।

# ଅଗଷ୍ଟ ୨୫ରୁ 'ପ୍ରୋପ୍ୟାକ୍ ଓଡ଼ିଶା'

**କଟକ,୨୦।୮**

ରାଜ୍ୟର ପ୍ରମୁଖ କ୍ଷୁଦ୍ରଶିଳ୍ପ ସଂଘ 'ଓଡ଼ିଶା ଆସେମ୍ବ୍ଲି ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ୍ (ଓସ୍‌ମେ) ପକ୍ଷରୁ ଏକ ୪ ଦିନିଆ ପ୍ରଦର୍ଶନୀ ଓ କର୍ମଶାଳା ଭିତ୍ତିକ କାର୍ଯ୍ୟକ୍ରମ 'ପ୍ରୋପ୍ୟାକ୍ ଓଡ଼ିଶା-୨୦୨୨'ର ଆୟୋଜନ କରାଯାଉଛି। ଚଳିତ ମାସ ୨୫ ରୁ ୨୮ତାରିଖ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକ୍ରମ ଭୁବନେଶ୍ୱରର ଜନତା ମଇଦାନଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷରେ ଓସ୍‌ମେ ପକ୍ଷରୁ ଶନିବାର ସ୍ଥାନୀୟ ଖପୁରିଆ ଶିଳ୍ପାଞ୍ଚଳସ୍ଥିତ ଓସ୍‌ମେ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ଓସ୍‌ମେର ଅଧ୍ୟକ୍ଷ ଗୌରୀଶଙ୍କର ଦାଶ, ମହାସଚିବ ସାତ୍ତ୍ୱିକ ସ୍ୱାଇଁ, ଅତିରିକ୍ତ ମହାସଚିବ ଅଭିଳାଷ ଦାଶ, ଅର୍ଥ ସଚିବ ଆଦିକନ୍ଦ ରାଉତ ଏବଂ ଓସ୍‌ମେର ମହିଳା ଶାଖାର ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାନ୍ତିଙ୍କ ସମେତ ସଂଘର ଅନ୍ୟ କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ରହି ପ୍ରଦର୍ଶନୀ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏପରିକି କେନ୍ଦ୍ର ସରକାରଙ୍କ ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗର ସହଯୋଗରେ ଓସ୍‌ମେ ଏଭଳି ଏକ ବୃହତ୍ କାର୍ଯ୍ୟକ୍ରମର ପରିକଳ୍ପନା କରିପାରିଛି। ଏଥିରେ ମଧ୍ୟ ଉଭୟ ସରକାରୀ ଓ ବେସରକାରୀ ବର୍ଗର ବିଭିନ୍ନ ସଂସ୍ଥା ମଧ୍ୟ ମିଳିତ ସହଯୋଗ ପ୍ରଦାନ କରିଛନ୍ତି। ଏହା ପୂର୍ବ ଭାରତର ସର୍ବବୃହତ୍ ଏବଂ ଓଡ଼ିଶାର ପ୍ରଥମ ପ୍ୟାକେଜିଂ, ଖାଦ୍ୟ ପ୍ରକ୍ରିୟାକରଣ, ପ୍ରିଣ୍ଟିଂ ଏବଂ କନଭର୍ଟିଂ ପ୍ରଦର୍ଶନୀ ହେବ ବୋଲି ଓସ୍‌ମେ ପକ୍ଷରୁ କୁହାଯାଇଛି।

ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ କେନ୍ଦ୍ର ଏମ୍ଏସ୍ଏମ୍ଇ ରାଷ୍ଟ୍ରମନ୍ତ୍ରୀ ଭାନୁ ପ୍ରତାପ ସିଂ ବର୍ମା, କେନ୍ଦ୍ର ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟର ସଚିବ ବି.ବି.ସ୍ୱାଇଁ, ରାଜ୍ୟ ଏମ୍ଏସ୍ଏମ୍ଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏବଂ ଶିଳ୍ପ ସଚିବ ହେମନ୍ତ କୁମାର ଶର୍ମା, ଏମ୍ଏସ୍ଏମ୍ଇ ସଚିବ ରଞ୍ଜନା ଚୋପ୍ରା ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ବ୍ୟକ୍ତିବିଶେଷ ଯୋଗଦେବେ ବୋଲି ଜଣାପଡ଼ିଛି।

ଉକ୍ତ କାର୍ଯ୍ୟକ୍ରମରେ ସମଗ୍ର ଦେଶରୁ ଏମ୍ଏସ୍ଏମ୍ଇ ଉଦ୍ୟୋଗୀମାନେ ଯୋଗ ଦେବେ। ବିଶେଷକରି ଫୁଡ୍, ଡ୍ରିଙ୍କ୍, ଫାର୍ମା, କସ୍‌ମେଟିକ୍ସ, ବ୍ୟକ୍ତିଗତ ଏବଂ ପାରିବାରିକ ସାମଗ୍ରୀର ପ୍ରୋସେସିଂ ଏବଂ ପାରିବାରିକ ଓ ଅଂଶୀଦାରମାନଙ୍କର ଏକ ବଡ଼ ସମାଗମ ହେବ। ଉକ୍ତ ପ୍ରଦର୍ଶନୀରେ ମୋଟ ୧୫୦ ଷ୍ଟଲ୍ ସାଙ୍ଗକୁ ଦୈନିକ ୫ହଜାରରୁ ଊର୍ଦ୍ଧ୍ୱ ବାଣିଜ୍ୟିକ ପରିଦର୍ଶନକାରୀ ମଧ୍ୟ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହା ବାଦ୍ ଏମ୍ଏସ୍ଏମ୍ଇର ବିଭିନ୍ନ ଦିଗ ଉପରେ ପ୍ରତିଦିନ ସେମିନାର ଏବଂ ଉଲ୍ଲେଖନୀୟ ଯୋଗଦାନ ରଖୁଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବା କାର୍ଯ୍ୟକ୍ରମ ମଧ୍ୟ ରହିଛି। ଏହି ବିଜ୍‌ନେସ ଟୁ ବିଜ୍‌ନେସ ପ୍ରଦର୍ଶନୀ କମ୍ପାନୀଗୁଡ଼ିକ ଲାଗି ବାଣିଜ୍ୟିକ ପ୍ଲାଟ୍‌ଫର୍ମ ଯୋଗାଇବା ଦିଗରେ କାମ କରିବ ବୋଲି ଓସ୍‌ମେ ପକ୍ଷରୁ ଆଶା କରାଯାଉଛି।

ଜନ୍ମଦିନର ଶୁଭେଚ୍ଛା



ରିଙ୍କୁ
ନୂଆ ହିନ୍ଦୋଳ, ଢେଙ୍କାନାଳ
ଜନ୍ମଦିନର ଅନେକ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ତୁମ ଉପରେ ସର୍ବଦା ରହିଥାଉ। ତୁମର ନିଜ କାମ ପ୍ରତି ନିଷ୍ଠା ଏବଂ ଭଲପାଇବା ଆମ ସମସ୍ତଙ୍କ ପାଇଁ ପ୍ରେରଣା ହେଉ, ଈଶ୍ୱରଙ୍କ ନିକଟରେ ଏତିକି ପ୍ରାର୍ଥନା ତୁମର ସବୁ ସ୍ୱପ୍ନ ସେ ପୂରଣ କରନ୍ତୁ।
ଧ-୭୪୦୦୫

## ରିଅଲ୍‌ମିର ନୂତନ ଉତ୍ପାଦ ଉନ୍ମୋଚିତ

**ନୂଆଦିଲ୍ଲୀ,୨୦।୮**

ରିଅଲ୍‌ମିର ନୂତନ ଉତ୍ପାଦଗୁଡ଼ିକ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି ଏହାର ହିୟରେବୁଲ୍ସ ପୋର୍ଟଫୋଲିଓରେ ରିଅଲ୍‌ମି ଟେକ୍‌ଲାଇଫ୍ ବଡ୍ସ ଟି୧୦୦ ସହ ନୂତନ ସ୍ମାର୍ଟଫୋନ୍ ରିଅଲ୍‌ମି ୯ଆଇ ୫ଜିର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ରିଅଲ୍‌ମି ୯ଆଇ ୫ଜିର ମୂଲ୍ୟ ୪ଜିବି+୬୪ଜିବି ପାଇଁ ୧୪,୯୯୯ ଟଙ୍କା ଏବଂ ୬ଜିବି+୧୨୮ଜିବି ପାଇଁ ୧୬,୯୯୯ ଟଙ୍କା ରହିଛି। ସେହିଭଳି ରିଅଲ୍‌ମି ଟେକ୍‌ଲାଇଫ୍ ବଡ୍ସ ଟି୧୦୦ ୨ଟି ରଙ୍ଗ ଯଥା ବ୍ଲାକ୍ ଓ ବ୍ଲୁରେ ଉପଲବ୍ଧ। ଏହାର ମୂଲ୍ୟ ୧,୪୯୯ ଟଙ୍କା ରହିବ।

ଏ ସମ୍ପର୍କରେ ରିଅଲ୍‌ମି ଇଣ୍ଡିଆର ସିଇଓ ମାଧବ ସେଠ୍ କହିଛନ୍ତି, ଆମେ ଚଳିତ ବର୍ଷ ଭାରତରେ ଏକ ୫ଜି ଡେମୋକ୍ରାଟାଇଜରରେ ପରିଣତ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛୁ ଏବଂ ରିଅଲ୍‌ମି ୯ଆଇ ୫ଜି ହେଉଛି ସେହି ଦିଗରେ ଏକ ପ୍ରମୁଖ ପଦକ୍ଷେପ। ଆମର ଟିମ୍‌ଗୁଡ଼ିକ ଏଆଇଓଟି ପୋର୍ଟଫୋଲିଓରେ ନୂଆ ଉଦ୍ଭାବନ ଆଣିବା ଦିଗରେ ନିରନ୍ତର କାର୍ଯ୍ୟ କରୁଛନ୍ତି ଏବଂ ରିଅଲ୍‌ମି ଟେକ୍‌ଲାଇଫ୍ ବଡ୍ସ ଟି୧୦୦ ହେଉଛି ଏହାର ଉପଯୁକ୍ତ ଉଦାହରଣ।

## ହ୍ରାସ ପାଉଛି ସିନେୱାର୍ଲଡର ଶେୟାର

**ନୂଆଦିଲ୍ଲୀ,୨୦।୮**

ବିଶ୍ୱର ୨ୟ ସର୍ବବୃହତ୍ ସିନେମା ଅପରେଟର ଆମେରିକାର ସିନେୱାର୍ଲଡର ଶେୟାର ହ୍ରାସ ପାଉଛି। ଫଳରେ କମ୍ପାନୀ ନିଜକୁ ଦେବାଳିଆ ଘୋଷଣା କରିବା ପାଇଁ ସରକାରଙ୍କ ନିକଟରେ ଆବେଦନ କରିବାକୁ ଯୋଜନା କରୁଛି। ୱାଲ୍ ଷ୍ଟ୍ରିଟ୍ ଜର୍ନାଲର ରିପୋର୍ଟ ଅନୁସାରେ କମ୍ପାନୀ ଆମେରିକା ଏବଂ ବ୍ରିଟେନରେ ବ୍ୟାଙ୍କରପ୍ସି ପ୍ରୋସେସ ଉପରେ ପରାମର୍ଶ ଦେବା ପାଇଁ କ୍ରିକ୍‌ଲ୍ୟାଣ୍ଡ ଏବଂ ଏଲିସ ଏଲ୍ଏଲ୍‌ପିର ଆଇନଜୀବୀ ଏବଂ ଏଲିକ୍ସାପାର୍ଟର୍ସଙ୍କୁ ପରାମର୍ଶଦାତା ନିଯୁକ୍ତ କରିଛି। କ୍ରମାଗତ ଭାବେ ସିନେୱାର୍ଲଡ ଗ୍ରୁପ୍‌ର କମ୍ପାନୀ ପିଏଲ୍‌ସିର ଶେୟାର ଖସି ୮୨%ରେ ପହଞ୍ଚିଛି।

# ହୋଣ୍ଡା ଆକ୍ଟିଭାର ପ୍ରିମିୟମ ଏଡିଶନ ଉନ୍ମୋଚିତ

**ନୂଆଦିଲ୍ଲୀ,୨୦।୮**

ଦେଶର ପ୍ରମୁଖ ୨ଚକିଆ ଯାନ ନିର୍ମାତା କମ୍ପାନୀ 'ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍'ର ବହୁ ପ୍ରତୀକ୍ଷିତ ତଥା ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଇଥିବା ହୋଣ୍ଡା ଆକ୍ଟିଭାର ପ୍ରିମିୟମ ଏଡିଶନ ନିକଟରେ ଉନ୍ମୋଚନ କରାଯାଇଥିଲା। ଏପରିକି ଗତ ୨ ଦଶନ୍ଧି ଧରି ଭରସାଯୋଗ୍ୟ ଓ ଅଦମ୍ୟ ଆକର୍ଷଣ ଜରିଆରେ ନିୟୁତାଧିକ ଗ୍ରାହକଙ୍କୁ ଉଲ୍ଲସିତ କରୁଥିବା ହୋଣ୍ଡା ଆକ୍ଟିଭାର ସମ୍ପୂର୍ଣ୍ଣ ନୂଆ ୨୦୨୨ ଆକ୍ଟିଭା ପ୍ରିମିୟମ ଏଡିଶନର ବଜାର ପ୍ରବେଶ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି।



ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ଆତସୁସି ଓଗାତା କହିଛନ୍ତି, ସାମ୍ନାରୁ ନେତୃତ୍ୱ ନେଇ ହୋଣ୍ଡା ଆକ୍ଟିଭା ଏହାର ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତୀକରଣ ଆକର୍ଷଣ ସହ ଦେଶର ସବୁ ବୟସ ବର୍ଗର ଚାଳକଙ୍କ ଆବଶ୍ୟକତା ପୂରଣ କରୁଛି। ଗତ ୨ ଦଶନ୍ଧିରେ ଆକ୍ଟିଭା ବ୍ରାଣ୍ଡରେ କେବଳ ପ୍ରଯୁକ୍ତି ଅଭ୍ୟୁଦୟ ହୋଇନାହିଁ ବରଂ ଏହାର ଡିଜାଇନ ଆକର୍ଷଣରେ ମଧ୍ୟ ଉନ୍ନତି ହୋଇଛି। ଏହା ପ୍ରତି ନୂଆ ଅପ୍‌ଡେଟ୍ ସହ ଆହୁରି ଆକର୍ଷଣୀୟ ଓ ଟ୍ରେଣ୍ଡି ହୋଇପାରିଛି। ୨୦୨୨ ପ୍ରିମିୟମ ଏଡିଶନ ସହ ଆମେ ସମ୍ପୂର୍ଣ୍ଣ ନୂଆ ଅବତାରରେ ଆକ୍ଟିଭାକୁ ଆଣିଥିବାରୁ ଉଲ୍ଲସିତ। ଏହାର ଗ୍ରାହକମାନଙ୍କୁ ସୁବର୍ଣ୍ଣ ସ୍ପର୍ଶ ସହ ଅତୁଳନୀୟ ସମୃଦ୍ଧିର ପ୍ରତିଶ୍ରୁତି ପ୍ରଦାନ କରୁଛି।

ଆକ୍ଟିଭା ପ୍ରିମିୟମ ଏଡିଶନ ୩ଟି ଆକର୍ଷଣୀୟ ରଙ୍ଗ-ମ୍ୟାଟ୍ ସାଙ୍ଗ୍ରିଆ ରେଡ୍ ମେଟାଲିକ୍, ମ୍ୟାଟ୍ ମାର୍ସଲ୍ ଗ୍ରିନ୍ ମେଟାଲିକ୍ ଓ ପର୍ଲ ସାଇରନ୍ ବ୍ଲୁ ରଙ୍ଗରେ ଉପଲବ୍ଧ ହେଉଛି। ସମ୍ପୂର୍ଣ୍ଣ ନୂଆ ଆକ୍ଟିଭା ପ୍ରିମିୟମ ଏଡିଶନ କେବଳ ଡିଲକ୍ସ ଭାରିଆଣ୍ଟରେ ଉପଲବ୍ଧ ହେବ ଏବଂ ଏହାର ମୂଲ୍ୟ (ଏକ୍ସ ଶୋ'ରୁମ୍, ଦିଲ୍ଲୀ) ୭୫,୪୦୦ ଟଙ୍କା ରହିଛି।

## ଶୁଭଲକ୍ଷ୍ମୀ ସମବାୟ ସମିତିକୁ ସମ୍ମାନିତ କରିଛି ବେଦାନ୍ତ

**ଭୁବନେଶ୍ୱର,୨୦।୮**

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ କେନ୍ଦ୍ର ସରକାର 'ହର୍ ଘର୍ ତ୍ରିରଙ୍ଗା' ନାମରେ ଏକ ସ୍ୱତନ୍ତ୍ର ଉତ୍ସବ ପାଳନ କରିବାକୁ କହିଥିଲେ। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମ ସହଯୋଗରେ ଭାରତର ବୃହତ୍ ଗ୍ରାମୀଣ ମହିଳା ସମବାୟ ସମିତି 'ଶୁଭଲକ୍ଷ୍ମୀ ସମବାୟ ସମିତି'ର ସଦସ୍ୟାମାନେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଜନସାଧାରଣଙ୍କ ପାଇଁ ଜାତୀୟ ପତାକା ପ୍ରସ୍ତୁତ କରିଥିଲେ। ଅପରପକ୍ଷରେ ବେଦାନ୍ତ ଆଲୁମିନିୟମର କର୍ମଚାରୀ ଏବଂ ସ୍ୱେଚ୍ଛାସେବୀମାନେ ସ୍ୱେଚ୍ଛାକୃତ ଭାବେ ଘର ଘର ବୁଲି ଲୋକମାନଙ୍କୁ ତ୍ରିରଙ୍ଗା ବଣ୍ଟନ କରିଥିଲେ। ଏହି ପତାକାଗୁଡ଼ିକୁ ଶୁଭଲକ୍ଷ୍ମୀ ମହିଳା ସମିତି ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ସମିତିର ସଦସ୍ୟାଙ୍କ ଅବଦାନକୁ ସମ୍ମାନ ଜଣାଇ କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ସେମାନଙ୍କୁ ସମ୍ମାନିତ କରିଥିଲା। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ଜାତୀୟ ପତାକାକୁ ଅତି ଯତ୍ନର ସହ ଏହି ମହିଳାମାନେ ସିଲେଇ କରିଥିଲେ। ଫଳରେ ସମିତିର ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ପତାକା ଝାରସୁଗୁଡ଼ାର ହଜାର ହଜାର ଘର ଉପରେ ଉଡୁଥିବା ଦେଖି ଆମେ ଗର୍ବିତ। ସେହିଭଳି ଆମେ ସ୍ଥାନୀୟ ଗୋଷ୍ଠୀର ଉନ୍ନତି ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ।

## ରାଜ୍ୟ ଖବର

### ଛତୁ ତରକାରି ଖାଇ ପରିବାରର ୫ ଗୁରୁତର

**ସମ୍ବଲପୁର,୨୦।୮(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ମନ୍ଦଲିଆରେ ଶନିବାର ଛତୁ ତରକାରି ଖାଇ ଗୋଟିଏ ପରିବାରର ୫ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଜିଲା ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଗୋବର୍ଦ୍ଧନ ଦାସ, ସ୍ତ୍ରୀ ବିଶାଖା, ପୁଅ ବିଶାଳ, ବୋହୂ ଛାୟା ଓ ପୁଅ ବିରାଟ। ଗୋବର୍ଦ୍ଧନ ମହାନଦୀ କୂଳରେ ଫୁଟିଥିବା ଛତୁ ତୋଳି ଘରକୁ ଆଣିଥିଲେ। ଘରେ ରୋଷେଇ କରି ପରବାର ସଦସ୍ୟମାନେ ମଧ୍ୟାହ୍ନ ଭୋଜନରେ ଖାଇଥିଲେ। ଅପରାହ୍ନ ୪ଟା ସମୟରେ ବାନ୍ତି ହୋଇ ଜଣକ ପରେ ଜଣେ ଗୁରୁତର ହୋଇପଡ଼ିଥିଲେ। ଏହା ଜାଣିବା ପରେ ସମ୍ପର୍କୀୟମାନେ ସେମାନଙ୍କୁ ଜିଲା ସଦର ଡାକ୍ତରଖାନାକୁ ନେଇଥିଲେ। ଗୋବର୍ଦ୍ଧନ କହିବା ଅନୁଯାୟୀ ପ୍ରତିବର୍ଷ ଏଭଳି ବାହାରେ ହେଉଥିବା ଛତୁ ଆଣି ଖାଇଥାଉ। ଶନିବାର ମଧ୍ୟ ଛତୁ ତରକାରି କରି ଖାଇଥିଲୁ। କିଛିଘଣ୍ଟା ପରେ ଏଭଳି ଅବସ୍ଥା ହୋଇଥିବା ସେ କହିଥିଲେ।

### ଚେନ୍ନାଇରେ ଆଇଆଇଟି ଛାତ୍ରୀ ମୃତ

**ସମ୍ବଲପୁର,୨୦।୮(ବ୍ୟୁରୋ):** ସମ୍ବଲପୁର ଅଇଁଠାପାଲି ଥାନା ଏସ୍ଆର୍ଆଇଟି କଲୋନୀ ନିବାସୀ ଆଇଆଇଟି ଛାତ୍ରୀ ମେଘାଶ୍ରୀ ପ୍ରଧାନଙ୍କ ମୃତଦେହ ଚେନ୍ନାଇସ୍ଥିତ ଆବୁଡ଼ି ସେକ୍ସନ ରେଳଧାରଣାରୁ ସ୍ଥାନୀୟ ପୋଲିସ ଉଦ୍ଧାର କରିଛି। ଶନିବାର ତାଙ୍କ ମୃତଦେହ ସମ୍ବଲପୁର ଅଣାଯାଇ ରାଜଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏସ୍ଆର୍ଆଇଟି କଲୋନୀରେ ରହୁଥିବା ସ୍ୱର୍ଗତ ଡା. ମୋହନ ପ୍ରଧାନଙ୍କ କନ୍ୟା ହେଉଛନ୍ତି ମେଘାଶ୍ରୀ। ସେ ଚେନ୍ନାଇ ଆଇଆଇଟି ଛାତ୍ରୀ ଥିଲେ। ଅଗଷ୍ଟ ୧୬ରେ ସେ ଆଇଆଇଟି ମାଡ୍ରାସରେ ପୋଷ୍ଟ ଡକ୍ଟରାଲରେ ଗବେଷଣା କରିବା ପାଇଁ ଯୋଗଦାନ କରିଥିଲେ। ଭଡ଼ାଘର ପାଇଁ ସେଠାରେ ଖୋଜାଖୋଜି କରୁଥିଲେ। ଅଗଷ୍ଟ ୧୭ରେ ଶେଷଥର ପାଇଁ ସେ ପରିବାରବର୍ଗଙ୍କ ସହିତ କଥା ହୋଇ ଭଡ଼ାଘର ଖୋଜିବାକୁ ଯାଉଥିବା କହିଥିଲେ। ହେଲେ ପରେ ତାଙ୍କ ସହ ପରିବାର ଲୋକଙ୍କ ଯୋଗାଯୋଗ ହୋଇପାରି ନ ଥିଲା। ୧୮ତାରିଖରେ ଚେନ୍ନାଇର ଆଭାଡ଼ି ରେଲୱେ ପୋଲିସ ପରିବାର ବର୍ଗଙ୍କୁ ମେଘାଶ୍ରୀଙ୍କ ମୃତଦେହ ରେଳଧାରଣାରୁ ମିଳିଥିବା ସୂଚନା ଦେଇଥିଲା।

# ଖରିଫ ଫସଲର ସ୍ଥିତି, ପ୍ରାଣୀଧନ ସୁରକ୍ଷା ସମୀକ୍ଷା ବୈଠକ

**ଭୁବନେଶ୍ୱର,୨୦।୮(ବ୍ୟୁରୋ)**

- ଅଗଷ୍ଟ ୨୭ ସୁଦ୍ଧା କ୍ଷୟକ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ
- ପ୍ରାଣୀ ଚିକିତ୍ସା, ଟିକାକରଣକୁ ମନ୍ତ୍ରୀଙ୍କ ଗୁରୁତ୍ୱ

ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆରସି)ଙ୍କ ଦ୍ୱାରା ଜାରି କରାଯାଇଥିବା ଏନ୍‌ଡିଆର୍ଏଫ୍/ଏସ୍‌ଡିଆର୍ଏଫ୍‌ର ମାର୍ଗଦର୍ଶିକା ଅନୁସାରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଯୁଗ୍ମ ଫସଲ କ୍ଷୟକ୍ଷତିର ଆକଳନ କରାଯିବ। ଅଗଷ୍ଟ ୨୭ତାରିଖ ସୁଦ୍ଧା କ୍ଷୟକ୍ଷତି ରିପୋର୍ଟ ଦାଖଲ କରିବା ପାଇଁ କ୍ଷେତ୍ର କୃଷି ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁଠାରେ ବନ୍ୟାଜଳ ଛାଡ଼ି ନ ଥିବ ଏବଂ କ୍ଷୟକ୍ଷତିର ଆକଳନ ସମ୍ଭବ ହେଉ ନ ଥିବ ସେ କ୍ଷେତ୍ରରେ ଅଗଷ୍ଟ ୩୦ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ କ୍ଷତିଗ୍ରସ୍ତ ଉଠା ଜଳସେଚନ ପଏଣ୍ଟଗୁଡ଼ିକର ରିପୋର୍ଟ ମଧ୍ୟ ଦାଖଲ କରିବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ବନ୍ୟାରେ ଖରିଫ ଫସଲର ସ୍ଥିତି, ମତ୍ସ୍ୟ ଓ ପ୍ରାଣୀଧନର ସୁରକ୍ଷା ନିମନ୍ତେ ନିଆଯାଉଥିବା ପଦକ୍ଷେପ ଓ ବିଭିନ୍ନ ଜିଲାରେ ବନ୍ୟାର ସ୍ଥିତି ସମ୍ପର୍କରେ ଶନିବାର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବନ୍ୟା ପ୍ରଭାବିତ ଅଞ୍ଚଳରେ ସଅଳ କିସମର ଧାନ ବିହନର ଆବଶ୍ୟକତା ଏବଂ ଅଣଧାନ ଫସଲ ଯଥା ଡାଲି,ତୈଳବୀଜ, ପନିପରିବା ବିହନର ଆବଶ୍ୟକତା ଆକଳନ କରି ସଂପୃକ୍ତ ନିର୍ଦ୍ଦେଶାଳୟଗୁଡ଼ିକୁ ଜଣାଇବା ପାଇଁ କୁହାଯାଇଛି । ବନ୍ୟା ଯୋଗୁ କୃଷି ସାମଗ୍ରୀ ବିହନ, ସାର ଏବଂ କୀଟନାଶକ ଔଷଧ ଗଚ୍ଛିତ ରଖିବାରେ କୌଣସି ଅସୁବିଧା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ କ୍ଷେତ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବନ୍ୟା ପରିସ୍ଥିତିରେ ଫସଲରେ ରୋଗପୋକ ଲାଗିବାର ଆଶଙ୍କା ଥିବାରୁ ରୋଗପୋକ ନିରୀକ୍ଷଣ ଓ ନିୟନ୍ତ୍ରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ବୈଠକରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ମତ୍ସ୍ୟସମ୍ପଦର ସ୍ଥିତି ସମ୍ପର୍କରେ ସମୀକ୍ଷା କରି ମଧୁର ଜଳ ଓ କ୍ଷାର ପାଣିର ଜଳାଶୟର ଜଳସ୍ତରକୁ କମ୍ କରିବା ଓ ଜଳାଶୟ ଚାରିପଟେ ନେଟ୍ ଲଗାଇବା ଆଦି ନିମନ୍ତେ ପଦକ୍ଷେପ ନିଆଯାଇଥିବା ବେଳେ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କୁ ପ୍ରଭାବିତ ଜିଲାଗୁଡ଼ିକୁ ପ୍ରେରଣ କରାଯାଇଛି । ସମସ୍ତ ମାଛଧରା ଡଙ୍ଗାଗୁଡ଼ିକୁ ନିରାପଦ ସ୍ଥାନକୁ ଫେରାଇ ଆଣିବା ପାଇଁ ପଦକ୍ଷେପ ନିଆଯାଇଛି । କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା,ଜଗତ୍‌ସିଂହପୁର ଏବଂ ପୁରୀ ଜିଲାର ଉଭୟ ସରକାରୀ ଓ ବେସରକାରୀ ମତ୍ସ୍ୟ ଫାର୍ମଗୁଡ଼ିକର କ୍ଷୟକ୍ଷତିର ଆକଳନ କରିବା ପାଇଁ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହିସବୁ ଜିଲାର ଜିଲା ମତ୍ସ୍ୟ ଅଧିକାରୀମାନେ ଅଧିକ କ୍ଷତିଗ୍ରସ୍ତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରି କ୍ଷୟକ୍ଷତିର ଆକଳନ କରିବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି । ପ୍ରାଣୀଧନର ସୁରକ୍ଷା କ୍ଷେତ୍ରରେ ଚିକିତ୍ସା ଓ ଟିକାକରଣ ଆଦି କ୍ଷେତ୍ରରେ ୧୫ ଦିନ ପାଇଁ ୟୁଜର୍ସ ଫି' ଛାଡ଼ କରାଯାଇଥିବା ବେଳେ ପ୍ରଭାବିତ ଅଞ୍ଚଳରେ ଗୋଖାଦ୍ୟ ଯୋଗାଇ ଦିଆଯାଉଛି । ଅଦ୍ୟାବଧି ଓମ୍‌ଫେଡ୍‌ର ଗୋଖାଦ୍ୟ ପ୍ଲାଣ୍ଟରୁ ୮୨୨.୬୪ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଉଦ୍ଦିଷ୍ଟ ବ୍ଲକଗୁଡ଼ିକୁ ଯୋଗାଇ ଦିଆଯାଇଛି। ଅବଶିଷ୍ଟ ୪୧.୨୮ ମେଟ୍ରିକ୍ ଟନ୍ ଗୋଖାଦ୍ୟ ପ୍ରେରଣ କରାଯାଇଛି । ଅତିରିକ୍ତ ଗୋଖାଦ୍ୟର ବାସ୍ତବିକ ଆକଳନ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ କ୍ଷେତ୍ର ଅଧିକାରୀମାନଙ୍କୁ କହିଛନ୍ତି । ବନ୍ୟା ପରବର୍ତ୍ତୀ ପରିସ୍ଥିତିରେ କୌଣସି ରୋଗ ବ୍ୟାପିବାକୁ ଏଡ଼ାଇବା ପାଇଁ ବ୍ୟାପକ ଚିକିତ୍ସା ଓ ଟିକାକରଣ ଶିବିର ଆୟୋଜନ କରିବା ଲାଗି କ୍ଷେତ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀଙ୍କ ସମେତ ସମସ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବୃନ୍ଦ ଓ ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିବାବେଳେ ଜିଲା ମୁଖ୍ୟ କୃଷି ଅଧିକାରୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ଜିଲା ମତ୍ସ୍ୟ ଅଧିକାରୀମାନେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗ ଦେଇଥିଲେ ।

## ଜଳବାହିତ ରୋଗର ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ

**ଭୁବନେଶ୍ୱର, ୨୦।୮(ବ୍ୟୁରୋ)**

ରାଜ୍ୟର ୧୨ଟି ଜିଲାରେ ଏବେ ବନ୍ୟା ପରିସ୍ଥିତି ଲାଗି ରହିଛି। ବନ୍ୟା ପାଣି କମିବା ପରେ ଜଳବାହିତ ରୋଗ ବ୍ୟାପିବା ଆଶଙ୍କା ରହିଛି। ବନ୍ୟା ଯୋଗୁ ପାଣି ସଂକ୍ରମିତ ହୋଇଥିବାରୁ ଝାଡ଼ାବାନ୍ତି, ଜଣ୍ଡିସ, ଟାଇଫଏଡ୍ ଭଳି ଜଳବାହିତ ରୋଗ ରୋଗ ବ୍ୟାପିଲେ ଏହାର ମୁକାବିଲା କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ସମସ୍ତ ନଳକୂପ ଓ କୁଅକୁ ବିଶୁଦ୍ଧ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି। ଜନସାଧାରଣଙ୍କୁ ପରାମର୍ଶ ଦେଇ ସେ କହିଛନ୍ତି, ପାଣି ଫୁଟାଇ କିମ୍ବା ପାଣିରେ ହାଲୋଜେନ ବଟିକା ପକାଇ ପିଅନ୍ତୁ। ସବୁବେଳେ ସ୍ୱଚ୍ଛ ପାଣି ପିଇବା ଏବଂ ପର୍ଯ୍ୟାକ୍ରମେ ହାତକୁ ସାବୁନରେ ଧୋଇବା ଉଚିତ। ବନ୍ୟା ପ୍ରଭାବିତ ଅଞ୍ଚଳରେ ବ୍ୟାପକ ଭାବେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରି ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସରକାର ସେସବୁ ସ୍ଥାନରେ ସ୍ୱାସ୍ଥ୍ୟ ଦଳକୁ ନିୟୋଜିତ କରିବାକୁ ଯୋଜନା କରୁଛନ୍ତି। ସମ୍ଭାବ୍ୟ ଜଳବାହିତ ରୋଗ ଉପରେ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିଛି। ଲୋକଙ୍କ ଚିକିତ୍ସା ପାଇଁ ବିଭାଗର ରାପିଡ୍ ରେସପନ୍ସ ଟିମ୍(ଆର୍ଆର୍‌ଟି) ଜିଲା ସ୍ତରରେ ନିୟୋଜିତ ହୋଇଛନ୍ତି। ଆବଶ୍ୟକ ପଡ଼ିଲେ ସେମାନେ ରୋଗୀଙ୍କୁ ଡାକ୍ତରଖାନା ନେଇପାରିବେ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ଗର୍ଭବତୀ ସ୍ତ୍ରୀଙ୍କୁ ତଣ୍ଟିଚିପି ହତ୍ୟା

**୪ଦିନ ପରେ ମାଟିତଳୁ ମୃତଦେହ ଜବତ**

**ସମ୍ବଲପୁର,୨୦।୮(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଗଇଲଗୁଡି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗର୍ଭବତୀ ସ୍ତ୍ରୀ ପଦ୍ମିନୀ ଶବରଙ୍କୁ ସ୍ୱାମୀ ମଙ୍ଗଲୁ ଶବର ତଣ୍ଟି ଚିପି ହତ୍ୟା କରିଛନ୍ତି। ହତ୍ୟା ପରେ ମାମଲାକୁ ଚପାଇଦେବାକୁ ଚେଷ୍ଟାକରି ମଙ୍ଗଲୁ ଜଙ୍ଗଲ ଭିତରେ ମୃତଦେହ ପୋତି ଦେଇଥିଲେ। ୪ଦିନ ପରେ ଶନିବାର ଗ୍ରାମ ନିକଟ ଜଙ୍ଗଲରୁ ମୃତଦେହ ଜବତ ହୋଇଛି। ମଙ୍ଗଲୁ ପୋତିଥିବା ସ୍ଥାନ ଚିହ୍ନଟ କରିବା ପରେ ଯୁଯୁମୁରା ତହସିଲଦାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ମମତା ନନ୍ଦଙ୍କ ଉପସ୍ଥିତିରେ ଗଳିତ ମୃତଦେହ ମିଳିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ ମେହେର, ଯୁଯୁମୁରା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ, ପୋଲିସ ଓ ସାଇଣ୍ଟିଫିକ ଟିମ୍ ଉପସ୍ଥିତ ରହି ତଦନ୍ତ କରିଥିଲେ। ପଦ୍ମିନୀଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ମଙ୍ଗଲୁଙ୍କୁ କୋର୍ଟ ଚାଲାଣ କରିଛି। ଥାନା ଅଧିକାରୀ ବିଶ୍ୱାଳଙ୍କ କହିବା ଅନୁସାରେ ଗଇଲଗୁଡି ଗ୍ରାମର ମଙ୍ଗଲୁ ଓ ପଦ୍ମିନୀଙ୍କ ଗୋଟିଏ ପୁଅ ଓ ୩ ଝିଅ ଅଛନ୍ତି। ହେଲେ ପଦ୍ମିନୀ ପୁଣି ଥରେ ଗର୍ଭବତୀ ହୋଇଥିଲେ। ଏହା ଜାଣିବା ପରେ ଗର୍ଭନଷ୍ଟ କରିବାକୁ ଉଭୟେ ସ୍ଥିର କରିଥିଲେ। ଗର୍ଭର ଦ୍ୱିତୀୟ ମାସରୁ ମଙ୍ଗଲୁ ଔଷଧ ଦେଇଥିଲେ ମଧ୍ୟ ଗର୍ଭ ନଷ୍ଟ ହୋଇ ନ ଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିରହିଥିଲା। ଅଗଷ୍ଟ ୧୫ରେ ପ୍ରତିଦିନ ଭଳି ଏହି ଦମ୍ପତି ଜଙ୍ଗଲକୁ ଗୋରୁ ଚରାଇବାକୁ ଯାଇଥିଲେ। ସେଠାରେ ଗର୍ଭନଷ୍ଟ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ ନେଇ ନିଶାସକ୍ତ ଥିବା ମଙ୍ଗଲୁ ପଦ୍ମିନୀଙ୍କୁ ମାଡ଼ ମାରିବା ସହ ତଣ୍ଟି ଚିପି ଦେଇଥିଲେ। ଗୁରୁତର ଅବସ୍ଥାରେ ସେ ପଦ୍ମିନୀଙ୍କୁ ଜଙ୍ଗଲରେ ଛାଡି ଘରକୁ ଫେରି ଆସିଥିଲେ। ପୁଣି ରାତିରେ ସେ ଜଙ୍ଗଲକୁ ଯାଇ ଉଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ପଦ୍ମିନୀ ଉଠିପାରି ନ ଥିଲେ। ସାରା ରାତି ଜୀବନ ସହ ସଂଗ୍ରାମ କରି ତାଙ୍କର ମୃତ୍ୟୁ ଘଟିଥିଲା। ମାମଲାକୁ ଚପାଇବା ପାଇଁ ପରଦିନ ଅଗଷ୍ଟ ୧୬ରେ ମଙ୍ଗଲୁ ଘରୁ କୋଦାଳ ନେଇ ମାଟି ଖୋଳି ପଦ୍ମିନୀଙ୍କ ମୃତଦେହ ପୋତି ଦେଇଥିଲେ। କେହି ଜାଣି ନ ପାରିବା ପାଇଁ ମଙ୍ଗଲୁ ପରିବାର, ଗ୍ରାମବାସୀ ଓ ଶ୍ୱଶୁରଘର ଲୋକଙ୍କୁ ମିଛ କହିଆସୁଥିଲେ। ୧୮ ତାରିଖରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପୋଲିସ ଘଟଣାସ୍ଥଳ ଓ ଗ୍ରାମକୁ ଯାଇ ତଦନ୍ତ କରିବା ପରେ ହତ୍ୟା କରାଯାଇଥିବା ଜଣାପଡିଥିଲା। ପୋଲିସ ୧୯ ତାରିଖରେ ମଙ୍ଗଲଙ୍କୁ ଗିରଫ କରିଥିଲା। ପଚରାଉଚୁରା ବେଳେ ସେ ହତ୍ୟା କରିଥିବା ସ୍ୱୀକାର କରିଥିଲେ।



ଅଭିଯୁକ୍ତଙ୍କୁ ହତ୍ୟାକାଣ୍ଡ ସ୍ଥଳକୁ ନିଆଯାଉଛି ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଡକ୍ଟର ରବୀନ୍ଦ୍ରନାଥ ମହାନ୍ତି
ପାଣ୍ଡବ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୭।୧୦।୧୯୩୮
ତିରୋଧାନ: ୧୧।୦୮।୨୦୨୨
ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଆଦର୍ଶ, ତ୍ୟାଗ, ନିଷ୍ଠା, ଶ୍ରଦ୍ଧା ସବୁବେଳେ ଆମ ଚଲାପଥରେ ସହାୟକ ହେଉ, ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୬୧୯୪୪

ତୋରି ସ୍ମୃତିରେ



୰ ଅଧ୍ୟାପକ ଜୟପ୍ରକାଶ ମିଶ୍ର (ନୁନୁ)
(୧୨.୪.୬୨ - ୨୧.୮.୯୫)
ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ଆମର ପ୍ରାର୍ଥନା ।
ଶୋକସନ୍ତପ୍ତ - ବୋଉ ଓ ଆତ୍ମୀୟ ସ୍ୱଜନ
ଧ-୭୩୮୫୮

# ଆତ୍ମହତ୍ୟା ଉଦ୍ୟମ କରିଥିବା ଯୁବକଙ୍କ ମୃତ୍ୟୁ



ତଉଲିଆ ନାଏକଙ୍କ ପରିବାର।

**ଶୁଦ୍ଧିକ୍ରିୟା ଚିନ୍ତାରେ ପରିବାର**
- ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରୁ ଡେଇଁବା ଘଟଣା
- ରହିବାକୁ ଘର ନାହିଁ, ଖାଇବାକୁ ମିଳୁନି
- ଘରର ୫ ସଦସ୍ୟ ମାନସିକ ରୋଗୀ

ପରଜଙ୍ଗ, ୨୦।୮(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟର ୫ ମହଲା କୋଠାରୁ ଡେଇଁପଡ଼ି ଆତ୍ମହତ୍ୟା ଉଦ୍ୟମ କରିଥିବା ପରଜଙ୍ଗ ଥାନା ଡମସାହିର ଚନ୍ଦନ ନାଏକ (୩୭)ଙ୍କ ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ମେଡିକାଲରେ ଶନିବାର ମୃତ୍ୟୁ ଘଟିଛି। ଘରର ଏକମାତ୍ର ରୋଜଗାରିଆ ପୁଅଙ୍କ ଏଭଳି ମୃତ୍ୟୁରେ ଦୋହଲିଯାଇଛି ପରିବାର। ରହିବା ପାଇଁ ଘର ନାହିଁ। ଦିନକୁ ଦି ଓଳି ଠିକ୍ ଭାବେ ଖାଇବାକୁ ମିଳୁନାହିଁ। ୫ ଝିଅପୁଅ ହରାଇଛନ୍ତି ମାନସିକ ଭାରସାମ୍ୟ। ଏଭଳି ସ୍ଥିତିରେ ମୃତ ଚନ୍ଦନଙ୍କ ଶୁଦ୍ଧିକ୍ରିୟା କିପରି ହେବ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ମା' ସୁକୁମାରୀ।

'ଦୁଃଖ ଯେବେ ଆସେ, ସାଙ୍ଗସାଥୀଙ୍କୁ ନେଇ ଆସେ'। ଓଡ଼ିଆ ଘରେ ପ୍ରଚଳିତ ଏହି ଆପ୍ତବାକ୍ୟ ଏବେ ପ୍ରତିଫଳିତ ହୋଇଛି ସ୍ୱର୍ଗତ ତଉଲିଆ ନାଏକଙ୍କ ପରିବାର କ୍ଷେତ୍ରରେ। ଦାରିଦ୍ର୍ୟର ଯନ୍ତ୍ରଣା କେତେ ଯେ କରୁଣ ହୋଇପାରେ, ତାହାକୁ ଅଙ୍ଗେ ନିଭାଇଛନ୍ତି ଏହି ଗରିବ ପରିବାର। ସ୍ତ୍ରୀ ସୁକୁମାରୀ, ୪ ପୁଅ, ୩ ଝିଅଙ୍କୁ ନେଇ ତଉଲିଆ ନାଏକଙ୍କ ବଡ଼ ପରିବାର। ତଉଲିଆଙ୍କ ପକ୍ଷେ ଏତେଜଣଙ୍କ ଅଭାବ ପୂରଣ କରିବା କାଠିକର ପାଠ ହୋଇପଡ଼ିଥିଲା। ଏପରି କି ମୁଣ୍ଡ ଗୁଞ୍ଜିବା ପାଇଁ ଖଣ୍ଡେ ଘର ମଧ୍ୟ କରିପାରିଲେ ନାହିଁ। ପଲିଥିନ ଘେରା ଝାଟିମାଟି କୁଡ଼ିଆରେ ଭାଗ୍ୟକୁ ଆଦରି ପଡ଼ିରହିଲେ। ତେବେ ରହିବା ଏବଂ ଖାଇବା ଚିନ୍ତାରେ ମାନସିକ ସ୍ଥିତି ହରାଇ ବସିଲେ ପରିବାରର ଜଣେ ପରେ ଜଣେ ସଦସ୍ୟ। ୪ ପୁଅଙ୍କ ମଧ୍ୟରୁ କାବୁଲି, କାଳିଆ, ସୁନୀଲ ଏବଂ ୩ ଝିଅଙ୍କ ମଧ୍ୟରୁ ବିବାହିତା ବଡ଼ଝିଅ, ଅବିବାହିତା ସାନଝିଅଙ୍କ ମାନସିକ ସ୍ଥିତି ଠିକ୍ ନାହିଁ। ଏହି କାରଣରୁ ବଡ଼ଝିଅ ଶାଶୁଘର ଛାଡ଼ି ବାପଘରେ ରହୁଛନ୍ତି। ବିବାହିତ ବଡ଼ପୁଅ କାବୁଲିଙ୍କୁ ଶ୍ୱଶୁର ଘର ଲୋକେ ଚିକିତ୍ସା କରାଉଛନ୍ତି। ଇତିମଧ୍ୟରେ ମାସେ ତଳେ ଘର ମୁରବି ତଉଲିଆଙ୍କ ମୃତ୍ୟୁ ହୋଇଯାଇଥିଲା। ଏକମାତ୍ର ରୋଜଗାରିଆ ପୁଅ ଚନ୍ଦନ ଏକ ସିମେଣ୍ଟ ଦୋକାନରେ କାମ କରି ସମସ୍ତଙ୍କ ଦାୟିତ୍ୱ ତୁଲାଇ ଆସୁଥିଲେ। ତେବେ ଦୁର୍ଭାଗ୍ୟବଶତଃ ଦୋକାନରେ ଦୁର୍ଘଟଣା ଘଟିଲା। ସିମେଣ୍ଟ ବସ୍ତା ମାଡ଼ି ବସିବାରୁ ତାଙ୍କର ଏକ ଗୋଡ଼ ଭାଙ୍ଗିଗଲା। ସାହିପଡ଼ିଶା ତାଙ୍କର ଚିକିତ୍ସା କରାଇଥିଲେ ହେଁ ଚନ୍ଦନ ଆଉ ଆଗପରି କାମଦାମ କରିପାରିଲେ ନାହିଁ। ଘର ଚଳାଇବା ଚିନ୍ତାରେ ମାନସିକ ରୋଗୀ ପାଲଟିଗଲେ। କାଳେ କୌଣସି ଅଘଟଣ ଘଟାଇବେ, ସେହି ଆଶଙ୍କାରେ ମା' ସୁକୁମାରୀ ତାଙ୍କୁ କପିଳାସ ଦେଓଗାଁରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ପଠାଇ ଦେଇଥିଲେ। ତେବେ ଚନ୍ଦନ ସେଠାରେ ବ୍ଲେଡ୍‌ରେ ହାତଗୋଡ଼ କାଟି ଆତ୍ମହତ୍ୟା ଉଦ୍ୟମ କରି ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଗତ ୧୩ ତାରିଖ ଭୋର୍ ସମୟରେ ମା' ଶୌଚ ହେବାକୁ ଯାଇଥିବା ବେଳେ ମେଡିକାଲର ୫ ମହଲା କୋଠାରୁ ତଳକୁ ଡେଇଁପଡ଼ିଥିଲେ ଚନ୍ଦନ। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ଘରର ଏପରି ଆର୍ଥିକ ଶୋଚନୀୟ ସ୍ଥିତିରେ ଚନ୍ଦନଙ୍କ ଶେଷକୃତ୍ୟ କିପରି ହେବ ତାହାକୁ ନେଇ ଚିନ୍ତା ବଢ଼ିଛି। ଅନ୍ୟପଟେ ଘରର ୨ ପୁଅ ଏବଂ ୨ ଝିଅ ମାନସିକ ଭାରସାମ୍ୟ ହରାଇ ରାସ୍ତାଘାଟରେ ବୁଲୁଛନ୍ତି। ସେମାନଙ୍କୁ ଉଦ୍ଧାର କରି ଆବଶ୍ୟକ ଚିକିତ୍ସା କରାଇବା ଜରୁରୀ ହୋଇପଡ଼ିଥିବାବେଳେ ଏଥିପ୍ରତି ପ୍ରଶାସନ ଆନ୍ତରିକତା ଦେଖାଉନାହିଁ। ଏପରି କି ନିର୍ବାଚିତ ପ୍ରତିନିଧିଙ୍କ ଶୁଭଦୃଷ୍ଟି ମଧ୍ୟ ଏହି ପରିବାର ପ୍ରତି ପଡ଼ିନାହିଁ, ଯାହାକୁ ନେଇ ସାହିବାସୀ କ୍ଷୋଭବ୍ୟକ୍ତ କରିଛନ୍ତି।

ଏ ନେଇ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ଖଗେଶ୍ୱର ପାତ୍ର କୁହନ୍ତି, ସମ୍ପୃକ୍ତ ପରିବାରର ଜମିପଟ୍ଟା ନ ଥିବାରୁ ଘର ମଞ୍ଜୁର ହୋଇପାରୁନାହିଁ। ତେବେ ତହସିଲ ପ୍ରଶାସନ ପକ୍ଷରୁ ପଲିଥିନ ଏବଂ ଅନ୍ୟାନ୍ୟ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ସ୍ତ୍ରୀଙ୍କୁ ପିଟି ହତ୍ୟା, ସ୍ୱାମୀ ଗିରଫ

ହିଞ୍ଜିଳିକାଟୁ/ଶେରଗଡ଼, ୨୦।୮(ଡି.ଏନ୍.ଏ.)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ମହିରକଣା ଗାଁରେ ଶୁକ୍ରବାର ରାତିରେ ପାରିବାରିକ କଳହରୁ ସ୍ତ୍ରୀଙ୍କୁ ପିଟି ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତା ଜଣକ ହେଲେ ଦାମ ନାୟକଙ୍କ ସ୍ତ୍ରୀ ଅନିତା(୨୬)। ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ସ୍ୱାମୀ ଦାମଙ୍କୁ ଗିରଫ କରିଛି।

ମହିରକଣା ଗ୍ରାମର ଦାମ ଜଣେ ଟ୍ରାକ୍ଟର ଡ୍ରାଇଭର। ସେ ୧୦ ବର୍ଷ ପୂର୍ବେ ଶେରଗଡ଼ ବ୍ଲକ ଲକ୍ଷ୍ମୀପୁର ଗାଁର ଅନୀତାଙ୍କୁ ବିବାହ କରିଥିଲେ। ସେମାନଙ୍କ ୩ ପୁଅ ଅଛନ୍ତି। ବିବାହର କିଛି ବର୍ଷ ପରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବିଭିନ୍ନ ସମୟରେ ପାଟିତୁଣ୍ଡ ହେଉଥିଲା। ଶୁକ୍ରବାର ପୁଣି ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିପାଇଁ ଅନିତାଙ୍କ ମା' ପରି ଓ ଭାଇ ମୁନା ଆସି ଉଭୟଙ୍କୁ ବୁଝାଶୁଝା କରି ଫେରିଯାଇଥିଲେ। ରାତି ପ୍ରାୟ ୧୦ରେ ପୁଣି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଦାମ ଫୋନ୍ କରି ଅନିତାଙ୍କ ମା'ଙ୍କୁ ଏ ବିଷୟରେ ଜଣାଇବା ସହ ରାଗିଯାଇ ଗାଁ ଦାଣ୍ଡରେ ଅନିତାଙ୍କୁ ପିଟିଥିଲେ। ଅନିତା ପାଟି କରୁଥିଲେ ସୁଦ୍ଧା କେହି ସହାୟତା କରି ନ ଥିଲେ। ଝିଅ ଉପରେ ଆକ୍ରମଣ ହେଉଥିବା ଜାଣି ରାତିରେ ତାଙ୍କ ମା' ଓ ଭାଇ ଲକ୍ଷ୍ମୀପୁରରୁ ମହିରକଣା ଆସିଥିଲେ। ସେତେବେଳେ ଅନିତା ମୁମୂର୍ଷୁ ଅବସ୍ଥାରେ ଗାଁ ଦାଣ୍ଡରେ ପଡ଼ିଥିଲେ ଏବଂ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଅନିତାଙ୍କ ଭାଇ ଶେରଗଡ଼ ଥାନାକୁ ଜଣାଇଥିଲେ। ଶେରଗଡ଼ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଦାମଙ୍କୁ ଧରି ଥାନାକୁ ନେଇଥିଲା। ଅନ୍ୟପକ୍ଷରେ ଶନିବାର ହତ୍ୟାକାଣ୍ଡ ଘଟିଥିବା ସ୍ଥଳଟି ହିଞ୍ଜିଳି କିମ୍ବା ଶେରଗଡ଼ ଥାନା କେଉଁ ଅଞ୍ଚଳର ଅନ୍ତର୍ଭୁକ୍ତ, ସେନେଇ ବିବାଦ ଦେଖାଦେଇଥିଲା। ପରେ ହିଞ୍ଜିଳିକାଟୁ ଅତିରିକ୍ତ ତହସିଲଦାର, ପୋଚିଲିମା ରାଜସ୍ୱ ନିରୀକ୍ଷକ ଓ ଅଲାରିଗଡ଼ ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ଜମି ମାପଚୁପ ପରେ ଉକ୍ତ ଅଞ୍ଚଳଟି ହିଞ୍ଜିଳି ଥାନା ଅନ୍ତର୍ଭୁକ୍ତ ବୋଲି ଜଣାପଡ଼ିଥିଲା। ପରେ ହିଞ୍ଜିଳି ଥାନା ପୋଲିସ ହତ୍ୟାକାଣ୍ଡର ତଦନ୍ତ କରିଥିଲା। ଅଭିଯୁକ୍ତ ଦାମଙ୍କୁ ଶେରଗଡ଼ ଥାନାରୁ ହିଞ୍ଜିଳି ଥାନା ଅଣାଯାଇଛି। ଏ ନେଇ ସ୍ଥାନୀୟ ଥାନାରେ ନଂ.୪୨୬/୨୨ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।



ଘଟଣାର ତଦନ୍ତ କରୁଛି ପୋଲିସ।







# ବିଲରୁ ମୁଣ୍ଡ, ନାଳରୁ ଗଣ୍ଡି ଉଦ୍ଧାର

**୧୭ରୁ ନିଖୋଜ ଥିଲେ ଯୁବକ**

ପାତ୍ରପୁର, ୨୦।୮(ଡି.ଏନ.ଏ)

ଜରଡ଼ା ଥାନା ଖାରିଆଗୁଡା ଫାଣ୍ଡି ପଲାସପୁର ଗ୍ରାମର ବୃନ୍ଦାବନ ଯାନୀ(୫୫)ଙ୍କୁ କେହି ହତ୍ୟାକରି ମୁଣ୍ଡଗଣ୍ଡି ଅଲଗା କରି ଫିଙ୍ଗିଦେଇଛନ୍ତି। ଗତ ୧୭ ତାରିଖ ସନ୍ଧ୍ୟାରେ ବୃନ୍ଦାବନ ଚଣାବାଡ଼କୁ ବୁଲିବାକୁ ଯାଇ ନିଖୋଜ ହୋଇଯାଇଥିଲେ। ଶନିବାର ତାଙ୍କର ମୃତଦେହ ମିଳିଛି। ତାଙ୍କର କଟା ମୁଣ୍ଡଟି ଏକ ବିଲରେ ପଡିଥିବା ଜଣେ ମଇଁଷି ଚରାଳି ଦେଖି ଗାଁ ଲୋକଙ୍କୁ ଡାକିଥିଲେ। ପରେ ନିକଟରେ ଥିବା ବାଘଲଟି ନାଳରେ ଗଣ୍ଡି ପଡିଥିବା ଏବଂ ସେଥିରୁ ଦୁର୍ଗନ୍ଧ ବାହାରୁଥିବା ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ପରେ ବୃନ୍ଦାବନଙ୍କ ସ୍ତ୍ରୀ ଜେମା ଶବର ଏତଲା ଦେବା ପରେ ଜରଡ଼ା ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଘଟଣାସ୍ଥଳରେ ଚିକିଟି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭାତ୍ରା, ଜରଡ଼ା ଆଇଆଇସି ଭବାନନ୍ଦ ପ୍ରଧାନ, ଦିଗପହଣ୍ଡି ଆଇଆଇସି ଦୀପ୍ତି ରଞ୍ଜନ ବେହେରା ପ୍ରମୁଖଙ୍କ ସହ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ ହୋଇଛି ।

# ରି-ଆଡ୍‌ମିଶନ ଫି'କୁ ନେଇ ଛାତ୍ରଙ୍କ ମଧ୍ୟରେ ଧସ୍ତାଧସ୍ତି

**ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ**
- ପୋଲିସ ହସ୍ତକ୍ଷେପ ପରେ ସ୍ଥିତି ନିୟନ୍ତ୍ରଣାଧୀନ

ବ୍ରହ୍ମପୁର ଅଫିସ,୨୦।୮

ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଶନିବାର ରି-ଆଡ୍‌ମିଶନ ଫି' ବାନ୍ଧିବାକୁ କେନ୍ଦ୍ର କରି ଛାତ୍ର ଅଶାନ୍ତି ଦେଖାଦେଇଛି। ରାଧାକ୍ରିଷ୍ଣନ ହଷ୍ଟେଲରେ ଥିବା ଯୁକ୍ତ ୩ ଦ୍ୱିତୀୟ ବର୍ଷର ଜଣେ ଛାତ୍ର ଓ ଅନ୍ୟଜଣେ ଏନ୍‌ସିସି କ୍ୟାଡେଟ ତଥା ଲୋକାଲ ଛାତ୍ରଙ୍କ ମଧ୍ୟରେ ରି-ଆଡ୍‌ମିଶନ ଫି' ବାନ୍ଧିବା ସମୟରେ ଉତ୍ତେଜନା ଦେଖାଦେଇଥିଲା। ଏହି କଥାକୁ କେନ୍ଦ୍ରକରି ଏନ୍‌ସିସି କ୍ୟାଡେଟ ଜଣକ ନିଜର କେତେଜଣ ସାଙ୍ଗଙ୍କୁ ଆଣି ହଷ୍ଟେଲ ଅନ୍ତେବାସୀଙ୍କୁ ଟାର୍ଗେଟ କରିଥିଲେ। ପରିସ୍ଥିତି ଅଶାନ୍ତ ହେବା ପୂର୍ବରୁ ଟାଉନ ଥାନା ଅଧିକାରୀ ସୁରେଶ ତ୍ରିପାଠୀ ପହଞ୍ଚି ଉଭୟ ପକ୍ଷ ସହ ଆଲୋଚନା ଓ ବୁଝାମଣା କରିବାରୁ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

ଟାଉନଥାନା ଅଧିକାରୀଙ୍କ ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଶୁକ୍ରବାରଠାରୁ ଯୁକ୍ତ୩ ଦ୍ୱିତୀୟ ଓ ତୃତୀୟ ବର୍ଷ ରି-ଆଡ୍‌ମିଶନ ଫି' ବାନ୍ଧିବା ଆରମ୍ଭ ହୋଇଛି। ଏଥିନିମନ୍ତେ ଲମ୍ବା ଧାଡି ଲାଗିଥିଲା। ଏଥିରେ ହଷ୍ଟେଲ ଅନ୍ତେବାସୀ ଓ କଲେଜ ଛାତ୍ରମାନେ ମିଳିତ ଭାବେ ଫି' ବାନ୍ଧୁଥିଲେ। ଜଣେ ଏନ୍‌ସିସି କ୍ୟାଡେଟ ତଥା ସ୍ଥାନୀୟ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର ଏକାସଙ୍ଗେ ନିଜେ ଏବଂ ତାଙ୍କର କେତେଜଣ ବନ୍ଧୁଙ୍କ ଫି' ବାନ୍ଧିଥିଲେ। ବହୁ ସମୟ ଧରି ଧାଡିରେ ଅପେକ୍ଷା କରିଥିବା ଜଣେ ଛାତ୍ର ଏହାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ସ୍ଥାନୀୟ ଛାତ୍ର ଜଣକ ତାଙ୍କର ଅନ୍ୟ କେତେଜଣ ସାଙ୍ଗଙ୍କୁ ଡାକି ସମ୍ପୃକ୍ତ ହଷ୍ଟେଲ ଛାତ୍ରଙ୍କ ସହ ଝଗଡ଼ା କରିଥିଲେ। ଛାତ୍ର ଜଣକ ବିଶ୍ୱବିଦ୍ୟାଳୟରୁ ହଷ୍ଟେଲ ଯାଉଥିବା ସମୟରେ ଏନ୍‌ସିସି କ୍ୟାଡେଟ ତଥା ସ୍ଥାନୀୟ ଛାତ୍ର କ୍ୟାମ୍ପସ ବାହାରର ଅନ୍ୟ କେତେଜଣ ଛାତ୍ରଙ୍କ ସହ ତାଙ୍କୁ ଅଟକାଇଥିଲେ। ଯାହାକୁ ନେଇ ହଷ୍ଟେଲ ଛାତ୍ରଜଣକ ଭୟଭୀତ ହୋଇ ଅନ୍ୟ ଅନ୍ତେବାସୀଙ୍କୁ ଫୋନ ଯୋଗେ ସୂଚନା ଦେଇଥିଲେ। ଅନ୍ୟମାନେ ପହଞ୍ଚିବା ପରେ ଉଭୟ ପକ୍ଷଙ୍କ ମଧ୍ୟରେ ରାସ୍ତା ଉପରେ ପାଟିତୁଣ୍ଡ ଓ ଧସ୍ତାଧସ୍ତି ହୋଇଥିଲା। ଏହା ଦେଖି ସେଠାରେ ଥିବା ପୋଲିସ ଟାଉନ ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରୀ ଏବଂ ବିଶ୍ୱବିଦ୍ୟାଳୟ ଛାତ୍ରାବାସ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ରଜତ ମାନସିଂହ ପହଞ୍ଚି ଉଭୟ ପକ୍ଷଙ୍କଠାରୁ ଘଟଣା ସମ୍ପର୍କରେ ବୁଝି ସେମାନଙ୍କ ମଧ୍ୟରେ ବୁଝାମଣା କରିଥିଲେ ।



ବିଚ୍ ରାସ୍ତାରେ ହଷ୍ଟେଲ ଅନ୍ତେବାସୀ ଓ ଲୋକାଲ ଛାତ୍ରଙ୍କ ମଧ୍ୟରେ ପାଟିତୁଣ୍ଡ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୧/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Sunday, August 21/2022 Page 16 | ପୃଷ୍ଠା-୧



**ମା' ହେଲେ ସୋନମ**

ବଲିଉଡ୍ ଅଭିନେତ୍ରୀ ସୋନମ କପୁର ଶନିବାର ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି।

୦୨

୦୮

**ପ୍ରମୋଦ ଭଗତଙ୍କୁ ୩ ପଦକ**

ଥାଇଲାଣ୍ଡ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ତିନୋଟି ପଦକ ଜିତିଛନ୍ତି।





ଲଗାଣ ବର୍ଷା ଯୋଗୁ କେନ୍ଦୁଝର ଜିଲା ଜୁଡ଼ିଆ ଘାଟିରେ ଶନିବାର ଭୂସ୍ଖଳନ ହୋଇ ରାସ୍ତାରେ ପଥର ପଡ଼ିଛି। (ରିପୋର୍ଟ: ପୃଷ୍ଠା-୨)

# ବିଚାର ବ୍ୟବସ୍ଥା ଉପରେ ଅନାସ୍ଥା ଗଣତନ୍ତ୍ରକୁ ବିପଦ: ସିଜେଆଇ

**ବିଜୟୱାଡ଼ା, ୨୦।୮ (ଆଇଏଏନ୍ଏସ୍)**



ସିଜେଆଇ ଏନ୍.ଭି. ରମନା

ଜନସାଧାରଣ ଯଦି ବିଚାର ବ୍ୟବସ୍ଥା ଉପରୁ ବିଶ୍ୱାସ ଓ ଆସ୍ଥା ହରାଇବସନ୍ତି, ତେବେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହେବ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା କହିଛନ୍ତି। ଆସନ୍ତା ୨୬ ତାରିଖରେ ଅବସର ଗ୍ରହଣ କରିବାକୁ ଥିବା ସିଜେଆଇ ଜଷ୍ଟିସ୍ ରମନା ଶନିବାର ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ଅବସରରେ କହିଛନ୍ତି, ବିଚାର ବ୍ୟବସ୍ଥା ଉପରୁ ଯେପରି ଲୋକଙ୍କ ଆସ୍ଥା ନ ତୁଟେ, ତାହା ନିଶ୍ଚିତ କରାଇବା ଜରୁରୀ।

ବିଜୟୱାଡ଼ା କୋର୍ଟ କମ୍ପ୍ଲେକ୍ସର ଉଦ୍‌ଘାଟନ ପରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ, ରାଜ୍ୟ ହାଇକୋର୍ଟ ମୁଖ୍ୟ ବିଚାରପତି ପ୍ରଶାନ୍ତ କୁମାର ମିଶ୍ର ଏବଂ ଅନ୍ୟ ବିଚାରପତିମାନଙ୍କ ଉପସ୍ଥିତିରେ ସିଜେଆଇ ରମନା ବିଚାର ବ୍ୟବସ୍ଥା ପ୍ରତି ଆସ୍ଥା ହ୍ରାସ ପାଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଦେଶର ପ୍ରଧାନ ବିଚାରପତି ଭାବେ ଜଷ୍ଟିସ ରମନା ତାଙ୍କର ଦେଢ଼ବର୍ଷର କାର୍ଯ୍ୟକାଳ ମଧ୍ୟରେ ଖାଲିଥିବା ବିଚାରପତି ପଦବୀ ପୂରଣ କରିବା ☞ପୃଷ୍ଠା-୨

# ବର୍ଷା ବିପ୍ଳାତ: ୬ ମୃତ

## କାନ୍ଥ ଭୁଶୁଡ଼ି ୨ ଭଉଣୀଙ୍କ ସମେତ ୪ ମୃତ

**ବିଶୋଇ/ରାଇରଙ୍ଗପୁର/କେନ୍ଦୁଝର/ବାଲିଆପାଳ, ୨୦।୮ (ଡି.ଏନ.ଏ./ସ୍ୱ.ପ୍ର.)**

ଲଘୁଚାପଜନିତ ପ୍ରବଳ ବର୍ଷା ଲାଗିରହିବାରୁ ଶୁକ୍ରବାର ରାତିରେ ଉତ୍ତରଓଡ଼ିଶାରେ ବ୍ୟାପକ କ୍ଷତି ଘଟିବା ସହ ୪ଜଣଙ୍କ ଜୀବନଯାଇଛି। ମୃତକଙ୍କ ମଧ୍ୟରେ ୨ଭଉଣୀ, ଜଣେ ବୃଦ୍ଧା ଓ ଜଣେ ୪ବର୍ଷର ଶିଶୁ ଅଛନ୍ତି। ଦୁଇ ଭଉଣୀ ମୟୂରଭଞ୍ଜ ଜିଲା ବିଶୋଇ ଥାନା ଲୁହାକାନି ପଞ୍ଚାୟତର ଭୋଲବେଡା ଗ୍ରାମର ହୋଇଥିବା ବେଳେ ମହିଳାଜଣକ କେନ୍ଦୁଝର ଜିଲା ମହାଦେଇଯୋଡା ପଞ୍ଚାୟତ ଟିକରପଡା ଗ୍ରାମ ଓ ଶିଶୁଟି ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ମଧୁପୁରା ଗ୍ରାମର ବୋଲି ଜଣାପଡିଛି।

ଭୋଲବେଡା ଗ୍ରାମର ଅନିଲ ଗିରି, ସ୍ତ୍ରୀ ରିତା ଓ ଦୁଇ ଝିଅ ରଶ୍ମିତା (୧୨) ଓ ନୀହାରିକା (୫) ଖଟିମାଟି ଘରେ ଶୋଇଥିଲେ। ବର୍ଷା ଲାଗି ରହିଥିବା ବେଳେ ରାତି ପ୍ରାୟ ସାଢେ ୨ଟା ବେଳେ ତାଙ୍କ ଘରର କାନ୍ଥ ହଠାତ୍ ଭୁଶୁଡି ପଡିଥିଲା। ଘଟଣାସ୍ଥଳରେ ଅନିଲ ଓ ତାଙ୍କ ସ୍ତ୍ରୀ ରିତା ସାମାନ୍ୟ ଆହତ ହୋଇଥିବା ବେଳେ ଦୁଇ ଝିଅ କାନ୍ଥ ତଳେ ଚାପି ହୋଇଯାଇଥିଲେ। ମାତାପିତା ପଡୋଶୀଙ୍କ ସାହାଯ୍ୟରେ ୨ ଝିଅଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ☞ପୃଷ୍ଠା-୨

## ନଦୀ ପାରିବେଳେ ଭାସିଗଲେ ଯୁବତୀ

**ଝରିଗାଁ, ୨୦।୮ (ସ୍ୱ.ପ୍ର.)**

ନଦୀ ପାର ହେବାବେଳେ ଭାସିଯାଇ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚଟା ପଞ୍ଚାୟତ ଅଧୀନ ଗବାଗୁଡା ଗ୍ରାମ ଜାନୀ ସାହିର ମନସାଇ ଜାନୀଙ୍କ ଝିଅ ତୁଲାବତୀ (୨୦)। ନଦୀ ଘାଟର ୫ କିମି ଦୂରରୁ ତାଙ୍କ ମୃତଦେହ ମିଳିଛି।

ସୂଚନାନୁଯାୟୀ, ଶୁକ୍ରବାର ସକାଳୁ ତୁଲାବତୀ ନଦୀ ପାର ହୋଇ ନିଜ ଚାଷ ଜମିକୁ ଯାଇଥିଲେ। ଅପରାହ୍ନରେ ସେ ଏକା ନଦୀ ପାର ହୋଇ ଘରକୁ ଫେରୁଥିଲେ। ଏହି ସମୟରେ ଉପର ମୁଣ୍ଡରେ ଲଗାଣ ବର୍ଷା ହେତୁ ନଦୀରେ ହଠାତ୍ ପାଣି ମାଡ଼ି ଆସିଥିଲା। ଫଳରେ ତୁଲାବତୀ ନଦୀପାଣିରେ ଭାସି ଯାଇଥିଲେ। ଝିଅ ଘରକୁ ଆସିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବହୁତ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳିନଥିଲା। ଝିଅ ନଦୀରେ ଭାସିଯାଇଥିବା ସନ୍ଦେହକରି ଶନିବାର ସକାଳୁ ପରିବାର ଲୋକେ ନଦୀକୂଳ ଖୋଜାଖୋଜି କରିଥିଲେ। ପ୍ରାୟ ୫ କିମି ଦୂରରେ ରହିଥିବା ଏକ ବୁଦା ମଧ୍ୟରେ ତୁଲାବତୀଙ୍କର ମୃତଦେହ ପରିବାର ଲୋକେ ଦେଖି ☞ପୃଷ୍ଠା-୨

## ନାବାଳକଙ୍କ ଉପରେ ଖସିଲା ପାଇଖାନା ଛାତ

**କୋରାପୁଟ, ୨୦।୮ (ସ୍ୱ.ପ୍ର.)**

ଲଗାଣ ବର୍ଷା ଯୋଗୁ ପାଣି ଖାଇ ଦୁର୍ବଳ ହୋଇପଡିଥିବା ଏକ ପାଇଖାନା କାନ୍ଥ, ଛାତ ଭୁଶୁଡ଼ି ପଡ଼ିବାରୁ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋରାପୁଟ ସହର ଉପକଣ୍ଠ ଗାନ୍ଧୀନଗର ନୂଆସାହିର ସୁମନ୍ତ କୁମାର ଭଦ୍ରାଙ୍କ ବଡ଼ ପୁଅ ପ୍ରିୟାଂଶୁ (୯)।

ସୂଚନାନୁଯାୟୀ ପ୍ରିୟାଂଶୁ ବିକାଶ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପଢ଼ୁଥିଲେ। ଶନିବାର ସକାଳୁଆ ସ୍କୁଲ ଥିବାରୁ ଭୋର ୫ଟାରେ ଶୌଚ ହେବାକୁ ସେ ପାଇଖାନା ଯାଇଥିଲେ। ହଠାତ୍ ତାଙ୍କ ଉପରେ ପାଇଖାନାର କାନ୍ଥ ସହ ଛାତ ଭୁଶୁଡ଼ି ପଡ଼ିଥିଲା। ଶବ୍ଦ ଶୁଣି ପରିବାର ଲୋକେ ସେଠାରେ ପହଞ୍ଚି ଓଡ୍ରାଫ ଟିମ୍‌କୁ ଖବର ଦେଇଥିଲେ। ଓଡ୍ରାଫ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ପ୍ରିୟାଂଶୁଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ କୋରାପୁଟ ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ୨୭ରେ ଏଏସ୍‌ଓ ପରୀକ୍ଷା

**କଟକ ଅଫିସ, ୨୦।୮**

ବନ୍ୟା ଯୋଗୁ ଘୁଞ୍ଚିଥିବା ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ଲିଖିତ ପରୀକ୍ଷା ଆସନ୍ତା ୨୭ ତାରିଖରେ ହେବ। ଏନେଇ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ଦିନ ୩ଟି ସିଟିଂରେ ପରୀକ୍ଷା ହେବ। ପ୍ରଥମ ସିଟିଂ ପରୀକ୍ଷା ପୂର୍ବାହ୍ନ ୯ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ହେବ। ସେହିପରି ଦ୍ୱିତୀୟ ସିଟିଂ ପରୀକ୍ଷା ପୂର୍ବାହ୍ନ ସାଢେ ୧୧ଟାରୁ ଅପରାହ୍ନ ୧ଟା, ତୃତୀୟ ସିଟିଂ ପରୀକ୍ଷା ଅପରାହ୍ନ ସାଢେ ୨ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ହେବ। ତେବେ ଭିନ୍ନକ୍ଷମ ପରୀକ୍ଷାର୍ଥୀମାନଙ୍କୁ ପ୍ରତି ସିଟିଂରେ ଅଧ ଘଣ୍ଟା ଲେଖାଏଁ ଅଧିକ ସମୟ ଦିଆଯିବ। ପ୍ରଥମ ସିଟିଂରେ ଜେନେରାଲ ଆୱାରନେସ୍, ଦ୍ୱିତୀୟ ସିଟିଂରେ ରିଜନିଂ ଆଣ୍ଡ୍ ମେଣ୍ଟାଲ ଆବିଲିଟି ଓ ଗଣିତ ପରୀକ୍ଷା, ତୃତୀୟ ସିଟିଂରେ ଇଂଲିଶ ଓ ଓଡ଼ିଆ ପରୀକ୍ଷା ହେବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ୭୯୬ଟି ଏଏସ୍‌ଓ ପଦବୀ ପୂରଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏହାପରେ ଓପିଏସ୍‌ସି କର୍ତ୍ତୃପକ୍ଷ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରି ଲିଖିତ ପରୀକ୍ଷା ପାଇଁ ଆସନ୍ତା ୨୧ ତାରିଖକୁ ଧାର୍ଯ୍ୟ କରିଥିଲେ। ହେଲେ ରାଜ୍ୟରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ପରୀକ୍ଷା ଘୁଞ୍ଚାଇ ଦିଆଯାଇଥିଲା।

DSPL-146



# ବନ୍ୟା ପରବର୍ତ୍ତୀ
## ସ୍ୱାସ୍ଥ୍ୟ ସତର୍କତା

- ନଈ, ନାଳ, ଝରଣା, ପୋଖରୀ, ଗାଡିଆ, ଚୂଆ ଆଦିର ଦୂଷିତ ପାଣି ପିଅନ୍ତୁ ନାହିଁ। ବନ୍ୟା ଜଳରେ ବୁଡିଯାଇଥିବା ନଳକୂଅ କିମ୍ବା ବନ୍ୟାଜଳ ପଶିଥିବା କୂଅପାଣି ବିଶୋଧନ ନହେବା ପର୍ଯ୍ୟନ୍ତ ବ୍ୟବହାର କରନ୍ତୁ ନାହିଁ।
- ବିଶୋଧିତ ପାଇପ୍ ପାଣି କିମ୍ବା ୧ ଲିଟର ପରିଷ୍କାର ପାଣିରେ ଗୋଟିଏ ହାଲାଜୋନ୍ ବଟିକା (୪ ମି.ଗ୍ରା) ପକାଇ ଅଧଘଣ୍ଟା ପରେ ପିଅନ୍ତୁ।
- ଏହି ବିଶୋଧିତ ପାଣିକୁ ଭାତ ପଖାଳିବା ଏବଂ ଚୁଡା, ମୁଢି ଇତ୍ୟାଦି ଜଳଖିଆ ଖାଇବାରେ ବ୍ୟବହାର କରନ୍ତୁ।
- ବାସି, ପଚାସଢା କିମ୍ବା ମାଛି ବସିଥିବା ଖାଦ୍ୟ ଖାଆନ୍ତୁ ନାହିଁ।
- ଖାଦ୍ୟ ପରଷିବା ଓ ଖାଇବା ପୂର୍ବରୁ ଏବଂ ଶୌଚ ପରେ ହାତକୁ ସାବୁନ୍‌ରେ ଭଲଭାବରେ ଧୁଅନ୍ତୁ।
- ତରଳ ଝାଡା ହେଲେ ଓ.ଆର.ଏସ୍ ଦ୍ରବଣ ପିଅନ୍ତୁ। ପିଲାମାନଙ୍କୁ ତରଳ ଝାଡା ହେଲେ ଆବଶ୍ୟକ ପରିମାଣର ଓ.ଆର.ଏସ୍ ଦ୍ରବଣ ସହିତ ଜିଙ୍କ୍ ବଟିକା ଦିଅନ୍ତୁ।
- ବାହାରେ ଜମି ରହିଥିବା ପାଣି କିମ୍ବା ନଦୀ /ନାଳ ପାଣିରେ ବାସନକୁସନ କିମ୍ବା ହାତମୁହଁ ଧୁଅନ୍ତୁ ନାହିଁ। କେବଳ ବିଶୋଧିତ ନଳକୂପ, କୂପ କିମ୍ବା ପାଇପ୍ ପାଣିକୁ ଏହି କାର୍ଯ୍ୟରେ ବ୍ୟବହାର କରନ୍ତୁ।
- ସାପକାମୁଡା ରୋଗୀକୁ ତୁରନ୍ତ ଡାକ୍ତରଖାନକୁ ନେଇ ଚିକିତ୍ସା କରାନ୍ତୁ।

- ତରଳଝାଡା, ଜ୍ୱର, ପରିସ୍ରା / ଆଖି ହଳଦିଆ ଦେଖାଦେଲେ ତୁରନ୍ତ ନିକଟସ୍ଥ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ।
- ବନ୍ୟାଞ୍ଚଳରେ ହାଲାଜୋନ୍ ବଟିକା, ଓ.ଆର.ଏସ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଔଷଧ ଆଶା, ସ୍ୱାସ୍ଥ୍ୟକର୍ମୀ ଏବଂ ସମସ୍ତ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ବିନାମୂଲ୍ୟରେ ଉପଲବ୍ଧ।

OIPR-10003/13/0062/2223

ବନ୍ୟା ପରବର୍ତ୍ତୀ ସମୟରେ କୋଭିଡ୍ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ କଡାକଡି ପାଳନ କରନ୍ତୁ।

facebook.com/HFWOdisha
http://www.health.odisha.gov.in/
@HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

# ସ୍ୱପ୍ନ ଦେଖେ ବୁଢ଼ିଆଣୀ

**ଅଧ୍ୟୟନରେ ଦାବି**



**ୱାଶିଂଟନ୍, ୨୦।୮**

ମଣିଷ ଶୋଇବାବେଳେ ସ୍ୱପ୍ନ ଦେଖିଥାଏ। ଆମ ଭଳି ବୁଢ଼ିଆଣୀ ମଧ୍ୟ ସ୍ୱପ୍ନ ଦେଖିଥାଏ ବୋଲି ନିକଟରେ ଏକ ଗବେଷଣାରୁ ଜଣାପଡ଼ିଛି। ଆମେରିକା-ୟୁରୋପର କେତେକ ୟୁନିଭର୍ସିଟି ପକ୍ଷରୁ ହୋଇଥିବା ଏକ ଅଧ୍ୟୟନ ରିପୋର୍ଟରେ ଏପରି ଦାବି କରାଯାଇଛି। ବୁଢ଼ିଆଣୀମାନେ ମଣିଷ ଭଳି ଆଖିପତା ପକାଇପାରିଥାନ୍ତି। ଏପରି କି ଶୋଇବାବେଳେ ସେମାନେ ସ୍ୱପ୍ନ ମଧ୍ୟ ଦେଖିଥାନ୍ତି ବୋଲି ଜର୍ମାନୀ, ଇଟାଲୀ ୟୁନିଭର୍ସିଟି ଏବଂ ଆମେରିକାର ହାର୍ଭାର୍ଡ ୟୁନିଭର୍ସିଟି ଗବେଷକମାନେ ଦାବି କରିଛନ୍ତି। ପ୍ରୋସିଡିଂସ୍ ଅଫ୍ ଦ ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସେସ୍ (ପିଏନ୍ଏଏସ୍)ରେ ଏହି ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି।

ରିସର୍ଚ୍ଚରେ ଭାଗ ନେଇଥିବା ଗବେଷକମାନେ ଇନ୍‌ଫ୍ରାରେଡ୍ କ୍ୟାମେରା ସହାୟତାରେ ବୁଢ଼ିଆଣୀ ଏବଂ ସମାନ ପ୍ରଜାତିର ଜୀବଙ୍କ ଉପରେ ରାତିରେ ଅଧ୍ୟୟନ କରିଥିଲେ। ବିଶେଷକରି ଜମ୍ପିଂ ସ୍ପାଇଡର ଶୋଇବାବେଳେ କଡ଼ ଲେଉଟାଇବା, ଆଖିଡୋଳା ଏପଟ ସେପଟ କରିବା, ସ୍ୱପ୍ନରେ ଚମକିବା ପରି ଶରୀରରେ ଝଟକା ଲାଗିବା ଆଦି ଘଟଣା ଜଣାପଡ଼ିଥିଲା। ସ୍ୱପ୍ନବେଳେ ମଣିଷ ଶରୀରର ବ୍ୟବହାର ବୁଢ଼ିଆଣୀ ସହ ମିଶୁଥିବା ଗବେଷକମାନେ ଜାଣିବାକୁ ପାଇଥିଲେ। ସେମାନଙ୍କ ନିଦ ମଧ୍ୟ ମଣିଷ ଭଳି ର୍‍ୟାପିଡ୍ ଆଇ ମୁଭ୍‌ମେଣ୍ଟ (ଏକ ପର୍ଯ୍ୟାୟ ନିଦ) ବା ରେମ୍ ଦେଇ ଗତି କରିଥାଏ। ସାଧାରଣତଃ ମଣିଷ ଏହି ପର୍ଯ୍ୟାୟ ନିଦରେ ଥିବାବେଳେ ସ୍ୱପ୍ନ ଦେଖିଥାଏ। ଏହି ଅବସ୍ଥାରେ ଶରୀରର ମାଂସପେଶୀ ନିଷ୍କ୍ରିୟ ହୋଇ ବିଶ୍ରାମ ନେଇଥାଏ। ସ୍ପାଇଡର ସହ ମଧ୍ୟ ସମାନ କଥା ଘଟିଥାଏ। ସ୍ୱପ୍ନ ଦେଖିବାବେଳେ ବୁଢିଆଣୀ ଶରୀର ଥରିବାକୁ ଲାଗିଥାଏ ବୋଲି ଜର୍ମାନୀ ୟୁନିଭର୍ସିଟି ଅଫ୍ କୋନ୍‌ଷ୍ଟାଞ୍ଜର ବାୟୋଲୋଜିଷ୍ଟ ଡାନିଏଲା ରୋଭ୍‌ଲର କହିଛନ୍ତି।

# ମହିଳାଶୂନ୍ୟ ଡୁକୁଟୋଲି

- ଗୁଣି ସନ୍ଦେହରେ ୨ ମହିଳାଙ୍କୁ ହତ୍ୟା କରିଥିଲେ
- ୧୯ ମହିଳାଙ୍କୁ ମିଳିଛି ଆଜୀବନ ଜେଲଦଣ୍ଡ

**ରାଞ୍ଚି:** ଝାଡ଼ଖଣ୍ଡର ଗୁମଲା ଜିଲା କରୋନ୍ଦାଜୋର୍ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆଦିବସୀ ବସ୍ତି ଡୁକୁଟୋଲିରେ ଏବେ ବିରାଜୁଛି ଶ୍ମଶାନର ନୀରବତା। ପ୍ରାୟ ୨୪ ଆଦିବାସୀ ପରିବାର ବସବାସ କରୁଥିବା ଏହି ଅନାମଧ୍ୟେୟ ଗ୍ରାମ ଝାଡ଼ଖଣ୍ଡର ଅନ୍ୟ ଆଦିବାସୀ ବସତିଗୁଡ଼ିକଠାରୁ ପୃଥକ୍ ନୁହେଁ। ତଥାପି ୯ ବର୍ଷ ତଳର ଏକ ଘଟଣାର ପରିଣତି ଏବେ ଉକ୍ତ ବସ୍ତିର ଭିନ୍ନତାକୁ ଦର୍ଶାଉଛି। ଦାଣ୍ଡରେ ଶୁଣାଯାଉନି ମହିଳାଙ୍କ ବାର୍ତ୍ତାଳାପ। ମନେହେଉଛି ସତେ ଯେମିତି ଡୁକୁଟୋଲି ମହିଳାଶୂନ୍ୟ ହୋଇଯାଇଛି। ଭର୍ନୋ ଥାନା ଅଧୀନ ଡୁକୁଟୋଲିର ସାମ୍ପ୍ରତିକ ଅସ୍ୱାଭାବିକ ସ୍ଥିତି ପଛର କାରଣ ହେଉଛି ଏକ ଅଦାଲତୀ ରାୟ। ଅଗଷ୍ଟ ୪ରେ ଏକ ସ୍ଥାନୀୟ କୋର୍ଟ ଗାଁର ୧୯ ମହିଳାଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଆଖପାଖର ୨ ମହିଳା ଗୁଣିଗାରେଡ଼ି କରୁଥିବା ସନ୍ଦେହରେ ୨୦୧୩ ଜୁନ୍ ୧୧ରେ ଏହି ୩୦ରୁ ୭୦ ବର୍ଷୀୟା ମହିଳାମାନେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ହତ୍ୟାକାରୀ ଓ ହତ୍ୟାର ଶିକାର ହୋଇଥିବା ମହିଳା ପରସ୍ପର ସହ ପରିଚିତ ଥିଲେ। ଅଭିଯୁକ୍ତମାନେ କୋର୍ଟରେ ଦୋଷୀ ସାବ୍ୟସ୍ତ ହେବା ପରେ ପୁରୁଷମାନେ ଘଟଣା ସମ୍ପର୍କରେ କିଛି କହିବାକୁ ମଙ୍ଗୁନାହାନ୍ତି । ତଥାପି କେତେଜଣ ମୁହଁ ଖୋଲିଛନ୍ତି। ୨୫ ବର୍ଷୀୟ ଯୋଗିନ୍ଦର ନାଗ୍‌ଙ୍କ ମତରେ, ଏପରି ହେବାର ନ ଥିଲା। ଗାଁ ମହିଳାମାନେ ଅନ୍ୟ ୨ ଜଣଙ୍କୁ ପିଟିମାରି ନ ଥାନ୍ତେ କି ଦଣ୍ଡ ଭୋଗି ନ ଥାନ୍ତେ। ଏହି ସଙ୍କଟରୁ ଆମେ କିପରି ମୁକୁଳିବୁ ତାହା ଜଣାନାହିଁ ବୋଲି ଥରି ଥରି କହୁଥିଲେ ଯୋଗିନ୍ଦର। ଦିନ ମଜୁରିଆ ଯୋଗିନ୍ଦରଙ୍କ ମା' କରିଆ ଦେବୀ, ୨ ବଡ଼ ଭାଉଜ ମଙ୍ଗରି ଓ ଚିନ୍ତାମଣି ଦେବୀ ମଧ୍ୟ କୋର୍ଟ ଆଦେଶ ପରେ ଜେଲ ଯାଇଛନ୍ତି।



> ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ସଦ୍ୟତମ ଉପଲବ୍ଧ ତଥ୍ୟ ଅନୁସାରେ ୨୦୦୧ରୁ ୨୦୨୦ ମସିହା ଭିତରେ ଗୁଣିଗାରେଡ଼ି କରିବା ଅଭିଯୋଗରେ ଭାରତରେ ୫୯୦ଜଣଙ୍କୁ ହତ୍ୟା କରାଯାଇଛି, ସେମାନଙ୍କ ମଧ୍ୟରୁ ଅଧିକାଂଶ ମହିଳା।

ଘଟଣାଦିନ ସକାଳେ ବ୍ରିଜାନିଆ ଇନ୍ଦିୱର ଓ ଇଗ୍‌ନେସିଆ ଇନ୍ଦିୱର ଡୁକୁଟୋଲିର ଆଖଡ଼ାକୁ ଯାଇଥିବାବେଳେ ଏକ ନିମ୍ବ ଗଛତଳେ ମହିଳାମାନେ ଦୁହିଁଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ମୃତା ଦୁଇ ମହିଳାଙ୍କ ବିରୋଧରେ ଅଭିଯୋଗ ଥିଲା ମାସକ ପୂର୍ବରୁ ଦୁହେଁ ଗୁଣି ଗାରେଡ଼ି କରି ୪୦ ବର୍ଷୀୟ ଅଗଷ୍ଟିନ୍ ଇନ୍ଦିୱରଙ୍କୁ ଜୀବନରେ ମାରି ଦେଇଥିଲେ। କଥାକଥିତ ଡାହାଣୀ ଦ୍ୱୟଙ୍କୁ ମରଣାନ୍ତକ ଆକ୍ରମଣ ଖବର ପବନ ବେଗରେ ବ୍ୟାପିବାରୁ ଗାଁ ଲୋକେ ରୁଣ୍ଡ ହୋଇଥିଲେ। ଉଦ୍ଧାର କରି ସିସାଇ ହସ୍ପିଟାଲକୁ ଚିକିତ୍ସା ପାଇଁ ନେବାବେଳେ ବାଟରେ ଆଖି ବୁଜିସାରିଥିଲେ ଦୁହେଁ। ଥାନାରେ ଅଭିଯୋଗ କରାଯିବାର ଦିନକ ପରେ ସମସ୍ତ ୧୯ ମହିଳା ଅଭିଯୁକ୍ତଙ୍କୁ ଭର୍ନୋ ପୋଲିସ ଗିରଫ କରିଥିଲା। ଇଗ୍‌ନେସିଆଙ୍କ ୫ ସନ୍ତାନଙ୍କ ମଧ୍ୟରୁ ସବା ବଡ଼ ୨୨ ବର୍ଷୀୟ ଏଡ୍‌ୱିନ୍ କହିଛନ୍ତି, ମା'ଙ୍କୁ ହତ୍ୟାବେଳେ ସେ ନାବାଳକ ଥିଲେ। ଏବେ ତାଙ୍କର କିଛି ମନେପଡୁନାହିଁ। ସେ ଯାହା ହେଉ ନା କାହିଁକି, ସେଦିନର ଘଟଣା ପୂରା ଗାଁଟାକୁ ବରବାଦ କରିଦେଇଛି। ଆଉ କେତେଜଣ ଗ୍ରାମବାସୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସବୁକିଛି ନିମିଷକେ ଘଟିଥିଲା। ମହିଳା ମଣ୍ଡଳ ସଦସ୍ୟାମାନେ ନିୟମିତ ବୈଠକ ପାଇଁ ଏକତ୍ରିତ ହୋଇଥିଲେ। ସେମାନେ ଜଣପିଛା ୫ରୁ ୧୦ ଟଙ୍କା ଜମା କରି ଏକ ପାଣ୍ଠି କରନ୍ତି, ଯହିଁରୁ ଅଭାବୀ ମହିଳା ଧାର ନେଇ ନିଜ କାମ ଚଳାନ୍ତି। ସେମାନେ ବି ସେ ଦିନ ଭାବି ନ ଥିଲେ ଯେ, ତାଙ୍କ ହାତରେ ଦୁଇଜଣ ମହିଳାଙ୍କ ଜୀବନ ଯିବ ବୋଲି। ରବିବାର ଥିବାରୁ ଅଧିକାଂଶ ପୁରୁଷ ଚର୍ଚ୍ଚକୁ ଏବଂ ଅନ୍ୟମାନେ ବିଲକୁ ଯାଇଥିଲେ। ଅନ୍ୟଥା ସେମାନଙ୍କ ଘରର ସ୍ତ୍ରୀ ଲୋକମାନେ ଆଜି ଜେଲରେ ନ ଥାନ୍ତେ।

# ମା' ହେଲେ ସୋନମ



**ନୂଆଦିଲ୍ଲୀ:** ମା' ହୋଇଛନ୍ତି ବଲିଉଡ୍ ଅଭିନେତ୍ରୀ ସୋନମ କପୁର। ଶନିବାର ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ତେବେ ମା' ହେବାର ଖବର ସୋନମ ନିଜେ ଇନ୍‌ଷ୍ଟାଗ୍ରାମ ଜରିଆରେ ନିଜ ଫ୍ୟାନ୍ସଙ୍କୁ ଜଣାଇଛନ୍ତି। ପୋଷ୍ଟ ଶେୟାର କରି ପରିବାର, ବନ୍ଧୁ, ଡାକ୍ତର, ନର୍ସ ଓ ପ୍ରଶଂସକମାନଙ୍କ ସହଯୋଗ ଓ ଭଲପାଇବା ପାଇଁ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆମ ଜୀବନର ନୂଆ ଯାତ୍ରା ଆରମ୍ଭ ହୋଇଛି। ଆଗକୁ ଅନେକ ପରିବର୍ତ୍ତନ ଘଟିବ ବୋଲି ସୋନମ କହିଛନ୍ତି। ବଲିଉଡ୍‌ର ବହୁ କଳାକାର ସୋନମଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଚଳିତ ବର୍ଷ ମାର୍ଚ୍ଚରେ ସୋନମ ଗର୍ଭବତୀ ଥିବା କଥା ସାମାଜିକ ଗଣମାଧ୍ୟମ ଜରିଆରେ ଜଣାଇଥିଲେ। ସୋନମ ଲଣ୍ଡନରେ ତାଙ୍କ ବେବି ସାୱାର ପାଳିଥିବାବେଳେ ଗର୍ଭବତୀ ଥିବାବେଳେ ନାୟିକା ଜଣକ ଫଟୋଶୁଟ୍ କରିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ୨୦୧୮ ମେ ୮ରେ ସୋନମ ଲଣ୍ଡନରେ ରହୁଥିବା ଶିଳ୍ପପତି ଆନନ୍ଦ ଆହୁଜାଙ୍କୁ ବିବାହ କରିଥିଲେ। ୨୦୧୯ରେ ରିଲିଜ୍ ହୋଇଥିବା ହିନ୍ଦୀ ଫିଲ୍ମ ଦ ଜୋୟା ଫ୍ୟାକ୍ଟର'ରେ ସୋନମ ଶେଷଥର ପାଇଁ ବଡ଼ ପରଦାରେ ଦେଖାଯାଇଥିଲେ। ଫିଲ୍ମରେ ତାଙ୍କ ବିପକ୍ଷରେ ଅଭିନୟ କରିଥିଲେ ଟଲିଉଡ୍ ଅଭିନେତା ଦୁଲକର ସଲମାନ। ଏଥିସହ 'ଏକେ ଭିଏସ୍ ଏକେ'ରେ ସୋନମ ଏକ କମିଓ ଭୂମିକାରେ ଅଭିନୟ କରିଥିଲେ।

# ଭୁଲ୍ ଢଙ୍ଗରେ ବ୍ୟାଣ୍ଡେଜ୍ କରି କର୍ମଚାରୀ ନିଲମ୍ବିତ

ଭୋପାଳ

ମଧ୍ୟ ପ୍ରଦେଶ ମୋରେନାରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଜଣେ ଡ୍ରେସରଙ୍କୁ ନିଲମ୍ବନ କରାଯାଇଛି। ତେବେ ନିଲମ୍ବନ ପଛର କାରଣ ଜାଣି ପାଠକଙ୍କୁ ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚୟ। ଜଣେ ମହିଳା ଡ୍ରେସିଂ ପାଇଁ ମୋରେନା ସରକାରୀ ଡାକ୍ତରଖାନା ଆସିଥିବାବେଳେ ପୂର୍ବରୁ କରାଯାଇଥିବା ବ୍ୟାଣ୍ଡେଜ୍‌କୁ ଡାକ୍ତର କାଢ଼ିଥିଲେ। ଗଜ୍ କପଡ଼ା ଓ ତୁଳା ବାହାର କରିବା ସମୟରେ ସେଥିରୁ ଏକ କଣ୍ଡୋମ୍ ପ୍ୟାକେଟ ବାହାରିଥିଲା। ଡାକ୍ତର ଜଣକ ଘଟଣା ସମ୍ପର୍କରେ ମହିଳାଙ୍କୁ ପଚାରିବାରୁ ସେ କହିଥିଲେ ଯେ, ମୁଣ୍ଡରେ ଆଘାତ ଲାଗିବା ପରେ ସେ ପୋରସା କମ୍ୟୁନିଟି ହେଲ୍‌ଥ ସେଣ୍ଟରକୁ ଯାଇ ବ୍ୟାଣ୍ଡେଜ୍ କରିଥିଲେ। ସେ ସମୟରେ ଡା. ଧର୍ମେନ୍ଦ୍ର ରାଜପୁତ ଏମର୍ଜେନ୍ସି ଡ୍ୟୁଟିରେ ଥିବାବେଳେ ଅନନ୍ତ ରାମ ୱାର୍ଡ ବଏ ମଧ୍ୟ ଡ୍ୟୁଟିରେ ଥିଲେ। ସେଠାରେ ଅନନ୍ତ ମହିଳାଙ୍କ ମୁଣ୍ଡରେ ପଟି ବାନ୍ଧିବାବେଳେ ତୁଳା ସହିତ କିଛି ଜରି ପ୍ୟାକେଟ ପଟିରେ ଦେଉଥିବାର ମହିଳା ଅନୁଭବ କରିଥିଲେ। କିନ୍ତୁ ଏ ନେଇ କୌଣସି ପ୍ରଶ୍ନ କରି ନ ଥିବା ମହିଳା କହିଥିଲେ। ଘଟଣା ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଅଭିଯୋଗ ହେବା ପରେ ଉକ୍ତ ଡ୍ରେସର ଅନନ୍ତଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଘଟଣା ସହ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।



# ସ୍ଥାନାନ୍ତର ହେଉଛି ୨ ମହଲା କୋଠା

**ଚଣ୍ଡିଗଡ଼:** ପଞ୍ଜାବ ସାଙ୍ଗ୍ରୁରର ଶୁଖୱିନ୍ଦର ସିଂ ସୁଖି ନାମକ ଜଣେ କୃଷକ ତାଙ୍କ ୨ ମହଲା କୋଠାର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏକ୍ସପ୍ରେସ୍‌ୱେ ନିର୍ମାଣ କାର୍ଯ୍ୟ ପାଇଁ ଏହି ବଙ୍ଗଳାକୁ ନିଜ ଅବସ୍ଥିତିଠାରୁ ପ୍ରାୟ ୫୦୦ ଫୁଟ ଦୂରକୁ ନିଆଯିବ। ସ୍ଥାନୀୟ ନିର୍ମାଣ ଶ୍ରମିକଙ୍କ ସାହାଯ୍ୟକ୍ରମେ ୧.୫ କୋଟି ଟଙ୍କାରେ ତିଆରି ଏହି ଘରର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା କୋଠାଟିକୁ ୨୫୦ ଫୁଟ ଦୂରକୁ ନିଆଯାଇଛି। ସୁଖୱିନ୍ଦର ସାଙ୍ଗ୍ରୁରର ରୋଶାନୱାଲା ଗ୍ରାମରେ ଥିବା ନିଜ ଜମିରେ ଏହି ଘର ନିର୍ମାଣ କରିଥିଲେ। ଘର ତିଆରି ହୋଇଥିବା ଜମିଟି ଦିଲ୍ଲୀ-ଅମୃତସର-କଟରା ଏକ୍ସପ୍ରେସ୍ ୱେ ପ୍ରୋଜେକ୍ଟ ଅଧୀନରେ ଆସୁଥିବା କାରଣରୁ ଏହାର ସ୍ଥାନାନ୍ତର କରାଯାଉଛି। ଘର ଭାଙ୍ଗିବା ପାଇଁ ପଞ୍ଜାବ ସରକାର ସୁଖୱିନ୍ଦରଙ୍କୁ କହିଥିବାବେଳେ ସେ ଘର ସ୍ଥାନାନ୍ତର କରିବାର ନିଷ୍ପତ୍ତି ନେଇଥିଲେ। ନିଜ ସ୍ୱପ୍ନର ଘରକୁ ଭାଙ୍ଗି ଆଉ ଏକ ନୂଆ ଘର ତିଆରି କରିବା ପାଇଁ ସେ ଇଚ୍ଛୁକ ନୁହନ୍ତି।

## ପ୍ରଥମ ପୃଷ୍ଠାରୁ...

### କାନ୍ଥ ଭୁଶୁଡ଼ି ୨ ଭଉଣୀଙ୍କ...

ନେଇଯାଇଥିଲେ। ସେଠାରେ ଡାକ୍ତର ୨ଜଣ ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବିଶୋଇ ପୋଲିସ ଓ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ରଶ୍ମିତା ଜାମରଡ଼ିହାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ନୀହାରିକା ଭୋଲବେଡା ଅଙ୍ଗନୱାଡ଼ି କେନ୍ଦ୍ରରେ ପଢୁଥିଲେ। ୨ ଝିଅଙ୍କୁ ହରାଇ ଅନିଲଙ୍କ ପରିବାର ଭାଙ୍ଗିପଡିଛନ୍ତି।

କେନ୍ଦୁଝର ସଦର ବ୍ଲକ ମହାଦେଇଯୋଡା ପଞ୍ଚାୟତ ଟିକରପଡା ଗ୍ରାମର ବେହେରା ସାହିରେ ଦୃତିକା ବେହେରା(୭୦) ଓ ତାଙ୍କ ସ୍ୱାମୀ କୁଲିଆ ବେହେରା(୭୫) ଶୋଇଥିବା ବେଳେ ରାତି ପ୍ରାୟ ୩ଟା ବେଳେ ଘର କାନ୍ଥ ଭୁଶୁଡି ପଡିଥିଲା। ଘଟଣାସ୍ଥଳରେ ଦୃତିକାଙ୍କ ମୃତ୍ୟୁ ହୋଇଥିବା ବେଳେ କୁଲିଆଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସେ ଚିକିତ୍ସାଧୀନ ଥିବା ଜଣାପଡିଛି।

ସେହିପରି ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ମଧୁପୁରା ୟୁଜି ଏମ୍‌ଇ ବିଦ୍ୟାଳୟ ପାଖରେ ଥିବା ବଡ଼ ଶାଗୁଆନ ଗଛ ଭାଙ୍ଗି ପାଚେରି ଉପରେ ପଡିଥିଲା। ଫଳରେ ସ୍କୁଲ ପାଚେରି ଭୁଶୁଡି ଅନ୍‌ସାର ଅଲ୍ଲୀଙ୍କ ଘର ଉପରେ ପଡ଼ିଥିଲା। ଘରେ ଶୋଇଥିବା ଅବସ୍ଥାରେ ଅନ୍‌ସାର ଅଲ୍ଲୀଙ୍କ ୩ ଜଣ ପିଲା ବଡ଼ ପୁଅ ସେକ ଆରାନ (୮), ମଝିଆ ଝିଅ ମିନା ଖାତୁନ ଓ ୪ ବର୍ଷର ସାନ ଝିଅ ସାମିନା ଖାତୁନ କାନ୍ଥ ତଳେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକ ଓ ଅଗ୍ନିଶମ ବାହିନୀ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସାନ ଝିଅ ସାମିନା ଖାତୁନ ଗୁରୁତର ଥିବାରୁ ପ୍ରଥମେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରୁ ସଙ୍କଟାପନ୍ନ ଅବସ୍ଥାରେ କଟକ ନେବା ବାଟରେ ସାମିନାଙ୍କ ମୃତ୍ୟୁ ହୋଇଯାଇଥିଲା। ବଡ଼ପୁଅ ଓ ମଝିଆଁ ଝିଅକୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ବାଲେଶ୍ୱର ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ବାଲିଆପାଳ ତହସିଲଦାର ଦୀପକ କୁମାର ଦାଶ ପହଞ୍ଚି ଗୁରୁତର ଦୁଇପିଲାଙ୍କ ଚିକିତ୍ସା ବ୍ୟବସ୍ଥା କରିବା ସହିତ ବାପା ଅନ୍‌ସାର ଅଲ୍ଲୀଙ୍କୁ ରେଡ଼କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଆବାସ ଯୋଜନାରେ ଘର ପାଇବା ପାଇଁ ତାଲିକାରେ ନାମ ନ ଥିଲେ ସ୍ୱତନ୍ତ୍ର ଭାବରେ ଆବାସ ଯୋଜନାରେ ଘର ନିର୍ମାଣ ପାଇଁ ବ୍ୟବସ୍ଥା କରାଯିବ ବୋଲି ତହସିଲଦାର ଦାଶ କହିଛନ୍ତି। ଏନେଇ ବାଲିଆପାଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୭/୨୨) ରୁଜୁ ହୋଇଛି।

### ନଦୀ ପାରିବେଳେ...

ଝରିଗାଁ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଝରିଗାଁ ଥାନା ଏଏସ୍‌ଆଇ ଅଶୋକ କୁମାର ପାଳ ପୋଲିସ ଟିମ୍ ସହ ସେଠାରେ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀମାନେ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ହାବିଲଦାର ଭୋଳାନାଥ ମାଝି, ପ୍ରଶାନ୍ତ କୁମାର ସାହୁ, ଅଜିତ କୁମାର ଭୋଇ, ଧନୁର୍ଦ୍ଧର ରାଉତ, ନୃପରାଜ ଶବର, ସୁରଥ ଜାନୀ, ମଣିଲାଲ ବାଛାଡ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତୁଳାବତୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ଝରିଗାଁ ଥାନାରେ କେସ୍ ନଂ. ୨୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ବିଚାର ବ୍ୟବସ୍ଥା ଉପରେ...

ଓ ଅଦାଲତଗୁଡ଼ିକର ଭିତ୍ତିଭୂମି ବିକାଶ ଉପରେ ଜୋର୍ ଦେଇଆସିଛନ୍ତି। ତାଙ୍କ ସମୟରେ ୨୫୦ ହାଇକୋର୍ଟ ବିଚାରପତି ନିଯୁକ୍ତି ପାଇଛନ୍ତି। ସୁପ୍ରିମକୋର୍ଟରେ ୧୨ ଜଣ ବିଚାରପତି ନିଯୁକ୍ତ ହୋଇଥିବାବେଳେ ବିଭିନ୍ନ ହାଇକୋର୍ଟରେ ୧୫ ଜଣ ମୁଖ୍ୟ ବିଚାରପତି ନିଯୁକ୍ତି ପାଇଛନ୍ତି। ବିଚାର ବ୍ୟବସ୍ଥାରେ ମହିଳା, ପଛୁଆ ବର୍ଗଙ୍କ ସମେତ ସମାଜର ସବୁ ବର୍ଗଙ୍କୁ ଯେପରି ଉପଯୁକ୍ତ ପ୍ରତିନିଧିତ୍ୱ ମିଳିବ ତାହା ଉପରେ ସିଜେଆଇ ଗୁରୁତ୍ୱ ଦେଇଥିଲେ। ସାରା ଦେଶରେ ବିଚାର ବ୍ୟବସ୍ଥାର ଉନ୍ନତି ଲାଗି ସେ ପ୍ରଧାନମନ୍ତ୍ରୀ, ଏକାଧିକ କେନ୍ଦ୍ରମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ବିଚାରପତିମାନଙ୍କ ଆଗରେ ପ୍ରସଙ୍ଗ ଉଠାଇଥିଲେ।

କେତେକ ରାଜ୍ୟ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିବାରୁ କେନ୍ଦ୍ର ସରକାର କୋର୍ଟ ବିଲ୍ଡିଂ ନିର୍ମାଣ ଲାଗି ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ପାଣ୍ଠି ଯୋଗାଇଦେବାକୁ ଜଷ୍ଟିସ ରମନା କହିଥିଲେ। ତାଙ୍କ ପ୍ରସ୍ତାବକୁ କେନ୍ଦ୍ରରୁ ବିରୋଧ କରାଯାଇଥିଲେ ହେଁ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁର ମୁଖ୍ୟମନ୍ତ୍ରୀମାନେ ସମର୍ଥନ ଜଣାଇଥିଲେ। ସେଥିପାଇଁ ସିଜେଆଇ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଦେଶର ବିଚାର ବ୍ୟବସ୍ଥାରେ ସବୁଠୁ ବଡ଼ ସମସ୍ୟା ହେଲା ବହୁସଂଖ୍ୟାରେ ମାମଲା ଦୀର୍ଘଦିନ ବିଚାର ଅପେକ୍ଷାରେ ପଡ଼ିରହିବା। ଏଥିପାଇଁ ବହୁତ କାରଣ ଦାୟୀ। ତେବେ ତ୍ୱରିତ୍ ନ୍ୟାୟ ପ୍ରଦାନ ଉଭୟ ବିଚାରପତି ଓ ଆଇନଜୀବୀମାନଙ୍କ ଦାୟିତ୍ୱ ବୋଲି ସିଜେଆଇ ସ୍ମରଣ କରାଇଦେଇଛନ୍ତି। ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ନ୍ୟାୟପାଳିକାର ମୁଖ୍ୟ ଲକ୍ଷ୍ୟ। ତେଣୁ ସର୍ବନିମ୍ନ ସମୟ ମଧ୍ୟରେ ନ୍ୟାୟ ସୁନିଶ୍ଚିତ କରିବା ଲାଗି ସେ ସେମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହିତ ବିଚାର ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ବିଭିନ୍ନ ପଦକ୍ଷେପକୁ ଆଇନଜୀବୀମାନେ ସମର୍ଥନ ଯୋଗାଇଦେବା ଆବଶ୍ୟକ। ଆପଣମାନେ ଦାୟିତ୍ୱସମ୍ପନ୍ନ ଏବଂ ସମାଜର ସମ୍ମାନଜନକ ପଦପଦବୀରେ ରହିଛନ୍ତି। ତେଣୁ ସମାଜରେ ପରିବର୍ତ୍ତନ ଆଣିବାରେ ଆପଣମାନେ ରୋଲ ମଡେଲ ସାଜିବା ଆବଶ୍ୟକ ବୋଲି ସିଜେଆଇ ଆଇନଜୀବୀମାନଙ୍କୁ କହିଛନ୍ତି।

କୋର୍ଟ ବିଲ୍ଡିଂ ନିର୍ମାଣ ବିଳମ୍ବ ହେବା ଲାଗି ରାଜ୍ୟ ବିଭାଜନ ଗୋଟିଏ କାରଣ ହୋଇଥିବାବେଳେ ଆର୍ଥିକ ସମସ୍ୟା ଯୋଗୁ ସରକାର ଠିକ୍ ସମୟରେ ପାଣ୍ଠି ନ ଯୋଗାଇବା ଏବଂ ଠିକାଦାରମାନେ ଉପଯୁକ୍ତ ଭାବେ କାର୍ଯ୍ୟ କରି ନ ପାରିବା ଅନ୍ୟତମ କାରଣ। ବିଜୟୱାଡ଼ା କୋର୍ଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ୫୮ କୋଟି ଟଙ୍କା ଆକଳନ କରାଯାଇଥିବାବେଳେ ବିଳମ୍ବ ଯୋଗୁ ଏହା ୧୦୦ କୋଟିରେ ପହଞ୍ଚିଥିଲା। କେବଳ ବିଲ୍ଡିଂ ନିର୍ମାଣ କରିଦେଲେ ହେବ ନାହିଁ, ଏହାକୁ ବିଚାରପତି ଓ ଆଇନଜୀବୀମାନେ ସଫଳତାର ସହ କାର୍ଯ୍ୟରେ ଲଗାଇବା ଆବଶ୍ୟକ ବୋଲି ସିଜେଆଇ କହିଛନ୍ତି।

## ରାଜ୍ୟ ଖବର

# ଅସୁସ୍ଥ ହୋଇ ଆଶ୍ରମ ସ୍କୁଲ ଛାତ୍ରଙ୍କ ମୃତ୍ୟୁ

## ହଷ୍ଟେଲ କର୍ତ୍ତୃପକ୍ଷ, ଡାକ୍ତରଙ୍କ ଅବହେଳାକୁ ଦାୟୀକରି ଥାନାରେ ଏତଲା

ମାଲକାନଗିରି,୨୦।୮ (ଡି.ଏନ୍.ଏ./ସ୍ୱ.ପ୍ର.)

ମାଲକାନଗିରି ସଦର ବ୍ଲକ ପାଣ୍ଡ୍ରିପାଣି ଆଶ୍ରମ ବିଦ୍ୟାଳୟର ଜଣେ ଛାତ୍ର ଶୁକ୍ରବାର ଅସୁସ୍ଥ ହୋଇପଡ଼ିଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଖଇରପୁଟ ବ୍ଲକ ପୋଡ଼ାଭଟା ଗ୍ରାମର ସନିଆ ଦୋରା। ପରିବାର ଲୋକେ ପୁଅର ମୃତ୍ୟୁ ପାଇଁ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳା ଏବଂ ଡାକ୍ତରଙ୍କ ଚିକିତ୍ସାରେ ବିଳମ୍ବକୁ ଦାୟୀ କରି ଥାନାରେ ଏତଲା ଦେଇଛନ୍ତି।

ସୂଚନା ଅନୁଯାୟୀ, ସନିଆଙ୍କ ମା', ବାପା ନ ଥିବାରୁ ଦାଦା ପାଣ୍ଡ୍ରିପାଣି ଆଶ୍ରମ ବିଦ୍ୟାଳୟରେ ତାଙ୍କର ନାମ ଲେଖାଇଥିଲେ। ସେଠାରେ ସେ ନବମ ଶ୍ରେଣୀରେ ପଢୁଥିଲେ। ଶୁକ୍ରବାର ତାଙ୍କର ପେଟବ୍ୟଥା ହେବାରୁ ସେ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହାକୁ ଗୁରୁତର ସହ ନ ନେଇ କର୍ତ୍ତୃପକ୍ଷ ତାଙ୍କୁ କିଛି ଔଷଧ ଦେଇ ଚୁପ୍ ରହିଯାଇଥିଲେ। ଶନିବାର ସକାଳେ ଅଧିକ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ପାଣ୍ଡ୍ରିପାଣି ଓ ପରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ପ୍ରଥମେ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ବେଖାତିର ମନୋଭାବ ଏବଂ ପରେ ପାଣ୍ଡ୍ରିପାଣି ଡାକ୍ତରଖାନାରେ ଦୀର୍ଘ ୫ ଘଣ୍ଟା ଧରି ରଖି ଚିକିତ୍ସାରେ ଅବହେଳା କରାଯିବା ଯୋଗୁ ସନିଆଙ୍କ ମୃତ୍ୟୁ ଘଟିଥିବା ତାଙ୍କ ଭାଇ ସୁରେଶ, ସମ୍ପର୍କୀୟା ସବିତା ଗୌଡ଼, ଗ୍ରାମ ମୁଖ୍ୟ ନରସିଂହ କବାସୀ ଅଭିଯୋଗ କରିଛନ୍ତି। ସୁରେଶ ମାଲକାନଗିରି ଥାନାରେ ଏତଲା ଦେଇଛନ୍ତି।

ଏ ନେଇ ପାଣ୍ଡ୍ରିପାଣି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୋଲାପ ପୂଜାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଶୁକ୍ରବାର ସନିଆଙ୍କ ପେଟବ୍ୟଥା ହେଉଥିବା ଜାଣିବା ପରେ ତୁରନ୍ତ ପାଣ୍ଡ୍ରିପାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇ ଚିକିତ୍ସା କରାଯାଇଥିଲା। ଏହାପରେ ସେ ଛାତ୍ରାବାସକୁ ଆସି ସୁସ୍ଥ ଥିବା କହିଥିଲେ। ପରେ ପୁଣି ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସେଠାରୁ ତାଙ୍କୁ ମାଲକାନଗିରି ଡାକ୍ତରଖାନାକୁ ପଠାଯିବା ସହ ଏ ବିଷୟରେ ଛାତ୍ରଙ୍କ ଅଭିଭାବକଙ୍କୁ ଫୋନ୍‌ରେ ଅବଗତ କରାଯାଇଥିଲା। ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବୁଝିବା ପାଇଁ ଡାକ୍ତରଖାନା ଯିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ଖବର ପାଇଥିଲେ ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି। ଏଥିସହ ଘଟଣା ବିଷୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା ସେ ପ୍ରକାଶ କରିଛନ୍ତି। ମାଲକାନଗିରି ଥାନା ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ୫୯/୨୨ ରେ ଏକ ମାମଲା ରୁଜୁକରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଆର୍. କିଣ୍ଡୋ କହିଛନ୍ତି।

# ବିଦ୍ୟୁତ୍ ତାର ଲାଗି ଜଳିଗଲା ହାଇୱା

ଟେନ୍‌ସା,୨୦।୮(ଡି.ଏନ୍.ଏ.)

ଶନିବାର ସକାଳେ ସୁନ୍ଦରଗଡ଼ ଜିଲା ଟେନ୍‌ସା-କୋଇଡ଼ା ରାସ୍ତାର ବନଦୁର୍ଗା ମନ୍ଦିର ଘାଟି ତଳେ ଏକ ଅଭାବନୀୟ ଘଟଣା ଘଟିଛି। ୧୧ କେ.ଭି. ବିଦ୍ୟୁତ୍ ତାର ଲାଗି ଏକ ହାଇୱା ଜଳିଯିବା ସହ ଜୀବନ୍ତ ଦଗ୍ଧ ହୋଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ସନ୍ଦୀପ କୁମାର ବିଶ୍ୱକର୍ମା(୩୫)। ଘର ଝାଡ଼ଖଣ୍ଡ ରାଜ୍ୟର ଦେଉଡ଼ିଆରେ ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ସକାଳ ୮ଟା ସମୟରେ କୋଇଡ଼ା ଥାନା ଅନ୍ତର୍ଗତ ବନଦୁର୍ଗା ଘାଟି ତଳେ ଓଡି ୦୯କେ-୩୮୩୫ ନମ୍ବରର ହାଇୱାଟି କୌଣସି କାରଣରୁ ଛଡ଼ା ହୋଇଥିଲା। ତେବେ ବର୍ଷା ଯୋଗୁ ଗାଡ଼ି ଡାଲାରେ ପାଣି ଥିବାରୁ ଡ୍ରାଇଭର ଡାଲାଟି ଟେକିଦେଇଥିଲେ। ଫଳରେ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ଲାଗିଯିବାରୁ ହାଇୱାଟି ଜଳି ଉଠିଥିଲା। ଏ ନେଇ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଟେନ୍‌ସା ଫାଣ୍ଡି ଅଧିକାରୀ ଅଶୋକ ବେହେରା ଓ କୋଇଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ତୁରନ୍ତ ବିଦ୍ୟୁତ୍ ବିଭାଗକୁ ଫୋନ କରି ଲାଇନ୍ କଟାଯିବା ସହ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ଏଥିରେ ହାଇୱାର ଅର୍ଦ୍ଧାଧିକ ଅଂଶ ଜଳିଯାଇଛି।



ବିଦ୍ୟୁତ୍ ତାର ଲାଗି ଜଳୁଥିବା ହାଇୱା।

> ଡ୍ରାଇଭର ଜୀବନ୍ତ ଦଗ୍ଧ

ତେବେ ସେତେବେଳକୁ ନିଆଁରେ ଜଳିଯାଇ ଡ୍ରାଇଭର ସନ୍ଦୀପଙ୍କ ମୃତ୍ୟୁ ଘଟିସାରିଥିଲା। ପୋଲିସ ସେଠାରୁ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରିଛି। ପରିବାର ଲୋକେ ଆସି ପହଞ୍ଚିଲେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି କୋଇଡ଼ା ଥାନା ଅଧିକାରୀ ଲୋକେଶ୍ୱର ସାହୁ ପ୍ରକାଶ କରିଛନ୍ତି। ହାଇୱା ମାଲିକ କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳର ବୋଲି ଜଣାଯାଇଛି। ଏ ନେଇ କୋଇଡ଼ା ଥାନାରେ କେସ୍ ନଂ.୧୬/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ରାଜ୍ୟରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

ସମଗ୍ର ବିଶ୍ୱରେ ଅନ୍ୟତମ ସର୍ବାଧିକ ମାରାତ୍ମକ ସଂକ୍ରାମକ ରୋଗ ହେଉଛି ମ୍ୟାଲେରିଆ, ଯାହା ମଶା କାମୁଡ଼ିବା ଦ୍ୱାରା ବ୍ୟାପିଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରକାଶିତ ବିଶ୍ୱ ମ୍ୟାଲେରିଆ ରିପୋର୍ଟ ୨୦୨୧ ଅନୁଯାୟୀ, ୨୦୨୦ରେ ବିଶ୍ୱବ୍ୟାପୀ ୨୪୧ ନିୟୁତ ଲୋକ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୬,୨୭,୦୦୦ ଜଣଙ୍କର ମୃତ୍ୟୁ ଘଟିଥିଲା। ଓଡ଼ିଶାରେ ପୂର୍ବରୁ ମ୍ୟାଲେରିଆ ସଂକ୍ରମଣ ଅଧିକ ରହିଆସୁଥିଲା। କିନ୍ତୁ ୨୦୧୬ରୁ ୨୦୨୧ ମଧ୍ୟରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୯୪% ହ୍ରାସ ପାଇଛି। ମ୍ୟାଲେରିଆ ନିରାକରଣ ନିମନ୍ତେ ଓଡ଼ିଶା ନିର୍ଦ୍ଦିଷ୍ଟ ଅଞ୍ଚଳଭିତ୍ତିକ ଆଭିମୁଖ୍ୟ କାର୍ଯ୍ୟକାରୀ କରିଆସୁଛି। ଫଳରେ ଗତ ଚାରିବର୍ଷ ମଧ୍ୟରେ ରାଜ୍ୟରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟାରେ ଯଥେଷ୍ଟ ହ୍ରାସ ପରିଲକ୍ଷିତ ହୋଇଛି।

## ସଂକ୍ଷେପରେ

### ଟ୍ରକ୍‌କୁ ପିଟିଲା କଣ୍ଟେନର, ଟ୍ରକ୍ ଡ୍ରାଇଭର ଗୁରୁତର

**ଧର୍ମଶାଳା,୨୦।୮(ଡି.ଏନ.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବାରବାଟୀ ଦୁର୍ଗାମନ୍ଦିର ନିକଟରେ ଖରାପ ହୋଇ ଛିଡ଼ା ହୋଇଥିବା ଟ୍ରକ୍‌କୁ ଏକ କଣ୍ଟେନର ଧକ୍କା ଦେଇଛି। ଫଳରେ ଟ୍ରକ୍ ଡ୍ରାଇଭର ଗୁରୁତର ହୋଇଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶନିବାର ରାତିରେ ଏହି ଘଟଣା ଘଟିଛି। ଏନ୍‌ଏଲ୍-୦୧-ଏଇ-୬୮୨୩ ନମ୍ବର ବିଶିଷ୍ଟ ଟ୍ରକ୍‌ଟି ଖରାପ ହୋଇଯିବାରୁ ଦୁର୍ଗାମନ୍ଦିର ନିକଟରେ ଛିଡ଼ା ହୋଇଥିଲା। ଗାଡ଼ି ଡ୍ରାଇଭର ରଞ୍ଜିତ ସାହା ଗାଡ଼ି ପାଖରେ ଛିଡା ହୋଇଥିଲେ। ଏହି ସମୟରେ କଣ୍ଟେନର ଆସି ଟ୍ରକ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ କଣ୍ଟେନର ଫେରାର ହୋଇଯାଇଥିଲା। ଟ୍ରକ୍ ଡ୍ରାଇଭରଙ୍କୁ ଉଦ୍ଧାର କରିବା କଷ୍ଟକର ହୋଇପଡ଼ିଥିଲା। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ସମ୍ପୃକ୍ତ ଡ୍ରାଇଭରଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ଓଆଇଏସ୍ଏଫ୍ କର୍ମଚାରୀ ଗିରଫ

**କାଳିଆପାଣି,୨୦।୮(ଡି.ଏନ.ଏ.):** ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ (ଓଆଇଏସ୍ଏଫ) ପକ୍ଷରୁ ଓଡ଼ିଶା ଖଣି ନିଗମ କାଳିଆପାଣି ଖଣିରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ପାରିବାରିକ ଗଣ୍ଡଗୋଳ ଯୋଗୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଅମିୟ ବେହେରା(୨୭)। ଅମିୟ ତାଙ୍କ ସହକର୍ମୀ ବନ୍ଦନା ରାଉତରାୟ(୨୭)ଙ୍କୁ ୨ ବର୍ଷ ତଳେ ବାହା ହୋଇଥିଲେ। ସେମାନଙ୍କର ୧ ବର୍ଷର ଏକ ଝିଅ ହୋଇଛି। ଉଭୟ କାଳିଆପାଣି ଖଣି ନିଗମ କଲୋନୀ ପରିସରରେ ରହୁଥିଲେ। ଏହାମଧ୍ୟରେ ଅମିୟ ଗାଁରେ ଆଉ ଜଣେ ଯୁବତୀଙ୍କୁ ଦ୍ୱିତୀୟ ବିବାହ କରିଛନ୍ତି। ତାଙ୍କର ମଧ ଏକ ଝିଅ ଅଛି। ତେବେ ବିବାହ ପରଠାରୁ ବନ୍ଦନା ଓ ଅମିୟଙ୍କ ମଧ୍ୟରେ ଝଗଡ଼ା ଲାଗି ରହିଥିଲା। ଶୁକ୍ରବାର ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଫଳରେ ଅମିୟ ଏକ ମାରଣାସ୍ତ୍ର ଧରି ବନ୍ଦନାଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇ ଥିଲେ। ବନ୍ଦନା ଜୀବନ ବିକଳରେ ଘରୁ ବାହାରି ପଳାଇଥିଲେ। ଏହାକୁ ନେଇ ବନ୍ଦନା କାଳିଆପାଣି ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ନଂ.୮୦।୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ।

### ସାପ କାମୁଡ଼ାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ଟାଙ୍ଗୀ(ଖୋର୍ଦ୍ଧା),୨୦।୮(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଚାନ୍ଦପୁର ଥାନା ଗୋପବନ୍ଧୁ ନଗରରେ ଶନିବାର ସାପ କାମୁଡ଼ାରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ଏହି ଗ୍ରାମର ହାଡୁବନ୍ଧୁ ମହାନ୍ତି (୫୭)। ହାଡୁବନ୍ଧୁ ଓ ତାଙ୍କ ସ୍ତ୍ରୀ ସ୍ୱପ୍ନା ଶୁକ୍ରବାର ରାତିରେ ଶୋଇଥିବା ବେଳେ ଏକ ସାପ ସେମାନଙ୍କୁ କାମୁଡ଼ି ଦେଇଥିଲା।

# ୨ ମାସର କଂକ୍ରିଟ ରାସ୍ତା ଫାଟିଲା

**ଯାଜପୁର ରୋଡ,୨୦।୮(ଡି.ଏନ.ଏ.)**

ଯାଜପୁର ଜିଲାର ଅନ୍ୟତମ ପ୍ରମୁଖ ସହର ବ୍ୟାସନଗର ପୌରାଞ୍ଚଳରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ସହରର ସଫେଇ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗ ହେଉଥିବାବେଳେ ଏବେ ପୁଣି ବିଭିନ୍ନ ୱାର୍ଡ ରାସ୍ତାରେ ନିମ୍ନମାନର କଂକ୍ରିଟକରଣ କାର୍ଯ୍ୟ ଦେଖିବାକୁ ମିଳିଛି। ଗୋଶାଳା ଛକଠାରୁ ମହତାବନଗର ଦେବେଶ୍ୱର ମନ୍ଦିର ପର୍ଯ୍ୟନ୍ତ ନିର୍ମିତ କଂକ୍ରିଟ ରାସ୍ତା ୨ ମାସରେ ଫାଟିଯାଇଛି। ଏଥିରୁ ପୌର ପ୍ରଶାସନର ସ୍ୱଚ୍ଛତା ଏବଂ ପିସି (ପର୍ସେଣ୍ଟେଜ୍) କାରବାର ଅବସାନ ପାଇଁ ରାଜ୍ୟ ସରକାରଙ୍କ ସ୍ଲୋଗାନ ଫସର ଫାଟିଛି ବୋଲି ଅଭିଯୋଗ ହୋଇଛି।

୨୫ ନମ୍ବର ୱାର୍ଡ ଗୋଶାଳା ଛକଠାରୁ ମହତାବନଗର ରାସ୍ତା ପାଇଁ ୨୦୨୦-୨୧ରେ ୮ ଲକ୍ଷ ୨୫ ହଜାର ୫୦୦ ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ରଶ୍ମିତା ପ୍ରଧାନଙ୍କୁ ଏହି କାର୍ଯ୍ୟ ସମ୍ପାଦନ ଦାୟିତ୍ୱ ଦିଆଯାଇଥିଲା। ପୂର୍ବରୁ ଏହା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାରୁ ସମ୍ପୃକ୍ତ


କଂକ୍ରିଟ୍ ରାସ୍ତାରେ ଫାଟ ସୃଷ୍ଟି ହୋଇଛି।

ୱାର୍ଡବାସୀ ବିଭିନ୍ନସ୍ତରରେ ରାସ୍ତା ନିର୍ମାଣ କରିବାକୁ ଦାବି କରିଥିଲେ। ଗତ ଜୁନରେ ଏହି କଂକ୍ରିଟକରଣ ଶେଷ ହୋଇଥିଲା। ତାହା ଏବେ ମଝିରେ ଫାଟ ସୃଷ୍ଟି ହୋଇଛି। ଏଷ୍ଟିମେଟ ଅନୁସାରେ ଆବଶ୍ୟକ ପରିମାଣର ନିର୍ମାଣ ସାମଗ୍ରୀ ବ୍ୟବହାର ନ ହେବା, ନାମୀ ବ୍ରାଣ୍ଡର ସିମେଣ୍ଟ ବ୍ୟବହାରକୁ ଅଣଦେଖା, କାର୍ଯ୍ୟ ଶେଷ ପରେ ଠିକ୍ ଭାବେ ପାଣି ସିଞ୍ଚନ ନ କରିବା, କାର୍ଯ୍ୟ ସମୟରେ ଯନ୍ତ୍ରୀଙ୍କ

**ବ୍ୟାସନଗର ପୌର ପରିଷଦ**

■ପିସି କାରବାର ଅଣାୟତ୍ତ ଅଭିଯୋଗ

ଅନୁପସ୍ଥିତି ଆଦି କାରଣରୁ ଏଭଳି ହୋଇଥିବା ଅଭିଯୋଗ ହେଉଛି। ଆଉ କିଛି ଦିନ ପରେ ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ଗମନାଗମନ ଅନୁପଯୋଗୀ ହୋଇଯିବ ବୋଲି ପଡ଼ାବାସୀ ପ୍ରକାଶ କରିଛନ୍ତି। ଏହା ଭିଆଇପି ରାସ୍ତା ଭାବେ ପରିଚିତ। ଉକ୍ତ ୱାର୍ଡରେ ବହୁ ପ୍ରତିଷ୍ଠିତ ଡାକ୍ତର, ଶିକ୍ଷକ, ଆଇନଜୀବୀ, କମ୍ପାନୀଗୁଡ଼ିକରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ପରିବାର ବସବାସ କରୁଛନ୍ତି। ସେମାନେ ଏବେ ପୌର ପ୍ରଶାସନର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି।

ବିନା ପିସିରେ ଫାଇଲ ଏଠାରେ ଘୁଞ୍ଚେ ନାହିଁ ବୋଲି କେତେଜଣ ଠିକାଦାର ଅଭିଯୋଗ କରିଛନ୍ତି। କହିବାକୁ ଗଲେ ପିସି କାରବାର ଏଠାରେ ଚରମସୀମାରେ ପହଞ୍ଚିଛି। ଏହି ବିଭାଗରେ ବାର୍ଷିକ ବିପୁଳ ଟଙ୍କା ବ୍ୟୟ କରି ଉନ୍ନୟନ କାର୍ଯ୍ୟ ଚାଲିଥିବାରୁ ପିସି ଆକାରରେ ନିରୂପିତ ଅର୍ଥ ଭାବେ ସିଂହଭାଗ ବାଟମାରଣା ହୋଇଯାଉଛି ବୋଲି ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଅଭିଯୋଗ କରିଛନ୍ତି। ନେତାଙ୍କ ଛତ୍ରଛାୟା ତଳେ ରହି କେତେଜଣ ନିର୍ଦ୍ଦିଷ୍ଟ ଠିକାଦାର ଉନ୍ନୟନ ଅର୍ଥକୁ ହଡପ କରୁଥିବା ଅଭିଯୋଗ ହେଉଛି। ସହରର ପରିମଳ କାର୍ଯ୍ୟରେ ମଧ୍ୟ ଅନୁରୂପ ଅବସ୍ଥା। ଠିକାସଂସ୍ଥା ସହ ଭିତିରି ବୁଝାମଣା କରି ଖର୍ଚ୍ଚର ସିଂହଭାଗ ଅର୍ଥ ବାଟମାରଣା କରାଯାଉଛି। ସହରରେ ୧୬୦ ଶ୍ରମିକଙ୍କୁ ନିୟୋଜନ କରିବାକୁ ଚୁକ୍ତି ହୋଇଥିଲେ ହେଁ ୭୦/୮୦ ଜଣ ଶ୍ରମିକଙ୍କୁ ନିୟୋଜନ କରାଯାଉଛି। ସଫେଇ କାର୍ଯ୍ୟ ପାଇଁ ମାସିକ ପ୍ରାୟ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ସୂଚନା ମିଳିଛି। କିନ୍ତୁ ଏହି ଅର୍ଥର ପ୍ରାୟ ୫୦% ଭାଗବଣ୍ଟାରେ ଯାଉଛି ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି, କଂକ୍ରିଟକରଣରେ ଫାଳ ହେଉଥିବା ରାସ୍ତାର ମରାମତି କରିବାକୁ ସମ୍ପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ହୋଇଛି। ଖୁବ୍‌ଶୀଘ୍ର ଏହାର ମରାମତି କରାଯିବ।

### ଅଭିନବ ଉପାୟରେ ସୁନା ଦୋକାନରୁ ଲୁଟ

**ବରୀ,୨୦।୮(ଡି.ଏନ.ଏ.)**

ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିଆପାଳ ଛକ ନିକଟସ୍ଥ ରାଧାଶ୍ୟାମ ଗହଣା ଦୋକାନରୁ ଶନିବାର ଦିନ ଦ୍ୱିପ୍ରହରରେ ଅଭିନବ ଉପାୟରେ ଲୁଟ୍ ହୋଇଛି। ଏନେଇ ଥାନାରେ ଲିଖିତ ଅଭିଯୋଗ ହେବାପରେ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ପହଞ୍ଚି ଘଟଣାର ଅନୁସନ୍ଧାନ ଜାରି ରଖିଛନ୍ତି। ସୂଚନା ମୁତାବକ, ଦୋକାନକୁ ଜଣେ ଯୁବକ ଆସି ଗୋଟିଏ ରୁପା ମୁଦି ଓ ସୁନା ଲକେଟ୍ କିଣିବା ପାଇଁ ଦୋକାନ ମାଲିକ ପ୍ରଫୁଲ ପୋଥାଳଙ୍କୁ କହିଥିଲେ। ଦୋକାନୀ ସାମଗ୍ରୀ ଦେଖାଇବା ପରେ ସମ୍ପୃକ୍ତ ଯୁବକ ପସନ୍ଦ କରିବା ସହ ତା'ର ଉଚିତ୍ ମୂଲ୍ୟ ପରିଶୋଧ ମଧ୍ୟ କରିଥିଲେ। ଦୋକାନୀଙ୍କ ବିଶ୍ୱାସଭାଜନ ହେବା ପରେ ସମ୍ପୃକ୍ତ ଯୁବକ ଅନ୍ୟ ଏକ କାନଫୁଲ ନେବାକୁ କହି ଦେଖୁଥିଲେ। ତେବେ ଏହି ସମୟରେ କୌଶଳକ୍ରମେ କାନଫୁଲ ସହ ଆଉ କିଛି ଗହଣା ନେଇ ଦୋକାନରୁ ବାହାରି ଆସିଥିଲେ। ପରେ ବାହାରେ ପ୍ରସ୍ତୁତ ହୋଇ ବାଇକ୍‌ରେ ଠିଆ ହୋଇଥିବା ଅନ୍ୟ ଏକ ଯୁବକଙ୍କ ସାଥିରେ ବସି କୁଆଖିଆ ଦିଗକୁ ଦ୍ରୁତ ଗତିରେ ପଳାଇଥିଲେ। ଲୁଟ୍ ହୋଇଥିବା ସୁନା ୧୦୦ରୁ ୧୧୦ ଗ୍ରାମ ଓଜନର ହେବ ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି।

# ଯାଦବ ମହାସଭା ପକ୍ଷରୁ ନନ୍ଦ ଉତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଜେନାପୁର,୨୦।୮(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ତାଳଜଙ୍ଗ ପଞ୍ଚାୟତ ରାମପୁର କଇଥା ଶିବ ମନ୍ଦିରରେ ରାଧାକୃଷ୍ଣ ଯାଦବ ମହାସଭା ପକ୍ଷରୁ ଜିଲାସ୍ତରୀୟ ୯ମ ବାର୍ଷିକ ନନ୍ଦୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାସଭା ସଭାପତି ରଘୁନାଥ ବେହେରାଙ୍କ ସଭାପତିତ୍ୱ ଓ ସାମାଜିକ କର୍ମୀ ସରୋଜକାନ୍ତ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ପ୍ରଭୁ ଗୋପାଳଜୀଉଙ୍କ ପୂଜାର୍ଚ୍ଚନା କରାଯାଇ ଚାରାରୋପଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଯୋଗଦେଇ କୃଷ୍ଣଚେତନାରେ ଲିପ୍ତ ରହିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯାଦବ ସଂସ୍କୃତି ଗବେଷକ ଅର୍ଜୁନ ଚରଣ ମହାକୁଡ଼, ସମ୍ମାନିତ ଅତିଥି ଯାଦବ ମହାସଭା ମୁଖ୍ୟ ଉପଦେଷ୍ଟା ତଥା ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. କୁଶଚନ୍ଦ୍ର ପ୍ରଧାନ, ବୟନ ଓ ହସ୍ତଶିଳ୍ପ ବିଭାଗ ଉପସଚିବ ଅଶୋକ କୁମାର ଗୌଡ଼, ଯାଜପୁର ଯାଦବ ମହାସଭା ପ୍ରାକ୍ତନ ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ଦାସ, ୧୧ ନଂ. ଜୋନ ଜିଲାପରିଷଦ ସଭ୍ୟ ସୁଧାଂଶୁଭୂଷଣ ସାହୁ, ସ୍ଥାନୀୟ ସରପଞ୍ଚ ବିପିନ ବିହାରୀ ସେଠୀ, ମହାସଭା କାର୍ଯ୍ୟକାରୀ ସଭାପତି ଧବଳେଶ୍ୱର ପ୍ରଧାନ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ କିଭଳି ସଫଳତାର ସହ ସମାପନ ହୋଇପାରିବ ସେ ବିଷୟରେ ମତ ରଖିଥିଲେ। ଏଥିରେ ବିଛାଖଣ୍ଡି ଓ ରାମପୁର-କଇଥା ଅଞ୍ଚଳର ଯୁବକମାନେ ଲଉଡ଼ିଖେଳ ପ୍ରଦର୍ଶନ କରିଥିଲେ। ଘନଶ୍ୟାମ ପଲେଇ, ସୁଦାମ ଚରଣ ଦାସ, ଗଣେଶ୍ୱର ପଲେଇ, ପ୍ରମୋଦ କୁମାର ପଲେଇ, ପ୍ରକାଶ ଚନ୍ଦ୍ର ପଲେଇ, ଅକୁର ଦାସ, କୁଶଚନ୍ଦ୍ର ଦାସ, ଅଜୟ ନାଟିଆ, ଅଭିମନ୍ୟୁ ଦାସ, ଦାମୋଦର ପଲେଇ, ବାବୁଧର ନାଟିଆ, ଜଳଧର ନାଟିଆ, ଗିରିଧାରୀ ପଲେଇ, ଜୀବନ ଦାସ ଓ ତାପସ ପଲେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯାଗ କରିଥିଲେ। ଶେଷରେ ମଧୁସୂଦନ ଦାସ ଧନ୍ୟବାଦ ଦେଇଥିଲେ।

# ବଡ଼ଚଣାରେ ଓଡ୍ରାଫ୍ ଟିମ୍

**ବଡ଼ଚଣା,୨୦।୮(ଡି.ଏନ.ଏ.)**

ବିରୂପା ଓ ରେଙ୍ଗୁଟି ନଦୀରେ ଜଳସ୍ତର ବୃଦ୍ଧି ସମ୍ଭାବନା ଥିବାରୁ ବନ୍ୟା ମୁକାବିଲା ପାଇଁ ଏକ ଓଡ୍ରାଫ୍ ଟିମ୍‌କୁ ଯାଜପୁର ଅତିରିକ୍ତ ଜିଲାପାଳ ବଡ଼ଚଣା ବ୍ଲକକୁ ପଠାଇଛନ୍ତି। ଉକ୍ତ ବ୍ଲକ ଦେଇ ପ୍ରବାହିତ ହେଉଥିବା ବିରୂପା ଓ ଗେଙ୍ଗୁଟି ନଦୀରେ ବନାପାଣି ଅଧିକ ରହିଛି। ଫଳରେ ଲୋକଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ଲଘୁଚାପ ବର୍ଷା ଓ ବନ୍ୟା ଯୋଗୁ ବଡ଼ଚଣାରେ ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ୫ ଶହରୁ ଅଧିକ ହେକ୍ଟର ଧାନ ଜମିରେ ପାଣି ପଶିଥିବା ଦେଖାଯାଇଛି। ଅନ୍ୟପକ୍ଷରେ ପନିପରିବା ଫସଲ ମଧ୍ୟ ନଷ୍ଟ ହୋଇଯାଇଛି।

# ଉନ୍ନୟନ କାର୍ଯ୍ୟ ତଦାରଖ କଲେ ଏମ୍‌ପି, ବିଧାୟିକା

**ରସୁଲପୁର,୨୦।୮(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ କରିଛନ୍ତି ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଓ ବରୀ ବିଧାୟିକା ସୁନନ୍ଦା ଦାସ। ଉଭୟ ଜନପ୍ରତିନିଧି ପଞ୍ଚାୟତର ବିଭିନ୍ନ ଗାଁ ବୁଲି ଲୋକଙ୍କ ସହ ଆଲୋଚନା କରିଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟରେ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣଲତା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉନ୍ନୟନମୂଳ କାର୍ଯ୍ୟରେ ୫ମ ରାଜ୍ୟ ଅର୍ଥ କମିଶନ ଅନୁଦାନରୁ ୧୦ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚାୟତ ଭବନର ଶିଳାନ୍ୟାସ କରାଯାଇଥିଲା। ବିଧାୟିକାଙ୍କ ଅନୁଦାନରୁ ଧଳସାହି ଠାକୁରଘର ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ, ରାଧାଗୋପୀନାଥ ଗୋଷ୍ଠୀ କେନ୍ଦ୍ରକୁ ଲୋକାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ନାଏବ ସରପଞ୍ଚ ବୈକୁଣ୍ଠ ବରାଳ, ଶିକ୍ଷାବିତ୍ ମାଗୁଣି ଚରଣ ପୃଷ୍ଟି, ପଞ୍ଚାୟତ ବିଜେଡି ସଭାପତି ଅନିରୁଦ୍ଧ ପୃଷ୍ଟି, ପୂର୍ବତନ ସରପଞ୍ଚ କୈଳାସ ସାହୁଙ୍କ ସମେତ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ଯୋଗଦେଇ ଥିଲେ।



# ଦରଦାମ ବୃଦ୍ଧି ପ୍ରତିବାଦରେ କଂଗ୍ରେସର ହାଲାବୋଲ


କଂଗ୍ରେସ କର୍ମୀମାନେ ପ୍ରତିବାଦ କରୁଛନ୍ତି।

**ଚଣ୍ଡିଖୋଲ,୨୦।୮(ଡି.ଏନ.ଏ.)**

ଦରଦାମ ବୃଦ୍ଧି ପ୍ରତିବାଦରେ ବଡ଼ଚଣା କଂଗ୍ରେସ ପକ୍ଷରୁ ଶନିବାର ବାଲିଚନ୍ଦ୍ରପୁର ବଜାରରେ ହାଲାବୋଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ କର୍ମୀମାନେ ପ୍ରଥମେ ରକୁଟିପାଟ ଗ୍ରାମରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ରାଜୀବ ଜୟନ୍ତୀ ପାଳନ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ଆସି ବାଲିଚନ୍ଦ୍ରପୁର ବଜାରଠାରେ ହାଲାବୋଲ (ଚର୍ଚ୍ଚା, ଆଲୋଚନା ଓ ପ୍ରତିବାଦ) କରିଥିଲେ। ଭାଜପା ସରକାର ସମୟରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ବିଭିନ୍ନ ନାରା ଦେଇଥିଲେ। ରନ୍ଧନ ଗ୍ୟାସ, କିରୋସିନ, ପେଟ୍ରୋଲ, ଖାଇବା ତେଲ, ଔଷଧ ଓ ସାରର ମୂଲ୍ୟ ବୃଦ୍ଧି ନେଇ ପ୍ରତିବାଦ ସଭାରେ ସମାଲୋଚନା କରାଯାଇଥିଲା।

କାର୍ଯ୍ୟକ୍ରମରେ ସାମଲଙ୍କ ସହ ଜିଲା କଂଗ୍ରେସ ପୂର୍ବତନ ଯୁବ ସଭାପତି ବିଶ୍ୱପ୍ରକାଶ ସାମଲ, ବ୍ଲକ ଯୁବ କଂଗ୍ରେସ ସଭାପତି ସଞ୍ଜୟ କର, ପୂର୍ବତନ ସରପଞ୍ଚ ସେକ ରିଆସତ ଅଲ୍ଲୀ, ଚାନ୍ଦ ଖାଁ, ଅଶୋକ କୁମାର ବେହେରା, ସରୋଜ କୁମାର ଜେନା, ମହନି ମହାନ୍ତି, ବାମଦେବ ସାମଲ, ଅଶୋକ କୁମାର ରାଉତ, ତ୍ରୈଲୋକ୍ୟ ବିଶ୍ୱାଳ, ନାରାୟଣ ଦାସ, ବଟକୃଷ୍ଣ ଦାସ, ସୁରେନ୍ଦ୍ର ପ୍ରଧାନ ଓ ପ୍ରତାପ ଜେନା ପ୍ରମୁଖ ସାମିଲ ହୋଇ ପ୍ରତିବାଦ କରିଥିଲେ।

# କୁଆଖିଆରେ କୃଷକ ସମ୍ମିଳନୀ

**ରସୁଲପୁର,୨୦।୮(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରସ୍ଥିତ ଅଭିମନ୍ୟୁ ସାମନ୍ତ ସିଂହାର ଭବନରେ ଏକ କୃଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସେମିନ୍ସ କମ୍ପାନୀ ଆନୁକୂଲ୍ୟରେ ଆୟୋଜିତ ସମ୍ମିଳନୀରେ କମ୍ପାନୀ ପକ୍ଷରୁ କଷ୍ଟମର ମାର୍କେଟିଂ ମ୍ୟାନେଜର ସାନ୍ତନୁ ଭଟ୍ଟାଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କମ୍ପାନୀ କୃଷକର ସାଥୀ ବୋଲି କହିବା ସହ ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରିବା ଦିଗରେ କମ୍ପାନୀର ମଞ୍ଜି ସହାୟକ ହେଉଛି ବୋଲି ମତ ରଖିଥିଲେ। ମାର୍କେଟିଂ ଡେଭଲପମେଣ୍ଟ ମ୍ୟାନେଜର ଦେବାଶିଷ ସିକଦାର, ରିଜିଓନାଲ ମ୍ୟାନେଜର ଗଣେଶ ସାମଲ, କ୍ୟାମ୍ପେନ ଆକ୍ଟିଭେସନ ମାନେଜର ଆଦର୍ଶ ସିଂ, ପଶ୍ଚିମ ଓଡ଼ିଶା ଟେରିଟୋରିଆଲ ସେଲସ୍ ମ୍ୟାନେଜର(ଟିଏସ୍ଏମ୍) ପ୍ରବୀଣ କୁମାର ସାହୁ, ଦକ୍ଷିଣ ଓଡ଼ିଶାର ଟିଏସଏମ ଅଭିରାମ ନାୟକ, ଉପକୂଳ ଓଡ଼ିଶାର ଟିଏସଏମ ବିଶ୍ୱରଞ୍ଜନ ପଣ୍ଡା, ଶସ୍ୟ ବୈଜ୍ଞାନିକ ପ୍ରତିକ୍ଷା ମଲ୍ଲ, ରାଜ୍ୟ ଆକ୍ଟିଭେଟ ମ୍ୟାନେଜର ଅଭିଲାଷ ଦ୍ୱିବେଦୀ, ବିଶ୍ୱଜିତ୍ ସାମଲ, ବିଷ୍ଣୁ ସାହୁ ପ୍ରମୁଖ ଯୋଗଦେଇ ଚାଷୀଙ୍କୁ ପରିବା ଚାଷର ପ୍ରଣାଳୀ ଓ ସ୍ୱଳ୍ପ ଖର୍ଚ୍ଚରେ କିଭଳି ଅଧିକ ରୋଜଗାର କରିପାରିବେ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ମିଳନୀରେ ଯୋଗଦେଇଥିବା କଟକ, ପୁରୀ, ଜଗତ୍‌ସିଂହପୁର, ଯାଜପୁର, ବାଲେଶ୍ୱର ଭଳି ଅନେକ ଜିଲାର ଅଗ୍ରଣୀ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଚାଷୀଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଇବା ସହ ସମ୍ମାନିତ ଚାଷୀଙ୍କୁ କମ୍ପାନୀ ପକ୍ଷରୁ ହେଲ୍‌ମେଟ ପ୍ରଦାନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇ ନିଜର ଅନୁଭୂତି ବାଣ୍ଟିଥିଲେ। ଚାଷ ସମୟରେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଚାଷୀ ବୈଷୟିକ ଅଧିକାରୀଙ୍କୁ ଅବଗତ କରାଇଥିଲେ।


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କୃଷକ ଓ ଅତିଥି।

# ବରୀ ବ୍ଲକରେ ବ୍ୟାପକ ଦୁର୍ନୀତି

■ ଖବରଦାତା ସମ୍ମିଳନୀରେ ଅଭିଯୋଗ ଆଣିଲେ ପୂର୍ବତନ ବ୍ଲକ ଅଧକ୍ଷା, ଅଧକ୍ଷ

■ ଅଭିଯୋଗ ସମାଧାନ ନ ହେଲେ ଆନ୍ଦୋଳନ ଜୋରଦାର ହେବ

**ବରୀ,୨୦।୮(ଡି.ଏନ.ଏ.)**

ବରୀ ବ୍ଲକ୍‌ରେ ପ୍ରଶାସନିକସ୍ତରରେ ବ୍ୟାପକ ଦୁର୍ନୀତି ହେଉଛି। ଏନେଇ ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ନୀଳମଣି ସାମଲ ଓ ପୂର୍ବତନ ଅଧ୍ୟକ୍ଷା ଭାରତୀ ବେହେରା ଯାଜପୁର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି। ଏଥିସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ଏଠାରେ ହେଉ ନ ଥିବା ନେଇ ସେମାନେ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଉଭୟଙ୍କ ଲିଖିତ ଅଭିଯୋଗ ମୁତାବକ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ଲୋକଙ୍କୁ ଯୋଗାଇ ଦେବା ନିମନ୍ତେ ସରକାରୀ ନିର୍ଦ୍ଦେଶ ରହିଛି। ମାତ୍ର ଏଠାରେ ବହୁ ବ୍ୟକ୍ତିଙ୍କୁ ଉକ୍ତ କାର୍ଡ ମିଳିନାହିଁ। ଫଳରେ ସେମାନେ ସ୍ୱାସ୍ଥ୍ୟସେବା ସୁବିଧାରୁ ବଞ୍ଚିତ ହେଉଛନ୍ତି। ଅଦ୍ୟାବଧି ଏହି ଯୋଜନାରେ ଉପଲବ୍ଧ ହୋଇଥିବା କାର୍ଡଗୁଡିକ ଯୋଗାଣ ନିରୀକ୍ଷକ ଓ ରିଟେଲରଙ୍କ


ଖବରଦାତା ସମ୍ମିଳନୀରେ ଅଭିଯୋଗ ସମ୍ପର୍କରେ ସୂଚନା ଦିଆଯାଉଛି।

ନିକଟରେ ପଡ଼ି ରହିଛି। ଖାଦ୍ୟ ସୁରକ୍ଷା ଯୋଜନାରେ ମାସିକ ୭ହଜାର ୫ ଶହ କୁଇଣ୍ଟାଲ ଚାଉଳ ଆସୁଥିବାବେଳେ ଦଲାଲଙ୍କ ସାହାଯ୍ୟରେ ଖୁଚୁରା ଡିଲରଙ୍କଠାରୁ କୁଇଣ୍ଟାଲ ପିଛା ୧୦ ଟଙ୍କା ଆଦାୟ କରାଯାଉଛି। ଫଳରେ ସରକାରୀ ଖୁଚୁରା ଡିଲର ପ୍ରତି କୁଇଣ୍ଟାଲରେ ୩ରୁ ୪ କେଜି ଚାଉଳ ହିତାଧିକାରୀଙ୍କୁ କମ୍ ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ବ୍ଲକ୍‌ର ଜଣେ ଡାଟା ଏଣ୍ଟ୍ରି ଅପରେଟର ଉଦ୍ଦେଶ୍ୟମୂଳକ ଭାବେ ପ୍ରତ୍ୟେକ ମାସରେ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କ ନାମ ବାଦ୍ ଦେଉଛନ୍ତି। ପରବର୍ତ୍ତୀ ଅବସ୍ଥାରେ ପ୍ରତି କାର୍ଡ ପିଛା ୫ ଶହରୁ ୧ ହଜାର ଟଙ୍କା ନେଇ ସେମାନଙ୍କ ନାମ ପଞ୍ଜୀକୃତ କରୁଛନ୍ତି। ଏତଦ୍‌ବ୍ୟତୀତ ଦୀର୍ଘ ଦିନ ଧରି ବହୁ ବିଧବା, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ବ୍ୟକ୍ତି ଭତ୍ତା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ରାଜନୈତିକ ତିକ୍ତତା ଯୋଗୁ ଏହା ସଫଳ ହୋଇପାରୁ ନାହିଁ ବୋଲି ଉଭୟ ପ୍ରକାଶ କରିଛନ୍ତି।

ଆଗାମୀ ଦିନରେ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ପ୍ରଶାସନିକ ଅଧିକାରୀ ଯଦି ଗୁରୁତ୍ୱ ନ ଦିଅନ୍ତି ତେବେ ଦଳମତ ନିର୍ବିଶେଷରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ପଛାଇବୁ ନାହିଁ ବୋଲି ସେମାନେ ମତ ରଖିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରୀ ପଞ୍ଚାୟତ ସମିତିସଭ୍ୟ ସଞ୍ଜୀବ ଜେନା, ପ୍ରାକ୍ତନ ବିଜେଡି ବ୍ଲକ୍ ସଭାପତି ସେକ୍ ସଫିକ୍‌ଉଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଡିଓ ଡ. ମାନସ ରଞ୍ଜନ ଭୋଇଙ୍କୁ ପଚାରିବାରେ ସେ କୁହନ୍ତି, ମୁଁ ନୂଆକରି ଯୋଗ ଦେଇଛି। ଲିଖିତ ଅଭିଯୋଗ ମୋର ହସ୍ତଗତ ହୋଇନାହିଁ।

## ସଂକ୍ଷେପରେ

### ଗ୍ୟାସ୍ ଲିକ୍, ୭ ବଖରା ପୋଡ଼ିଗଲା

ମାର୍ଶାଘାଇ,୨୦।୮(ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅଧୀନ ଦୁମୁକା ଗ୍ରାମରେ ସିଲିଣ୍ଡରରୁ ରନ୍ଧନ ଗ୍ୟାସ୍ ଲିକ୍ ହୋଇ ୨ ପରିବାରର ୭ ବଖରା ଘର ପୋଡ଼ିଯାଇଛି । ଗ୍ରାମର ଧନେଶ୍ୱର ଦାସଙ୍କ ଘରେ ମଧାହ୍ନରେ ରୋଷେଇ ହେଉଥିବା ବେଳେ ହଠାତ୍ ଗ୍ୟାସ୍ ଲିକ୍ ହୋଇ ନିଆଁ ତାଙ୍କ ଘର ଚାଳରେ ଲାଗିଯାଇଥିଲା । ସେହି ନିଆଁ ଖୁବ୍ କମ୍ ସମୟ ଭିତରେ ସୁକାନ୍ତି ଦାସ, ଅନାମ ଦାସ,ସୁବାସ ଦାସଙ୍କ ଘରକୁ ବ୍ୟାପୀ ଯାଇଥିଲା । ମାର୍ଶାଘାଇ ଅଗ୍ନିଶମ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭା କାମରେ ଲାଗି ପଡ଼ିଥିଲେ । ମାତ୍ର ସେତେବେଳକୁ ନିଆଁ ୭ ବଖରା ଘରକୁ ପୋଡ଼ି ସାରିଥିଲା । ରନ୍ଧନ ଗ୍ୟାସ୍ ସିଲିଣ୍ଡର ଫାଟିବା ଭୟରେ ପରିବାର ଲୋକେ କେହି ଘର ଭିତରକୁ ଯିବାକୁ ସାହସ କରି ନ ଥିଲେ। ଫଳରେ ଘରେ ଥିବା ସମସ୍ତ ଧାନ ଚାଉଳ, ଆସବାବପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା ।

### ଆଳି କୋର୍ଟ ସାମ୍ନାରୁ ଯୁବକଙ୍କୁ ଉଠାଇନେଲା ରାଜକନିକା ପୋଲିସ

ଆଳି,୨୦।୮(ଡି.ଏନ୍.ଏ.): ଶନିବାର ଆଳି କୋର୍ଟ ସମ୍ମୁଖରୁ ଜଣେ ଯୁବକଙ୍କୁ ରାଜକନିକା ପୋଲିସ ଉଠାଇ ନେଇ ଥାନାରେ ଅଟକ ରଖିଛି । ଅନ୍ୟ ଜଣେ ଯୁବକ ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି । ସୂଚନା ମୁତାବକ ରାଜକନିକା ଥାନାରେ ବିଭିନ୍ନ ମାମଲାରେ ସମ୍ପୃକ୍ତି ଥିବା ୨ ଯୁବକ ଶନିବାର ଆଳି କୋର୍ଟ ବାହାରେ ବୁଲୁଥିଲେ । କୌଣସି ସୂତ୍ରରୁ ଖବର ପାଇ ରାଜକନିକା ପୋଲିସ ସେଠାରେ ପହଞ୍ଚି ଜଣେ ଯୁବକଙ୍କୁ କାବୁ କରି ନେଇଥିଲା । ଅନ୍ୟ ଜଣେ ଖସି ପଳାଇଥିଲେ । ଏ ନେଇ ରାଜକନିକା ଥାନା ଆଇଆଇସି ବିଲ୍ୱମଙ୍ଗଳ ସେଠୀଙ୍କୁ ପଚାରିବାରୁ ସେ କହିଥିଲେ, ଉଭୟଙ୍କ ନାମରେ ରାଜକନିକା ଥାନାରେ ଏକାଧିକ ମାମଲା ରହିଛି । ଧରାପଡିଥିବା ଯୁବକଙ୍କୁ ଥାନାରେ ଅଟକ ରଖାଯାଇ ତଦନ୍ତ ଜାରି ରହିଛି ।

### ସାରଥି ଆଶ୍ରମରେ ପୂଜାର୍ଚ୍ଚନାକୁ ନେଇ ବିବାଦ

କେନ୍ଦ୍ରାପଡ଼ା ଅଫିସ, ୨୦।୮: ଗତ ୧୮ ତାରିଖରେ ଜନ୍ମାଷ୍ଟମୀ ଥିଲା । ସେଦିନ କେତେଜଣ ଶ୍ରଦ୍ଧାଳୁ ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ବାରିମୂଳ ସାରଥୀ ଆଶ୍ରମ ଫାଟକ ଡେଇଁ ସାରଥୀ ଓରଫ ସନ୍ତୋଷ ରାଉଳ ଫଟୋକୁ ପୂଜା କରିଛନ୍ତି । ଏପରି ଭିଡିଓ ସ୍ଥାନୀୟ ଅଞ୍ଚଳର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଚର୍ଚ୍ଚାର ବିଷୟ ହୋଇଛି । ୨୦୧୫ ଅଗଷ୍ଟରେ ସାରଥୀ ଓରଫ ସନ୍ତୋଷ ରାଉଳ ବିଭିନ୍ନ ଠକେଇ ମାମଲାରେ ଗିରଫ ହୋଇଥିଲେ। ସେଦିନ ଠାରୁ ଜିଲା ପୋଲିସ ଅଧୀନରେ ଆଶ୍ରମ ରହିଥିବା ବେଳେ ୨୦୧୯ ଜୁଲାଇ ୨୭ରେ ଆଶ୍ରମ ସମ୍ପତ୍ତି ଇଡିଙ୍କ ହେପାଜତକୁ ଯାଇଥିଲା । ଗତ ୭ ବର୍ଷ ଧରି ଆଶ୍ରମ ପରିସର ପୋଲିସ ଅଧୀନରେ ଥିବା ବେଳେ ସାରଥୀଙ୍କ ଶ୍ରଦ୍ଧାଳୁ ଗତ ଗୁରୁବାର ଫଟୋ ପୂଜା କରିଥିବା ଭିଡିଓରେ ଦେଖାଯାଉଛି । ଏସମ୍ପର୍କରେ ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା କହିଛନ୍ତି, କେଉଁ ପରିସ୍ଥିତିରେ ଶ୍ରଦ୍ଧାଳୁମାନେ ନିଷିଦ୍ଧାଞ୍ଚଳକୁ ପ୍ରବେଶ କରିଛନ୍ତି ତାହାର ତଦନ୍ତ ଚାଲିଛି ।

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି

ବାଲିଆ/ବିରିଡ଼ି,୨୦।୮(ସ୍ୱ.ପ୍ର./ଡି.ଏନ୍.ଏ): ବିରିଡି ବ୍ଲକ ପଞ୍ଚାୟତିରାଜ ହାଇସ୍କୁଲରେ ୨୬ ଅଗଷ୍ଟରେ ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏନେଇ ବ୍ଲକ ପ୍ରଶାସନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ବିଡିଓ ହେମନ୍ତ କୁମାର ମହାନ୍ତି ଅଧକ୍ଷତା କରିଥିଲେ। ଏଥିରେ ତହସିଲଦାର ସହଦେବ ସାହୁ, ଏବିଡିଓ ସନ୍ତୋଷ କୁମାର ଶତପଥୀ, ବିଇଓ ସର୍ବେଶ୍ୱର ବିଶ୍ୱାଳ, ସିଡିପିଓ, ସାମାଜିକ ସୁରକ୍ଷା ଅଧିକାରୀ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳରେ ରହୁଥିବା ଭିନ୍ନକ୍ଷମ ବ୍ୟକ୍ତି ଏହି ଶିବିରରେ ଯୋଗଦେଇ ନିଜର ସମସ୍ୟା ଜଣାଇବା ସହ ଡାକ୍ତରଙ୍କ ପରାମର୍ଶ ନେବାକୁ ବିଡିଓ ବୈଠକରେ କହିଥିଲେ। ଅନ୍ୟମାନଙ୍କ ମଧରେ ବୈଠକରେ ୨୧ ପଞ୍ଚାୟତର ଜନ ପ୍ରତିନିଧି, ବ୍ଲକ ଅଧିକାରୀ ଉପସ୍ଥିତ ଥିଲେ।

# ଗାଁ ମୁହାଁ ସାପ, କୁମ୍ଭୀର

- ଅକାଳରେ ଚାଲିଯାଉଛି ଜୀବନ
- ୫୬ ଗାଁରେ ଏବେ ବି ଘେରିରହିଛି ବର୍ଷା,ବନ୍ୟାଜଳ
- ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ସର୍ପଦଂଶନ ଚିକିତ୍ସା ଯୋଗାଇ ଦେବାକୁ ଦାବି

କେନ୍ଦ୍ରାପଡ଼ା ଅଫିସ, ୨୦।୮

ମହାନଦୀ ସିଷ୍ଟମରେ ବନ୍ୟାଜଳସ୍ତର କମିଛି । ଫଳରେ କେନ୍ଦ୍ରାପଡ଼ା ଜିଲାର ପାଣି ଘେରରେ ଥିବା ୯୩ ଗ୍ରାମର ସଂଖ୍ୟା ୫୬କୁ ଖସିଛି । ତେବେ ଲଗାଣ ବର୍ଷା ଓ ବନ୍ୟା ଜଳ ଜିଲାର ତଳିଆ ଅଞ୍ଚଳରେ ଜମି ରହିଛି । ଏହି ସମୟରେ ଗ୍ରାମକୁ ସରୀସୃପ ପଶି ଆସୁଛନ୍ତି । ଏହାକୁ ନେଇ ବନ୍ୟାବିପନ୍ନମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଏଥିସହିତ ଗୋବରୀ, ବିରୂପା, ପାଇକା, ବ୍ରାହ୍ମଣୀ, କର୍ଣ୍ଣିଆ ନାଳ ଓ ଚିତ୍ରୋତ୍ପଳା ନଦୀର ୭ଟି ସ୍ଥାନରେ କୁମ୍ଭୀର ଭାସୁଥିବା ଦେଖିବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଆଖିରୁ ନିଦ ହଜିଯାଇଛି । ସେହିପରି ଜଳ ବନ୍ଦୀ ଘେରରେ ଥିବା ଗ୍ରାମଗୁଡ଼ିକରେ ବିଷଧର ସାପଙ୍କ ସଂଖ୍ୟା ବୃଦ୍ଧି ପାଇଛି। ବର୍ଷା ଓ ବନ୍ୟା ଜଳରେ ନଷ୍ଟ ହୋଇଥିବା କଚ୍ଚା ଘରେ ଏକାଧିକ ପ୍ରଜାତିର ସାପ ଦେଖିବାକୁ ମିଳୁଛି । ଏହି କାରଣରୁ ସର୍ପାଘାତ ରୋଗୀଙ୍କ ସଂଖ୍ୟା ବଢୁଛି। ରାଜକନିକା ବ୍ଲକ ଗୋପୀନାଥପୁର ଗ୍ରାମରେ ଜଣେ ୭୦ ବର୍ଷୀୟା ବୃଦ୍ଧାଙ୍କୁ ଗତ ଗୁରୁବାର ରାତିରେ ସର୍ପାଘାତ ହୋଇଛି । ଏହି ଗ୍ରାମର ଅନ୍ୟ ଜଣେ ବ୍ୟକ୍ତି ସୋମବାର ରାତିରେ ସର୍ପାଘାତରେ ଆହତ ହୋଇଥିଲେ। ସେହିପରି ବନ୍ୟା ଘେରରେ ଥିବା ଲୁଣା କରାଣ୍ଡିଆ ଦ୍ୱୀପାଞ୍ଚଳରେ ସାପଙ୍କ ଆତଯାତ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି । ଜିଲାର ଉପାନ୍ତ ଅଞ୍ଚଳରେ ସର୍ପାଘାତ ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି । ଗ୍ରାମାଞ୍ଚଳର ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ ବିଷରୁ ରକ୍ଷା ପାଇଁ ଇଞ୍ଜେକଶନ ରଖିବାକୁ ଦାବି ହୋଇଛି ।



ବିରୂପା ନଦୀକୂଳରେ କୁମ୍ଭୀର ।

ଏ ସମ୍ପର୍କରେ ମହାକାଳପଡ଼ାର ହରେକୃଷ୍ଣ ପାତ୍ର କହିଛନ୍ତି, ଲଗାଣ ବର୍ଷା ଓ ବନ୍ୟାଜନିତ ପାଣି ଉପାନ୍ତ ଅଞ୍ଚଳବାସୀଙ୍କ ସ୍ୱାଭାବିକ ଜୀବନଯାତ୍ରାକୁ ବ୍ୟାହତ କରିଛି । ପାନୀୟ ଜଳ, ଚାଷ, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଥିବା ବେଳେ ଏବେ ସରୀସୃପ ଆତଙ୍କ ଖେଳିଯାଇଛି । ଦୀର୍ଘଦିନ ଧରି ପାଣି ଜମି ରହିବା ଫଳରେ ନିକଟସ୍ଥ ଭିତରକନିକା ଅଞ୍ଚଳରୁ ସରୀସୃପ ଗ୍ରାମ ମଧ୍ୟକୁ ପଶି ଆସୁଛନ୍ତି । ନଦୀ, ନାଳ ପୋଖରୀ ଏପରି କି ଚାଷ ଜମିରେ ଏବେ କୁମ୍ଭୀର ଦେଖା ଯାଉଛି । କିଛିଦିନ ପୂର୍ବେ ପେଣ୍ଠ ଜଉଦିଆଠାରେ ୧୨ ଫୁଟ ଲମ୍ବର ଅଜଗର ଉଦ୍ଧାର ହୋଇଛି । ଅପରପକ୍ଷେ ବର୍ଷା ଓ ବନ୍ୟା ପାଇଁ ବିଷଧର ସାପ ଗ୍ରାମରେ ଦେଖାଯାଉଛନ୍ତି। ଆଳି, ରାଜନଗର, ରାଜକନିକା, ପଟ୍ଟାମୁଣ୍ଡାଇ, ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର ବ୍ଲକ ଅଞ୍ଚଳରେ ସାପ ଆତଙ୍କ ଗୁରୁତର ରୂପ ନେଇଛି । ସର୍ପାଘାତରେ କେତେକଙ୍କ ଜୀବନ ମଧ୍ୟ ଯାଇଥିବା ସେ ସୂଚନା ଦେଇଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁର ରମେଶ ମଲ୍ଲିକ କହିଛନ୍ତି, ବିଭିନ୍ନ ନଦୀରେ ବନ୍ୟା ପାଇଁ କୁମ୍ଭୀର ଓ ସାପ ଆତଙ୍କ ଧୋୟା ଅଞ୍ଚଳରେ ଗୁରୁତର ହୋଇଛି । ଗତ ୪ ମାସରେ ଏହି ଅଞ୍ଚଳର ୨ ଜଣ ବ୍ୟକ୍ତି କୁମ୍ଭୀର ଆକ୍ରମଣର ଶୀକାର ହୋଇଛନ୍ତି। ସିଂହଗାଁ ସମେତ ବଡ଼ ରାଉଳିଆ, ସାନ ରାଉଳିଆ ଆଦି ଗ୍ରାମର କଚ୍ଚା ଘରେ ବିଷଧର ସର୍ପ ଦେଖାଯାଉଛନ୍ତି । ବିଶେଷ କରି ସନ୍ତସନ୍ତିଆ ଘରଗୁଡିକରେ ସାପ ଦେଖା ଦେଉଥିବାରୁ ରାତିରେ ଯାତାୟତ ବନ୍ଦ ସହ ପରିବାର ସଦସ୍ୟ ରାତି ଅନିଦ୍ରା ରହିଛନ୍ତି । ଏସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି, ପ୍ରତ୍ୟେକ ସିଏଚ୍‌ସିକୁ ସାପ କାମୁଡା ଇଞ୍ଜେକଶନ ଯୋଗାଇ ଦିଆଯାଇଛି । ତେବେ ସର୍ପ ଆଘାତ କ୍ଷେତ୍ରରେ କେତେକ ସତର୍କତା ଅବଲମ୍ବନ କରିବାକୁ ପଡିବ । ସାପ କାମୁଡି ଥିବା ବ୍ୟକ୍ତିକୁ ଆଶ୍ୱାସନା ଦିଅନ୍ତୁ। ସାପ କାମୁଡ଼ାରେ ଆହତ ବ୍ୟକ୍ତି ଯଦି ମୁଦି, ଘଣ୍ଟା, ବ୍ରତ, ପାଉଁଜି ଆଦି ପିନ୍ଧିଥାନ୍ତି ତୁରନ୍ତ ସେଗୁଡ଼ିକୁ ଖୋଲିଦେବା ଦରକାର। ତୁରନ୍ତ ଡାକ୍ତରଖାନା ନେବା ଜରୁରୀ । ସେହିପରି ଏହି ସମୟରେ ଆଦୌ ଡରିବା ବା ବିଚଳିତ ହେବା ଉଚିତ ନୁହେଁ । ରୋଗୀଙ୍କୁ ଚଲାବୁଲା ବା କାମ କରିବାକୁ ଦିଅନ୍ତୁ ନାହିଁ । କ୍ଷତ ସ୍ଥାନକୁ ଧୁଅନ୍ତୁ ନାହିଁ କିମ୍ବା ବରଫ, ଇଲେକ୍ଟ୍ରିକ ସକ୍ ଦିଅନ୍ତୁ ନାହିଁ । ଅଧିକାଂଶ ସମୟରେ ସାପ ବିଷ ଉପରକୁ ଚଢ଼ିଯିବା ଭୟରେ କ୍ଷତସ୍ଥାନକୁ ସୁତୁଲି, କତା ଦଉଡି, କଟା ରବର ଟ୍ୟୁବ, ଇଲେକଟ୍ରିକ ତାରରେ ବାନ୍ଧି ଦିଆଯାଏ। ଏହାର କୌଣସି ଆବଶ୍ୟକତା ନାହିଁ । ବ୍ଲେଡ ଓ ଛୁରୀରେ କ୍ଷତସ୍ଥାନକୁ କାଟନ୍ତୁ ନାହିଁ। ଏହି ସମୟରେ ଖାଦ୍ୟ ପଦାର୍ଥ କିମ୍ବା ନିଶାଦ୍ରବ୍ୟ ବ୍ୟବହାର କରିବା ରୋଗୀଙ୍କ କ୍ଷତି ପହଞ୍ଚାଇ ପାରେ । ସବୁ ସାମୁଦ୍ରିକ ସାପ ବିଷଧର ବୋଲି ଏଡିଏମ୍‌ଓ ଡା. ମିଶ୍ର ସଚେତନ କରାଇଛନ୍ତି ।

## ଇଟା ଫ୍ୟାକ୍ଟ୍ରିରେ ଆଦିବାସୀ ଯୁବକ ମୃତ

ରାଜନଗର,୨୦।୮(ଡି.ଏନ.ଏ.)

ରାଜନଗର ଥାନା ଅଧୀନ ହାତିନା ପଞ୍ଚାୟତ ଜୁଣୁପାଙ୍ଗରାସ୍ଥିତ ଏକ ଇଟା ଫ୍ୟାକ୍ଟ୍ରିରେ କାମ କରୁଥିବା ଜଣେ ଆଦିବାସୀ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଜଣାପଡି ନ ଥିଲେ ମଧ୍ୟ ଏନେଇ ନାନା କଥା ଆଲୋଚନା ହେଉଛି। ସୂଚନା ମୁତାବକ, ଯାଜପୁର ଜିଲା ଜାରକା ଥାନା ଅଧୀନ ଭୁଟା ଗାଁର ବାପି ମୁଣ୍ଡା (୩୫) ଗତ ୪ମାସ ହେଲା ରାଜନଗର ଥାନା ଅନ୍ତର୍ଗତ ଜୁଣୁପାଙ୍ଗରାସ୍ଥିତ ଗୋକର୍ଣ୍ଣେଶ୍ୱର ମ୍ୟାନୁଫାକ୍ଚର ଆଣ୍ଡ ସପ୍ଲାୟର୍ସ ଇଟା ଫ୍ୟାକ୍ଟ୍ରିରେ ଶ୍ରମିକ ଭାବେ କାମ କରୁଥିଲେ। ଶୁକ୍ରବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିବା ପରେ ସନ୍ଧ୍ୟାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରିପୋର୍ଟ ଆଧାରରେ ରାଜନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସବୁଠୁ ବଡକଥା ହେଲା ଶ୍ରମିକଙ୍କ ମୃତ୍ୟୁ ପରେ ଇଟା ଫ୍ୟାକ୍ଟ୍ରିର ମାଲିକ ପୋଲିସକୁ ତାଙ୍କ ତରଫରୁ ଜଣାଇ ନ ଥିଲେ । ଏହି ଘଟଣାକୁ ନେଇ ବାପିଙ୍କ ମୃତ୍ୟୁ ପଛର ରହସ୍ୟକୁ ନେଇ ନାନା କଥା ଶୁଣିବାକୁ ମିଳୁଛି। ପୋଲିସ ଏହି ଘଟଣାର ତଦନ୍ତ କରି ବାପିଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ କରିବାକୁ ଦାବି ହୋଇଛି ।

## ପୌର ବୈଠକରେ ଅସନ୍ତୋଷର ଝଡ଼



ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ।

କେନ୍ଦ୍ରାପଡ଼ା ଅଫିସ, ୨୦।୮

କେନ୍ଦ୍ରାପଡ଼ା ମ୍ୟୁନିସ୍‌ପାଲିଟି କାର୍ଯ୍ୟାଳୟ ପରିସରରେ ପୌରପାଳିକାର ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷା ସରିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଭ୍ୟାସଭ୍ୟଙ୍କ ଅସନ୍ତୋଷର ଝଡ଼ ଦେଖିବାକୁ ମିଳିଥିଲା । ଏପରି କି ଆସନ୍ତା ସ୍ୱାୟତ୍ତ ଶାସନ ଦିବସ ପାଳନ ପୂର୍ବରୁ ସଭ୍ୟାସଭ୍ୟମାନେ ସହରର ଉନ୍ନତି ଆଶାନୁରୂପକ ହୋଇ ନ ଥିବା ଦର୍ଶାଇ କକ୍ଷତ୍ୟାଗ କରିଥିଲେ । ଏଥିସହିତ ଜିଲାପାଳଙ୍କୁ ଭେଟି ପୌରପାଳିକାରେ ହୋଇଥିବା ଅନିୟମିତତା ସମ୍ପର୍କରେ ଆଲୋଚନା କରିଥିଲେ । ଏସମ୍ପର୍କରେ ସଭ୍ୟା ପୁଷ୍ପାଞ୍ଜଳି ବସ୍ତିଆ, ରଶ୍ମିତା ସିଂହ, କାଳିପ୍ରସାଦ ମିଶ୍ର ପ୍ରମୁଖ କହିଛନ୍ତି, ଦେଶରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଲାଗୁ ପୂର୍ବରୁ ଏଠାରେ ପୌରପାଳିକା ଗଠନ କରାଯାଇ ଶାସନ ବ୍ୟବସ୍ଥାକୁ ସ୍ଥାନୀୟ ଲୋକ ପ୍ରତିନିଧି ଚଳାଇଥିଲେ । ପୌରାଞ୍ଚଳ ଗଠନକୁ ଇତିମଧ୍ୟରେ ୧୫୩ ବର୍ଷ ବିତିଥିଲେ ମଧ୍ୟ ସହରରେ ପରିମଳ ବ୍ୟବସ୍ଥାଠାରୁ ପାନୀୟ ଜଳ ପରି ମୌଳିକ ସମସ୍ୟାର ସମାଧାନ ହୋଇ ପାରିନାହିଁ । ଲୋକଙ୍କ ରାଜସ୍ୱ ସହ ସରକାରୀ ଅନୁଦାନ ଖର୍ଚ୍ଚ ହେଉଥିଲେ ମଧ୍ୟ ଏହାର ସୁଫଳ ପୌରାଞ୍ଚଳ ବାସୀ ପାଉନାହାନ୍ତି ।

### ପ୍ରସ୍ତାବ ଆଗତ ପୂର୍ବରୁ କକ୍ଷ ତ୍ୟାଗ କଲେ ସଭ୍ୟାସଭ୍ୟ

ଅଧିକାଂଶ ଅଧିକାରୀ ଅର୍ଥ ଆତ୍ମସାତକୁ ପ୍ରୋତ୍ସାହିତ କରୁଛନ୍ତି । ଏନେଇ ଆଲୋଚନା କରିବାକୁ ଆରମ୍ଭ କରିବାରୁ ଏଥିରେ ବାଧା ସୃଷ୍ଟି କରାଯାଉଛି । ଏଥିପାଇଁ କକ୍ଷତ୍ୟାଗ କରିଥିବା ସେମାନେ ପ୍ରକାଶ କରିଛନ୍ତି । ଏହି ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ସଭ୍ୟାସଭ୍ୟଙ୍କୁ କକ୍ଷତ୍ୟାଗ ନ କରିବା ପାଇଁ ବୁଝାଇ ଥିଲେ ମଧ୍ୟ ସେମାନେ କୌଣସି କଥା ଶୁଣି ନ ଥିଲେ ।

## ଡେରାବିଶ ଡିଗ୍ରୀ ମହିଳା ମହାବିଦ୍ୟାଳୟର ନାମଲେଖା କଟକଣା ହଟିଲା

ଡେରାବିଶ,୨୦।୮(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଡେରାବିଶ ଡିଗ୍ରୀ ମହିଳା ମହାବିଦ୍ୟାଳୟର ନାମଲେଖା କଟକଣା ପ୍ରତ୍ୟାହାର ହୋଇଛି । ଏ ନେଇ ପରିଚାଳନା କମିଟିର ସଭାପତି ହଳଧର ଦାଶ ସୂଚନା ଦେଇଛନ୍ତି । ଉଚ୍ଚଶିକ୍ଷା ବିଭାଗ ବିଭିନ୍ନ ଦୃଷ୍ଟିରୁ ବିଚାର ଆଧାରରେ ଚିଠି ନଂ. ୩୪୯୨୯ ତା ୧୯।୮।୨୦୨୨ ଅନୁସାରେ ନାମଲେଖା କଟକଣା ପ୍ରତ୍ୟାହାର କରାଯାଇଛି ବୋଲି ସୂଚନା ମିଳିଛି । ଏ ନେଇ କଲେଜ କର୍ତ୍ତୃପକ୍ଷ ଓ ଛାତ୍ରୀମାନେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୁଜାରୀ, ବିଭାଗୀୟ ଶାସନ ସଚିବ ଓ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଡେରାବିଶ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ନାମ ଲେଖାଇବାକୁ ଆଗ୍ରହୀ ଛାତ୍ରୀମାନେ ସରକାରଙ୍କ ବିଧି ବ୍ୟବସ୍ଥା ଅନୁଯାୟୀ ଅନ୍‌ଲାଇନ୍‌ରେ ଆବେଦନ କରି ପାରିବେ ବୋଲି ମହାବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

ଏ ସଂକ୍ରାନ୍ତରେ ଶନିବାର ମହାବିଦ୍ୟାଳୟ ପରିସରରେ ସଭାପତି ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ପଣ୍ଡିତ ଆର୍ତ୍ତତ୍ରାଣ ମିଶ୍ର, ରଜନୀକାନ୍ତ ମହାନ୍ତି, ରମେଶ ଚନ୍ଦ୍ର ଦାସ, ଅଧାପକ ପ୍ରଭାକର ସାମଲ ଓ ଗୋଲଖ ଚନ୍ଦ୍ର ମହାଭୋଇ, ଭବାନୀ ପ୍ରସାଦ ଓଝା ପ୍ରମୁଖ ସମସ୍ତ ସଦସ୍ୟ ଯୋଗଦେଇ ମହାବିଦ୍ୟାଳୟର ବିଭିନ୍ନ ବିକାଶ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ ।

## ବନ୍ୟାଜଳରେ ଭାସିଯାଇ ବୃଦ୍ଧ ନିଖୋଜ

ମାର୍ଶାଘାଇ/ପାଟକୁରା, ୨୦।୮(ଡି.ଏନ୍.ଏ.)

କେନ୍ଦ୍ରପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ରାଘବପୁର ପଞ୍ଚାୟତ ମାଣ୍ଡିଆ ଗ୍ରାମର ଜଣେ ବୃଦ୍ଧ ବନ୍ୟାଜଳରେ ଭାସିଯାଇ ନିଖୋଜ ଅଛନ୍ତି । ସେ ହେଲେ ଟହଲି ଚରଣ ସାହୁ (୭୯) । ସବୁଦିନ ପରି ସେ ଶନିବାର ମଧାହ୍ନରେ ଘର ନିକଟରେ ପ୍ରବାହିତ ଚିତ୍ରୋତ୍ପଳା ନଦୀକୁ ଗାଧୋଇବା ପାଇଁ ଯାଇଥିଲେ । ଗାଧୋଇବା ସମୟରେ ହଠାତ ଗୋଡ଼ ଖସିଯିବାରୁ ସେ ବନ୍ୟାଜଳରେ ଭାସିଯାଇଥିଲେ। ନଦୀରେ ପ୍ରଖର ସ୍ରୋତ ଥିବାରୁ ତାଙ୍କୁ କେହି ଉଦ୍ଧାର କରିବାକୁ ସାହାସ କରିଥିଲେ । ବନ୍ୟା ପାଇଁ କେନ୍ଦ୍ରାପଡ଼ାରେ ମୃତୟନ ଥିବା ଝାରସୁଗୁଡ଼ା ଓ ଦେବଗଡ଼ ଅଗ୍ନିଶମ ବାହିନୀର କର୍ମଚାରୀମାନେ କେନ୍ଦ୍ର ଅଧିକାରୀ ଉଗ୍ରସେନ ସାଏଙ୍କ ନେତୃତ୍ୱରେ ନଦୀରେ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ ଟହଲିଙ୍କ ପତ୍ତା ମିଳି ନ ଥିଲା । ରବିବାର ଓଡ୍ରାଫ ଟିମ୍ ଖୋଜାଖୋଜି କାମରେ ଲାଗିବେ ବୋଲି ସୂଚନା ମିଳିଛି ।



ଅଗ୍ନିଶମ କର୍ମଚାରୀମାନେ ନଦୀରେ ଖୋଜାଖୋଜି କରୁଛନ୍ତି ।

# ରିଲିଫ୍ ପରିଚାଳନାରେ ପ୍ରଶାସନର ତ୍ରୁଟି ଅଭିଯୋଗ

କୁଜଙ୍ଗ,୨୦।୮(ଡି.ଏନ୍.ଏ)

କୁଜଙ୍ଗ ବ୍ଲକର ୧୦ଟି ପଞ୍ଚାୟତର ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଲୋକ ୬ ଦିନ ହେବ ବନ୍ୟା ପାଣି ଘେରରେ ରହି ବିଭିନ୍ନ ସମସ୍ୟା ଭୋଗୁଛନ୍ତି । ମାତ୍ର ବ୍ଲକ ପ୍ରଶାସନ ଏପର୍ଯ୍ୟନ୍ତ କେତେକ ପଞ୍ଚାୟତରେ ରିଲିଫ ସାମଗ୍ରୀ ପହଞ୍ଚାଇ ନ ଥିବା ବେଳେ ଆଉ କିଛି ପଞ୍ଚାୟତରେ ରିଲିଫ ସାମଗ୍ରୀ ପରିଚାଳନାରେ ତ୍ରୁଟି ହୋଇଥିବା ଅଭିଯୋଗ ହୋଇଛି। ଅପରପକ୍ଷେ କାଠକୋଟ ପଞ୍ଚାୟତକୁ ଶନିବାର ରିଲିଫ ସାମଗ୍ରୀ ପଠାଯାଇଥିବା ସୂଚନା ମିଳିଛି।

ଅଗଷ୍ଟ ୧୬ ରେ ଜିଲାନାସୀ ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ରିଲିଫ ବଣ୍ଟନ କରାଯାଇଥିଲା । ମାତ୍ର ଏଠାରେ ସରପଞ୍ଚଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରିବାକୁ ଦିଆ ନ ଯାଇ ଜିଲା ପରିଷଦ ସଭ୍ୟଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ସମ୍ପୃକ୍ତ ଜିଲା ପରିଷଦ ସଭ୍ୟ ଠିକ୍ ଭାବେ ରିଲଫ୍ ବଣ୍ଟନ ନ କରିବାରୁ ୧୭ ତାରିଖରେ ବ୍ଲକ କାର୍ଯ୍ୟାଳୟରେ ପ୍ରତିବାଦ ହୋଇଥିଲା। ଏହାପରେ ସରପଞ୍ଚଙ୍କୁ ରିଲଫ୍ ବଣ୍ଟନ ଦାୟିତ୍ୱ ଦିଆଯାଇଥିଲା। ପୁନର୍ବାର ୧୮ ତାରିଖରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ। ରିଲଫ୍ ପରିଚାଳନାରେ ବାରମ୍ବାର ପରବର୍ତ୍ତନ ହେବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ସାଇଲୋ ପଞ୍ଚାୟତରେ ସରପଞ୍ଚ ସରୋଜ ସେଠିଙ୍କୁ ଅଣଦେଖା କରି ଜଣେ ପୂର୍ବତନ ସରପଞ୍ଚଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏନେଇ ସରପଞ୍ଚ ସେଠୀ ପହଞ୍ଚି ବ୍ଲକ କାର୍ଯ୍ୟାଳୟରେ ହୋହାଲ୍ଲା କରିଥିଲେ।



ଡଙ୍ଗାରେ କାଠକୋଟ ପଞ୍ଚାୟତକୁ ରିଲିଫ ସାମଗ୍ରୀ ପଠାଯାଉଛି ।

ଅପରପକ୍ଷେ ପାଇକା ନଦୀରେ ଘାଇ ହୋଇ କାଠକୋଟ ପଞ୍ଚାୟତ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲେ ବି ଏପର୍ଯ୍ୟନ୍ତ ରିଲିଫ ସାମଗ୍ରୀ ପହଞ୍ଚି ପାରିନାହିଁ ବୋଲି ପୂର୍ବତନ ସରପଞ୍ଚ ମିହିର ପଟ୍ଟନାୟକ କହିଛନ୍ତି । ଏପରିକି ସେଠାରେ ଡଙ୍ଗା ଖଣ୍ଡେ ଯୋଗାଇ ଦିଆଯାଇ ନାହିଁ ବୋଲି ସେ କହିଛନ୍ତି । ଏ ସମ୍ପର୍କରେ ବିଡିଓଙ୍କ ମତାମତ ନେବାକୁ ଟେଲିଫୋନ କରାଯାଇଥିଲେ ବି ସେ ବାରମ୍ବାର ଟେଲିଫୋନ କାଟି ଦେଇଥିଲେ। ମାତ୍ର ଅତିରିକ୍ତ ବିଡିଓ ଜ୍ଞାନଦା ନାୟକ କହିଛନ୍ତି, ଶନିବାର ଡଙ୍ଗା ଯୋଗେ ରିଲିଫ୍ ସାମଗ୍ରୀ ପଠାଯାଇଛି। ଡଙ୍ଗା ଚାଲିବା ସମ୍ପର୍କରେ ଦାୟିତ୍ୱରେ ଥିବା ବ୍ଲକ କ୍ୟାଶିୟର କହିଛନ୍ତି, ବଡବାଲିକଣୀ ପଞ୍ଚାୟତର ସରଳିଠାରୁ କାଠକୋଟ ପର୍ଯ୍ୟନ୍ତ ଡଙ୍ଗା ଚାଲିଛି। ସେହିପରି କୁଜଙ୍ଗ ବ୍ଲକର ରିଲିଫ ସାମଗ୍ରୀ ଗ୍ରହଣ ଓ ବଣ୍ଟନ ଦାୟିତ୍ୱରେ ଯୋଗାଣ ଅଧିକାରୀ ଥିଲେବି ଅନ୍ୟଜଣେ ବେସରକାରୀ ବ୍ୟକ୍ତି ସୂଚନା କେନ୍ଦ୍ରରେ ଏହାର ହିସାବ କିତାବ ରଖୁଛନ୍ତି। ଏପରିକି ସେ ରିଲିଫ ବଣ୍ଟନ ଦାୟିତ୍ୱରେ ଥିବା ଅଭିଯୋଗ ହୋଇଛି। କୌଣସି ଅଧିକାରୀଙ୍କୁ ବନ୍ୟା ପରିସ୍ଥିତି ଓ ରିଲିଫ ସାମଗ୍ରୀ ବଣ୍ଟନ ସମ୍ପର୍କରେ ପଚାରିବାରେ ସେମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଖକୁ ପଠାଉଛନ୍ତି । ପ୍ରଶାସନ ପକ୍ଷରୁ ୨୪ଟା ଡଙ୍ଗା ଯୋଗାଇ ଦିଆଯାଇଥିବା କୁହାଯାଉଥିବାବେଳେ ବାସ୍ତବରେ ଏତେ ପରିମାଣର ଡଙ୍ଗା ଯୋଗାଇ ଦିଆଯାଇନାହିଁ। ବ୍ଲକ ପ୍ରଶାସନର ମନମୁଖି କାର୍ଯ୍ୟ ଯୋଗୁ ବନ୍ୟା ବିପନ୍ନମାନଙ୍କ ଦୁର୍ଦ୍ଦଶା ବଢ଼ିଥିବା ଅଭିଯୋଗ ହୋଇଛି।

### ୬ ଦିନ ପରେ କାଠକୋଟରେ ପହଞ୍ଚିଲା

ଏସମ୍ପର୍କରେ ଏବିଡିଓ ନାୟକ କହିଛନ୍ତି, ଯୋଗାଣ ଅଧିକାରୀ ବିବେକାନନ୍ଦ ମହାନ୍ତିଙ୍କୁ ରିଲଫ ଦାୟିତ୍ୱ ଦିଆଯାଇଛି। ମାତ୍ର ଲୋକପ୍ରତିନିଧିଙ୍କ ଗଣ୍ଡଗୋଳ ପ୍ରସଙ୍ଗ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ। ଏସମ୍ପର୍କରେ ଯୋଗାଣ ଅଧିକାରୀ ମହାନ୍ତି କହିଛନ୍ତି, ରିଲିଫ୍ କାର୍ଯ୍ୟରେ ସହାୟତା କରିବା ପାଇଁ ସେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦାୟିତ୍ୱ ଦେଇଛନ୍ତି।

# ୮୦ରୁ ଊର୍ଦ୍ଧ୍ୱ ପରିବାର ଏବେ ବି ଜଳବନ୍ଦୀ

- ଏକ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷ ଜମି ଜଳମଗ୍ନ
- ଗୋଖାଦ୍ୟ, ରିଲିଫ ଯୋଗାଣ ଦାବି

ନାଉଗାଁ,୨୦।୮(ସ୍ୱ.ପ୍ର.)

ଲଗାଣ ବର୍ଷା ଯୋଗୁ ନାଉଗାଁ ବ୍ଲକର ଏକ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଚାଷ ଜମି ଜଳମଗ୍ନ ହୋଇଯାଇଛି ବୋଲି କୃଷି ବିଭାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଯଦିଓ ବ୍ଲକରେ ନଦୀବନ୍ଧ ଭାଙ୍ଗି ନାହିଁ ଏବେବି ଅନେକ ପଞ୍ଚାୟତର ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ବ୍ଲକ ଦେଇ ପ୍ରବାହିତ ହୋଇଥିବା ଦେବୀ ନଦୀରେ ବନ୍ୟା ଆସିବା ପରେ ଏହାର ପାର୍ଶ୍ୱବର୍ତ୍ତୀ ପଞ୍ଚାୟତ ବଛାଳୋର ବ୍ରାହ୍ମଣୀ ଗାଁ ଓ ପୋକାମୂଳ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଏହି ଗ୍ରାମର ୮୦ ରୁ ଊର୍ଦ୍ଧ୍ୱ ପରିବାର ଜଳବନ୍ଦୀ ହୋଇ ରହିଛନ୍ତି। ପ୍ରଶସାନ ପକ୍ଷରୁ ଉକ୍ତ ଗ୍ରାମକୁ ଡଙ୍ଗା ଯୋଗାଇ ଦିଆଯିବା ସହ ରିଲିଫ୍ ସାମଗ୍ରୀ, ପଲିଥିନ ଆଦି ଯୋଗାଇ ଦିଆଯାଇଛି। ସେହିପରି ଗତ ଲଘୁଚାପଜନିତ ବର୍ଷାରେ ଏହି ବ୍ଲକରେ ୧୩୫ ମିମିରୁ ଊର୍ଦ୍ଧ୍ୱ ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ବର୍ଷା ଯୋଗୁ ଡାବର, ତିରୁଣା, କୋରୁଆ, ଡେରିକି, ଶିଖର, ବଛାଳୋ, ଜାମୁଗାଁ, ଅଲଣା, ନାଉଗାଁ, ଓଷକଣା, ବାଂଶ ଓ ଘୋଡାଂଶ ଆଦି ପଞ୍ଚାୟତରେ ବର୍ଷାପାଣି ଜମି ରହିଛି। ସାଧାରଣତଃ ଏହି ପାଣି ବାଉଁଶ ଜୋର ଓ ଗୋବରୀ ନାଳ ଦେଇ ଦେବୀ ନଦୀକୁ ନିଷ୍କାସିତ ହୋଇଥାଏ। ମାତ୍ର ଦେବୀ ନଦୀରେ ବନ୍ୟା ପାଣି ଭରି ରହିଥିବାରୁ ଉକ୍ତ ଦୁଇ ନାଳ ଦେଇ ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଉକ୍ତ ପଞ୍ଚାୟତରେ ଥିବା ଚାଷଜମି ଉପରେ ୪ ଫୁଟ ଉପରେ ପାଣି ଜମି ରହିଛି। କେବଳ ଚାଷ ଜମି ନୁହେଁ ଉକ୍ତ ପଞ୍ଚାୟତରେ କେତେକ ଖାଲୁଆ ସ୍ଥାନରେ ବାସଗୃହ କରି ରହିଥିବା ଲୋକଙ୍କ ଘରେ ମଧ୍ୟ ପଣି ପଶି ଯାଇଛି। ଗୃହପାଳିତ ପ୍ରାଣୀଙ୍କ ଖାଇବା ପାଇଁ ଲୋକମାନେ ଗଦା କରି ରଖିଥିବା ନଡାଗଦା ଉପରେ ପାଣି ବୁଡ଼ି ରହିଛି। ଫଳରେ ଗୃହପାଳିତ ପ୍ରାଣୀ ଖାଦ୍ୟ ପାଇବାରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ସେହିପରି ଧାନବିଲ ବୁଡି ଯାଇଥିବା ବେଳେ ଦିନମଜୁରିଆମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହି ସମୟରେ କାମଧନ୍ଦା ମିଳୁ ନ ଥିବାରୁ ସେମାନଙ୍କ ପାରିବାରିକ ଓ ଆର୍ଥିକ ସମସ୍ୟା ଦେଖାଦେଇଛି। ଏସବୁ ପଞ୍ଚାୟତର ଚାଷୀମାନେ ଧାନଚାଷ ପାଇଁ ଟଙ୍କା ଧାର ଉଧାର କରି ଚାଷ କାର୍ଯ୍ୟ କରିଥିବା ବେଳେ ପାଣି କାଳ ସାଜିଛି। ଚାଷୀଙ୍କ ପାଖରେ ଧାନ ତଳି ନ ଥିବାବେଳେ ତଳି ପକାଇ ଧାନ ରୋଇବା ଆଉ ସମ୍ଭବ ନୁହେଁ ବୋଲି ଚାଷୀ ଦିବାକର ଦାସ, ପରେଶ ମଲିକ, ନିରଞ୍ଜନ ସାହୁ, ରାକେଶ ଦାସ ପ୍ରମୁଖ କହିଛନ୍ତି। ପାଣିଘେରରେ ଥିବା ପଞ୍ଚାୟତଗୁଡ଼ିକୁ ତଦନ୍ତ କରି କ୍ଷୟକ୍ଷତି ଆକଳାନ କରିବା ପାଇଁ ସେ ଦାବି କରିଛନ୍ତି। ଯେଉଁ ସବୁ ପଞ୍ଚାୟତରେ ଚାଷ କ୍ଷୟକ୍ଷତି ହୋଇଛି ତାହାର ତଦନ୍ତ କରି କ୍ଷତିପୂରଣ ଦେବାକୁ ଚାଷୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ସେହିପରି ଗୃହପାଳିତ ପ୍ରାଣୀଙ୍କୁ ଗୋଖାଦ୍ୟ ଓ ପାଣି ଘେରରେ ଥିବା ବିପନ୍ନଙ୍କୁ ରିଲିଫ୍ ଯୋଗାଇଦେବା ପାଇଁ ସାଧାରଣରେ ଦାବି ହୋଇଛି।

ଚାଷ କ୍ଷୟକ୍ଷତି ସମ୍ପର୍କରେ କୃଷି କାର୍ଯ୍ୟାଳୟର ସହକାରୀ ଅଧିକାରୀ ନିର୍ମାଲ୍ୟ ନାୟକ କହିଛନ୍ତି, କେତେ ଚାଷ ଜମି ଜଳମଗ୍ନ ହୋଇଛି ତାହାର ତଦନ୍ତ କରାଯାଇ ପ୍ରତିଦିନ ରିପୋର୍ଟ ଦେବାକୁ ଆମକୁ ନିର୍ଦ୍ଦେଶ ଦିଆଯାଇଛି। ରିଲିଫ୍ ସମ୍ପର୍କରେ ବିଡିଓ ରଶ୍ମିରେଖା ମଲିକ କହିଛନ୍ତି,ଯେଉଁମାନେ ପାଣିଘେରରେ ରହିଛନ୍ତି ତଦନ୍ତ କରାଯାଇ ସେମାନଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଛି।


ବସାଳ ପଞ୍ଚାୟତର ବ୍ରାହ୍ମଣୀ ଗାଁର ବହୁ ଘର ଜଳବନ୍ଦୀ ହୋଇଯାଇଛି।

# ଦେଶର ଅଖଣ୍ଡତା, ଅହିଂସା ନୀତି ସମ୍ବଳ


ସଦ୍‌ଭାବନା ଦିବସ ପାଳନ ଅବସରରେ ଜିଲାପାଳ ପାରୁଳ ପଟୱାରୀ ଓ ଅନ୍ୟ ଅଧିକାରୀମାନେ ଶପଥପାଠ କରୁଛନ୍ତି।

## ସଦ୍‌ଭାବନା ଦିବସ ପାଳିତ

ଜଗତ୍‌ସିଂହପୁର ଅଫିସ, ୨୦।୮

ଜାତି, ଧର୍ମ, ବର୍ଣ୍ଣ, ଭାଷା ନିର୍ବିଶେଷରେ ଆମେ ପ୍ରତ୍ୟେକ ଭାରତୀୟ। ଆମେ ଏକତାବଦ୍ଧ ଭାବେ ଦେଶର ଅଖଣ୍ଡତା ବଜାୟ ରଖିବା ସହ ଅହିଂସା ନୀତିରେ ଅନୁପ୍ରାଣିତ ହେବାକୁ ପଡ଼ିବ। ପରସ୍ପର ମଧ୍ୟରେ ଥିବା ଭେଦଭାବକୁ ଭୁଲି ଦେଶ ପାଇଁ ଏହି ଶପଥ ନେଲେ ଆମ ଦେଶ ଆହୁରି ଆଗକୁ ଯିବ। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୭୮ତମ ଜନ୍ମ ଦିବସ ଉପଲକ୍ଷେ ସଦ୍‌ଭାବନା ଦିବସ ପାଳନ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ଶପଥ ପାଠ କରାଯାଇଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ପାରୁଲ ପଟୱାରୀଙ୍କ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ଜିଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, ଜିଲା ପଞ୍ଚାୟତ ଅଧିକାରୀ ଚକ୍ରଧର ମାହାଲି, ଜିଲା ମୁଖ୍ୟ କୃଷି ଅଧିକାରୀ ରାଜକିଶୋର ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ନାୟକ, ଜିଲା ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଅଧିକାରୀ ଜ୍ୟୋତିପ୍ରକାଶ ବେହେରା, ଜିଲାପାଳଙ୍କ ଓଏସ୍‌ଡି ଡା. ଶଶାଙ୍କ ଶେଖର ଲେଙ୍କା, ଜିଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଚାଳିଆ ତଳେ ବିତୁଛି ଲକ୍ଷ୍ମୀଙ୍କ ଜୀବନ

- ବନ୍ୟା ଦେଇଛି ଦୁଃଖ
- ଚୂଲି ଜଳୁନି, ପେଟରେ ମରୁଛି ଭୋକ

ମହାକାଳପଡ଼ା,୨୦।୮(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ପେଟଛେଲା ପଞ୍ଚାୟତ କେନ୍ତିଆ ଗ୍ରାମର ଅସହାୟ ବୃଦ୍ଧା ଲକ୍ଷ୍ମୀ ପ୍ରଧାନଙ୍କୁ ୭୫ ଛୁଇଁଲାଣି। ଚାଲିବା ପାଇଁ ବଳ ନାହିଁ। ଆଖିକୁ ଭଲ ଦିଶୁନି। ଏହି ବୟସରେ ପାଖରେ ରହି ଆହା ପଦେ କହିବା ପାଇଁ କେହି ନାହାନ୍ତି। ୨ ଭେଣ୍ଡିଆ ପୁଅ ଥିଲେ ମଧ୍ୟ ସେମାନେ ନିଜ ପିଲା ଛୁଆଙ୍କୁ ଧରି ଅନ୍ୟତ୍ର ଅଛନ୍ତି। ସ୍ୱାମୀ ବି ଲକ୍ଷ୍ମୀ କଥା ବୁଝୁ ନାହାନ୍ତି। ଚଳିତ ମହାନଦୀର ବନ୍ୟା ଲକ୍ଷ୍ମୀଙ୍କୁ ଆହୁରି ଦୁଃଖ ଦେଇଛି। ଏବେ ନୁଆଁଣିଆ କୁଡ଼ିଆ ତଳେ ଲକ୍ଷ୍ମୀଙ୍କ ଜୀବନ ବିତୁଛି। ସେହି କୁଡ଼ିଆକୁ ଘେରି ରହିଛି ମହାନଦୀ ବନ୍ୟା ଜଳ। ରାତି ହେଲେ ସରୀସୃପ ଭୟ। ବନ୍ୟା ଜଳ ମାଡ଼ି ଆସିବା ଯୋଗୁ ଲକ୍ଷ୍ମୀ ଆଉ ରୋଷେଇ କରି ପାରୁନାହାନ୍ତି। ଅନୁକୂଳ ପାଗ ଥିଲେ ଲକ୍ଷ୍ମୀ ଗାଁ ଓ ପଡ଼ୋଶୀ ଘରୁ ଯାହା ମିଳେ ତାକୁ ଖାଇ ଚଳି ଯାଆନ୍ତି। ହେଲେ ଏବେ ବନ୍ୟାରେ କହା ଘରକୁ ସେ ଯାଇ ପାରୁ ନାହାନ୍ତି। ଗାଁର କେତେଜଣ ସହୃଦୟ ବ୍ୟକ୍ତି ଲକ୍ଷ୍ମୀଙ୍କ ଦୁଃଖ ଦେଖି କେତେବେଳେ ଗଣ୍ଡେ ଭାତ ଦେଉଛନ୍ତି। ବନ୍ୟାଜଳ ଘେରରେ ଦିନ କାଟୁଥିବା ଲକ୍ଷ୍ମୀ ୪ ଦିନ ହେବ ଭୋକ ଉପାସରେ ଭାଗ୍ୟକୁ ଆଦରି ରହିଛନ୍ତି। ପ୍ରଶାସନ ବନ୍ୟା ଘେରରେ ଥିବା ବନ୍ୟା ବିପନ୍ନଙ୍କୁ ଉଚ୍ଚ ଓ ସୁରକ୍ଷିତ ସ୍ଥାନକୁ ନେଇ ଥଇଥାନ କରିଛନ୍ତି। ରନ୍ଧା ଖାଦ୍ୟ ଯୋଗାଇ ଦେଉଛନ୍ତି। ହେଲେ ଲକ୍ଷ୍ମୀଙ୍କ କ୍ଷେତ୍ରରେ ତାର ବ୍ୟତିକ୍ରମ ଦେଖାଯାଇଛି। ଏପରି ପରିସ୍ଥିତିରେ ପାଣି ଘେରରେ ଥିବା ଲକ୍ଷ୍ମୀଙ୍କର ଯଦି କୌଣସି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ରହିବେ ବୋଲି ସାମାଜିକ କର୍ମୀ ବିରଞ୍ଚି ନାରାୟଣ ଦାସ ପ୍ରଶ୍ନ କରିଛନ୍ତି।


କେନ୍ତିଆ ଗ୍ରାମରେ ଅସହାୟ ଅବସ୍ଥାରେ ଥିବା ଲକ୍ଷ୍ମୀ।

# ନନ୍ଦ ଉତ୍ସବ ପାଳିତ

ବିରିଡି,୨୦।୮(ଡି.ଏନ.ଏ)

ବିରିଡି ବ୍ଲକ ଅନ୍ତର୍ଗତ ସଡେଇ ଶାସନ ପଞ୍ଚାୟତର ଚେକାମାଳ ତ୍ରିନାଥ କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଳାକାରମାନେ ନନ୍ଦ, ଯଶୋଦା, କୃଷ୍ଣ,ବଳରାମ ବେଶରେ ସଜେଇ ହୋଇ ଚେକାମାଳ, ଗୋପୀନାଥପୁର, ତାଞ୍ଚଣା, ସଡେଇଶାସନ ଆଦି ଗ୍ରାମ ପରିକ୍ରମା କରିଥିଲେ। କ୍ଲବର ସନ୍ଦିପ ସିଂହ, ସୁଶିଲ ସିଂହ, ଶିଶିର ବେହେରା, ମାୟାଧର ସାହୁ, ଅଂଶୁମାନ ଜେନା ଓ ଲୋକନାଥ ବେହେରା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।


କଳାକାରମାନେ ବିଭିନ୍ନ ବେଶରେ ସୁସଜ୍ଜିତ ହୋଇଛନ୍ତି।

# 'ଅନନ୍ୟ ସୁଦର୍ଶନ' ଲୋକାର୍ପିତ

ବିରିଡି,୨୦।୮(ଡି.ଏନ.ଏ.)

ଓଡିଆ ଭାଷା ସାହିତ୍ୟର ପ୍ରାଧାପକ ଅଳକା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ସୁଦର୍ଶନ ଶତପଥୀଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଅବସରରେ କବି ପୀତାମ୍ବର ମହାପାତ୍ରଙ୍କ ସମ୍ପାଦିତ 'ଅନନ୍ୟ ସୁଦର୍ଶନ' ସିଦ୍ଧେଶ୍ୱର ମହାଦେବଙ୍କ ପୀଠରେ ଲୋକାର୍ପିତ ହୋଇଯାଇଛି। ଗୀତି କବି ବାମ ଦେବ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାଳିପ୍ରସାଦ ମହାପାତ୍ର, ଇଂ ଅରକ୍ଷିତ ଭୋଇ, ପଣ୍ଡିତ ବିକଳି ଚରଣ କର, କବି ପ୍ରତିଭା ଶତପଥୀ, ନାଟ୍ୟକାର ଅଶୋକ ପଟ୍ଟନାୟକ, ଦିଗାମ୍ବର ସ୍ୱାଇଁ, ବ୍ୟଙ୍ଗ କବି ପ୍ରତାପ ବେହେରା ଓ ରମାକାନ୍ତ ନାୟକ ପ୍ରମୁଖ ଯୋଗ ଦେଇ ଉକ୍ତ ପୁସ୍ତକ ଲୋକାର୍ପଣ କରିଥିଲେ। ରଶ୍ମିରେଖା ବ୍ରହ୍ମା ଧନ୍ୟବାଦ ଦେଇଥିଲେ।


**DIRECTORATE OF MEDICAL EDUCATION & TRAINING,ODISHA**

**NO 9892// BBSR, Date-17.08.2022**

**NOTICE**

**ADMISSION NOTICE FOR ANM, GNM, BASIC B.SC, P.B.B.SC., M.SC&P.B.DIPLOMA NURSING COURSES-2022-23**

**No.KK-118:** Online Application are invited from the eligible candidates for admission to ANM, GNM, BASIC B.Sc, P.B.B.Sc, M.Sc & P.B.Diploma Nursing courses in all the ONMRC[Odisha Nurses & Midwives Registration Council] recognised Government and Private Nursing Institutions of the state for the academic session 2022-23. Intending candidates must submit their online application from dt.20.08.2022 to dt. 09.09.2022 by 11:59P.M. by paying Application fee amounting Rs. 300/- (Rupees Three Hundred only) for ANM course, Rs. 500/- (Rupees Five Hundred only) for GNM, BASIC B.Sc Nursing course & Rs.1000/- (Rupees One Thousand only) for P.B.B.Sc, M.Sc & P.B.Diploma Nursing course excluding bank charges (to be borne by the applicants themselves) as applicable through Net Banking/ Card payments/ Other payment modes (UPI). For details go through the prospectus. The prospectus will be available in the website http://dmetodisha.gov.in and http://dohodisha.nic.in from dt. 20.08.2022.

**ADMISSION CALENDAR FOR ANM, GNM, BASIC B.SC, P.B.B.SC, M.SC & P.B.DIPLOMA NURSING COURSES FOR THE ACADEMIC SESSION 2022-23**

| Counseling & Admission Process | P.B. Diploma/M.Sc./ Post Basic B.Sc. Nursing | Basic B.Sc. Nursing/GNM/ANM |
|---|---|---|
| Availability of Prospectus in official website: **www.dmetodisha.gov.in dohodisha.nic.in** | 20.08.2022 | 20.08.2022 |
| Availability of Online Application form & payment of Application fee in official website: **dohodisha.nic.in** | 20.08.2022, 5.00 P.M. | 20.08.2022, 5.00 P.M. |
| Last date of online registration form | 05.09.2022, 11.59 P.M. | 05.09.2022, 11.59 P.M. |
| Last date for submission of online application form & Application fee | 09.09.2022, 11.59 P.M. | 09.09.2022, 11.59 P.M. |

**Sd./- Convener**
**State Nursing Selection Committee**
**OIPR-10016/11/0018/2223**

**TENDER CALL NOTICE**

No. CAD-1553: Odisha Rail Infrastructure Development Limited, invites sealed tenders for supply of Manpower Services for one year at Bhubaneswar. Tender document and details of the work are available in website **https://oridl.in/current-tenders/.** Last date for submission of tender is **14.09.2022 at 03.00 P.M.**

**Sd./- Director (Project & Planning)**
**OIPR-14063/11/0002/2223**

**OFFICE OF THE MUNICIPAL COUNCIL, BRAJRAJNAGAR** No. C-1019

**E-Procurement Notice**

| | | |
|---|---|---|
| Bid Identification No. | : | BRJNRM-04/2022-23 |
| Total No. of Works | : | 75 Nos. |
| Tender ID | : | 2022_ORULB_80581 |
| Tender Value | : | Rs.3.00 lakhs to 19.95 lakhs |
| Bid Security | : | Rs.3000.00 to Rs.19,950.00 |
| Available Period | : | Dt.22.08.2022, 11.00 A.M. to 03.09.2022, 05.00 P.M. |
| Tender Opening Date | : | 07th September 2022, 11.00 A.M. |

Bidders are requested to participate in advance with their Class-II and Class-III contractor DSC before the closing date. Further details pelase visit: **www.tendersorissa.gov.in.**

**Sd./- Executive Officer**
**Brajrajnagar Municipality**
**OIPR-13099/11/0014/2223**

**GOVT. OF ODISHA** No. A-453

**DEPARTMENT OF WATER RESOURCES**

**OFFICE OF THE ADDITIONAL CHIEF ENGINEER**

**Vansadhara Nagabali Basin, Paralakhemundi**
**(email Id: se_sicpkd@yahoo.com)**

**e-Procurement Notice No. ACEVNB-01/2022-23**

| | | | |
|---|---|---|---|
| 1. | Type of works | : | Flood potection works of river banks |
| 2. | Total number of Packages | : | 4 (Four) Nos. |
| 3. | Estimated Cost | : | Rs.179.11 lakhs to Rs.425.81 lakhs |
| 4. | Bid Identification No. | : | ACEVNB/GID-01/2022-23, ACEVNB/GID-02/2022-23, ACEVNB/GID-03/2022-23, ACEVNB/RID-04/2022-23. |
| 5. | Period of Completion | : | 11 (Eleven) months to 12 (Twelve) months |
| 6. | Availability & submission of bids online | : | From 11.00 A.M. of 22.08.2022 to 5.00 P.M. of 05.09.2022. |
| 7. | Date of Opening of Technical Bids | : | 06.09.2022 at 11.30 A.M. in the O/o. the Additional Chief Engineer, Vansadhara Nagabali Basin, Paralakhemundi. |
| 8. | Procurement Officer | : | Additonal Chief Engineer, Vansadhara nagabali Basin, Paralakhemundi |
| 9. | Further details can be seen from Govt. website **www.tendersodisha.gov.in** and any adendum/corrigendum/cancellation will be published in the said website. | | |

**Sd./- Additional Chief Engineer**
**Vansadhara Nagabali Basin, Paralakhemundi**
**OIPR-32417/11/0002/2223**

**NOTICE INVITING TENDER**

**OFFICE OF THE MUNICIPAL COUNCIL, NAYAGARH**

**NAYAGARH (ODISHA), PIN - 752069**

**No. C-1020** **e-Mail: nacnayagarh@yahoo.co.in**

**Tender Call Notice No. 3071 Dt.17.08.2022**

**E-Procurement Notice No. MUNLNGR-04/2022**

| | | | |
|---|---|---|---|
| 1 | Name of the Work | : | Civil Works on EPC Contract (Turnkey Basis) |
| 2 | Name of Works | : | Design, Construction, Renovation and furnishing of Sanskruti Bhawan at Nayagarh |
| 3 | Value of Work | : | Rs.1,98,96,000/- |
| 4 | Class of Contractor | : | B & A Class Contractor |
| 5 | Period of Completion | : | 180 Days |
| 6 | Date of Publication | : | Dt.20.08.2022 |
| 7 | Date and Time of availability of document in the portal | : | From Dt.20.08.2022 at 10.00 A.M. to Dt.01.09.2022 upto 5.00 P.M. |
| 8 | Last Date/Time for receipt of bids in portal | : | Dt.01.09.2022 upto 5.00 P.M. |
| 9 | Last date of Submission of Original documents in this office | : | On or before Dt.03.09.2022 upto 5.00 P.M. by Registered Post/Speed Post/ Drop Box available at Municipal Office |
| 10 | Date and Time of opening Technical Bid | : | Dt.05.09.2022 at 11.00 A.M. at Municipality Office, Nayagarh |
| 11 | Date and Time of Opening Financial Bid | : | Intimation will be given later through E-Mail |
| | Name and address of the Officer Inviting Bid | : | Sd./- Executive Officer, Nayagarh Municipality |

Further details can be seen from e-Procurement portal **https://tendersodisha.gov.in**.

**OIPR-13134/11/0013/2223**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୨୧୯ **ବିଜ୍ଞାପନ** ତା:୧୦।୦୮।୨୨

No. CAD-1551: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ରଥମ ପର୍ଯ୍ୟାୟ, ଚନ୍ଦ୍ରଶେଖରପୁର ହାଉସିଂ ପ୍ରକଳ୍ପ, ଭୁବନେଶ୍ୱରରେ ଫ୍ଲାଟ ଗୃହ ନଂ. ଏମ୍.ଆଇ.ଜି.–୨–୬୯/୫ (MIG-II-69/5)ଟିକୁ ଶ୍ରୀମତୀ ମାନସୀ ସାମଲ, ସ୍ୱା.: ଅନିରୁଦ୍ଧ ସାମଲ, ସା/ପୋ.: କେନ୍ଦୁପଦା, ଥା: ଯୋରନ୍ଦା, ଜି: ଢେଙ୍କାନାଳଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ମାନସୀ ସାମଲ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ରଞ୍ଜିତାରାଣୀ ଖଣ୍ଡୁଆଳ, ସ୍ୱା.: ସନ୍ତୋଷ କୁମାର ମହାନ୍ତି, ସା/ପୋ.: କୁରୁଣ୍ଟି, ଥା: ରାଜନଗର, ଜି.: କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ୍ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟ୍ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0257/2223

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୨୧୭ **ବିଜ୍ଞାପନ** ତା:୦୮।୦୮।୨୨

No. CAD-1548: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ମୈତ୍ରୀ ବିହାର, ୧ମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏଚ୍.ଆଇ.ଜି. (ଏସ୍)–୧୧୭ [HIG (S) 117]ଟିକୁ ଶ୍ରୀ ଅନୀଲ କୁମାର ଭଟ୍ଟ, ପି.: ମାୟାରାମ ଭଟ୍ଟ, ସା: ବେଲ୍ ରୋଡ, ସୁବାସ ନଗର, ପୋ.: କ୍ଲେମେଣ୍ଟ ଟାଉନ, ଥା/ଜି.: ଡେହେରାଡୁନ୍ (ଉତ୍ତରାଞ୍ଚଳ)ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଅନୀଲ କୁମାର ଭଟ୍ଟ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ହରପ୍ରିୟା ନନ୍ଦ, ସ୍ୱା.: ନବ କିଶୋର ଜେନା, ସା: ଗୋପାଳକୃଷ୍ଣ ଲେନ୍, ଅବକାସ୍ ଲେନ୍, ଷ୍ଟେସନ ରୋଡ, ପୋ.: ପୁରୀ–୨, ଥା: କୁମ୍ଭାରପଡ଼ା, ଜି.: ପୁରୀଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0254/2223

**JAJPUR MUNICIPALITY: JAJPUR**
**(Ph:06728-222073 / E-mail: jajpur.m.1869@gmail.com)**
**No: 2920 / Date: 16.08.2022**

**REQUEST FOR PROPOSAL (RFP)**

**No.C-1023:** For Providing Consultancy Services for preparation of DPR including Topographical Survey, Design and Engineering including Technical Validation for Improvement of Drainage System of Jajpur Municipalities in the District of Jajpur, Odisha
Bid Processing Fee (Non-Refundable): Rs.10,000/- (Rupees Ten Thousand Only)

All other terms and conditions may be seen from the Detailed Tender Called Notice documents available in **https://jajpur.nic.in & www.jajpurmunicipality.co.in.**

The authority reserves the right to accept or cancel any or all the DTCN without assigning any reason thereof.

**Sd./- Executive Officer, Jajpur Municipality**
**OIPR-13171/11/0009/2223**

**STATE POLLUTION CONTROL BOARD, ODISHA**
**PARIBESH BHAWAN, A/118, NILAKANTHANAGAR, UNIT-VIII, NAYAPALLI, BHUBANESWAR - 751012**
**Website:www.ospcboard.org, EPABX : 0674-2562847**
**Email: paribesh1@ospcboard.org**
**No.14814 SPCB/ICZM/506/2019-2020 Date:17.8.22**

**E-TENDER CALL NOTICE**

**No.CAD-1554:** Notice Inviting E-Tender for executing Dry Docking Repair Work of 'MV Sagar Utkal' berthed at DST Berth, Paradeep Port, Paradeep.
**Online Bids** through e-Tender portal (https://tendersodisha.gov.in) are invited from eligible bidders for executing Dry Docking Repair Work of 'MV Sagar Utkal' as per the particulars mentioned below:

| Sl. No. | Bid Reference No. | Item Name | Bid Document Cost |
|---|---|---|---|
| 1 | TCN No. Dt. | Executing Dry Docking Repair Work of 'MV Sagar Utkal' berthed at DST Berth, Paradeep Port, Paradeep | Free of Cost |

| Sl. No. | Particulars | Date and Time |
|---|---|---|
| 01 | Date of publishing of tender | 19.08.2022 |
| 02 | Bid document download start date | 19.08.2022 (4.00 PM) |
| 03 | Duration of downloading of bid document | 14 Days |
| 04 | Last date of download of Bid document | 03.09.2022 (12.00 PM) |
| 05 | Opening of Technical Bid Folder | 05.09.2022 (4.00PM) Conference Hall at Central Laboratory Plot No. 59 B 2&3 Chandaka I.E Patia, KIIT, Bhubaneswar-751024 |
| 06 | All other information | All other Information will be updated in https://tendersodisha.gov.in and www.ospcboard.org |

The bid document with all information relating to the bidding process including cost of bid document, EMDs, Prequalification criteria and terms & condition are available in the website: https://tendersodisha.gov.in and www.ospcboard.org.The Authority reserves the right to accept/reject any part thereof or all the bids without assigning any reason thereof.

OIPR-08012/11/0223/2223 **Sd./- Member Secretary**

**ସରିଛି ସ୍କୁଲ୍ ପାଠପଢ଼ା। ଏକ ନୂଆ ଆଶା ଆଉ ଭବିଷ୍ୟତର ଲକ୍ଷ୍ୟ ନେଇ କଲେଜରେ ପାଦ ଥାପିବାକୁ ପ୍ରସ୍ତୁତ ଛାତ୍ରୀଛାତ୍ର। ଏହା ସଭିଙ୍କ ଜୀବନର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟ, ଯେଉଁଠୁ ନିର୍ମାଣ ହୋଇଥାଏ ଉତ୍ତମ ଭବିଷ୍ୟତର ଭିତ୍ତିଭୂମି। ତେଣୁ ନିଜ ଭବିଷ୍ୟତକୁ ସୁଦୃଢ଼ କରିବାକୁ ହେଲେ କଲେଜ ସମୟରେ ବିଭିନ୍ନ ଦିଗ ପ୍ରତି ବିଶେଷ ସଜାଗ ରହିବା ଗୁରୁତ୍ୱପୂର୍ଣ୍ଣ...**



# ଏଇଠୁ ଆରମ୍ଭ କଲେଜ ଜୀବନ



ଆଉ ଦିନ କେଇଟା ପରେ ଆରମ୍ଭ ହେବ କଲେଜ ଲାଇଫ୍। କେହି କେହି ସ୍କୁଲ୍‌ର ଆବଦ୍ଧ ଜୀବନରୁ ବାହାରି କଲେଜରେ ମୁକ୍ତ ବିହଙ୍ଗ ଭଳି ନୂଆ ଅନୁଭବର ଆନନ୍ଦ ନେବାକୁ ଉତ୍କଣ୍ଠିତ ତ ଆଉ କେହି ଏହିଠାରୁ ଉତ୍ତମ ଭବିଷ୍ୟତର ଭିତ୍ତିଭୂମି ଗଢ଼ିବାର ସ୍ୱପ୍ନକୁ ନେଇ ସଜାଗ। ତେବେ କଲେଜ ଯିବା ପରେ ବିଭିନ୍ନ କାରଣରୁ ଅନେକ ଶିକ୍ଷାର୍ଥୀ ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହେବା ଏବଂ ଲକ୍ଷ୍ୟ ହାସଲରୁ ବଞ୍ଚିତ ହେଉଥିବାର ନଜିର ରହିଛି। ତେଣୁ ପ୍ରଥମେ କଲେଜ ଯିବାକୁ ଥିବା ଛାତ୍ରୀଛାତ୍ର ନିଜ କଲେଜ ଜୀବନକୁ ସଫଳ କରିବା ଲାଗି କେତୋଟି ଦିଗ ପ୍ରତି ସଚେତନ ରହିବା ନିହାତି ଆବଶ୍ୟକ...

➔ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଅନେକ ଛାତ୍ରୀଛାତ୍ର ଯୁକ୍ତ ୨ ପରୀକ୍ଷାରେ ଖରାପ କରିଥାଆନ୍ତି। ଏହାର ମୂଳ କାରଣ ହେଉଛି ସ୍କୁଲ୍ ଭଳି କଲେଜରେ ନା ଥାଏ ଅଧ୍ୟାପିକା ଅଧ୍ୟାପକଙ୍କ ଆକଟ, ଅନୁଶାସନ କିମ୍ବା ବିଭିନ୍ନ କଟକଣାର ଭୟ ନା ସମସ୍ତ କ୍ଲାସ୍ ଆଟେଣ୍ଡ କରିବା ବାଧ୍ୟତାମୂଳକ। ଏମିତିକି ଏଠାରେ ହୋମ୍‌ୱାର୍କ କରିବାର ବି ନ ଥାଏ ଚାପ। ଏଣୁ ଅନେକ ଛାତ୍ରୀଛାତ୍ର ରେଗୁଲାର କ୍ଲାସ୍ କରିବା, ପ୍ରତିଦିନ ପଢ଼ା ଯାଇଥିବା ପାଠକୁ ଘରେ ଯାଇ ପଢ଼ିବା କିମ୍ବା ଅଭ୍ୟାସ କରିବା ଆଦିରେ ଅବହେଳା କରିବସନ୍ତି। ତେଣୁ କଲେଜ ଜୀବନ ଆରମ୍ଭରୁ ହିଁ ନିଜ ଭବିଷ୍ୟତର ଲକ୍ଷ୍ୟ ପ୍ରତି ଯତ୍ନଶୀଳ ହେବା ସହ ପଢ଼ା ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ।

➔କଲେଜ ଆସିବା ପରେ ଅନେକ ଛାତ୍ରୀଛାତ୍ର କ୍ଲାସ୍ ଆରମ୍ଭ ହେବା ପୂର୍ବରୁ ସାଙ୍ଗସାଥୀଙ୍କ ସହ ଗପିବା, ଡେରିରେ କ୍ଲାସ୍‌ରେ ପହଞ୍ଚିବା ଅବା କ୍ଲାସ୍ ବନ୍ଦ କରି ବୁଲିବା ଆଦି କରୁଥିବା ଦେଖିବାକୁ ମିଳିଥାଏ। ଫଳରେ କ୍ଲାସରେ ପଢ଼ାଯାଇଥିବା ପାଠ ଭଲ ଭାବେ ବୁଝି ପାରନ୍ତି ନାହିଁ, ଯାହାର ପ୍ରଭାବ ସେମାନଙ୍କ ପରୀକ୍ଷାଫଳରେ ଦେଖିବାକୁ ମିଳିଥାଏ। ମନେରଖନ୍ତୁ, ସମୟାନୁବର୍ତ୍ତୀ ହେବା ବିଦ୍ୟାର୍ଥୀର ଏକ ଭଲ ଲକ୍ଷଣ। ତେଣୁ କ୍ଲାସ୍‌ରେ ଠିକ୍ ଟାଇମ୍‌ରେ ପହଞ୍ଚନ୍ତୁ ଏବଂ ଧ୍ୟାନର ସହିତ ପଢ଼ାଯାଉଥିବା ପାଠକୁ ବୁଝନ୍ତୁ।

➔କଲେଜ ଆସିବା ପରେ ଅନେକ ଛାତ୍ରୀଛାତ୍ର ଯେଉଁ କ୍ଲାସ୍ ତାଙ୍କୁ ବୋର୍ ଲାଗେ କିମ୍ବା ଇଚ୍ଛା ନ ହୁଏ ତାହାକୁ ଆଟେଣ୍ଡ ନ କରି ପରବର୍ତ୍ତୀ ସମୟରେ ସାଙ୍ଗଙ୍କଠାରୁ ନୋଟ୍ ଆଣି ପଢ଼ିନିଅନ୍ତି। ଏମିତିକି କେହି କେହି ନିଜ ପ୍ରାକ୍ଟିକାଲ୍ ରେକର୍ଡ ମଧ୍ୟ ସାଙ୍ଗମାନଙ୍କ ଦ୍ୱାରା କରାଇଥାଆନ୍ତି। ହେଲେ ଧୀରେ ଧୀରେ ଅନ୍ୟ ଉପରେ ନିର୍ଭର କରିବାର ଏହି ଗୁଣ ଅଭ୍ୟାସରେ ପରିଣତ ହୋଇଯାଏ, ଯାହାକି ଭବିଷ୍ୟତରେ ଅସୁବିଧାର ସମ୍ମୁଖୀନ କରାଇଥାଏ। କେବଳ ଏତିକି ନୁହେଁ, ସେହିପରି କ୍ଲାସ୍ ଆଟେଣ୍ଡ କଲେ ସୁଦ୍ଧା ଲାଷ୍ଟ ବେଞ୍ଚରେ ବସି ପଢ଼ାଯାଉଥିବା ସମୟରେ ଗପିବା, ଅନ୍ୟମନସ୍କ ରହିବା, ମୋବାଇଲ୍‌ରେ ଖେଳିବା, ଚାଟ୍ କରିବା ଆଦି ଯୋଗୁ କେତେକ ଶିକ୍ଷାର୍ଥୀ ପାଠକୁ ଅବହେଳା କରୁଥିବାର ଦେଖିବାକୁ ମିଳିଥାଏ। କେହି କେହି ଟ୍ୟୁଶନ୍‌ରେ ସବୁ ପାଠ ପଢ଼ା ଯାଉଥିବାରୁ କଲେଜରେ କ୍ଲାସ୍ ଆଟେଣ୍ଡ କରିବା ସେତେଟା ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ମଧ୍ୟ ଭାବନ୍ତି। ହେଲେ ମନେରଖନ୍ତୁ, କ୍ଲାସ୍‌ରୁମ୍ ଟିଚିଂ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଠାରେ ପାଠକୁ ଭଲ ଭାବେ ବୁଝିବା ଏବଂ ଶୁଣିବା ଦ୍ୱାରା ମନେରଖିବା ସୁବିଧା ହୋଇଥାଏ। ତା'ଛଡା ଅଧ୍ୟାପିକା ଅଧ୍ୟାପକଙ୍କୁ ପଚାରି ଡାଉଟ୍ କ୍ଲିଅର କରିବା ମଧ୍ୟ ସହଜ ହୋଇଥାଏ।

➔ସାଧାରଣତଃ କଲେଜଗୁଡ଼ିକ ଘରଠାରୁ ଦୂର ହୋଇଥିବାରୁ ଅନେକଙ୍କୁ ହଷ୍ଟେଲ କିମ୍ବା ମେସ୍‌ରେ ରହିବାକୁ ହୋଇଥାଏ। ଏମିତିରେ କେତେଜଣ ପରିବାରର ଆକଟ ନ ଥିବାରୁ ସାଙ୍ଗମାନଙ୍କ ସହିତ ବୁଲିବା, ମଜା ମସ୍ତି କରିବା, ଅଧିକ ରାତିଯାଏଁ ପାର୍ଟି କରିବା, ଲେଟ୍ ନାଇଟ୍ ଫିଲ୍ମ ଦେଖିବା, ଅନ୍ୟମାନଙ୍କୁ ହଇରାଣ କରିବା, ଅସାମାଜିକ ପିଲାଙ୍କ ସହିତ ମିଶିବା ଏବଂ ସର୍ବୋପରି ପାଠପଢ଼ା ଲାଗି ଘରୁ ମିଳୁଥିବା ଖର୍ଚ୍ଚକୁ ଅଯଥା ନଷ୍ଟ କରୁଥିବା ଦେଖିବାକୁ ମିଳେ। ଯେଉଁମାନେ କି ନିଜ ଅବହେଳା ଲାଗି ସଫଳତାର ସ୍ୱାଦ ଚାଖିବାରୁ ବଞ୍ଚିତ ହୁଅନ୍ତି। ହେଲେ ଯେଉଁମାନେ ପାଠପଢ଼ା ପ୍ରତି ଅଧିକ ଯତ୍ନଶୀଳ ହେବା ସହ ପରିବାରଠାରୁ ଦୂରରେ ରହୁଥିବାରୁ ଏକାକୀ ଦୈନନ୍ଦିନ ଜୀବନରେ ଟାଇମ୍ ମ୍ୟାନେଜ୍‌ମେଣ୍ଟର କଳା ଭଲ ଭାବେ ଶିଖିଯାଆନ୍ତି, ସେମାନେ ସଫଳ ହୁଅନ୍ତି।



➔କଲେଜ ଆସିବା ପରେ ଅନେକ ଭଲ ଶିକ୍ଷାର୍ଥୀ ମଧ୍ୟ କୁସଙ୍ଗରେ ପଡ଼ି ଖରାପ ବାଟକୁ ଯାଉଥିବାର ନଜିର ରହିଛି। ସାଙ୍ଗମାନଙ୍କ ସହ ମିଶି ସେମାନେ କେବେକେବେ ମଜାମସ୍ତିରେ ମଦ, ସିଗାରେଟ୍, ଡ୍ରଗ୍ସ ଭଳି ବିଭିନ୍ନ ନିଶାଦ୍ରବ୍ୟ ସେବନ କରିବାକୁ ଷ୍ଟାଇଲ୍ ବୋଲି ଭାବିଥା'ନ୍ତି ତ ଆଉ କେହି ସାଙ୍ଗସାଥୀଙ୍କ ଚାପ (ପିଅର ପ୍ରେସର୍)ରେ ଏସବୁ ବଦଭ୍ୟାସକୁ ଆପଣାଇ ନିଅନ୍ତି। ହେଲେ ଏହି ବଦଭ୍ୟାସ ଯୋଗୁ ସେମାନେ କେବେକେବେ ବିଭିନ୍ନ ଅସାମାଜିକ କାର୍ଯ୍ୟ କରିବାକୁ ମଧ୍ୟ ପଛାନ୍ତି ନାହିଁ। ହେଲେ ଏହା କ୍ୟାରିଅର୍ ଉପରେ ନକାରାତ୍ମକ ପ୍ରଭାବ ପକାଏ। ତେଣୁ ଯଥାସମ୍ଭବ ଏଥିରୁ ଦୂରେଇ ରୁହନ୍ତୁ ଏବଂ କେବଳ ପାଠପଢ଼ାରେ ମନୋନିବେଶ କରନ୍ତୁ।

➔ନୂଆ ନୂଆ କଲେଜରେ ସିନିୟରମାନଙ୍କ ଡରରେ ଅନେକେ ନିଜ ଭିତରେ ଥିବା କଳାକୁ ଚାପିଦିଅନ୍ତି ଏବଂ କଲେଜରେ ହେଉଥିବା ବିଭିନ୍ନ ଫଙ୍କଶନ୍‌ରେ ଭାଗନେବାଠୁ ଦୂରେଇ ରୁହନ୍ତି। କିନ୍ତୁ ଯଦି ଆପଣଙ୍କ କୌଣସିରେ ରୁଚି ଥାଏ, ତାହାକୁ ପ୍ରଦର୍ଶନ କରିବାର ଏହା ହେଉଛି ସବୁଠୁ ଭଲ ସୁଯୋଗ। ତେଣୁ ଏ ମୌକା ହାତଛଡ଼ା କରନ୍ତୁ ନାହିଁ।

## କ'ଣ କୁହନ୍ତି ଏମାନେ...



**ପୁନମ୍ ରାଉତରା(ଛାତ୍ରୀ, ପୁରୀ)–** ସ୍କୁଲ୍ ସମୟ ସବୁବେଳେ ନିଆରା। ବହୁ ହସଖୁସିରେ ପିଲାବେଳ କଟିଛି। ମାଟ୍ରିକ୍ ପରୀକ୍ଷା ପରେ ଏବେ ସାଙ୍ଗମାନେ ଯିଏ ଯୁଆଡ଼େ ଅଲଗା ହୋଇଯିବେ। ସେଥିପାଇଁ ଦୁଃଖ ଲାଗୁଛି। ହେଲେ ବି ଆମକୁ ସମୟ ସହ ଆଗକୁ ବଢ଼ିବାର ଅଛି। କଲେଜର ନୂଆ ଅନୁଶାସନରେ ଏବେ ନିଜକୁ ଗଢ଼ିବାର ସମୟ। ନୂଆ ସାଙ୍ଗ ସହ ମିଶି ପାଠ ପଢ଼ିବି। ତେଣୁ କଲେଜ ଲାଇଫ୍‌ରେ ଭରପୂର ମସ୍ତି କରିବି। ସର୍ବୋପରି ଏସବୁ ଆଳରେ ପାଠ ପଢାକୁ ଆଦୌ ଅବହେଳା ନ କରି ନିଜର ବେଷ୍ଟ ରେଜଲ୍ଟ ପାଇଁ ଚେଷ୍ଟା କରିବି।



**ବିଶ୍ୱଜିତ୍ ମହାପାତ୍ର (ଯୁକ୍ତ ୨ ବିଜ୍ଞାନ, ଡିପିଏସ୍ କଳିଙ୍ଗା, ଫୁଲନଖରା, କଟକ)–** ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାରୁ ଯୁକ୍ତ ଦୁଇକୁ ନେଇ ଅଧିକ ଆଶାବାଦୀ ଅଛି। ତେଣୁ ପାଠ ପଢା ଉପରେ ବିଶେଷ ଧ୍ୟାନ ଦେବି। କଲେଜରେ ସ୍କୁଲ୍ ଭଳି କଡା ଅନୁଶାସନ କିମ୍ବା ଶିକ୍ଷକଙ୍କ ଆକଟ ନ ଥିବାରୁ ଅନେକ ପିଲା କ୍ଲାସ୍ କରିବା ବଦଳରେ ଏଣେତେଣେ ବୁଲନ୍ତି। ଯାହାଦ୍ୱାରା ଏହାର ନକାରାତ୍ମକ ପ୍ରଭାବ ରେଜଲ୍ଟ ଉପରେ ପଡିଥାଏ। ଏସବୁଠାରୁ ନିଜକୁ ନିବୃତ ରଖି ନିଜ ଲକ୍ଷ୍ୟ ପଥରେ ଆଗେଇ ଯିବି।

### ୟୁଥ୍ ଆଲର୍ଟ

# ପ୍ଲାଷ୍ଟିକ୍ ବୋତଲରେ ପାଣି ପିଉଥିଲେ...



**ପାଣି ପିଇବା ଲାଗି ସାଧାରଣତଃ ଆମେ ପ୍ଲାଷ୍ଟିକ୍ ବୋତଲ ବ୍ୟବହାର କରିଥାଉ। ବିଶେଷକରି ବାହାରକୁ ଯିବା ବେଳେ ନେବାକୁ ସୁବିଧା ହେଉଥିବାରୁ ଏହାର ଚାହିଦା ସର୍ବାଧିକ। ହେଲେ ଆପଣ ଜାଣନ୍ତିକି, ପ୍ଲାଷ୍ଟିକ୍ ବୋତଲରେ ପାଣି ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର ନୁହେଁ ...**



▶ପ୍ଲାଷ୍ଟିକ୍‌ରେ ରହିଛି ଫ୍ଲୋରାଇଡ୍, ଆର୍ସେନିକ୍ ଏବଂ ଆଲୁମିନିୟମ ଭଳି ଅନେକ ହାନିକାରକ ଉପାଦାନ। ତେଣୁ ଏହି ବୋତଲରେ ଅଧିକ ସମୟ ପାଣି ରଖିବା ଦ୍ୱାରା ଏସବୁ ଉପାଦାନ ନିର୍ଗତ ହୋଇ ସେଥିରେ ମିଶିଥାଏ। ଏହି ପାଣି ପିଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ।

▶ବାରମ୍ବାର ପ୍ଲାଷ୍ଟିକ୍ ବୋତଲରେ ପାଣି ପିଇବା ଦ୍ୱାରା ଏହିସବୁ ହାନିକାରକ ରାସାୟନିକ ପଦାର୍ଥ ମଣିଷର ରୋଗ ପ୍ରତିରୋଧକ ଶକ୍ତିକୁ ହ୍ରାସ କରିଥାଏ। ଫଳରେ ଏହା ଅନେକ ରୋଗର କାରଣ ହୋଇଥାଏ। ବିଶେଷକରି ଏଥିରେ ଥିବା ଥାଲେଟ୍ସ ନାମକ କେମିକାଲ ଲିଭର କ୍ୟାନ୍ସରର କାରଣ ସାଜିଥାଏ। କେବଳ ଏତିକି ନୁହେଁ, ଏହା ଦ୍ୱାରା ମୃତ୍ୟୁ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

▶କେବଳ ଏତିକି ନୁହେଁ, ପ୍ଲାଷ୍ଟିକ୍ ବୋତଲରେ ପାଣି ରଖି ପିଇବା ଦ୍ୱାରା ଶରୀରକୁ ବାଇଫେନିଲ୍-ଏ ନାମକ ଏକ ମାରାତ୍ମକ ଏଷ୍ଟ୍ରୋଜେନ୍ ମିମିକିଙ୍ଗ୍ କେମିକାଲ୍ ଯାଇଥାଏ। ଏହା ମେଦବହୁଳତା, ଡାଇବେଟିସ୍, ପ୍ରଜନନ ସମସ୍ୟା ଭଳି ଅନେକ ରୋଗର କାରଣ ସାଜିଥାଏ।

▶ପ୍ଲାଷ୍ଟିକ୍ ବୋତଲରେ ପାଣି ଅଧିକ ସମୟ ରହିବା ଏବଂ ତାହା ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବା ଦ୍ୱାରା ସେଥିରୁ ଡାଇଅକ୍ସିନ୍ ନାମକ ଏକ ବିଷାକ୍ତ ପଦାର୍ଥ ନିର୍ଗତ ହୋଇଥାଏ। ଗାଡ଼ିରେ ପାଣିବୋତଲ ଅଧିକ ସମୟ ରଖିବା ଅବା ଗାଡ଼ି ଷ୍ଟାର୍ଟ ରଖି ବାହାରକୁ ଯିବା ଦ୍ୱାରା ମଧ୍ୟ ପାଣି ଗରମ ହେବା ସହ ଧୀରେ ଧୀରେ ପ୍ଲାଷ୍ଟିକ୍ ତରଳି ଏହି ଉପାଦାନ ନିର୍ଗତ ହୋଇ ପାଣିରେ ମିଶିଥାଏ, ଯାହା କି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ।

▶ତେଣୁ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ପ୍ଲାଷ୍ଟିକ୍ ବୋତଲରେ ପାଣି ନ ପିଇବା ଭଲ ।

## ଏ ସପ୍ତାହର ପ୍ରଶ୍ନ

୧– ଏଲ୍‌ଡିବିର ଫୁଲ୍‌ଫର୍ମ ................................................ ?
୨– ନ୍ୟାୟ ମିତ୍ର ବ୍ୟବସ୍ଥା ........................ ମସିହାରୁ ଆରମ୍ଭ ହୋଇଛି ?
୩– ଦି କ୍ରାଫ୍ଟ ଭିଲେଜ୍ ସ୍କିମ୍ ...................... ଦ୍ୱାରା ଆରମ୍ଭ କରାଯାଇଛି ?
୪– ଜିଓମାରା କ୍ୟାଷ୍ଟ୍ରୋ.................. ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ?
୫– ବାଇଖୋ ପର୍ବ .................................. ରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ ତେଲଙ୍ଗାନା
୨ ଅଗଷ୍ଟ ୧୦
୩ ଆଇଓସିଏଲ୍
୪ ଇଣ୍ଡିଆ ଇଣ୍ଟରନ୍ୟାଶନାଲ୍ ଅର୍ବିଟେଶନ୍ ସେଣ୍ଟର
୫ ଜାମ୍ମୁ ଓ କଶ୍ମୀର

## ଉତ୍ତରଦାତା



ଛବିଲାଲ୍ ଭାଟି, କଳାହାଣ୍ଡି



ଶେଖ୍ ୟାକୁବ, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସର୍ବବୃହତ୍ ମୁଭି ଥିଏଟର୍ ଚେନ୍




୧– ଏଏମ୍‌ସି. ଲିଉଡ୍ (କାନ୍‌ସାସ୍, ଆମେରିକା) ............... ୧୧,୦୪୧ଟି ସ୍କ୍ରିନ୍
୨– ୱାଣ୍ଡା ସିନେମାସ୍ (ବେଜିଂ, ଚାଇନା)........................ ୧,୬୫୭ଟି ସ୍କ୍ରିନ୍
୩– ସିନେ ୱାର୍ଲ୍ଡ (ଲଣ୍ଡନ୍, ଇଂଲଣ୍ଡ, ୟୁକେ)...................... ୯, ୫୦୦ଟି ସ୍କ୍ରିନ୍
୪– ସିନେ ପାର୍କ (ପ୍ଲାନୋ, ଟେକ୍ସାସ୍, ଆମେରିକା)................ ୫୯୫୭ଟି ସ୍କ୍ରିନ୍
୫– ସିନେପଲିସ୍ (ମୋରେଲିଆ, ମିଚିକାନ୍, ମେକ୍ସିକୋ).......... ୫୨୫୧ଟି ସ୍କ୍ରିନ୍
୬– ରେଗାଲ୍ ସିନେମାସ୍ (ନକ୍ସଭିଲେ, ଆମେରିକା).............. ୭,୨୦୦ଟି ସ୍କ୍ରିନ୍
୭– ସିନେପ୍ଲେକ୍ସ ଏଣ୍ଟରଟେନ୍‌ମେଣ୍ଟ (ଅଣ୍ଟାରିଓ,କାନାଡ଼ା)......... ୧,୬୭୬ଟି ସ୍କ୍ରିନ୍
୮– ଭ୍ୟୁ, ଲଣ୍ଡନ୍ (ୟୁକେ)............................................ ୧,୯୮୯ଟି ସ୍କ୍ରିନ୍
୯– ସିଜିଭି. ସେଉଲ୍ (ସାଉଥ୍ କୋରିଆ)........................ ୩, ୪୫୯ଟି ସ୍କ୍ରିନ୍
୧୦– ସିନେମେକ୍ସ (ମେକ୍ସିକୋ)................................... ୨,୮୬୧ଟି ସ୍କ୍ରିନ୍

### ଜାଣନ୍ତୁ ଦୁନିଆ

# ବାଘ

**ଚିଡ଼ିଆଖାନାରେ ହେଉ ଅବା କୌଣସି ଫିଲ୍ମରେ ବାଘ ଦେଖିଲେ ମନ ଉଲ୍ଲସିତ ହୋଇଉଠେ। ଆଉ ଯଦି କେବେ ଜଙ୍ଗଲରେ ପ୍ରକୃତରେ କାହାକୁ ଏହାର ସାମ୍ନା କରିବାକୁ ପଡ଼େ, ତେବେ ବଞ୍ଚିବା ହୋଇଯାଏ ମୁସ୍କିଲ୍। ଏହି ହିଂସ୍ର ତଥା ବଲୁଆ ପଶୁ ସମ୍ପର୍କରେ ଜାଣିବା କିଛି ରୋଚକ ତଥ୍ୟ...**

- ସମଗ୍ର ପୃଥିବୀରେ ବାଘକୁ ଶକ୍ତିର ପ୍ରତୀକ ବୋଲି ଲୋକେ ମାନନ୍ତି।
- ଏହାର ବୈଜ୍ଞାନିକ ନାମ ହେଉଛି ପାନ୍ଥେରା ଟାଇଗ୍ରୀସ୍। ଏହା ଗ୍ରୀକ୍ ଶବ୍ଦ ପାନ୍ଥେରାରୁ ଆସିଛି, ଯାହାର ଅର୍ଥ ଶିକାରୀ। ସେହିପରି ପ୍ରାଚୀନ ପାର୍ସି ଶବ୍ଦରୁ ଟାଇଗ୍ରୀସ୍ ଆସିଛି, ଯାହାର ଅର୍ଥ ତୀର ପରି ତୀବ୍ର।
- ଆମ ଦେଶ ବ୍ୟତୀତ ବାଂଲାଦେଶ, ମାଲେସିଆ, ଦକ୍ଷିଣ କୋରିଆ ଆଦି ଦେଶରେ ମଧ୍ୟ ବାଘକୁ ଜାତୀୟ ପଶୁ ଭାବେ ଗ୍ରହଣ କରାଯାଇଛି।
- ଦିନକୁ ଦିନ ବାଘ ଶିକାର ବଢୁଥିବାରୁ ଭୂପୃଷ୍ଠରୁ ବାଘସଂଖ୍ୟା ହ୍ରାସ ହେଉଥିବା ଦେଖିବାକୁ ମିଳୁଛି। ଏହାକୁ ରୋକିବା ଦିଗରେ ଜନସାଧାରଣଙ୍କୁ ସଚେତନ କରାଇବା ଲାଗି ପ୍ରତିବର୍ଷ ଜୁଲାଇ ୨୯ ତାରିଖକୁ 'ୱାର୍ଲ୍ଡ ଟାଇଗର ଡେ' ଭାବେ ପାଳନ କରାଯାଉଛି।
- ସେହିପରି ବାଘ ସୁରକ୍ଷା ଲାଗି ୧୯୭୩ ମସିହାରୁ ଆମ ଦେଶରେ ପ୍ରୋଜେକ୍ଟ ଟାଇଗର ଆରମ୍ଭ କରାଯାଇଛି।
- ସାଇବେରିଆନ୍ ଟାଇଗର ସବୁଠାରୁ ବଡ଼ ବାଘ ପ୍ରଜାତି ହୋଇଥିବା ବେଳେ ସୁମାତ୍ରାନ୍ ଟାଇଗର ସବୁଠୁ ଛୋଟ ବାଘ ବୋଲି କୁହାଯାଏ।
- ବାଘ ଘଣ୍ଟା ପ୍ରତି ୬୫ କିଲୋମିଟର ପର୍ଯ୍ୟନ୍ତ ବେଗରେ ଦୌଡିପାରନ୍ତି। କେବଳ ଦୌଡିବା ନୁହେଁ ବାଘମାନେ ଖୁବ୍ ଶୀଘ୍ର ପହଁରି ମଧ୍ୟ ପାରନ୍ତି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୨୧ ଅଗଷ୍ଟ, ୨୦୨୨ Bhubaneswar, Sunday, August 21/2022

# ସିରିଜ୍ ଜିତିଲା ଭାରତ

**ହରାରେ,୨୦।୮(ପି.ଟି.)**

ଭାରତ ଓ ଜିମ୍ବାୱେ ମଧ୍ୟରେ ଶନିବାର ଖେଳାଯାଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌କୁ ଜିତିନେଇଛି ଭାରତ। ଏଥିସହିତ ଦଳ ୨-୦ରେ ଅଗ୍ରଣୀ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜକୁ ଆଗୁଆ ଜିତିନେଇଛି। ବୋଲରଙ୍କ ସଫଳତା ବଳରେ ଜିମ୍ବାୱେକୁ ୧୬୧ ରନ୍‌ରେ ସୀମିତ ରଖିବା ପରେ ସଞ୍ଜୁ ସାମ୍‌ସନଙ୍କ ଅପରାଜିତ ୪୩ ରନ୍ ବଳରେ ୫ ଉଇକେଟରେ ମୁକାବିଲାକୁ ଜିତି ନେଇଥିଲା ଦଳ। ଦୀପକ ଚହରଙ୍କ ସ୍ଥାନରେ ଶାର୍ଦ୍ଦୁଳ ଠାକୁରଙ୍କୁ ଖେଳାଇଥିଲା ଭାରତ।

କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଭାରତୀୟ ଅଧିନାୟକ କେ.ଏଲ୍. ରାହୁଲ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମ ମ୍ୟାଚ୍ ପରି ଭାରତୀୟ ବୋଲିଂ ଆଗରେ ଧାରହୀନ ମନେହୋଇଥିଲା ଜିମ୍ବାୱେ ଟପ୍ ଅର୍ଡର। ୩୧ ରନ୍‌ରେ ଦଳ ୪ ଉଇକେଟ ହରାଇବା ସହ ସଙ୍କଟରେ ପଡ଼ିଥିଲା। ସିନ୍ ୱିଲିୟମ୍ସ(୪୨) ଦଳ ପକ୍ଷରୁ ଟପ୍ ସ୍କୋରର ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ର୍‌ୟାନ୍ ବର୍ଲ ଅପରାଜିତ ୩୯ ରନ୍ କରିଥିବା ବେଳେ ସିକନ୍ଦର ରାଜା ୧୬ ରନ୍ କରିଥିଲେ। ଜିମ୍ବାୱେର ୭ ଜଣ ବ୍ୟାଟ୍ସମ୍ୟାନ୍ ଦୁଇଅଙ୍କ ଛୁଇଁବାରେ ଅସମର୍ଥ ହୋଇଥିଲେ। ଶାର୍ଦ୍ଦୁଳ ଠାକୁର ସର୍ବାଧିକ ୩ଟି ଉଇକେଟ ସହିତ ବିପର୍ଯ୍ୟୟ ଘଟାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଅକ୍ଷର ପଟେଲ, କୁଲଦୀପ ଯାଦବ ଓ ଦୀପକ ହୁଡା ପ୍ରତ୍ୟେକେ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଦୁଇଜଣ ବ୍ୟାଟ୍ସମ୍ୟାନ ରନ୍‌ଆଉଟ ହୋଇଥିବା ବେଳେ ଉଇକେଟ ପଛରେ ୩ଟି କ୍ୟାଚ୍ ନେଇଥିଲେ ସଞ୍ଜୁ ସାମ୍‌ସନ।

୧୬୨ ରନ୍‌ର ପିଛା କରୁଥିବା ଭାରତ ପକ୍ଷରୁ ଓପନ୍ କରିବାକୁ ଓହ୍ଲାଇଥିଲେ କେ.ଏଲ୍. ରାହୁଲ ଓ ଶିଖର ଧାୱନ୍। ଦୀର୍ଘ ଅଢ଼େଇ ମାସ ପରେ ବ୍ୟାଟିଂ ସୁଯୋଗ ପାଇଥିବା ରାହୁଲ କିନ୍ତୁ ଦ୍ୱିତୀୟ ଓଭରରେ ୧ ରନ୍ କରି ପାଭିଲିୟନ ଫେରିଥିଲେ। ତୃତୀୟ ଉଇକେଟରେ ଧାୱନ(୩୩) ଓ ଶୁବମନ ଗିଲ(୩୩) ଯୋଡ଼ିଥିଲେ ୪୨ ରନ୍। ୨୧ ବଲରୁ ୪ ଚୌକା ସହିତ ଦ୍ରୁତ ୩୩ ରନ୍ କରି ଧାୱନ ପାଭିଲିୟନ ଫେରିବା ପରେ ଗିଲ୍ ଆକ୍ରମଣାତ୍ମକ ବ୍ୟାଟିଂ ଆରମ୍ଭ କରିଥିଲେ। ଇଶାନ କିଶନ(୬)ଙ୍କୁ ସାଥି କରି ସେ ୩୬ ରନ୍ ଯୋଡ଼ିଥିଲେ। କିଶନ ଆଉଟ୍ ହେବା ପରେ ଦୀପକ ହୁଡା କ୍ରିଜ୍‌କୁ ଆସିଥିଲେ। ଦଳୀୟ ସ୍କୋର ୯୪ ରନ୍‌ରେ ଗିଲ୍‌ଙ୍କୁ ଆଉଟ କରିଥିଲେ ଲ୍ୟୁକ ଜଙ୍ଗୱେ। ଷଷ୍ଠ ଉଇକେଟରେ ଦୀପକ(୨୫) ଓ ସଞ୍ଜୁ (୪୩)ଙ୍କ ମଧ୍ୟରେ ୫୬ ରନ୍‌ର ଭାଗୀଦାରି ହୋଇଥିଲା। ୧୫୩ ରନ୍‌ରେ ହୁଡା ପାଭିଲିୟନ ଫେରିବା ପରେ ସାମସନ ଓ ଅକ୍ଷର ପଟେଲ(୬) ଦଳକୁ ବିଜୟୀ କରାଇଥିଲେ। ଭାରତର ଟପ୍ ସ୍କୋରର ରହିଥିବା ସାମ୍‌ସନ ୩୯ ବଲ ଖେଳି ୩ ଚୌକା ଓ ୪ ଛକା ମାରିଥିଲେ। ଛକା ମାରି ଷ୍ଟାଇଲରେ ଭାରତକୁ ବିଜୟୀ କରାଇଥିଲେ ସାମ୍‌ସନ। ୪୩ ରନ୍‌ର ଅପରାଜିତ ଇନିଂସ ସହିତ ଉଇକେଟ ପଛରେ ୩ଟି କ୍ୟାଚ୍ ଏବଂ ଗୋଟିଏ ରନ୍‌ଆଉଟ ପାଇଁ ତାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଅଗଷ୍ଟ ୨୨ ତାରିଖରେ ସିରିଜ୍‌ର ଅନ୍ତିମ ମ୍ୟାଚ୍‌ଟି ସମାନ ଭେନ୍ୟୁରେ ଖେଳାଯିବ।


ଅପରାଜିତ ୪୩ ରନ୍‌ର ଇନିଂସ ଅବସରରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ସଞ୍ଜୁ ସାମ୍‌ସନ।

## ଭଗତଙ୍କୁ ଡବଲ୍ସରେ ସ୍ୱର୍ଣ୍ଣ, ସିଙ୍ଗଲ୍ସରେ ରୌପ୍ୟ


ଦୀପରଞ୍ଜନ ବିଶୋଇ(ବାମ), କୋଚ୍ ଶିବ ପ୍ରସାଦ ଦାସ(ମଝି) ଓ ପ୍ରମୋଦ ଭଗତ(ଡାହାଣ)।

**ନୂଆଦିଲ୍ଲୀ,୨୦।୮(ପି.ଟି.)**

ପଟାୟାଠାରେ ଅନୁଷ୍ଠିତ ଥାଇଲାଣ୍ଡ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟରେ ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଓଡ଼ିଶାର ପ୍ରମୋଦ ଭଗତ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ଓ ତାଙ୍କ ପାର୍ଟନର ସୁକାନ୍ତ କଦମ ପୁରୁଷ ଡବଲ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ଏସଏଲ୍‌୩-ଏସ୍‌ଏଲ୍‌୪ କାଟାଗୋରି ଫାଇନାଲରେ ସେମାନେ ଇଣ୍ଡୋନେସିଆର ଡ୍ୱିୟୋକୋ ଡ୍ୱିୟୋକୋ ଓ ଫ୍ରିଦି ସେଟିଆୱାନଙ୍କୁ ୨୧-୧୮, ୨୧-୧୩ ଗେମ୍‌ରେ ହରାଇ ଦେଇଛନ୍ତି। ପୂର୍ବରୁ ପୁରୁଷ ସିଙ୍ଗଲ୍ସରେ ଭଗତ ଓ କଦମ ସେମାନଙ୍କ ଫାଇନାଲ ମ୍ୟାଚ ହାରି ରୌପ୍ୟ ପଦକ ପାଇଛନ୍ତି। ପ୍ରମୋଦ ଇଂଲଣ୍ଡର ଡାନିଲ ବେଥଲଙ୍କଠାରୁ ୧୩-୨୧, ୧୯-୨୧ରେ ଏବଂ କଦମ ୨-୨୧, ୧୭-୨୧ରେ ଫ୍ରାନ୍ସର ଲୁକାସ ମାଜୁରଙ୍କଠାରୁ ହାରିଯାଇଛନ୍ତି। ମିକ୍ସଡ ଡବଲ୍ସରେ ଭଗତ ଓ ମନିଷା ରାମଦାସ ଯୋଡ଼ି ସେମିଫାଇନାଲ ରେ ଫ୍ରାନ୍ସ ଯୋଡ଼ି ଲୁକାସ ମାଜୁର୍ ଓ ଫଷ୍ଟିନ୍ ନୋଏଲ୍‌ଙ୍କ ଠାରୁ ୧୩-୨୧,୦୯-୨୧ ରେ ପରାଜୟ ହୋଇ ବ୍ରୋଞ୍ଜ ପଦକ ପାଇଛନ୍ତି। ଅନ୍ୟତମ ଓଡ଼ିଆ ଅନ୍ତର୍ଜାତୀୟ ଖେଳାଳି ଦୀପ ରଞ୍ଜନ ବିଶୋଇ ଡବଲ୍ସ ସେମିଫାଇନାଲରେ ରେ ନିଜ ଦେଶର ପ୍ରମୋଦ ଭଗତ ଓ ସୁକାନ୍ତ କଦମ ନିକଟରୁ ୧୦-୨୧,୨୧-୧୪,୧୪-୨୧ ରେ ପରାଜିତ ହୋଇ ବ୍ରୋଞ୍ଜ ହାସଲ କରିଛନ୍ତି।

# ଫେରିବ ଗୋକୁଲମ୍ କେରଳ

## ଫିଫା ବ୍ୟାନ୍ ପ୍ରସଙ୍ଗ

**ନୂଆଦିଲ୍ଲୀ,୨୦।୮(ପି.ଟି.)**

ଭାରତୀୟ ଫୁଟବଲ ସଂଘ (ଏଆଇଏଫ୍ଏଫ୍) ଉପରେ ଫିଫାର ବ୍ୟାନ୍ ପରେ ଏଏଫ୍‌ସି ଚାମ୍ପିୟନ୍ସ ଲିଗରୁ ଗୋକୁଲମ୍ କେରଳ ମହିଳା ଦଳକୁ ଫେରିବାକୁ ପଡ଼ିଛି। ଉଜ୍‌ବେକିସ୍ତାନରେ ଖେଳା ଯାଉଥିବା ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣର ସୁଯୋଗ ନ ମିଳିବା ପରେ ଆସନ୍ତା ସୋମବାର ଦଳ ଭାରତ ଫେରିବାକୁ ଯାଉଛି। ଭାରତୀୟ ଦଳର ଅଧିନାୟିକା ଆଶାଲତା ଦେବୀଙ୍କ ନେତୃତ୍ୱରେ ୨୩ ଜଣିଆ ଦଳ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ରେ ଅଂଶଗ୍ରହଣ କରିବାକୁ ଯାଇଥିଲା। ଭାରତୀୟ ଦଳ ଗସ୍ତ କରିବାର କିଛି ସମୟ ମଧ୍ୟରେ ଫିଫା ପକ୍ଷରୁ ଏଆଇଏଫଏଫ୍‌କୁ ବ୍ୟାନ୍ କରାଯାଇଥିଲା।

ଏହି ବ୍ୟାନ୍ ପରେ ଗୋକୁଲମ୍‌ର ଖେଳିବା ଉପରେ ମଧ୍ୟ ଆଶଙ୍କା ଉପୁଜିଥିଲା। ଆଇ ଲିଗ୍ ଏବଂ ଇଣ୍ଡିଆନ୍ ଓମେନ୍ସ ଲିଗ୍ ଜିତି ଯୋଗ୍ୟତା ଅର୍ଜନ କରିଥିବା ଗୋକୁଲମ୍ କେରଳ ଦୀର୍ଘ ୬ ଦିନ ଧରି ତାସକେଣ୍ଟରେ ଅଟକି ରହିଛି। କେନ୍ଦ୍ର ସରକାରଙ୍କ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଉଭୟ ଫିଫା ଓ ଏଏଫ୍‌ସିକୁ ଅନୁରୋଧ କରାଯାଇଥିଲେ ହେଁ ଏହା କୌଣସି ପ୍ରଭାବ ପକାଇ ନ ଥିଲା। ଶେଷରେ ଭାରତ ଫେରି ଆସିବା ପାଇଁ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଅନୁରୋଧ କରାଯାଇଥିବା ନେଇ କ୍ଲବର ସଭାପତି ଭି. ସି. ପ୍ରବୀଣ କହିଛନ୍ତି। ରବିବାର ଖେଳାଳିଙ୍କୁ ଫେରାଇ ଆଣିବାକୁ ପ୍ରୟାସ କରାଯାଇଥିଲେ ହେଁ କୌଣସି ବିମାନ ନ ଥିବାରୁ ସମ୍ଭବ ହୋଇପାରି ନ ଥିଲା। ସୋମବାର ଅଥବା ମଙ୍ଗଳବାର ସୁଦ୍ଧା ସମସ୍ତ ଖେଳାଳି ଦେଶକୁ ଫେରିବେ ବୋଲି ପ୍ରବୀଣ କହିଛନ୍ତି। ଖେଳାଳିମାନେ ବ୍ୟାନ୍ ଲାଗୁ ହେବା ପୂର୍ବରୁ ଯାଇଥିବାରୁ ସେମାନଙ୍କୁ ଟୁର୍ନାମେଣ୍ଟରେ ଅଂଶଗ୍ରହଣର ସୁଯୋଗ ମିଳିବାର ଥିଲା। ଏପରି ଶେଷ ମୁହୂର୍ତ୍ତ ନିଷ୍ପତ୍ତିରେ ଖେଳାଳିମାନେ ମର୍ମାହତ ବୋଲି ସେ ପ୍ରକାଶ କରିଥିଲେ। ଖେଳାଳିଙ୍କ ବିମାନ ଯାତ୍ରାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥାଏ। ବର୍ତ୍ତମାନ ଏହି ଅର୍ଥ ପାଇଁ ଏଏଫ୍‌ସିକୁ ଅନୁରୋଧ କରାଯିବ ବୋଲି ମଧ୍ୟ ସେ କହିଛନ୍ତି।

# ଓଡ଼ିଶା ଟେନିସ୍ ବଲ କ୍ରିକେଟ ଦଳକୁ ସମ୍ବର୍ଦ୍ଧନା


ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଟେନିସ୍ ବଲ କ୍ରିକେଟ ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା।

**ଭୁବନେଶର ୨୦।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ଚେନ୍ନାଇଠାରେ ଅନୁଷ୍ଠିତ ହୋଇଥିବା ୨୭ ତମ ଜାତୀୟ ସବ ଜୁନିୟର ଟେନିସ ବଲ୍ କ୍ରିକେଟ ଚାମ୍ପିୟନଶିପ୍‌ରେ ଓଡ଼ିଶା ତୃତୀୟ ସ୍ଥାନ ସହିତ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଆ ଦଳ ଶନିବାର ପ୍ରତ୍ୟାବର୍ତ୍ତନ କରିଛି। ବ୍ରୋଞ୍ଜ ପଦକ ବିଜୟୀ ଓଡିଶା ଦଳରେ ସାମିଲ ଖେଳାଳି ଓ ମ୍ୟାନେଜେର, ସମୀର କାନ୍ତ ମହାପାତ୍ରଙ୍କୁ ଭୁବନେଶ୍ୱର ଷ୍ଟେସନରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। 'ଉଇ ଫର୍' ସଂଗଠନ ଭୁବନେଶ୍ୱରର କର୍ମକର୍ତ୍ତା ଓ ଟେନିସ ବଲ କ୍ରିକେଟ ସଂଘର ସଭାପତି ସୁରଜ କୁମାର ମିଶ୍ର, ସମ୍ପାଦକ ସିଥିଲ କୁମାର ପଣ୍ଡା, କୋଷାଧ୍ୟକ୍ଷ ଅଶୋକ ଦାଶ, ଯୁଗ୍ମସମ୍ପାଦିକ ସୋମନାଥ ପରିଡ଼ା, ସଞ୍ଜୟ ବିଶୋୟୀ, ପ୍ରକାଶ ସାହୁ, ରଞ୍ଜନ ନାୟକ ଏବଂ ଓଡ଼ିଶା ଦଳର ମୁଖ୍ୟ କୋଚ ଚକ୍ରଧର ମାଝୀଙ୍କ ସମେତ ବହୁ କ୍ରୀଡ଼ାପ୍ରେମୀ ଓ ବ୍ୟକ୍ତି ବିଶେଷ ଦଳର ସଦସ୍ୟମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଭାରତର ପୂର୍ବତନ ଷ୍ଟାର ଫୁଟ୍‌ବଲ ଅଧିନାୟକଙ୍କ ପରଲୋକ

**କୋଲକାତା, ୨୦।୮(ପି.ଟି.)**

ଭାରତ ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟକ ସମର ବାନାର୍ଜୀଙ୍କର ଶନିବାର ପ୍ରତ୍ୟୁଷରେ ପରଲୋକ ଘଟିଛି। ତାଙ୍କ ନେତୃତ୍ୱରେ ଭାରତ ୧୯୫୬ ମେଲବୋର୍ନ ଅଲିମ୍ପିକ୍ସରେ ଐତିହାସିକ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ସମର ବାନାର୍ଜୀ 'ବର୍ଦ୍ଦୁ ଦା' ଭାବେ ପରିଚିତ ଥିଲେ। ସେ ଅଲ୍‌ଜିମର, ଆଜୋଟେମିଆ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ ଥିଲେ। କୋଭିଡ୍ ଟେଷ୍ଟରେ ପଜିଟିଭ ଆସିବା ପରେ ସେ ଏମ୍‌ଆର୍ ବାଙ୍ଗର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଏସ୍‌ଏସ୍‌କେଏମ୍ ହସ୍ପିଟାଲକୁ ନିଆଯାଇଥିଲା। ୨୦୦୯ରେ 'ବର୍ଦ୍ଦୁ ଦା' ମୋହନ ବାଗାନ ରତ୍ନରେ ସମ୍ମାନିତ



ହୋଇଥିଲେ। ଭାରତୀୟ ଫୁଟ୍‌ବଲ ଟିମ୍ ଏ ପର୍ଯ୍ୟନ୍ତ ୩ଥର ଅଲିମ୍ପିକ୍ସରେ ଭାଗ ନେଇଛି। କିନ୍ତୁ ବାନାର୍ଜୀଙ୍କ ନେତୃତ୍ୱରେ ଭାରତ ୧୯୫୬ରେ ଶ୍ରେଷ୍ଠ ପ୍ରଦର୍ଶନ କରି ପ୍ଲେ-ଅଫ୍‌ରେ ବୁଲ୍‌ଗେରିଆଠାରୁ ୦-୩ରେ ହାରିଯିବା ପରେ ଚତୁର୍ଥ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ପାଇଥିଲା। ସୟଦ ଅବଦୁଲ ରହିମଙ୍କଠାରୁ କୋଚିଂ ନେଇଥିବା ଭାରତୀୟ ଦଳରେ ସେତେବେଳେ ପି.କେ. ବାନାର୍ଜୀ, ନେଭିଲ୍ ଡି'ସୋଜା ଓ ଜେ 'କିଟୁ' କ୍ରିଷ୍ଣାସ୍ୱାମୀଙ୍କ ଭଳି ଖେଳାଳି ସ୍ଥାନ ପାଇଥିଲେ।

# ରାଇଜିଂ ଷ୍ଟାର, ଜୟଦୁର୍ଗା ବିଜୟୀ



**ଭୁବନେଶ୍ୱର,୨୦।୮(ସ୍ପୋର୍ଟସ୍ ବ୍ୟୁରୋ)**

## ଫାଓ ଲିଗ୍ ୨୦୨୨

କଟକ ବାରବାଟୀ ଷ୍ଟାଡିୟମରେ ଖେଳାଯାଉଥିବା ଫାଓ ଲିଗ୍ ୨୦୨୨ରେ ଶନିବାର ବିଜୟୀ ହୋଇଛନ୍ତି ରାଇଜିଂ ଷ୍ଟାର ଓ ଜୟଦୁର୍ଗା କ୍ଲବ୍। ଚଳିତ ସିଜିନର ୫୭ ତମ ମ୍ୟାଚରେ ଚାନ୍ଦ କ୍ଲବ ଓ ଜୟଦୁର୍ଗା ମଧ୍ୟରେ ଖେଳାଯାଇଥିବା ମ୍ୟାଚକୁ ୩-୨ରେ ଜିତି ନେଇଛି ଜୟଦୁର୍ଗା। ବିଜୟୀ କ୍ଲବ୍ ପକ୍ଷରୁ ସୁନୀଲ ସର୍ଦ୍ଦାର(୧୫ ଓ ୪୧ ମିନିଟ) ଡବଲ ଗୋଲ ସ୍କୋର କରିଥିଲେ। ସଇଦ୍ ମଞ୍ଜୋରାଓ(୪୮) ଅନ୍ୟ ଗୋଲଟି ସ୍କୋର କରିଥିଲେ। ଚାନ୍ଦ କ୍ଲବ ପକ୍ଷରୁ ଡୋମାନି କିଲାନେ(୫୦ ମିନିଟ୍) ଓ ଜନ୍ନୋ ଖେସ୍(୭୭ ମିନିଟ୍) ଦୁଇଟି ଗୋଲ ସ୍କୋର କରିଥିଲେ।

୫୮ ତମ ମୁକାବିଲାରେ ପରସ୍ପର ସାମ୍ନା କରିଥିଲେ ରାଇଜିଂ ଷ୍ଟାର ଓ ରାଧାଗୋବିନ୍ଦ କ୍ଲବ୍। ୬-୨ ଗୋଲରେ ଏକପାଖିଆ ଭାବେ ମ୍ୟାଚଟିକୁ ଜିତି ନେଇଥିଲା ରାଇଜିଂ ଷ୍ଟାର। ପ୍ରକାଶ ନାୟକ(୨୫ ଓ ୬୫ ମିନିଟ) ଡବଲ ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିମଲ କୁମାର(୪୦), ସାକିବ ଶେହଜାଦା(୫୬), ଜିତୁ ମୁଦୁଲି(୭୬) ଓ ଅର୍ଜ୍ଜୁନ ମୁଦୁଲି(୭୯ ମିନିଟ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ରାଧାଗୋବିନ୍ଦ ପକ୍ଷରୁ ପ୍ରଧାନ ମୁର୍ମୁ(୧୯) ଓ ବି. ଶିବା (୩୮) ଦୁଇଟି ଗୋଲ ପରିଶୋଧ କରିଥିଲେ।

# ପ୍ରଜ୍ଞାନନ୍ଦଙ୍କ ବିଜୟ ଧାରାରେ ବ୍ରେକ୍

**ମାୟାମି, ୨୦।୮(ପି.ଟି.)**

ଆମେରିକାନ ଫିନାଲେ ଅଫ୍ ଚାମ୍ପିୟନ୍ସ ଚେସ୍ ଟୁର୍ ଅନ୍ତର୍ଗତ ଏଫ୍‌ଟିଏକ୍ସ କ୍ରିପ୍ଟୋ କପ୍‌ର ପଞ୍ଚମ ରାଉଣ୍ଡରେ ଭାରତର ସ୍ୱଳ୍ପ ବୟସ୍କ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ଚାଇନାର କ୍ୱାଙ୍ଗ୍ ଲିମ୍ ଲି ତାଙ୍କୁ ୨.୫-୦.୫ରେ ହରାଇ ଦେଇଛନ୍ତି। କ୍ରମାଗତ ୪ଟି ମ୍ୟାଚରେ ବିଜୟ ପରେ ଭାରତୀୟ ଚେସ୍ ଖେଳାଳିଙ୍କ ଏହା ହେଉଛି ପ୍ରଥମ ପରାଜୟ। ବିଶ୍ୱର ନମ୍ବର ୱାନ ମାଗ୍ନସ କାର୍ଲସେନ୍ ମଧ୍ୟ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ପୋଲାଣ୍ଡର କ୍ରିଜିଷ୍ଟଫ୍ ଡୁଡାଙ୍କ ବିପକ୍ଷ ୪ ଗେମ୍ ବିଶିଷ୍ଟ ମ୍ୟାଚ ୨-୨ରେ ଅମୀମାଂସିତ ରହିବା ପରେ ଟାଇବ୍ରେକ୍‌ରେ ସେ ୨-୪ରେ ପରାଜିତ ହୋଇଥିଲେ। ତେବେ ୫ମ ରାଉଣ୍ଡ ପରେ ୧୩ ମ୍ୟାଚ ପଏଣ୍ଟ ସହ ନରୱେର ଏହି ଖେଳାଳି ଏକକ ଅଗ୍ରଣୀ ରହିଛନ୍ତି। ପ୍ରଜ୍ଞାନନ୍ଦ ତାଙ୍କଠାରୁ ଗୋଟିଏ ପଛରେ ରହିଛନ୍ତି।

# ନ୍ୟୁଜିଲାଣ୍ଡ ୫୦ ରନରେ ଜିତିଲା

**ବ୍ରିଜ୍‌ଟାଉନ୍(ବାର୍ବାଡୋସ୍),୨୦।୮(ପି.ଟି)**

ୱେଷ୍ଟଇଣ୍ଡିଜ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜକୁ ପ୍ରତ୍ୟାବର୍ତ୍ତନ କରିଛି ନ୍ୟୁଜିଲାଣ୍ଡ। ପ୍ରଥମ ଦିନିକିଆରେ ପରାଜିତ ହେବା ପରେ ଦ୍ୱିତୀୟ ଦିନିକିଆକୁ ୫୦ ରନରେ ଜିତି ଦଳ ସିରିଜକୁ ଫେରିଛି। ଭ୍ରମଣକାରୀ ଦଳ ପକ୍ଷରୁ ଫିନ୍ ଆଲେନ୍ ୯୬ ରନ କରିଥିବା ବେଳେ ଟିମ୍ ସାଉଦି ୪/୨୨ର ଫିଗର ହାସଲ କରିଥିଲେ।

ୱେଷ୍ଟଇଣ୍ଡିଜ ଟସ୍ ଜିତି ନ୍ୟୁଜିଲାଣ୍ଡକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଦଳ ୩୧ ରନ୍ ମଧ୍ୟରେ ୩ ଉଇକେଟ ହରାଇଥିଲେ ମଧ୍ୟ ଫିନ୍ ଆଲେନ୍(୯୬) ଓ ଡାରିଲ ମିଚେଲ(୪୧) ଯୋଡ଼ିଥିଲେ ୮୪ ରନ୍। ଆଲେନ୍ ୧୧୭ ବଲ୍ ଖେଳି ୭ ଚୌକା ଓ ୩ ଛକା ମାରିଥିଲେ। ଶେଷ ଆଡକୁ ମିଚେଲ ସାଣ୍ଟନର ଗୋଟିଏ ଲେଖାଏ ଛକା ଓ ଚୌକା ସହିତ ୨୬ ରନର ଉପଯୋଗୀ ଇନିଂସ ଖେଳିଥିବା ବେଳେ ୪୮.୨ ଓଭରରେ ୨୧୨ ରନରେ ଅଲଆଉଟ ହୋଇଥିଲା ନ୍ୟୁଜିଲାଣ୍ଡ। କେଭିନ୍ ସିନକ୍ଲେୟାର ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଜାସନ ହୋଲ୍ଡର ୩ଟି ଉଇକେଟ ନେଇଥିଲେ। ୨୧୩ ରନର ପିଛା କରୁଥିବା ୱେଷ୍ଟଇଣ୍ଡିଜ କିନ୍ତୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଟିମ୍ ସାଉଦି ଓ ଟ୍ରେଣ୍ଟ ବୋଲ୍ଟଙ୍କ ଘାତକ ବୋଲିଂ ଯୋଗୁ ଘରୋଇ ଦଳର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ୨୭ ରନରେ ଦଳ ୬ଟି ଉଇକେଟ ହରାଇବା ସହିତ ଦିନିକିଆରେ ସର୍ବନିମ୍ନ ସ୍କୋର କରିବା ଆଡକୁ ଅଗ୍ରସର ହେଉଥିଲା। ଏହି ସମୟରେ ବର୍ଷା କାରଣରୁ ମ୍ୟାଚ୍ ବନ୍ଦ ରହିଥିଲା। ଡର୍କୱର୍ଥ ଲୁଇସ ମେଥଡ ଅନୁସାରେ ଘରୋଇ ଦଳକୁ ୪୧ ଓଭରରେ ୨୧୨ ରନର ଟାର୍ଗେଟ ଦିଆଯାଇଥିଲା। ପ୍ରଥମ ଦିନିକିଆ ଖେଳୁଥିବା ୟାନିକ କାରିଆ କିନ୍ତୁ ଚମତ୍କାର ବ୍ୟାଟିଂ କରିଥିଲେ। ୮୪ ବଲରୁ ୨ ଚୌକା ଓ ୧ ଛକା ସହିତ ୫୨ ରନ କରି ଅନ୍ତିମ ବ୍ୟାଟ୍ସମ୍ୟାନ୍ ଭାବରେ ଆଉଟ ହେବା ପୂର୍ବରୁ ସେ ମ୍ୟାଚରେ ରୋମାଞ୍ଚ ଭରି ଦେଇଥିଲେ। ସେ ଆଲଜାରି ଯୋଶେଫ(୪୯)ଙ୍କ ସହିତ ୯ମ ଉଇକେଟରେ ୮୫ ରନ ଯୋଡ଼ିଥିଲେ। ଯୋଶେଫ ୩୧ ବଲ ଖେଳି ୫ ଚୌକା ଓ ୨ ଛକା ସହିତ ଧୂଆଁଧାର ବ୍ୟାଟିଂ କରିଥିଲେ। ସାଉଦି ୨୨ ରନରେ ଉଇକେଟ ନେଇଥିବା ବେଳେ ବୋଲ୍ଟ ୧୮ ରନରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ ସାଣ୍ଟନର ଓ ଗ୍ଲେନ୍ ଫିଲିପ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଫିନ୍ ଆଲେନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।


ଶଟ୍ ଖେଳୁଛନ୍ତି ଫିନ୍ ଆଲେନ୍।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବିଦ୍ୟୁତ୍ ତାର ଲାଗି ଚାଷୀ ଆହତ

ଭାପୁର,୨୦।୮(ଡି.ଏନ.ଏ.): ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ଭାପୁର ବ୍ଲକ ବଡସହରା ପଞ୍ଚାୟତ ସାନସହରା ଗ୍ରାମର ଜଣେ ଚାଷୀ ବିଲକୁ ହଳ ନେଇ ଗଲାବେଳେ ବିଦ୍ୟୁତ ତାର ଲାଗି ଗୁରୁତର ହେଇଛନ୍ତି । ସେ ହେଲେ ସାନସହରା ଗ୍ରାମର ବୈକୁଣ୍ଠ ଜେନା (୫୨) । ଶନିବାର ସକାଳେ ଏହି ଦୁର୍ଘଟଣା ଘଟିଛି । ଗାଁ ମୁଣ୍ଡରେ ବିଦ୍ୟୁତ ତାର ତଳକୁ ରହିଥିବାରୁ ବୈକୁଣ୍ଠଙ୍କ ସହ ୨ ବଳଦ ବି ଆହତ ହୋଇଥିଲେ । ସ୍ଥାନୀୟ ଯୁବକମାନେ ବୈକୁଣ୍ଠଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି ।

### ଛାତ୍ରଙ୍କୁ ଆକ୍ରମଣ କରି ମୋବାଇଲ ଲୁଟ୍

ବ୍ରହ୍ମପୁର ଅଫିସ,୨୦।୮: ଜଣେ ଛାତ୍ରଙ୍କୁ ଆକ୍ରମଣ କରି ତାଙ୍କ ମୋବାଇଲ ଲୁଟି ନେଇଥିବା ନେଇ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୪୩/୨୨ରେ ଏକ ମାମଲା ରୁଜୁ କରିଛି। ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ କୁମାରପୁର ଗ୍ରାମର ଦିନେଶ ବେହେରା ଗୋଷାଣୀନୂଆଗାଁ କଦଳୀବାଡ଼ ସାହିରେ ଘର ଭଡ଼ା ନେଇ ରହୁଛନ୍ତି। ସେ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପଢୁଛନ୍ତି। ଶୁକ୍ରବାର ସେ ଏକ ପରୀକ୍ଷା ସାରି ସନ୍ଧ୍ୟାରେ ରେଳଷ୍ଟେଶନ ରାସ୍ତା ଦେଇ ଘରକୁ ଫେରୁଥିଲେ। ଗୋଷାଣୀନୂଆଗାଁ ଓଭରବ୍ରିଜ ନିକଟରେ ୪/୫ ଜଣ ଯୁବକ ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ତାଙ୍କ ପାଖରେ ଟଙ୍କା ନ ଥିବା କହିଥିଲେ। ହେଲେ ସେଠାରେ ଲୁଟେରାମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ମୋବାଇଲ ଝାମ୍ପି ନେଇଯାଇଥିଲେ।

### ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୨୦।୮: ଅତିରିକ୍ତ ଜିଲା ଦୌରା ଜଜ୍(ଏଡିଜେ)- ୧ ସଂଘମିତ୍ରା ଶର୍ମା ଶନିବାର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ଶୁଣାଣି କରିଥିଲେ। ଘଟଣାର ୧୦ବର୍ଷ ପରେ ପ୍ରମାଣ ଅଭାବରୁ ଜଣେ ଅଭିଯୁକ୍ତଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ କୁଟାଗୁଡ଼ା ଗ୍ରାମର ସୁଶାନ୍ତ ପାଳ (୪୨)। ସୂଚନା ଅନୁସାରେ, ୨୦୧୨ରେ ବ୍ରହ୍ମପୁର ଅବକାରୀ ପୋଲିସ ସ୍ଥାନୀୟ ରେଳଷ୍ଟେଶନ ନିକଟରୁ ଜଣେ ଯୁବକଙ୍କଠାରୁ ଗଞ୍ଜେଇ ଜବତ କରିଥିଲା। ଏଥିରେ ସମ୍ପୃକ୍ତ ଯୁବକ ସୁଶାନ୍ତ ପାଳଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୪ କେଜି ଗଞ୍ଜେଇ ଜବତ କରାଯାଇଥିଲା। ମାମଲା ନମ୍ବର ୧୮/୧୨ରେ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଅବକାରୀ ପୋଲିସ କୋର୍ଟରେ ଚାର୍ଜଶିଟ ଦାଖଲ କରିବା ପରେ ସୁଶାନ୍ତଙ୍କୁ ଜାମିନ ମିଳିଥିଲା। ଏହି ମାମଲାର ଶୁଣାଣି ବେଳେ ସୁଶାନ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୩ଜଣ ସାକ୍ଷୀଙ୍କ ବୟାନକୁ ଆଧାରକରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଏଡିଜେ ତାଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ଅନିଲ ସାହୁ ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୁଧାଂଶୁ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ମହାନଦୀ ପାଣି ପିଉଛନ୍ତି ବନ୍ୟାବିପନ୍ନ


ବେଣ୍ଟପଦାର ମହିଳାମାନେ ମହାନଦୀରୁ ବନ୍ୟାଜଳ ସଂଗ୍ରହ କରି ଫେରୁଛନ୍ତି ।

ନୟାଗଡ଼ ଅଫିସ/ଗଣିଆ, ୨୦।୮(ଡି.ଏନ୍.ଏ.)

ମହାନଦୀର ବନ୍ୟା ଯୋଗୁ ଗଣିଆ ବ୍ଲକର କୁତୁରୀ ପରି ଏକାଧିକ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ରହିଛି । ଅନ୍ୟପକ୍ଷେ ବନ୍ୟାଜଳରେ କୂପ ଓ ନଳକୂପ ବୁଡି ରହିଥିବାରୁ ପାନୀୟ ଜଳ ପାଇଁ ବିପନ୍ନମାନେ ମହାନଦୀର ଦୂଷିତ ପାଣିକୁ ବ୍ୟବହାର କରିବାକୁ ବାଧ ହୋଇଛନ୍ତି । ସେହିପରି କୁତୁରୀ ଗାଁକୁ ଯିବା ରାସ୍ତାରେ ପ୍ରଖର ସ୍ରୋତ ଯୋଗୁ ସମ୍ପୃକ୍ତ ଗାଁକୁ ୮ଦିନ ହେଲା ଯାତାୟତ ବନ୍ଦ ରହିଛି ।

ସୂଚନା ଅନୁଯାୟୀ, ବେଣ୍ଟପଡା ମାଳିସାହିରେ ୩୦ ପରିବାରର ୧୫୦ ଲୋକ ବାସ କରନ୍ତି । ସେଠାରେ ୨ ନଳକୂପ ଥିଲେହେଁ ପାଣି ଲୁହାଟିଆ ଲାଗୁଥିବାରୁ ଲୋକମାନେ କୂଅ ପାଣି ପିଉଥିଲେ । ଗାଁକୁ ପାଇପ୍‌ରେ ଜଳ ଯୋଗାଣ ବ୍ୟବସ୍ଥା ଥିଲା । ବନ୍ୟା ଯୋଗୁ ବିଦ୍ୟୁତ୍ ଯୋଗାଣ ନ ଥିବାରୁ ଜଳ ଯୋଗାଣ ଅଚଳ ହୋଇଛି । ଏଣୁ ମହାନଦୀରୁ ଦୂଷିତ ଜଳ ଆଣି ସ୍ଥାନୀୟ ଲୋକ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି । ମହାନଦୀ ବନ୍ୟାରେ କୁତୁରୀ ଗାଁ ବିଚ୍ଛିନ୍ନ ହୋଇ ରହିଛି । କୁତୁରୀର ପୂର୍ବରେ ବଡମୂଳ ଛାମୁଣ୍ଡିଆ ରାସ୍ତା ଓ ପଶ୍ଚିମରେ ମାରଡା ରାସ୍ତା ବନ୍ୟା ଜଳରେ ବୁଡ଼ି ରହିଛି । ସେହି ରାସ୍ତାରେ ୩ରୁ ୫ଫୁଟ ଉଚ୍ଚର ପାଣି ଜମି ରହିଥିଲେ ମଧ୍ୟ ପ୍ରଖର ସ୍ରୋତ ଯୋଗୁ ଯାତାୟତ ସମ୍ଭବ ହେଉ ନାହିଁ । ଅନ୍ୟପକ୍ଷେ ଉତ୍ତରରେ ମହାନଦୀ, ଦକ୍ଷିଣରେ ଗୁଆଳଦେଇ ପାହାଡ଼ ରହିଛି । ପାହାଡ ତଳେ ଥିଲେ ହେଁ ଗାଁଟି ଉଚ୍ଚରେ ଅଛି । ସେଠାରେ ୨ଟି ନଳକୂପ ଅଛି । ସୋଲାର ନଳକୂପ ଗ୍ରାମବାସୀଙ୍କୁ ପାଣି ଯୋଗାଇ ଆସୁଛି । ବନ୍ୟା ସମୟରେ ପାନୀୟ ଜଳର ଅସୁବିଧା ନାହିଁ । କିନ୍ତୁ ଲୋକଙ୍କ ପାଖରେ ଖାଦ୍ୟ ମହଜୁଦ୍ ନ ଥିବାରୁ ବିପନ୍ନଙ୍କ ଚିନ୍ତା ବଢ଼ିଛି । ବଡମୂଳ ମାଳିସାହିରେ ଜଳ ଯୋଗାଣ ବନ୍ଦ ରହିଛି। ମହାନଦୀ ପାଣି ଛାଣିକି ପିଉଛନ୍ତି ସ୍ଥାନୀୟ ବାସିନ୍ଦା। ବଡ଼ମୂଳ ମାଳିସାହିକୁ ୩ ଦିଗରେ ମହାନଦୀ ଓ ଖଳାଖଳା ନଦୀ ଘେରି ରହିଛି। ବେଣ୍ଟପଡାରେ ୬୦ ପରିବାର ଗୋଟିଏ ନଳକୂପ ଓ ଗୋଟିଏ କୂପ ଉପରେ ନିର୍ଭର କରିଥାଆନ୍ତି । ଜଳ ଯୋଗାଣ ବନ୍ଦ ଥିବାରୁ ମହିଳାମାନେ ମହାନଦୀରୁ ପାଣି ଆଣି ରୋଷେଇ କରୁଛନ୍ତି । ଅପରପକ୍ଷେ ରାସଙ୍ଗରୁ ବୃଉଙ୍ଗ ପୋଲ ପର୍ଯ୍ୟନ୍ତ ରାସ୍ତା ଉପରେ ୩ ଫୁଟରେ ପାଣି ରହିଛି । ପୁଣି ବେଣ୍ଟପଡ଼ା ମେଡିକାଲ ପାଖରୁ ଛାମୁଣ୍ଡିଆ ରାସ୍ତାରେ ଦେଢ଼ ଫୁଟର ବନ୍ୟାଜଳ ଅଛି। ମାଙ୍ଗାନାସି ସ୍ୟାଣ୍ଡ ରିସୋର୍ଟଠାରୁ ମୁଦୁଲି ଗାଡିଆ ୩ ଫୁଟ ପାଣି ରାସ୍ତା ଉପରେ ରହିଛି । ସେହିଭଳି ବଡମୂଳ ଖରଖରା ବ୍ରିଜଠାରୁ ମାଳିସାହି, କୁତୁରୀ ପର୍ଯ୍ୟନ୍ତ ୩ ଫୁଟରୁ ସାଢ଼େ ୫ ଫୁଟ ପାଣି ଅଛି ।

### ୭ଦିନ ପାଇଁ ରିଲିଫ୍ ବ୍ୟବସ୍ଥା

ଆକାଶମାର୍ଗରୁ ମୁଖ୍ୟମନ୍ତ୍ରୀ ବନ୍ୟାଞ୍ଚଳ ପରିଦର୍ଶନ କରିବା ପରେ ୧୦ ଜିଲାକୁ ରିଲିଫ୍ ଘୋଷଣା କରିଥିଲେ । ତେବେ ନୟାଗଡ଼ ଜିଲା ଏଥିରୁ ବାଦ୍ ପଡିଥିଲା । ଏଭଳିସ୍ଥଳେ ବିଭିନ୍ନସ୍ତରରେ ସମାଲୋଚନା ହେବା ପରେ ସରକାର ନୟାଗଡ଼ ଜିଲାକୁ ୭ ଦିନ ପାଇଁ ରିଲିଫ୍ ଘୋଷଣା କରିଛନ୍ତି । ରାଜ୍ୟ ସରକାରଙ୍କ ସ୍ପେଶାଲ ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରୁ ବନ୍ୟା ବିପନ୍ନଙ୍କୁ ୭ ଦିନ ପାଇଁ ରିଲିଫ୍ ସହାୟତା ଯୋଗାଇ ଦେବାକୁ ଅଗଷ୍ଟ ୧୯ରେ ଚିଠି ନଂ. ୪୭୩୯ରେ ନୟାଗଡ଼ ଜିଲାପାଳଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଛି । ତେବେ ବନ୍ୟାର ୮ ଦିନ ପରେ ଗଣିଆ ବନ୍ୟା ବିପନ୍ନ ରିଲିଫ୍ ପାଇ ନାହାନ୍ତି । ସରକାରୀ ନିର୍ଦ୍ଦେଶ କେବେଠାରୁ କାର୍ଯ୍ୟକାରୀ ହେଉଛି ତାକୁ ବନ୍ୟାବିପନ୍ନମାନେ ଅପେକ୍ଷା କରିଛନ୍ତି । ଅନ୍ୟପକ୍ଷେ ଦଶପଲ୍ଲା ବିଧାୟକଙ୍କ ଉଦ୍ୟମରେ ନୟାଗଡ ଜିଲାର ବନ୍ୟା ବିପନ୍ନଙ୍କୁ ସହାୟତା ମିଳିଲା ବୋଲି ଡିଣ୍ଡିମ ପିଟା ଯାଉଛି ।

- ରାସ୍ତାରେ ପ୍ରବାହିତ ବନ୍ୟାଜଳରେ ପ୍ରଖର ସ୍ରୋତ
- ୮ଦିନ ହେଲା କୁତୁରୀ ବାହ୍ୟ ଜଗତରୁ ବିଚ୍ଛିନ୍ନ

### ରାସ୍ତା ଉପରେ ବାଉଁଶବୁଦା, ବରଗଛ

ଛାମୁଣ୍ଡିଆ ବଡ଼ମୂଳ ରାସ୍ତାର ମୁଦୁଲିଗାଡିଆ ନିକଟରେ ବାଉଁଶ ବୁଦା ରାସ୍ତା ଉପରେ ପଡି ରହିଛି। ସେହିପରି ବଡ଼ମୂଳ ନିକଟରେ ରାସ୍ତାରେ ବରଗଛ ପଡିଛି । ବାଉଁଶ ଗଛ ଓ ବରଗଛ ପଡିଥିବା ରାସ୍ତା ଉପରେ ପାଣି ନାହିଁ । ତେବେ ଉକ୍ତ ରାସ୍ତାକୁ ଛାଡ଼ି ଦେଲେ ବିଭିନ୍ନ ରାସ୍ତାରେ ବନ୍ୟାଜଳ ଜମି ରହିଥିବାରୁ ଜେସିବି ଅଥବା ଦମକଳ କେନ୍ଦ୍ରର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପାରିନାହାନ୍ତି । ଫଳରେ ସେହି ଗଛକୁ ରାସ୍ତା ଉପରୁ ହଟାଇବା ସମ୍ଭବ ହୋଇପାରିନାହିଁ ।


ରାସ୍ତା ଉପରେ ପଡ଼ି ରହିଥିବା ଗଛ ।

# କଦଳୀବାରିର ନିଆରା ଗୋଶାଳା

- ଗାଈ ଅଇଁଠା ଖାଆନ୍ତି ନାହିଁ କି ବନ୍ଧା ହୁଅନ୍ତିନି
- ୭ ଶହ ଗୋମାତାଙ୍କ ସେବାରେ ଗ୍ରାମବାସୀ

ନୟାଗଡ଼ ଅଫିସ,୨୦।୮

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ କଦଳିବାରୀ ଗାଁରେ ରହିଛି ନିଆରା ଗୋଶାଳା । ସେଠାରେ ରହୁଥିବା ଗାଈ ଅଇଁଠା ଖାନ୍ତିନି କି ବନ୍ଧା ହୁଅନ୍ତିନି । କ୍ଷୀର ମଧ ଦୁହାଁ ହୁଏ ନାହିଁ। ଶ୍ରୀଜଗନ୍ନାଥ ଗୋସେବା ସମିତି ଆନୁକୂଲ୍ୟରେ ପରିଚାଳିତ ଏହି ଗୋଶାଳାରେ ସେବା ପାଉଛନ୍ତି ୭ଶହ ଗୋମାତା । ଏଠି ଗୋମାତାଙ୍କ ସେବାଯତ୍ନ କରୁଛନ୍ତି ସ୍ଥାନୀୟ କଦଳିବାରୀ ଗାଁର ବାସିନ୍ଦା । ବଣ ପାହାଡ଼ ଘେରା ଶାନ୍ତସବୁଜମୟ ପରିବେଶ ମଧ୍ୟରେ ରହିଛି ଗୋଶାଳା । ବିଗତ ୨୩ ବର୍ଷ ଧରି ଗୋମାତାମାନଙ୍କ ସେବା ଯୋଗାଇ ଆସୁଛି ଏହି ଗୋଶାଳା । ଭୁବନେଶ୍ୱରର ଶ୍ରୀ ଶ୍ରୀଜଗନ୍ନାଥ ଗୋସେବା ସମିତି ଆନୁକୂଲ୍ୟରେ ପରିଚାଳିତ ଏହି ଗୋଶାଳା ଚାଲୁ ରହିଛି । ତେବେ ଅନ୍ୟ ଗୋଶାଳା ଅପେକ୍ଷା ଏହି ଗୋଶାଳାର ବିଶେଷତ୍ୱ ହେଲା, ଏଠି ଗୋମାତାଙ୍କୁ ପଘାରେ ବନ୍ଧା ହୋଇ ରଖାଯାଏନାହିଁ।


ଗୋଶାଳାରେ ରହିଥିବା ଗାଈ ।

ଗୋଶାଳା ଚାରି ପାଖରେ ପ୍ରଶସ୍ତ ଗୋଚର ଜମିରେ ଆନନ୍ଦରେ ବିଚରଣ କରି ନିଜର ଖାଦ୍ୟ ଖାଆନ୍ତି ।

ଶ୍ରୀଜଗନ୍ନାଥ ଗୋସେବା ସମିତିର ବରିଷ୍ଠ ଗୋସେବକ ନାଗାରାମ ଦାସଜୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ବିଶାଳ ଗୋଶାଳାଟି ପରିଚାଳିତ ହେଉଛି। ରାଜ୍ୟରେ ଅବାଧ ଗୋଚାଲାଣ ଓ ସେବା ମନୋବୃତ୍ତିର ଅଭାବରୁ ଦିନକୁ ଦିନ ଗୋବଂଶ ଲୋପପାଇ ଯାଉଥିବା ବେଳେ ବିଗତ ୨୩ବର୍ଷ ଧରି ଗୋମାତାଙ୍କ ସେବା ଯତ୍ନକରି ଅନ୍ୟମାନଙ୍କ ପାଇଁ ଏକ ବିରଳ ଉଦାହରଣ ସୃଷ୍ଟି କରିଛନ୍ତି ଗୋସେବକ ନାଗାରାମ ଦାସଜୀ ଓ ସ୍ଥାନୀୟ କଦଳିବାରୀ ବାସିନ୍ଦା ।

# ଆବାସିକ ବିଦ୍ୟାଳୟକୁ ଅଣଦେଖା

ନୟାଗଡ଼ ଅଫିସ,୨୦।୮

ନୟାଗଡ଼ ନିକଟସ୍ଥ ପାଣିପୋଇଲାସ୍ଥିତ ମଦର ଆବାସିକ ବିଦ୍ୟାଳୟର ଆଦିବାସୀ, ଦଳିତ ଓ ଅନାଥ ଶିଶୁମାନେ ଆଉ ମଧ୍ୟାହ୍ନଭୋଜନ ଖାଇବାକୁ ପାଉ ନାହାନ୍ତି । କୋଭିଡ୍ ପରଠାରୁ ଜିଲା ଶିକ୍ଷା ଅଧିକାରୀ ଏହି ସ୍କୁଲକୁ ମଧ୍ୟାହ୍ନଭୋଜନ ଦେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ, ୨୦୦୭ରୁ ସଂପୃକ୍ତ ଆବାସିକ ବିଦ୍ୟାଳୟ ଚାଲୁ ଅଛି। ଛାତ୍ରୀଛାତ୍ରଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ପୂର୍ବତନ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ ସଂପୃକ୍ତ ଆବାସିକ ପରିଦର୍ଶନରେ ଆସିଥିଲେ।

ଛାତ୍ରୀଛାତ୍ରଙ୍କ ଗହଣରେ ପାଖାପାଖି ୨ ଘଣ୍ଟାରୁ ଅଧିକ ରହି ଦୁଃଖସୁଖରେ ସାମିଲ ହୋଇଥିଲେ। ମଧ୍ୟାହ୍ନଭୋଜନ ଓ ମାଗଣା ପୁସ୍ତକ, ୨ ଟଙ୍କିଆ ଚାଉଳ ଏବଂ ଷ୍ଟାଇପେଣ୍ଡ ପ୍ରଭୃତି ଦେବା ପାଇଁ ତତ୍କାଳୀନ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ୨୦୦୭ରୁ ମାର୍ଚ୍ଚ ୨୦୨୦ ପର୍ଯ୍ୟନ୍ତ ମଧ୍ୟାହ୍ନଭୋଜନ ଓ ପୁସ୍ତକ ଦିଆଯାଉଥିଲା। କିନ୍ତୁ କରୋନା ମହାମାରୀ ସମୟରେ ଛାତ୍ରୀଛାତ୍ରଙ୍କୁ ଆଉ ରନ୍ଧାଖାଦ୍ୟ ଦିଆଗଲା ନାହିଁ। ପରବର୍ତ୍ତୀ ଅବସ୍ଥାରେ ଜିଲାର ସମସ୍ତ ବିଦ୍ୟାଳୟକୁ ମଧ୍ୟାହ୍ନଭୋଜନ ଟଙ୍କା ଓ ଚାଉଳ ବାଣ୍ଟିବା ପାଇଁ ପାଇଁ ଅର୍ଥ ପ୍ରଦାନ କରାଗଲା। କିନ୍ତୁ ମଦର ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଚାଉଳ ଏବଂ ଟଙ୍କା ପ୍ରଦାନ କରାଗଲା ନାହିଁ। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକଙ୍କୁ ଅଭିଯୋଗ ଜଣାଇବା ପରେ ଏହା ଆମ ବିଦ୍ୟାଳୟ ନୁହେଁ ବୋଲି କହି ଅଭିଯୋଗକୁ ଏଡାଇ ଦେଇଥିଲେ। ୨୦୦୭ରୁ ଏହି ଆଦିବାସୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ମଧ୍ୟାହ୍ନଭୋଜନ ମିଳୁଥିଲା । ଏବେ କାହିଁକି ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯିବ ନାହିଁ ସେ ସଂକ୍ରାନ୍ତରେ ପଚାରିଲେ ବିଭାଗୀୟ ଅଧିକାରୀମାନେ ଚୁପ୍ ରହୁଛନ୍ତି ।

### ମଧ୍ୟାହ୍ନଭୋଜନ ବନ୍ଦ

# ୬୪୦ ବୋତଲ କଫ୍ ସିରପ୍ ଜବତ


ଜବତ କଫ୍ ସିରପ୍ ଓ ଗିରଫ ୨ ଅଭିଯୁକ୍ତ ।

ନୟାଗଡ଼ ଅଫିସ/ଦଶପଲ୍ଲା, ୨୦।୮ (ଡି.ଏନ୍.ଏ.)

ଦଶପଲ୍ଲା ଥାନା ପୋଲିସ ୧୦୦ ଏମ୍‌ଏଲ୍‌ର ୬୪୦ ବୋତଲ କଫ୍ ସିରପ୍ ଓ ୧୦ ଏମ୍‌ଜି ଲିଭୋସିଜ ଟାବ୍‌ଲେଟ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଖଣ୍ଡପଡ଼ା ଗାଁର ଶଙ୍କର୍ଷଣ ପଣ୍ଡା(୫୨) ଓ ଗଣିଆ ଥାନା ଜଗନ୍ନାଥ ପ୍ରସାଦର ପ୍ରଭାତ ପରିଡା(୫୦)ଙ୍କୁ ଦଶପଲ୍ଲା ସବ୍‌ଜେଲକୁ ପଠାଇ ଦିଆଯାଇଛି । ଅନ୍ୟପକ୍ଷେ ଅଭିଯୁକ୍ତଙ୍କ ଠାରୁ ୨ ମୋବାଇଲ ଫୋନ, ଓଆର୨୫ ବି ୫୦୪୯ ଏବଂ ଓଡି ୨୫ ଇ ୮୫୪୯ ନମ୍ବରର ୨ଟି ବାଇକ୍ ଜବତ କରାଯାଇଛି । ପୋଲିସ ୧୮୧/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ୨ ଅଭିଯୁକ୍ତ ଜେଲ ଗଲେ

# ମହିତମା-ସିକ୍ରିଡ଼ା ରାସ୍ତା ମରଣଯନ୍ତା

- ଫଳକରେ ଅଟକିଛି ରକ୍ଷଣାବେକ୍ଷଣା ଦାୟିତ୍ୱ
- ଠିକାଦାରଙ୍କୁ ଚିଠି ଲେଖିଛନ୍ତି କନିଷ୍ଠ ଯନ୍ତ୍ରୀ

ନୂଆଗାଁ,୨୦।୮(ଡି.ଏନ.ଏ.)

ସରକାରୀ ଅର୍ଥର ଠିକ୍ ବିନିଯୋଗ ପାଇଁ ଅନେକ ନିୟମ କାନୁନ ରହିଛି । ହେଲେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅପାରଗତା କାରଣରୁ ସେଥିରେ ସୁଫଳ ନ ମିଳିବା ସହ ଜନସାଧାରଣ ନାନା ସମସ୍ୟା ଭୋଗୁଛନ୍ତି। ଏଭଳି ଅଭିଯୋଗ ନୂଆଗାଁ ବ୍ଲକ ଗ୍ରାମ୍ୟ ଉନ୍ନୟନ (ଆର୍.ଡି) ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧ ଆସିଛି । ଠିକ୍ ସମୟରେ କାମର ତଦାରଖ ନ କରି ଠିକାଦାରଙ୍କ ପ୍ରତି ଅନୁକମ୍ପା ଦେଖାଇବା ଫଳରେ ସରକାରଙ୍କ ଅନୁଦାନ ବ୍ୟର୍ଥ ଯିବା ସହ ଜନସାଧାରଣ ଦୁର୍ଦ୍ଦଶା ଭୋଗୁଛନ୍ତି ବୋଲି ଅଭିଯୋଗ ହୋଇଛି ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହିତମା ଛକଠାରୁ ସିକ୍ରିଡା ରାସ୍ତା (ପ୍ରୋଜେକ୍ଟ ନାମ-କୋରଡା-କୃଷ୍ଣପ୍ରସାଦ) ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୬.୪୨୪ କିଲୋମିଟର ରାସ୍ତା ନିର୍ମାଣ କରାଯାଇଛି। ଉକ୍ତ ରାସ୍ତା ନିର୍ମାଣ ଚାଲିଥିବା ସମୟରେ ନିମ୍ନମାନର କାମ ହେଉଥିବା ନେଇ ବାରମ୍ଭାର ଅଭିଯୋଗ ହୋଇ ଆସୁଥିଲା। କିନ୍ତୁ ବିଭାଗୀୟ ଅଧିକାରୀ ଲୋକଙ୍କ ଅଭିଯୋଗ ପ୍ରତି ଗୁରୁତ୍ୱ ନ ଦେଇ କାମ ଠିକ୍ ଅଛି ବୋଲି କହିଥିଲେ । କାମଶେଷ ହେବାର ଅଳ୍ପ କିଛି ମାସ ପରେ ରାସ୍ତାରୁ ପିଚୁ ଉଠି ଗଲା। ଲୋକମାନଙ୍କ ଯାତାୟତରେ ଅସୁବିଧା ହେବା ସହ ଖାଲଖମା ଯୋଗୁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟିଲା। ଟେଣ୍ଡର ନିୟମ ଏବଂ ଲଗା ଯାଇଥିବା ସୂଚନା ଫଳକ ଅନୁସାରେ କାମ ଶେଷ ହେବା ଦିନଠାରୁ ୫ ବର୍ଷ ଯାଏ ଉକ୍ତ ରାସ୍ତାର ସମସ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ଠିକାଦାର ବହନ କରିବେ। ରକ୍ଷଣାବେକ୍ଷଣା ଠିକାଦାର ଠିକ୍ ଭାବେ କରୁଛନ୍ତି କି ନାହିଁ ତାହାକୁ ବିଭାଗୀୟ ଅଧିକାରୀ ତଦାରଖ କରିବେ। ବିଶେଷ କରି ରାସ୍ତା ଉପରେ ଗର୍ତ୍ତ ଓ ଫାଟ ମରାମତି, ରାସ୍ତାରୁ ଘାସ ଡାଳପତ୍ର କାଟି ସଫା କରିବା, ପାଣି କଟାଧାରର ପୁନଃ ମରାମତି କରିବା, ପିଚୁ ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ପକାଇବା , ବର୍ଷକୁ ଥରେ ଶଙ୍ଖ ଓ ପୋଲରେ ଧଳା ରଙ୍ଗ ମାରିବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ଲାଗି ସୂଚନା ଫଳକରେ ଉଲ୍ଲେଖ ରହିଥିଲେ ମଧ୍ୟ କୌଣସି କାମ କରାଯାଉ ନାହିଁ । ମହିତମାଠାରୁ ସିକ୍ରିଡା ରାସ୍ତା କାର୍ଯ୍ୟ ଶେଷ ହେବା ପରେ ୨୦୧୭ ଅକ୍ଟୋବର ୪ରୁ ୨୦୨୨ ଅକ୍ଟୋବର ୪ ପର୍ଯ୍ୟନ୍ତ ଠିକାଦର ରାସ୍ତା ରକ୍ଷଣାବେକ୍ଷଣା କରିବା କଥା । ହେଲେ ୫ ବର୍ଷର ରକ୍ଷଣାବେକ୍ଷଣା ଦାୟିତ୍ୱ ସରିବାକୁ ଆଉ ଅଳ୍ପ ଦିନ ବାକିଥିଲେ ମଧ୍ୟ ଠିକାଦାର କୌଣସି ଦିନ ରାସ୍ତାର ମରାମତି କରାଇବାର ନାଁ ଧରି ନାହାନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ସଂକ୍ରାନ୍ତରେ ଆରଡି ବିଭାଗ କନିଷ୍ଠ ଯନ୍ତ୍ରୀ ହିତାଞ୍ଜଳୀ ପଣ୍ଡାଙ୍କୁ ପଚାରିବାରେ ରାସ୍ତା ମରାମତି ପାଇଁ ଆମେ ଠିକାଦାରକୁ ଚିଠି କରିଛୁ ବୋଲି ସେ କହିଛନ୍ତି ।


ଖାଲରେ ଭର୍ତ୍ତି ମହିତମା -ସିକ୍ରିଡା ରାସ୍ତା ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଚାଷୀ ମୃତ

ଦିଗପହଣ୍ଡି,୨୦।୮(ଡି.ଏନ୍.ଏ.)-ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଗଙ୍ଗାପୁର ଗ୍ରାମର ସଦାଶିବ ପାଢ଼ୀ ନାମକ ଜଣେ ଚାଷୀ ନିଜ ଆଖୁବାଡ଼ିରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ମୃତ ଚାଷୀଙ୍କ ପୁଅ ସନାତନ ଥାନାରେ ଏତଲା ଦେଇଛନ୍ତି। ଶନିବାର ସକାଳେ ସଦାଶିବ ଆଖୁବାଡ଼ିରେ ଚାଷ କାର୍ଯ୍ୟ ଦେଖୁଥିବା ସମୟରେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ। ପୁଅ ସନାତନ ତାଙ୍କୁ ଉଦ୍ଧାର କରି ଗ୍ରାମବାସୀଙ୍କ ସହାୟତାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ସନାତନ ପାଟପୁର ଥାନାରେ ପହଞ୍ଚି ବିଦ୍ୟୁତ୍ ବିଭାଗକୁ ଦାୟୀ କରି କ୍ଷତିପୂରଣ ଦାବି ନେଇ ଥାନାରେ ଏତଲା ଦେଇଛନ୍ତି। ପାଟପୁର ପୋଲିସ ତଦନ୍ତ କରି ଫେରିଥିବା ସୂଚନା ମିଳିଛି।

### ବିଦ୍ୟୁତ୍ ଆଘାତରେ ଶ୍ରମିକ ଆହତ

ବୁଗୁଡ଼ା,୨୦।୮(ଡି.ଏନ.ଏ.)-ବୁଗୁଡ଼ା ଏନ୍ଏସି ଅନ୍ତର୍ଗତ ଖଦାଳ ସାହିର ନୀଳା ନାୟକ ବିଦ୍ୟୁତ ଆଘାତରେ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଶନିବାର ଅପରାହ୍ନରେ ନୀଳା ନିଜର ଦୁଇ ମହଲା ଘରର ସେଟ୍ରିଂକୁ ନିଶୁଣି ପକାଇ ଶାବଳରେ ବାହାର କରୁଥିଲେ। ସେତିକିବେଳେ ଅସାବଧାନତା ବଶତଃ ସେ ଧରିଥିବା ଶାବଳଟି ଘର ନିକଟରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଝଟକା ଖାଇ ଖସି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ।

### ଛତୁଚାଷ ତାଲିମ ଶିବିର ଉଦ୍‌ଯାପିତ

ନୂଆଗଡ଼,୨୦।୮- ଜିଲା ପ୍ରଶାସନ ଏବଂ ୟୁନିୟନ୍ ବ୍ୟାଙ୍କର ସହଯୋଗ ସଂସ୍ଥା ପକ୍ଷରୁ ଗଜପତି ଜିଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ପି.ଅନ୍ତରଡା ପଞ୍ଚାୟତ ମାଣିକପୁରରେ ସଂସ୍ଥାର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ବ୍ରହ୍ମାଙ୍କ ତତ୍ତ୍ୱାବଧାନରେ ଛତୁ ଚାଷ ତାଲିମ ଶିବିର ୧୦ଦିନ ଧରି ଅନୁଷ୍ଠିତ ହୋଇ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଛତୁ ଚାଷ ନିମନ୍ତେ ବିଭିନ୍ନ ଜ୍ଞାନ କୌଶଳ ବିଷୟରେ ପ୍ରଶିକ୍ଷକ ଲିଙ୍ଗରାଜ ପାଣିଗ୍ରାହୀ ତାଲିମ ଦେବା ସହ କିଭଳି ନିଜେ ଏହାକୁ ଚାଷ କରି ସ୍ୱାବଲମ୍ବୀ ହୋଇ ପାରିବେ ବୁଝାଇଥିଲେ। ତାଲିମ ନେଇଥିବା ୩୩ଜଣ ଏସ୍ଏଚ୍‌ଜି ମହିଳା ଏବଂ ୨ ଜଣ ବେକାରୀ ଶିକ୍ଷିତ ଯୁବକଙ୍କୁ ଓଡ଼ିଶା ଜୀବିକା ମିଶନ ବିଟିସି ଗିରିଜା ଶଙ୍କର ଶର୍ମା, ବିଟିସି ବାବୁଲିଟି ଲିମ୍ମାଙ୍କ ଉପସ୍ଥିତିରେ ମାନପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ପାଠ୍ୟ ସଂଯୋଜକ ଦିଲୀପ କୁମାର ତନ୍ତୀ ତାଲିମ ଶିବିର ପରିଚାଳନା କରିଥିଲେ।

### ଚୋରି ଘଟଣାରେ ୩ କୋର୍ଟଚାଲାଣ

ଗୋପାଳପୁର,୨୦।୮(ଡି.ଏନ.ଏ.): ଟ୍ରକ୍‌ରୁ ଡିଜେଲ ଓ ବ୍ୟାଟେରି ଚୋରି କରିବା ଘଟଣାରେ ଗୋଳନ୍ଥରା ଥାନା ପୋଲିସ ୩ ଜଣଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ହରିପୁର ଗ୍ରାମର ଡି. ଶ୍ୟାମ ସୁନ୍ଦର, ଜି ଗୋପୀ ଓ ଆର ୱାସୁ। କନିସି ହାଟ ନିକଟରେ ଥିବା ମା ଭୈରବୀ ଟ୍ରାନ୍ସପୋର୍ଟର ଟ୍ରକ୍ ଜାତୀୟ ରାଜପଥ ପାର୍ଶ୍ୱ ବୁଲୁ ଢ଼ାବା ସମ୍ମୁଖରେ ରଖୁଥିଲେ। ଗତ ୧୪ ତାରିଖ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଟ୍ରକର ଦୁଇଟି ବ୍ୟାଟେରି ଓ ଟାଙ୍କିରେ ଥିବା ସବୁ ଡିଜେଲ ଚୋରି କରି ଚମ୍ପଟ ମାରିଥିଲେ। ସୁବାସ ଚନ୍ଦ୍ର ସାହୁ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୮୬/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ସନ୍ଧ୍ୟାରେ ପୋଲିସ ଟିମ ହରିପୁର ଗ୍ରାମର ଚଢ଼ାଉ କରି ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରି ତାଙ୍କଠାରୁ ଦୁଇଟି ଟ୍ରକ ବେଟେରି, ୧୦୦ ଲିଟର ଡିଜେଲ ଓ ଆପାଚି ବାଇକ ଜବତ କରିଛି।

# ନଗର ଉନ୍ନୟନ ସ୍କାନରରେ ପୌର ଅଧିକାରୀ, କର୍ମଚାରୀ

- ନୈରାଶ୍ୟଜନକ ପ୍ରଦର୍ଶନ ଥିଲେ କାର୍ଯ୍ୟରୁ ଅନ୍ତର
- ଗୁପ୍ତ ରିପୋର୍ଟ ଦେବେ ଜିଲାପାଳ, ଡୁଡା ପିଡି
- ତଦନ୍ତ କରିବ ଅଡିଟ୍ ଟିମ୍

ଛତ୍ରପୁର,୨୦।୮(ଡି.ଏନ.ଏ)

ରାଜ୍ୟରେ ଥିବା ମହାନଗର ନିଗମ, ମ୍ୟୁନିସିପାଲଟି ଓ ଏନଏସିରେ କାମ କରୁଥିବା ପୌର ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରୁ କେତେକ କାର୍ଯ୍ୟରେ ଭଲ ପ୍ରଦର୍ଶନ କରୁନାହାନ୍ତି । ଏହି ସବୁ ଅଧିକାରୀ ଓ କର୍ମଚାରୀ ଏବେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍କାନରରେ ଆସିଛନ୍ତି । ବର୍ତ୍ତମାନ ସୁଦ୍ଧା ୭ ଜଣଙ୍କୁ କାର୍ଯ୍ୟରୁ ବିତାଡ଼ିତ କରାଯାଇଛି । ଆହୁରି ୭ ଜଣଙ୍କ ଫାଇଲ୍ ପ୍ରସ୍ତୁତ ହୋଇଛି। ଛତ୍ରପୁରରେ ଅନୁଷ୍ଠିତ ସହରାଞ୍ଚଳ ସମୀକ୍ଷା ବୈଠକରେ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ସୂଚନା ଦେଇଛନ୍ତି । କାର୍ଯ୍ୟରେ ଭଲ ପ୍ରଦର୍ଶନ କରୁ ନ ଥିବା ପ୍ରାୟ ୧୦୦ ପୌର ଅଧିକାରୀ ଓ କର୍ମଚାରୀ ବିଭାଗର ସ୍କାନରରେ ଥିବା ଜଣାଯାଇଛି । ଏଣିକି ମହାନଗର ନିଗମ, ମ୍ୟୁନିସିପାଲିଟି ଓ ଏନଏସିରେ ଭଲ ପ୍ରଦର୍ଶନ କରୁନଥିବା ଅଧିକାରୀ ଓ କର୍ମଚାରୀଙ୍କ ସମ୍ପର୍କରେ ଗୁପ୍ତ ରିପୋର୍ଟ ଜିଲାପାଳ, କମିଶନର ଓ ଡୁଡା ପିଡିମାନେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ପଠାଇବାକୁ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି.ମାଥିଭାଥନନ୍ ନିର୍ଦ୍ଦେଶ ଦେଇଛନ୍ତି। ଗୁପ୍ତ ରିପୋର୍ଟ ଆସିବାର ୧୫ ଦିନ ମଧ୍ୟରେ କମିଟି ଗଠନ ହେବ । ଅଡିଟ୍ ଟିମ୍ ପଠାଇ ତଦନ୍ତ ହେବ । ରିପୋର୍ଟରେ ଖିଲାପୀ ଜଣାପଡିଲେ ସେମାନଙ୍କୁ ବାଧ୍ୟତାମୂଳକ ଅବସର ଓ କାର୍ଯ୍ୟରୁ ଅନ୍ତର କରାଯିବ ବୋଲି କମିଶନର ତଥା ପ୍ରମୁଖ ଶାସନ ସଚିବ କହିଛନ୍ତି । ସବୁ ପୌରାଞ୍ଚଳରେ ଟ୍ୟାକ୍ସ କଲେକ୍ଟରମାନେ ଠିକ୍ ଭାବେ ଟିକସ ଆଦାୟ କରିପାରୁନାହାନ୍ତି । ଏପରିକି ଟ୍ୟାକ୍ସ କଲେକ୍ଟରମାନଙ୍କୁ ମିଳୁଥିବା ଦରମା ତୁଳନାରେ ୧୦ ପ୍ରତିଶତ ମଧ ଟିକସ ଆଦାୟ ହେଉନି । ଏଥିସହ ଜାଗା ମିଶନ ଠାରୁ ଆରମ୍ଭ କରି ମୁକ୍ତା (ମୁଖ୍ୟମନ୍ତ୍ରୀଙ୍କ ତତ୍ପର ଯୋଜନା) ଆଦିର ସଫଳ ରୂପାୟନ ହୋଇପାରୁନି । ଏପରିକି ମୁକ୍ତା ଯୋଜନାରେ ୧ ହଜାର କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବାବେଳେ ଆହୁରି ୬୦୦ କୋଟି ଟଙ୍କା ରିଲିଜ୍ ହୋଇପାରିନି । ନିର୍ବାହୀ ଅଧିକାରୀମାନେ ଏଥିପାଇଁ ପ୍ରସ୍ତାବ ଦେଇପାରୁନାହାନ୍ତି। ୧୫ତମ ଅର୍ଥ କମିଶନର ଅନୁଦାନ ମଧ୍ୟ ଖର୍ଚ୍ଚ ନହୋଇ ବ୍ୟାଙ୍କରେ ଜମା ରହିଛି । ଯାହାବି ଖର୍ଚ୍ଚ ହେଉଛି ତାର ବିନିଯୋଗ ପ୍ରମାଣପତ୍ର (ୟୁସି) ଦାଖଲ ହେଉନି । ମୁକ୍ତା ଯୋଜନାରେ ମହିଳା ସଂଘ ମାନେ କାମ କରିବା କଥା । ମାତ୍ର କାମ ଠିକାଦାର କରୁଛନ୍ତି । ଏନେଇ ବିଭାଗକୁ ଅଭିଯୋଗ ଆସୁଛି । ଏହା ଉପରେ ଜିଲାପାଳମାନେ ଫୋକସ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

# ଗଛ ପଡ଼ି ଜାତୀୟ ରାଜପଥ ଅବରୋଧ


ରାସ୍ତା ଉପରେ ପଡ଼ିଥିବା ଗଛକୁ ସଫା କରାଯାଉଛି।

ଭଞ୍ଜନଗର, ୨୦।୮(ଡି.ଏନ୍.ଏ.)

ଭଞ୍ଜନଗର ଫୁଲବାଣୀ ଜାତୀୟ ରାଜପଥର ବୁଢ଼ୁଲି ନିକଟରେ ଏକ ବିରାଟ ଗଛ ଶନିବାର ଉପୁଡ଼ି ପଡ଼ିଥିଲା । ଫଳରେ ଭଞ୍ଜନଗର ଫୁଲବାଣୀ ମୁଖ୍ୟ ରାସ୍ତାରେ ପ୍ରାୟ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଯାନବାହାନ ଚଳାଚଳ ବନ୍ଦ ଥିଲା। ଖବରପାଇ ଭଞ୍ଜନଗର ଦମକଳ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛଟିକୁ କାଟି ସଫା କରିବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଉକ୍ତ ରାସ୍ତାର କଡ଼ରେ ଅନେକ ଗଛ ଏହିଭଳି ବିପଦସଙ୍କୁଳ ଅବସ୍ଥାରେ ଅଛି । ଜାତୀୟ ରାଜପଥ କର୍ତ୍ତୃପକ୍ଷ ଉକ୍ତ ଗଛ ଗୁଡ଼ିକୁ କାଟି ସଫା କରିବା ପାଇଁ ଚେଷ୍ଟା କରୁନାହାନ୍ତି । ଯେଉଁଥିପାଇଁ ବିଭିନ୍ନ ସମୟରେ ଉକ୍ତ ରାସ୍ତାରେ ଏହିଭଳି ସମସ୍ୟା ଦେଖାଦେଉଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାପାଇଁ ଦାବି ହୋଇଛି। କିଛିଦିନ ପୂର୍ବେ କଳିଙ୍ଗା ଘାଟିରେ ମାଟି ଅତଡ଼ା ଧସିବା ସହ ଅନେକ ଗଛ ଉପୁଡ଼ି ପଡ଼ିଥିଲା। ଫଳରେ କିଛି ସମୟ ପାଇଁ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା।

# କେଶପୁର ବସ୍‌ଷ୍ଟାଣ୍ଡ ନିର୍ମାଣରେ ବିଳମ୍ବ


ବସ୍‌ଷ୍ଟାଣ୍ଡର ନିର୍ମାଣ କାମ ଅଧପନ୍ତରିଆ।

ଖଲ୍ଲିକୋଟ,୨୦।୮(ଡି.ଏନ୍.ଏ.)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କେଶପୁର ବଜାର ଉପରେ ୧୨ଟି ପଞ୍ଚାୟତବାସୀ ନିର୍ଭର କରନ୍ତି। ଏହି ଛକରୁ ବହୁ ଯାତ୍ରୀ ବ୍ରହ୍ମପୁର, ଭୁବନେଶ୍ୱର, ଆସିକା, କୋରାପୁଟ, ଫୁଲବାଣୀ, ଭଞ୍ଜନଗର ଆଦି ଅଞ୍ଚଳକୁ ଯିବା ପାଇଁ ଅପେକ୍ଷା କରନ୍ତି। ତେଣୁ ଏଠାରେ ରୁବାନ ସ୍କିମରେ ବସଷ୍ଟାଣ୍ଡ ପାଇଁ ଏକ କୋଟି ଟଙ୍କା ମଞ୍ଜୁର ହୋଇଛି। ପ୍ରଶାସନ ପକ୍ଷରୁ ଯେଉଁ ସ୍ଥାନ ଚିହ୍ନଟ ହୋଇଛି ତା' ଉପରେ ୧୧ କେଭି ବିଦ୍ୟୁତ ତାର ଲମ୍ବିରହିଛି। ଫଳରେ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଅଧା ହୋଇ ବନ୍ଦ ରହିଛି। ପିଲର ଲୁହା ଛଡ଼ଗୁଡିକ ବିଦ୍ୟୁତ ତାର ଛୁଇଁବାକୁ ବସିଲାଣି। ତେଣୁ ଜୀବନ ଚାଲିଯିବାର ଭୟ ମଧ୍ୟ ରହିଛି। ଏ ନେଇ ଠିକାଦାର କୁହନ୍ତି, ବିଭାଗୀୟ ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି। ବିଦ୍ୟୁତ୍ ତାର ହଟିଲେ କାମ ହେବ। ବିଭାଗୀୟ ଯନ୍ତ୍ରୀ କୁହନ୍ତି, ବିଦ୍ୟୁତ୍ ବିଭାଗକୁ ଜଣାଇ ଦିଆଯାଇଛି। ଖୁବଶୀଘ୍ର କାମ କରାଯିବ। ବସ୍‌ଷ୍ଟାଣ୍ଡ କାମ ଶୀଘ୍ର ସାରିବା ପାଇଁ ସାଧାରଣରେ ଦାବି ହେଉଛି।

# ଏସ୍. ଲିଙ୍ଗରାଜ ବିଜେଡି ଜିଲା ସଭାପତି, ଦେବୀପ୍ରସାଦ ଦାସ ରାଜ୍ୟ ଯୁଗ୍ମ ସମ୍ପାଦକ

ପାରଳାଖେମୁଣ୍ଡି, ୨୦।୮(ଡି.ଏନ୍.ଏ.)

ଗଜପତି ଜିଲାରୁ ଦୁଇଜଣଙ୍କୁ ବିଜୁ ଯୁବ ଜନତା ଦଳର କର୍ମକର୍ତ୍ତା ଭାବେ ନିଯୁକ୍ତି ଦିଆଯାଇଥିବା ରାଜ୍ୟ ସାଂଗଠନିକ ସମ୍ପାଦକ ଅତନୁ ସବ୍ୟସାଚୀ ସୂଚନା ଦେଇଛନ୍ତି । ଗଜପତି ଜିଲା ବିଜୁ ଯୁବ ଜନତା ଦଳର ବର୍ତ୍ତମାନ ସଭାପତି ଏସ୍.ଲିଙ୍ଗରାଜ ପୁଣି ତୃତୀୟ ଥର ପାଇଁ ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ଦେବୀ ପ୍ରସାଦ ଦାସ ଦ୍ୱିତୀୟ ଥର ପାଇଁ ରାଜ୍ୟ ଯୁଗ୍ମ ସମ୍ପାଦକ ଭାବରେ ମନୋନୀତ ହୋଇଛନ୍ତି । ନାମ ଘୋଷଣା ପରେ କଲେଜ ଛକ ଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଆଶୀର୍ବାଦ ନେଇଥିଲେ । ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଲକ୍ଷ୍ମୀକାନ୍ତ ପରିଚ୍ଛା, କାଉନସିଲର ନାରାୟଣ ବେହେରା, ଜମିନଦାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରି ସାମଗ୍ରୀ ଠାବ ମାମଲା, ୨ ଗିରଫ

ଗୋପାଳପୁର,୨୦।୮(ଡି.ଏନ.ଏ.)

ଗୋଳନ୍ଥରା ଥାନା ଅନ୍ତର୍ଗତ ଲୋଉଡ଼ି ଗ୍ରାମ ନିକଟରେ ନିର୍ମାଣାଧୀନ ଆଇଜରରୁ ଚୋରି କରିବା ଘଟଣା ପୋଲିସ ଶନିବାର ୨ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ହନ୍ତୁଲୁ ଗ୍ରାମର ଆର. ଦୁର୍ଯ୍ୟୋଧନ ରେଡ୍ଡୀ ଓ ପ୍ରମୋଦ ବେହେରା। ଏହି ଥାନା ଅନ୍ତର୍ଗତ ଲୋଉଡ଼ି ଗ୍ରାମ ନିକଟରେ ଆଇଜରର କୋଠା ନିର୍ମାଣ କାର୍ଯ୍ୟ ଚାଲୁଛି। ଏଠାରେ ଥିବା ସ୍ଥାନୀୟ ଲୋକ ଶ୍ରମିକ ଭାବେ କାମ କରୁଛନ୍ତି। ଏକ ଘରୋଇ ସଂସ୍ଥା ପକ୍ଷରୁ ଇଲେକ୍ଟ୍ରିକାଲ ଓ ହାଡ଼ୱେର ସାମଗ୍ରୀ ନିର୍ମାଣ କାର୍ଯ୍ୟ କରାଯାଉଛି। ଗତ ୧୭ ତାରିଖରେ ଆଇଜର ପାଚେରୀ ମଧ୍ୟରେ ଥିବା ଏନକେଜି ଷ୍ଟୋରରୁ କିଛି ଦୁର୍ବୃତ୍ତ କବାଟ ଭାଙ୍ଗି ସେଥିରେ ପାଇପ୍, ଜିଆଇ ତାର, ଷ୍ଟାବଲାଇଜର, ପିଭିଏସ୍ ପାଇପ, ଇଲୋକ୍ଟ୍ରୋନିକ୍ସ ଓ ହାଡ଼ୱେର ବହୁ ପରିମାଣର ସାମଗ୍ରୀ ଚୋରି ହୋଇଥିବା ନେଇ ସିକ୍ୟୁରିଟି ଇନଚାର୍ଜ କେ.ଆରିଆ ରେଡ୍ଡୀ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୯୪/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଲା। ଏହି ଘଟଣାରେ ପୋଲିସ ଉକ୍ତ ଆଇଜର କୋଠାରେ ଶ୍ରମିକ ଭାବେ କାମ କରୁଥିବା ଦୁଇଜଣଙ୍କୁ ଚିହ୍ନଟ କରିଥିଲା। ଶୁକ୍ରବାର ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ହନ୍ତୁଲୁ ଗ୍ରାମରୁ ଅଭିଯୁକ୍ତମାନଙ୍କୁ ଉଠାଇ ନେଇ ପଚରାଉଚରା କରିଥିଲା।

# ଗଜପତିର ଯୁବତୀଙ୍କୁ ଦିଲ୍ଲୀରେ ବିକ୍ରି ଅଭିଯୋଗ

ଆର.ଉଦୟଗିରି,୨୦।୮(ଡି.ଏନ୍.ଏ.)

ଗଜପତି ଜିଲା ମାଣିକପୁର ଗ୍ରାମର ଜଣେ ଯୁବତୀଙ୍କୁ ଘରୁ ନେଇ ଦିଲ୍ଲୀରେ ବିକ୍ରି କରିବା ସହ ସେଠାରେ ତାଙ୍କର ବିବାହ କରାଇ ଦେଇଥିବା ଶନିବାର ଅଭିଯୋଗ ହୋଇଛି। ଯୁବତୀଙ୍କ ବାପାଙ୍କ ଏତଲାକ୍ରମେ ମୋହନା ପୋଲିସ ନଂ. ୧୫୦/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣାରେ ଯୁବତୀଙ୍କୁ ଚାଲାଣ କରିଥିବା ମହିଳାଙ୍କ ସହ ତାଙ୍କ ସହଯୋଗୀ ଫେରାର ଅଛନ୍ତି।

ପୋଲିସ ସୂଚନା ପ୍ରକାରେ, ମାଣିକପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ଗଞ୍ଜାମ ଜିଲା କୁରୁବା ଗ୍ରାମର ଜଣେ ମହିଳା ଅନେକ ସମୟରେ ଆସୁଥିଲେ। ଗତ ୧୧ ତାରିଖ ରାଖିପୂର୍ଣ୍ଣିମା ଦିନ ମଧ୍ୟ ସମ୍ପୃକ୍ତା ମହିଳା ମାଣିକପୁର ଆସିଥିଲେ। ସେହି ସମୟରେ ଯୁବତୀଙ୍କ ସମେତ ୩ ଭାଇ ଓ ବୁଢ଼ୀମା' ଘରେ ଥିଲେ ମଧ୍ୟ ତାଙ୍କ ବାପା କୌଣସି କାମରେ ତେନ୍ତୁଳିଖୁଣ୍ଟି ଯାଇଥିଲେ। ବାପାଙ୍କ ଅନୁପସ୍ଥିତିକୁ ସୁଯୋଗ ମନେ କରି ମହିଳା ଜଣକ ଯୁବତୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ନିଜ ସାଙ୍ଗରେ ଦିଲ୍ଲୀ ନେଇ ଯାଇଥିଲେ। ସେଠାରେ ଯୁବତୀଙ୍କୁ ଅନ୍ୟ ଜଣଙ୍କୁ ବିକ୍ରି କରିବା ସହ ବିବାହ କରାଇ ଦେଇଥିଲେ। ଏଥିରେ ମାଣିକପୁର ଗ୍ରାମର ଜଣେ ବ୍ୟକ୍ତି ସହଯୋଗ କରିଥିଲେ। ଗତ ୧୬ ତାରିଖରେ ଯୁବତୀଙ୍କ ବାପା ଘରକୁ ଫେରି ଝିଅକୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନଥିଲେ। ସେହିଦିନ ଯୁବତୀ ଜଣକ ମାଣିକପୁର ଅଙ୍ଗନୱାଡି କର୍ମୀ ମମତା ଭୂୟାଁଙ୍କୁ ଫୋନ୍ କରି ତାଙ୍କୁ ସମ୍ପୃକ୍ତା ମହିଳା ଜବରଦସ୍ତ ଦିଲ୍ଲୀ ଆଣି ବିବାହ କରାଇ ଦେଇଥିବା କହିଥିଲେ। ଏଥିସହ ମହିଳା ଜଣକ ବ୍ରହ୍ମପୁର ଅଞ୍ଚଳରୁ ଅନ୍ୟ ଝିଅକୁ ଆଣିବା ପାଇଁ ଯାଇଥିବା କହିଥିଲେ। ପରେ ଗ୍ରାମର ଜଣଙ୍କ ଫୋନ୍‌ରୁ ଯୁବତୀଙ୍କ ବିବାହ ଫଟୋ ଆସିଲା ପରେ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ଏ ନେଇ ଯୁବତୀଙ୍କ ବାପା ମୋହନା ଥାନାରେ ଅଭିଯୋଗ କରିଥିଲେ। ତେବେ ମୋହନା ଅଞ୍ଚଳରେ ପୂର୍ବରୁ ମଧ୍ୟ ବିଭିନ୍ନ ପ୍ରଲୋଭନ ଦେଖାଇ ଗରିବ ଆଦିବାସୀ ଯୁବତୀ ଓ ନାବାଳିକାମାନଙ୍କୁ ବାହାର ରାଜ୍ୟକୁ ଦଲାଲମାନେ ଚାଲାଣ କରୁଥିବାର ନଜିର ରହିଛି। ଶୀଘ୍ର ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଯୁବତୀମାନଙ୍କୁ ଉଦ୍ଧାର କରିବାକୁ ସାଧାରଣରେ ଦାବି ହୋଇଛି।

# ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କୁ ସମ୍ବର୍ଦ୍ଧନା

ପୋଲସରା,୨୦।୮(ଡି.ଏନ.ଏ.)

ପୋଲସରା ଏନ୍ଏସି ସ୍ଥିତ ଲୁଣିଘାଟି ଗ୍ରାମରେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଗ୍ରାମର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ସାହୁଙ୍କୁ ଏନ୍ ଗୋପୀନାଥପୁର ଗ୍ରାମବାସୀ ସମ୍ବର୍ଦ୍ଧିତ କରିଥିଲେ। ପରେ ଅନୁଷ୍ଠିତ ସାଧାରଣ ବୈଠକରେ ଗ୍ରାମର କୋଠ ସଭାପତି ଗୌରୀ ଶଙ୍କର ଆଚାର୍ଯ୍ୟ, କାଉନସିଲର ବବିତା କୁମାରୀ ମହାପାତ୍ର, ପୋଲସରା ଏନ୍ଏସି ଅଧ୍ୟକ୍ଷା ସଙ୍ଗୀତା ବେହେରା, ପୂର୍ବତନ ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ସାଂସଦ ପ୍ରତିନିଧି ମୋଚିରାମ ସାହୁଙ୍କ ସମେତ ଗ୍ରାମର ପ୍ରଶାନ୍ତ ନନ୍ଦ, ବିନାୟକ ନନ୍ଦ, ପ୍ରସନ୍ନ ନନ୍ଦ, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଜନାର୍ଦ୍ଦନ ରଥ, ଦିପ୍ତିରଞ୍ଜନ ଷଡ଼ଙ୍ଗୀ, ସୀମାଞ୍ଚଳ ମହାପାତ୍ର, ହରପ୍ରସାଦ ମହାପାତ୍ର, ପ୍ରିୟମ୍ବଦା ନନ୍ଦ, ରଞ୍ଜିତା ନନ୍ଦ, ଚିନ୍ମୟ ମହାପାତ୍ର ଏବଂ ଚନ୍ଦ୍ରମଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରାଇରଞ୍ଜନ ନନ୍ଦ ଧନ୍ୟବାଦ ଦେଇଥିଲେ।


ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଗୁମ୍ମାରେ ଟ୍ରାଫିକ୍ ଜାମ୍, ଆମ୍ବୁଲାନ୍ସ ଯିବାରେ ସମସ୍ୟା


ଗୁମ୍ମା ବଜାରରେ ଟ୍ରାଫିକ୍ ସମସ୍ୟା ଯୋଗୁ ଅଟକି ରହିଛି ଆମ୍ବୁଲାନ୍ସ।

ପାରଳାଖେମୁଣ୍ଡି,୨୦।୮ (ଡି.ଏନ୍.ଏ.)

ଗଜପତି ଜିଲା ଗୁମ୍ମା ସାପ୍ତାହିକ ହାଟ ଗୁରୁବାର ଦିନ ଟ୍ରାଫିକ ସମସ୍ୟା ଅତି ଜଟିଳ ହେଉଛି। ବହୁ ସମୟରେ ଆମ୍ବୁଲାନ୍ସ ରାସ୍ତା ପାର ହେବା ପାଇଁ ଅଟକି ରହୁଛି। ଗୁମ୍ମା ମୁଖ୍ୟ ଛକରେ କୌଣସି ଟ୍ରାଫିକ ବ୍ୟବସ୍ଥା ନ ଥିବାରୁ ଅତି ବିପଜ୍ଜନକ ଭାବେ ଯାନବାହନ ଚଳାଚଳ କରୁଛି। ଛକଟି ସବୁ ସମୟରେ ଜନଗହଳିପୂର୍ଣ୍ଣ ରହୁଥିବା ବେଳେ ନିକଟରେ ସରକାରୀ ବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ ଓ ମୁଖ୍ୟ ଚିକିତ୍ସାଳୟ ରହିଛି। ଫଳରେ ସେଠାକୁ ଆସୁଥିବା ଛାତ୍ରୀଛାତ୍ର, ରୋଗୀ ଆଦି ଲୋକମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅନେକ ସମୟରେ ଭାରି ଯାନବାହନ ଚଳାଚଳ କରୁଥିବାରୁ ଜନସାଧାରଣ କ୍ଷୋଭ ପ୍ରକାଶ କରୁଛନ୍ତି। ସାପ୍ତାହିକ ହାଟ ଦିନ ଗୁମ୍ମା, ନୂଆଗଡ଼ ଓ ପାରଳାଖେମୁଣ୍ଡି ସହରର ଶହ ଶହ ଲୋକ ବ୍ୟବସାୟ କରିବା ସହିତ କିଣାବିକା କରିବାକୁ ଆସିଥାନ୍ତି। କିନ୍ତୁ ଟ୍ରାଫିକ୍ ପୋଷ୍ଟ ସହିତ ପୋଲିସ୍ ବ୍ୟବସ୍ଥା ନଥିବାରୁ ବହୁ ସମସ୍ୟା ସୃଷ୍ଟି ହେଉଛି। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଗତ ଜୁଲାଇ ୨୭ରେ ରାସ୍ତା କଡ଼ରୁ ଉଠା ଦୋକାନୀଙ୍କୁ ନୂତନ ମାର୍କେଟ କମ୍ପ୍ଲେକ୍ସକୁ ସ୍ଥାନାନ୍ତରିତ କରାଯାଇଥିଲେ ମଧ୍ୟ ଟ୍ରାଫିକ ସମସ୍ୟା ସୁଧୁରୁନାହିଁ। ଏଣୁ ଟ୍ରାଫିକ ସମସ୍ୟା ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ନିମନ୍ତେ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

ଆସିକା,୨୦।୮(ଡି.ଏନ.ଏ.)


ଜିଲାପାଳ ଗଣ୍ଡପଲ୍ଲୀ ବସ୍ତି ଉନ୍ନୟନ କାର୍ଯ୍ୟ ତଦାରଖ କରୁଛନ୍ତି।

ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଶନିବାର ଆସିକା ଗସ୍ତରେ ଆସି ସ୍ଥାନୀୟ ବ୍ଲକ, ତହସିଲ ଓ ଏନ୍ଏସି ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଆସିକା ବ୍ଲକରେ ବିଭିନ୍ନ ଯୋଜନାରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ୬ ମାସ ମଧ୍ୟରେ ସମସ୍ତ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବିଭିନ୍ନ ପଞ୍ଚାୟତରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ସରକାରୀ ଯୋଜନା ମୁତାବକ ବିଭିନ୍ନ ଭତ୍ତା ପାଇବାରେ ବଞ୍ଚିତ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କ ଏକ ତାଲିକା ପ୍ରସ୍ତୁତ ପୂର୍ବକ ସେମାନଙ୍କ ଭତ୍ତା ପ୍ରଦାନ ପ୍ରତି ଗୁରୁତ୍ୱ ଦେବା, କଇଁଫୁଲିଆ ପୋଖରୀ ହିଡର ସୌନ୍ଦର୍ଯ୍ୟକରଣ ଲାଗି ଧ୍ୟାନ ଦେବା ଓ ଭେଟନଇ ନିକଟସ୍ଥ କଙ୍କଣଦେବୀ ମନ୍ଦିର ନିକଟରେ ପର୍ଯ୍ୟଟକଙ୍କ ଲାଗି ଏକ ୱାଚ ଟାୱାର ପ୍ରତିଷ୍ଠା ଲାଗି ବିଡିଓ ଫକିର ଚରଣ ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ସେହିଭଳି ଆସିକା ତହସିଲର ଗ୍ରାମକଣ୍ଠ ଓ ବେବନ୍ଦୋବସ୍ତ ପଟ୍ଟା ପାଇବା ପାଇଁ ଥିବା ହିତାଧିକାରୀଙ୍କୁ ୨ମାସ ମଧ୍ୟରେ ପଟ୍ଟା ପ୍ରଦାନ, ସହରାଞ୍ଚଳରେ ଚାଲିଥିବା ସେଟଲମେଣ୍ଟ କାର୍ଯ୍ୟକୁ ତ୍ୱରାନ୍ୱିତ କରି ୨୦୨୩ ସୁଦ୍ଧା ଏହା ଯେପରି ସମ୍ପୂର୍ଣ୍ଣ ହେବ ସେଥିଲାଗି ତତ୍ପର ହେବା ଲାଗି ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ଆସିକା ଏନ୍ଏସିର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଓ ପ୍ରକଳ୍ପ ତଦାରଖ କରିଥିଲେ। ବସଷ୍ଟାଣ୍ଡରେ ଥିବା ଆହାର କେନ୍ଦ୍ର, ବାବନପୁର ନିକଟରେ ଥିବା ବର୍ଯ୍ୟବସ୍ତୁ ପରିଚାଳନା କେନ୍ଦ୍ର, ଆସିକା ଏନ୍ଏସିର ୮ ନମ୍ବର ୱାର୍ଡ ଗଣ୍ଡପଲ୍ଲୀଠାରେ ବସ୍ତି ଉନ୍ନୟନ କାର୍ଯ୍ୟକ୍ରମ ଓ ସହରର ଉଦ୍‌ବୃତ୍ତ ଜଳ ନିଷ୍କାସନ ଲାଗି ରହିଥିବା ଟିପିସର ନାଳ ବୁଲି ଦେଖିଥିଲେ । ଟିପିସର ନାଳ ଉପରେ ଲକ୍ଷ୍ମୀ ବଜାର ଓ ବାଣିବିହାର ନିକଟରେ ଥିବା ସେତୁ ଗୁଡିକର ପୁନଃ ନିର୍ମାଣ ଲାଗି ଯୋଜନା ଅଟକଳ ପ୍ରସ୍ତୁତ କରି ପଠାଇବା ପାଇଁ ଏନ୍ଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଏହି ଗସ୍ତରେ ଏନ୍ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ଏମ୍‌ପି ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁଙ୍କ ସମେତ ବିଡିଓ ପରିଡ଼ା, ତହସିଲଦାର ସାମନ୍ତରାୟ ଓ ନିର୍ବାହୀ ଅଧିକାରୀ ବେଜ ସାମିଲ ଥିଲେ।

# ୩୭ ଗାଁ ଲୋକଙ୍କ ପେଟପାଟଣା ଉଜୁଡ଼ିଲା

**ବୈତରଣୀ ନଦୀରେ ବନ୍ୟା**

- ଖୋଲା ଆକାଶ ତଳେ ବିତୁଛି ଜୀବନ
- ଦଉପୁର, ଜାଙ୍ଗରପୁର, ବିରିପଟା ପଞ୍ଚାୟତବାସୀ ରିଲିଫ୍ ସାମଗ୍ରୀରୁ ବଞ୍ଚିତ

ଯାଜପୁର ଅଫିସ,୨୦।୮

ବୈତରଣୀ ନଦୀର ବନ୍ୟା ଯାଜପୁର ଜିଲା ଦଶରଥପୁର ବ୍ଲକ ୧୩ ପଞ୍ଚାୟତର ୩୭ ଗ୍ରାମର ଲୋକଙ୍କ ପେଟପାଟଣା ଉଜାଡି ଦେଇଛି। ଏଥିରେ ୧୩,୮୬୦ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ଏଠିକାର ଚାଷ ଜମି ଜଳମଗ୍ନ ହୋଇ ରହିଥିବା ସହ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢ଼ିବାରେ ଲାଗିଛି। ଦୁଦୁରାଅଣ୍ଟା, କସପା ପଞ୍ଚାୟତର କେତେକ ପରିବାର ପଲାସାହି ରାସ୍ତାରେ ଖୋଲା ଆକାଶ ତଳେ ଜୀବନ ବିତାଉଥିବାବେଳେ ସେମାନେ ମୁଣ୍ଡ ଗୁଞ୍ଜିବାକୁ ଭଲ ପଲିଥିନ ଖଣ୍ଡେ ପାଇଁ ଚାହିଁ ରହିଛନ୍ତି।

ବୈତରଣୀର ଶାଖା କାଣୀ ନଦୀର ବ୍ରହ୍ମଚାରୀପାଟଣା ଗ୍ରାମ ନିକଟରେ ଗତ ୧୫ ତାରିଖରେ ଘାଇ ସୃଷ୍ଟି ହୋଇଥିଲା। ଏହି ବନ୍ୟା ଦ୍ୱାରା ୩,୭୬୯ ହେକ୍ଟର ଧାନଚାଷ ନଷ୍ଟ ହୋଇଥିବାବେଳେ ୧୫୩ ହେକ୍ଟର ପନିପରିବା ଚାଷ ପ୍ରଭାବିତ ହୋଇଛି। ୧୬ ଚାଳଘର ଓ ୩୪ ଗୁହାଳ ସଂପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ୨୬୮ କଚ୍ଚାଘର ଆଂଶିକ କ୍ଷୟକ୍ଷତି ହୋଇଥିବାର ବ୍ଲକ ପ୍ରଶାସନ ସୂତ୍ରରୁ ଜଣାଯାଇଛି। ସେହିପରି ବନ୍ୟା ପ୍ରଭାବିତ ଘୋଷିତ କସପା, ଦୁଦୁରାଅଣ୍ଟା, ମଲ୍ଲିକାପୁର, ଶୁଗୁଆ, ନିଜାମପୁର, କୟାଁ, କମାରଡିହ, ଖାନନଗର, ଜୟନ୍ତରା ଓ କଟିକଟା ପଞ୍ଚାୟତକୁ ୭୦ କୁଇଣ୍ଟାଲ ଚୂଡ଼ା, ୧୫ କୁଇଣ୍ଟାଲ ଗୁଡ ଓ ୨୧୧ କୁଇଣ୍ଟାଲ ଗୋଖାଦ୍ୟ ପ୍ରଦାନ କରାଯାଇଛି। ଦଉପୁର, ଜାଙ୍ଗରପୁର ଓ ବିରିପଟା ପଞ୍ଚାୟତବାସୀଙ୍କୁ ଏଯାଏ କିଛିବି ରିଲିଫ୍ ସାମଗ୍ରୀ ଦିଆ ନ ଯିବା ଯୋଗୁ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ପାଲଟପୁର ଓ ଥାଲକୁଡି ପଞ୍ଚାୟତର ଅଧିକାଂଶ ଗ୍ରାମ ବନ୍ୟାଜଳ ଦ୍ୱାରା ପ୍ରଭାବିତ ହୋଇଥିବା ସତ୍ତ୍ୱେ ଉକ୍ତ ୨ ପଞ୍ଚାୟତକୁ ରିଲିଫ୍ ତାଲିକାରେ ସାମିଲ କରା ନ ଯିବା ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ଲାଗିଛି। ତେଣୁ ପାଲଟପୁର ଓ ଥାଲକୁଡି ପଞ୍ଚାୟତକୁ ରିଲିଫ ତାଲିକାରେ ସାମିଲ କରିବା ପାଇଁ ପାଲଟପୁର ସରପଞ୍ଚ ଲିପିକା ମଲ୍ଲିକ ଓ ଥାଲକୁଡି ସରପଞ୍ଚ ଗୀତାଞ୍ଜଳି ସେଠୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଅତ୍ୟାବଶ୍ୟକ ଦ୍ରବ୍ୟର ଉତ୍କଟ ଅଭାବ ସାଙ୍ଗକୁ କଳାବଜାର ହେଉଥିବା ସନ୍ଦେହ କରାଯାଉଛି। ପେଟପାଟଣାର ମୁଖ୍ୟ ସମ୍ବଳ ଚାଷ ଜମି ଏବେ ପାଣିରେ ବୁଡି ରହି ବ୍ୟାପକ କ୍ଷତି ଘଟିଛି। କଚ୍ଚା ଘରଗୁଡିକ ଭାଙ୍ଗିରୁଜି ଯାଇଛି। ଲୋକେ ଖୋଲା ଆକାଶ ତଳେ ଥିଲେ ବି ସେମାନଙ୍କ ନିକଟରେ ପଲିଥିନ ପହଞ୍ଚି ନ ଥିବାରୁ ସେମାନଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଛି। ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ପାଖରେ ପ୍ରଶାସନ ତରଫରୁ ସମସ୍ତ ସୁବିଧା ପହଞ୍ଚାଇବାର ଲକ୍ଷ୍ୟ ନେଇ ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସ, ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ପ୍ରମୁଖ ଦଶରଥପୁର ଗସ୍ତରେ ଆସି ରିଲିଫ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏଯାଏ ରିଲିଫ କାର୍ଯ୍ୟ ସ୍ୱାଭାବିକ ହୋଇ ନ ଥିବା ଦେଖିବାକୁ ମିଳିଛି।


ରାସ୍ତା ଉପରେ ବନ୍ୟା ବିପନ୍ନ ଆଶ୍ରୟ ନେଇଛନ୍ତି।

# ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗଣ୍ଡଗୋଳ

## ରୋଗୀ ସମ୍ପର୍କୀୟଙ୍କୁ ମାଡ଼ ମାରିଲେ ସୁରକ୍ଷା କର୍ମୀ

ଚଣ୍ଡିଖୋଲ,୨୦।୮(ଡି.ଏନ.ଏ.)

ଯାଜପୁର ଜିଲାର ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଏକ ଗଣ୍ଡଗୋଳ ଘଟିଛି, ଯାହାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଜଣେ ଯୁବତୀ ମେଡିକାଲକୁ ନିଜର ରୋଗ ସମ୍ପର୍କରେ ଦେଖାଇବାକୁ ଆସିଥିବା ବେଳେ ତାଙ୍କ ଭାଇଙ୍କୁ ମେଡିକାଲର ୩ଜଣ ସୁରକ୍ଷା କର୍ମୀ ତଳେ ପକାଇ ମାଡ଼ ମାରୁଥିବା ଦେଖାଯାଇଛି। ତେବେ ଏ ସମ୍ପର୍କରେ ବଡ଼ଚଣା ଥାନାରେ ଅଭିଯୋଗ ପରେ ଘଟଣାର ଆପୋସ ସମାଧାନ ହୋଇଥିବା ଜଣାଯାଇଛି।

ସୂଚନା ମୁତାବକ, କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ କୋଳିଅଠା ଗ୍ରାମର ଜଣେ ଯୁବତୀଙ୍କୁ ତାଙ୍କ ଭାଇ ସାଥିରେ ଧରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ୍ୟାହ୍ନରେ ଆସିଥିଲେ। ଡାକ୍ତରଙ୍କୁ ଦେଖାଇବାକୁ ଯୁବକ ଧାଡ଼ିରେ ଠିଆ ହୋଇଥିଲାବେଳେ କୌଣସି କାରଣରୁ ସୁରକ୍ଷା କର୍ମୀଙ୍କ ସହିତ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଏହି ପାଟିତୁଣ୍ଡ ସମୟରେ ସୁରକ୍ଷା କର୍ମୀ ଏକତ୍ରିତ ହୋଇ ଯୁବକଙ୍କୁ ମାଡ଼ ମାରିଥିଲେ। ଉପସ୍ଥିତ ଲୋକ ଓ ଡାକ୍ତରଖାନା କର୍ମଚାରୀ ଏଥିରେ ହସ୍ତକ୍ଷେପ କରିବା ପରେ ଗଣ୍ଡଗୋଳ ବନ୍ଦ ହୋଇଥିଲା। ସୁରକ୍ଷାକର୍ମୀ ମେଡିକାଲ ନିକଟସ୍ଥ ଦେଉଳକୁର ଗ୍ରାମର ହୋଇଥିବାରୁ ଦାଦାଗିରି ଦେଖାଉଥିବା ରୋଗୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ରଶ୍ମିରଞ୍ଜନ ପଶାୟତଙ୍କୁ ପଚାରିବାରେ ସେ କୁହନ୍ତି, ଘଟଣା ସତ୍ୟ। ମାତ୍ର ରୋଗୀଙ୍କ ସମ୍ପର୍କୀୟଙ୍କୁ ମାଡ଼ ମାରିବା ଭୁଲ କଥା। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଇଛି। ସେ ଯାହା ପଦକ୍ଷେପ ନେବେ। ଏବେ ଦେଖିବାକୁ ଅପେକ୍ଷା କି ପଦକ୍ଷେପ ଗ୍ରହଣ କରାଯାଉଛି।

# ରାଜୀବ ଗାନ୍ଧୀ ଜୟନ୍ତୀ



ବ୍ୟାସନଗର କଂଗ୍ରେସ କମିଟିର ଜୟନ୍ତୀ ଶୋଭାଯାତ୍ରା।

ଯାଜପୁର ଅଫିସ,୨୦।୮

ଯାଜପୁର ଜିଲାର ବିଭିନ୍ନ କଂଗ୍ରେସ କମିଟି ପକ୍ଷରୁ ଭାରତ ରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୮ତମ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ରାଜୀବଙ୍କ ପ୍ରଧାନମନ୍ତ୍ରୀ କାଳର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଏବଂ ଲୋକହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ଏହାସହ ସମ୍ପ୍ରତି 'ମହଙ୍ଗାଇ ପର ଚର୍ଚ୍ଚା' ଉପରେ ଆଲୋଚନା କରାଯାଇଛି।

**ଯାଜପୁର ସଦର:** ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତଙ୍କ ସଭାପତିତ୍ୱରେ ରାଜୀବ ଗାନ୍ଧୀଙ୍କୁ ଯୁବ ମାନସର ପ୍ରତୀକ ଏବଂ ନବ ଭାରତର ଯୁଗ ସ୍ରଷ୍ଟା ଭାବେ ଅଭିହିତ କରାଯାଇଛି। ସନ୍ତୋଷ ନନ୍ଦ, ନାରାୟଣଚନ୍ଦ୍ର ସାମନ୍ତ, ଦୁର୍ଯ୍ୟୋଧନ ବେହେରା, ରାଜୀବ ମହାପାତ୍ର, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରଦୀପ କୁମାର ବେହୁରିଆ, ଆଲୋକ ବେହେରା, ରଘୁନାଥ ସାହୁ, ଗଦାଧର ଦାସ, ବିଦ୍ୟାଧର ବାରିକ, ନକୁଳଦେବ ସାହୁ, ନୃସିଂହ ସାହୁ, ଅରଜିତ୍ ନାୟକ, ବିଜୟ ମହାପାତ୍ର, ନିକୁଞ୍ଜ ସାମଲ, ଭରତ ଚନ୍ଦ୍ର ବେହେରା, ଅକ୍ଷୟ କୁମାର ଶତପଥୀ, ଗୋବିନ୍ଦ ଚନ୍ଦ୍ର ସାହୁ, ସନ୍ତୋଷ ରାଉତ, ବିଭୂତି ମହାପାତ୍ର, ସଂଗ୍ରାମ ସାହାଣୀ ପ୍ରମୁଖ ମତବ୍ୟକ୍ତ କରିଥିଲେ ।

**ଯାଜପୁର ରୋଡ:** ବ୍ୟାସନଗର କଂଗ୍ରେସ କମିଟି ପକ୍ଷରୁ ବସ୍‌ଷ୍ଟାଣ୍ଡଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସେଠାରୁ ଶୋଭାଯାତ୍ରାରେ ଯାଇ ରେଳଷ୍ଟେଶନ ଓ ଗୋପବନ୍ଧୁ ଛକ ଠାରେ ପଥପ୍ରାନ୍ତ ସଭା କରିଥିଲେ। କେନ୍ଦ୍ର ସରକାରଙ୍କ ଦରଦାମ ବୃଦ୍ଧି ବିରୋଧରେ ଜନଜାଗରଣ କରାଯାଇଥିଲା। ଏଥିରେ ବ୍ୟାସନଗର କଂଗ୍ରେସ ସଭାପତି ଦିଲୀପ କୁମାର ମଲ୍ଲିକ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, କୋରେଇ କଂଗ୍ରେସ ସଭାପତି ଅକ୍ଷୟ ଜେନା, ଯାଜପୁର ଜିଲା ମହିଳା ସଭାନେତ୍ରୀ ରୀତାଶ୍ରୀ ମହାନ୍ତି, ପୂର୍ବତନ ଉପନଗରପାଳ ପ୍ରମୋଦ ପରିଡା, କାଉନସିଲର ଭରତ ଓଝା, ରବୀନ୍ଦ୍ର ରାଉତ, ପୂର୍ବତନ କଉନସିଲର ଅନୁପ ନାୟକ, ଦିଲୀପ ଜେନା, ଅନୁପମା ଜେନା, ସନ୍ତୋଷ ମହାନ୍ତି, କାର୍ତ୍ତିକ ନାୟକ, ରାଇଚରଣ ମହାନ୍ତି, ପୂର୍ବତନ ସରପଞ୍ଚ ସ୍ୱର୍ଣ୍ଣଲତା ବାନାରା, ଅମିତ ଜେନା, ବଳରାମ ମଲ୍ଲିକ, ଛାତ୍ର କଂଗ୍ରେସ ନେତା ସତୀଶ ମଲ୍ଲିକ, ପଦ୍ମନାଭ ନାୟକ, ଜଗବନ୍ଧୁ ନାୟକ ପ୍ରମୁଖ ଯୋଗଦେଇଥିଲେ ।

# ଟ୍ରେନ୍ କୋଇଲା ବଗିରେ ନିଆଁ

**ଧର୍ମଶାଳା,୨୦।୮(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅଧୀନ ହରିଦାସପୁର ରେଳଷ୍ଟେଶନ ନିକଟରେ ଏକ କୋଇଲା ବୋଝେଇ ଟ୍ରେନ୍‌ର ବଗିରେ ଶନିବାର ନିଆଁ ଲାଗିଯାଇଥିଲା। ତାହାକୁ ଚଣ୍ଡିଖୋଲ ଦମକଳବାହିନୀ କର୍ମଚାରୀ ଆୟତ୍ତ କରିଥିଲେ। ହରିଦାସପୁର ରେଳଷ୍ଟେଶନ ମାଷ୍ଟରଙ୍କଠାରୁ ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଟକିଥିବା ଟ୍ରେନର ୱାଗନ ନଂ.ଏସି ୫୩୬୨୯ରେ ନିଆଁ ଲାଗିଥିଲା। ନିଆଁ ଲିଭା ଯିବା ପରେ ଟ୍ରେନ୍‌ଟି ଗନ୍ତବ୍ୟ ସ୍ଥଳକୁ ଯାଇଥିଲା।




# ରାଧାଗୋବିନ୍ଦ ମନ୍ଦିରରେ ନନ୍ଦ ଉତ୍ସବ

ସିଂହପୁର, ୨୦।୮ (ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ରାଧାଗୋବିନ୍ଦ ମନ୍ଦିରରେ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ନନ୍ଦ, ଯଶୋଦା ଓ ଗ୍ରାମବାସୀ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମାଞ୍ଚଳରେ ପୁରାଣ ଓ ପୁରୁଣା ପ୍ରଥା ବନ୍ଦ ହୋଇଯାଉଥିବା ବେଳେ ଏହି କାର୍ଯ୍ୟକ୍ରମକରି ଜନସଚେତନ ସୃଷ୍ଟି କରାଯାଇଥିଲା। କମିଟି ସମ୍ପାଦକ ମଳୟ ଥାଟୋଇ, ସଭାପତି ପ୍ରଦୀପ ଜେନା, ରାମନାରାୟଣ ବଳିଆର ସିଂ, ଅମିୟ ଧଳ, ଅମରେନ୍ଦ୍ର ଜେନା, ଧନେଶ୍ୱର ବେହେରା, ସୁନୀଲ ସାହୁ, ରାମଚନ୍ଦ୍ର ମହାଳିକ, ବିକ୍ରମ ଧଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ନନ୍ଦ ଭୂମିକାରେ ପ୍ରଶାନ୍ତ ସାହୁ, ଯଶୋଦା ହରେକୃଷ୍ଣ ମହାଳିକ ଯୋଗ ଦେଇଥିଲେ।


**TENDER CALL NOTICE**

No. CAD-1553: Odisha Rail Infrastructure Development Limited, invites sealed tenders for supply of Manpower Services for one year at Bhubaneswar. Tender document and details of the work are available in website **https://oridl.in/current-tenders/.** Last date for submission of tender is **14.09.2022 at 03.00 P.M.**

**Sd./- Director (Project & Planning)**
OIPR-14063/11/0002/2223

**OFFICE OF THE MUNICIPAL COUNCIL, BRAJRAJNAGAR** No. C-1019
**E-Procurement Notice**

| | | |
|---|---|---|
| Bid Identification No. | : | BRJNRM-04/2022-23 |
| Total No. of Works | : | 75 Nos. |
| Tender ID | : | 2022_ORULB_80581 |
| Tender Value | : | Rs.3.00 lakhs to 19.95 lakhs |
| Bid Security | : | Rs.3000.00 to Rs.19,950.00 |
| Available Period | : | Dt.22.08.2022, 11.00 A.M. to 03.09.2022, 05.00 P.M. |
| Tender Opening Date | : | 07th September 2022, 11.00 A.M. |

Bidders are requested to participate in advance with their Class-II and Class-III contractor DSC before the closing date. Further details pelase visit: **www.tendersorissa.gov.in.**

**Sd./- Executive Officer**
**Brajrajnagar Municipality**
OIPR-13099/11/0014/2223

**GOVT. OF ODISHA** No. A-453
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
Vansadhara Nagabali Basin, Paralakhemundi
(email Id: se_sicpkd@yahoo.com)
**e-Procurement Notice No. ACEVNB-01/2022-23**

| | | | |
|---|---|---|---|
| 1. | Type of works | : | Flood potection works of river banks |
| 2. | Total number of Packages | : | 4 (Four) Nos. |
| 3. | Estimated Cost | : | Rs.179.11 lakhs to Rs.425.81 lakhs |
| 4. | Bid Identification No. | : | ACEVNB/GID-01/2022-23, ACEVNB/GID-02/2022-23, ACEVNB/GID-03/2022-23, ACEVNB/RID-04/2022-23. |
| 5. | Period of Completion | : | 11 (Eleven) months to 12 (Twelve) months |
| 6. | Availability & submission of bids online | : | From 11.00 A.M. of 22.08.2022 to 5.00 P.M. of 05.09.2022. |
| 7. | Date of Opening of Technical Bids | : | 06.09.2022 at 11.30 A.M. in the O/o. the Additional Chief Engineer, Vansadhara Nagabali Basin, Paralakhemundi. |
| 8. | Procurement Officer | : | Additonal Chief Engineer, Vansadhara nagabali Basin, Paralakhemundi |
| 9. | Further details can be seen from Govt. website **www.tendersodisha.gov.in** and any adendum/corrigendum/cancellation will be published in the said website. | | |

**Sd./- Additional Chief Engineer**
**Vansadhara Nagabali Basin, Paralakhemundi**
OIPR-32417/11/0002/2223

**NOTICE INVITING TENDER**
**OFFICE OF THE MUNICIPAL COUNCIL, NAYAGARH**
**NAYAGARH (ODISHA), PIN - 752069**
No. C-1020 e-Mail: nacnayagarh@yahoo.co.in
**Tender Call Notice No. 3071 Dt.17.08.2022**
**E-Procurement Notice No. MUNLNGR-04/2022**

| | | | |
|---|---|---|---|
| 1 | Name of the Work | : | Civil Works on EPC Contract (Turnkey Basis) |
| 2 | Name of Works | : | Design, Construction, Renovation and furnishing of Sanskruti Bhawan at Nayagarh |
| 3 | Value of Work | : | Rs.1,98,96,000/- |
| 4 | Class of Contractor | : | B & A Class Contractor |
| 5 | Period of Completion | : | 180 Days |
| 6 | Date of Publication | : | Dt.20.08.2022 |
| 7 | Date and Time of availability of document in the portal | : | From Dt.20.08.2022 at 10.00 A.M. to Dt.01.09.2022 upto 5.00 P.M. |
| 8 | Last Date/Time for receipt of bids in portal | : | Dt.01.09.2022 upto 5.00 P.M. |
| 9 | Last date of Submission of Original documents in this office | : | On or before Dt.03.09.2022 upto 5.00 P.M. by Registered Post/Speed Post/ Drop Box available at Municipal Office |
| 10 | Date and Time of opening Technical Bid | : | Dt.05.09.2022 at 11.00 A.M. at Municipality Office, Nayagarh |
| 11 | Date and Time of Opening Financial Bid | : | Intimation will be given later through E-Mail |
| | Name and address of the Officer Inviting Bid | : | Sd./- Executive Officer, Nayagarh Municipality |

Further details can be seen from e-Procurement portal **https://tendersodisha.gov.in.**
OIPR-13134/11/0013/2223

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୨୧୯ **ବିଜ୍ଞାପନ** ତା:୧୦।୦୮।୨୨

No. CAD-1551: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ରଥମ ପର୍ଯ୍ୟାୟ, ଚନ୍ଦ୍ରଶେଖରପୁର ହାଉସିଂ ପ୍ରକଳ୍ପ, ଭୁବନେଶ୍ୱରରେ ଫ୍ଲାଟ ଗୃହ ନଂ. ଏମ୍.ଆଇ.ଜି.–୨–୬୯/୫ (MIG-II-69/5)ଟିକୁ ଶ୍ରୀମତୀ ମାନସୀ ସାମଲ, ସ୍ୱା.: ଅନିରୁଦ୍ଧ ସାମଲ, ସା/ପୋ.: କେନ୍ଦୁପଦା, ଥା: ଯୋରନ୍ଦା, ଜି: ଢେଙ୍କାନାଳଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ମାନସୀ ସାମଲ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ରଞ୍ଜିତାରାଣୀ ଖଣ୍ଡୁଆଳ, ସ୍ୱା.: ସନ୍ତୋଷ କୁମାର ମହାନ୍ତି, ସା/ପୋ.: କୁରୁଣ୍ଟି, ଥା: ରାଜନଗର, ଜି.: କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ୍ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟ୍ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0257/2223

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୨୧୭ **ବିଜ୍ଞାପନ** ତା:୦୮।୦୮।୨୨

No. CAD-1548: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ମୈତ୍ରୀ ବିହାର, ୧ମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏଚ୍.ଆଇ.ଜି. (ଏସ୍)–୧୧୭ [HIG (S) 117]ଟିକୁ ଶ୍ରୀ ଅନୀଲ କୁମାର ଭଟ୍ଟ, ପି.: ମାୟାରାମ ଭଟ୍ଟ, ସା: ବେଲ୍ ରୋଡ, ସୁବାସ ନଗର, ପୋ.: କ୍ଲେମେଣ୍ଟ ଟାଉନ, ଥା/ଜି.: ଡେହେରାଡୁନ୍ (ଉତ୍ତରାଞ୍ଚଳ)ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଅନୀଲ କୁମାର ଭଟ୍ଟ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ହରପ୍ରିୟା ନନ୍ଦ, ସ୍ୱା.: ନବ କିଶୋର ଜେନା, ସା: ଗୋପାଳକୃଷ୍ଣ ଲେନ୍, ଅବକାସ୍ ଲେନ୍, ଷ୍ଟେସନ ରୋଡ, ପୋ.: ପୁରୀ–୨, ଥା: କୁମ୍ଭାରପଡ଼ା, ଜି.: ପୁରୀଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0254/2223

**JAJPUR MUNICIPALITY: JAJPUR**
(Ph:06728-222073 / E-mail: jajpur.m.1869@gmail.com)
No: 2920 / Date: 16.08.2022
**REQUEST FOR PROPOSAL (RFP)**

**No.C-1023:** For Providing Consultancy Services for preparation of DPR including Topographical Survey, Design and Engineering including Technical Validation for Improvement of Drainage System of Jajpur Municipalities in the District of Jajpur, Odisha

Bid Processing Fee (Non-Refundable): Rs.10,000/- (Rupees Ten Thousand Only)

All other terms and conditions may be seen from the Detailed Tender Called Notice documents available in **https://jajpur.nic.in & www.jajpurmunicipality.co.in.**

The authority reserves the right to accept or cancel any or all the DTCN without assigning any reason thereof.

**Sd./- Executive Officer, Jajpur Municipality**
OIPR-13171/11/0009/2223

**DIRECTORATE OF MEDICAL EDUCATION & TRAINING,ODISHA**
NO 9892// BBSR, Date-17.08.2022
**NOTICE**
**ADMISSION NOTICE FOR ANM, GNM, BASIC B.SC, P.B.B.SC., M.SC&P.B.DIPLOMA NURSING COURSES-2022-23**

**No.KK-118:** Online Application are invited from the eligible candidates for admission to ANM, GNM, BASIC B.Sc, P.B.B.Sc, M.Sc & P.B.Diploma Nursing courses in all the ONMRC[Odisha Nurses & Midwives Registration Council] recognised Government and Private Nursing Institutions of the state for the academic session 2022-23. Intending candidates must submit their online application from dt.20.08.2022 to dt. 09.09.2022 by 11:59P.M. by paying Application fee amounting Rs. 300/- (Rupees Three Hundred only) for ANM course, Rs. 500/- (Rupees Five Hundred only) for GNM, BASIC B.Sc Nursing course & Rs.1000/- (Rupees One Thousand only) for P.B.B.Sc, M.Sc & P.B.Diploma Nursing course excluding bank charges (to be borne by the applicants themselves) as applicable through Net Banking/ Card payments/ Other payment modes (UPI). For details go through the prospectus. The prospectus will be available in the website http://dmetodisha.gov.in and http://dohodisha.nic.in from dt. 20.08.2022.

**ADMISSION CALENDAR FOR ANM, GNM, BASIC B.SC, P.B.B.SC, M.SC & P.B.DIPLOMA NURSING COURSES FOR THE ACADEMIC SESSION 2022-23**

| Counseling & Admission Process | P.B. Diploma/M.Sc./ Post Basic B.Sc. Nursing | Basic B.Sc. Nursing/GNM/ANM |
|---|---|---|
| Availability of Prospectus in official website: **www.dmetodisha.gov.in dohodisha.nic.in** | 20.08.2022 | 20.08.2022 |
| Availability of Online Application form & payment of Application fee in official website: **dohodisha.nic.in** | 20.08.2022, 5.00 P.M. | 20.08.2022, 5.00 P.M. |
| Last date of online registration form | 05.09.2022, 11.59 P.M. | 05.09.2022, 11.59 P.M. |
| Last date for submission of online application form & Application fee | 09.09.2022, 11.59 P.M. | 09.09.2022, 11.59 P.M. |

**Sd./- Convener**
**State Nursing Selection Committee**
OIPR-10016/11/0018/2223

**STATE POLLUTION CONTROL BOARD, ODISHA**
PARIBESH BHAWAN, A/118, NILAKANTHANAGAR, UNIT-VIII, NAYAPALLI, BHUBANESWAR - 751012
Website:www.ospcboard.org, EPABX : 0674-2562847
Email: paribesh1@ospcboard.org
No.14814 SPCB/ICZM/506/2019-2020 Date:17.8.22
**E-TENDER CALL NOTICE**

**No.CAD-1554:** Notice Inviting E-Tender for executing Dry Docking Repair Work of 'MV Sagar Utkal' berthed at DST Berth, Paradeep Port, Paradeep.
**Online Bids** through e-Tender portal (https://tendersodisha.gov.in) are invited from eligible bidders for executing Dry Docking Repair Work of 'MV Sagar Utkal' as per the particulars mentioned below:

| Sl. No. | Bid Reference No. | Item Name | Bid Document Cost |
|---|---|---|---|
| 1 | TCN No. Dt. | Executing Dry Docking Repair Work of 'MV Sagar Utkal' berthed at DST Berth, Paradeep Port, Paradeep | Free of Cost |

| Sl. No. | Particulars | Date and Time |
|---|---|---|
| 01 | Date of publishing of tender | 19.08.2022 |
| 02 | Bid document download start date | 19.08.2022 (4.00 PM) |
| 03 | Duration of downloading of bid document | 14 Days |
| 04 | Last date of download of Bid document | 03.09.2022 (12.00 PM) |
| 05 | Opening of Technical Bid Folder | 05.09.2022 (4.00PM) Conference Hall at Central Laboratory Plot No. 59 B 2&3 Chandaka I.E Patia, KIIT, Bhubaneswar-751024 |
| 06 | All other information | All other Information will be updated in https://tendersodisha.gov.in and www.ospcboard.org |

The bid document with all information relating to the bidding process including cost of bid document, EMDs, Prequalification criteria and terms & condition are available in the website: https://tendersodisha.gov.in and www.ospcboard.org.The Authority reserves the right to accept/reject any part thereof or all the bids without assigning any reason thereof.
OIPR-08012/11/0223/2223 **Sd./- Member Secretary**

## ସଂକ୍ଷେପରେ

### କମେଣ୍ଟମରାକୁ କେନ୍ଦ୍ର କରି ସଂଘର୍ଷ, ଦୁଇ ଗିରଫ

ବ୍ରହ୍ମପୁର ଅଫିସ,୨୦।୮: ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ବୋରିଗାଁରେ ଦୁଇ ଯୁବକଙ୍କ ମଧ୍ୟରେ ଗତ ୧୮ ତାରିଖରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ଉଭୟ ଯୁବକ ପବିତ୍ର ସାହୁ (୩୩) ଓ ପ୍ରତାପ ସାହୁ (୩୯) ଗୁରୁତର ହୋଇଥିଲେ। ପୋଲିସ ଗାଁରେ ପହଞ୍ଚି ଆହତ ଯୁବକ ଦ୍ୱୟଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ଉଭୟ ଯୁବକଙ୍କ ମଧ୍ୟରେ କୌଣସି ଏକ କାମକୁ ନେଇ ଅସନ୍ତୋଷ ଲାଗି ରହିଥିଲା। ଏହାକୁ ନେଇ ଗାଁଦାଣ୍ଡରେ ଉଭୟ ଯୁବକଙ୍କ ମଧ୍ୟରେ କମେଣ୍ଟ ମରାକୁ କେନ୍ଦ୍ର କରି ଏଭଳି ଆକ୍ରମଣ ଓ ପ୍ରତିଆକ୍ରମଣ ହୋଇଥିଲା ବୋଲି ପୋଲିସ କହିଛି। ପରେ ଏନେଇ ଉଭୟ ଯୁବକଙ୍କ ପକ୍ଷରୁ ପୃଥକ ଭାବେ ଥାନାରେ ଅଭିଯୋଗ ହୋଇଥିଲା। ଶନିବାର ପୋଲିସ ପବିତ୍ରଙ୍କ ଅଭିଯୋଗ ଅନୁସାରେ ମାମଲା ନମ୍ବର ୩୬୫/୨୨ ରେ ପ୍ରତାପଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ପ୍ରତାପଙ୍କ ଅଭିଯୋଗ ଅନୁଯାୟୀ ମାମଲା ନମ୍ବର ୩୬୬/୨୨ ରେ ପ୍ରଦୀପଙ୍କୁ ଗିରଫ କରି ଶନିବାର ତାଙ୍କୁ ମଧ୍ୟ କୋର୍ଟ ଚାଲାଣ କରାଯାଇଛି। ପୋଲିସ ଘଟଣା ବେଳେ ବ୍ୟବହୃତ ଠେଙ୍ଗା ଅଭିଯୁକ୍ତମାନଙ୍କଠାରୁ ଜବତ କରିଛି।

### ପୂର୍ବତନ ମେୟର ପିଣ୍ଟୁ କୋର୍ଟରେ ହାଜର, ଅଭିଯୁକ୍ତଙ୍କ ବୟାନ ରେକର୍ଡ
#### ୬ରେ ପରବର୍ତ୍ତୀ ଶୁଣାଣି

ବ୍ରହ୍ମପୁର ଅଫିସ,୨୦।୮: ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁ ଶନିବାର ଏଡିଜେ-୨ ଡ. ଇନ୍ଦୁ ଶର୍ମାଙ୍କ କୋର୍ଟରେ ହାଜର ହୋଇଥିଲେ। ଗୋଲନ୍ଥରା ଥାନାରେ ପିଣ୍ଟୁ ଓ ତାଙ୍କ ସହଯୋଗୀଙ୍କ ନାମରେ ଜଣେ ଦଳିତ ବର୍ଗର ଲୋକଙ୍କ ଜମିକୁ ବନ୍ଧୁକ ମୁନରେ ହଡପ କରାଯାଇଥିବା ନେଇ ରୁଜୁ ହୋଇଥିବା ମାମଲାର ଅଭିଯୁକ୍ତମାନଙ୍କ ବୟାନ ରେକର୍ଡ କରାଯାଇଛି। ଶନିବାର ପିଣ୍ଟୁଙ୍କ ସମେତ ୯ଜଣ ଅଭିଯୁକ୍ତ କୋର୍ଟରେ ହାଜର ହୋଇ ଉକ୍ତ ମାମଲାରେ ସେମାନଙ୍କର ସମ୍ପୃକ୍ତି ଥିଲା କି ନାହିଁ ସେ ସମ୍ପର୍କରେ ପୃଥକ୍ ଭାବେ ସେମାନେ ବୟାନ ଦେଇଥିଲେ। ପୂର୍ବରୁ ଏହି ମାମଲାରେ ଥିବା ସମସ୍ତ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇସାରିଛି। ଏଣୁ ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୬ତାରିଖ ପାଇଁ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଛି ବୋଲି ମୁଦାଲାଙ୍କ ପକ୍ଷରୁ ମକଦମା ପରିଚାଳନା କରୁଥିବା ଆଇନଜୀବୀ ଶିବ ନାରାୟଣ ସାହୁ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ୨୦୧୭ରେ କନିଷି ଅଞ୍ଚଳରେ ରହୁଥିବା ଜଣେ ଦଳିତ ବର୍ଗର ଲୋକଙ୍କ ଜମିକୁ ପିଣ୍ଟୁ ଓ ତାଙ୍କର ଅନ୍ୟ ସହଯୋଗୀମାନେ ହଡପ କରିଥିଲେ। ଏନେଇ ଥାନାରେ ପିଣ୍ଟୁ ଓ ତାଙ୍କର ସହଯୋଗୀମାନଙ୍କ ନାମରେ ୧୮୨/୧୭ ରେ ଏକ ମାମଲା ରୁଜୁ ହୋଇଥିଲା। ଏଡିଜେ କୋର୍ଟରେ ଏହି ମାମଲାରେ ଶନିବାର ଅଭିଯୁକ୍ତମାନଙ୍କ ବୟାନ ରେକର୍ଡ ହୋଇଛି। ପ୍ରକାଶଯେ, ପୂର୍ବରୁ ପିଣ୍ଟୁ ବିଭିନ୍ନ ମାମଲାରେ ଛନ୍ଦିହୋଇ ବ୍ରହ୍ମପୁର ମଣ୍ଡଳକାରାଗାରରେ ସାଢ଼େ ୪ବର୍ଷ ଧରି ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ। ଗତ ୧୩ ତାରିଖରେ ସେ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇ ଜେଲରୁ ମୁକୁଳି ଥିଲେ।

### ସରକାରୀ କର୍ମଚାରୀଙ୍କ ସଦ୍‌ଭାବନା ଶପଥ

ପାରଳାଖେମୁଣ୍ଡି,୨୦।୮ (ଡି.ଏନ୍.ଏ.)- ପାରଳାଖେମୁଣ୍ଡିସ୍ଥ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଶନିବାର ସମସ୍ତ କର୍ମଚାରୀ ସଦଭାବନା ଶପଥ ଗ୍ରହଣ କରିଛନ୍ତି। ଏହି ଶପଥ ଅନୁଯାୟୀ ସରକାରୀ କର୍ମଚାରୀମାନେ ପ୍ରତିଜ୍ଞା କରିଛନ୍ତି ଯେ କୌଣସି ଜାତି, ଧର୍ମ, ବର୍ଣ୍ଣକୁ ଗୁରୁତ୍ୱ ନ ଦେଇ ସମସ୍ତଙ୍କ ସହ ଉଚିତ ଭାବନା ରଖି କାର୍ଯ୍ୟ କରିବୁ ଏବଂ ଅହିଂସାକୁ ପରମ ଧର୍ମ ଭାବେ ଗ୍ରହଣ କରିବୁ। ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପାଳିତ ଅଜାଦୀ କା ଅମୃତ ମୋହତ୍ସବର ଏହା ଏକ ଅଂଶ ବିଶେଷ ଥିଲା।

# ପ୍ରସ୍ତାବିତ ୨ ରେଳପଥ ନିର୍ମାଣ ଦାବି

- ଶୀତଳାପଲ୍ଲୀରେ କରାଯାଉ ରେଳ ୱାଗନ ଫ୍ୟାକ୍ଟ୍ରି
- ରାଜ୍ୟ ସରକାର, ସାଂସଦମାନେ ଚାପ ପକାଇବାକୁ ଗୁରୁତ୍ୱ

ବ୍ରହ୍ମପୁର ଅଫିସ,୨୦।୮

ବ୍ରହ୍ମପୁର ମହାନଗର ଉପକଣ୍ଠ ତଥା ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶୀତଳାପଲ୍ଲୀରେ ପଡ଼ିଆ ପଡ଼ିଛି ଶତାଧିକ ଏକର ସରକାରୀ ଜମି। ସେଠାରେ ରେଳ ୱାଗନ କାରଖାନା କରାଯିବାର ପ୍ରସ୍ତାବ ରଖାଯାଇଥିଲା। ଭାଜପା ନେତୃତ୍ୱାଧିନ କେନ୍ଦ୍ର ଏନଡିଏ ସରକାରଙ୍କ ପ୍ରଥମ ପାଳି ଶାସନରେ ସେହି ଯୋଜନାକୁ ବାତିଲ କରିଦିଆଗଲା। ଅପରପକ୍ଷରେ ଗଞ୍ଜାମ ଜିଲା ପ୍ରତି ରେଳ ମନ୍ତ୍ରଣାଳୟର ଅବହେଳା ଅବ୍ୟାହତ ରହିଛି। କେବଳ ୱାଗନ ଫ୍ୟାକ୍ଟ୍ରି ନୁହେଁ ଗୋପାଳପୁର ରାୟଗଡ଼ା ଏବଂ ରେଢ଼ାଖୋଲ ଓ ଗୋପାଳପୁର ନୂଆ ରେଳପଥ ମଧ୍ୟ ସର୍ଭେରେ ଅଟକି ଯାଇଛି।

ତଥ୍ୟାନୁସାରେ କଂଗ୍ରେସ ନେତୃତ୍ୱାଧିନ ଦ୍ୱିତୀୟ ଉପା ସରକାରରେ ମମତା ବାନାର୍ଜୀ ରେଳ ମନ୍ତ୍ରୀ ଥିଲେ। ସେ ଓଡ଼ିଶା ପାଇଁ ରେଳ ୱାଗନ କାରଖାନା ମଞ୍ଜୁର କରିଥିଲେ। ତାହା ପୁଣି କଳାହାଣ୍ଡି ଜିଲାରେ ସ୍ଥାପନ ହେବା ଦର୍ଶାଇଥିଲେ। ତେବେ ସେଠାରେ ଆବଶ୍ୟକ ସରକାରୀ ଜମି ନଥିବାରୁ ସମସ୍ୟା ଉପୁଜିଥିଲା। ଏହା ସୁଯୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେହି ପ୍ରକଳ୍ପ ଗଞ୍ଜାମ ଜିଲାରେ ପ୍ରତିଷ୍ଠା ଲାଗି ପ୍ରୟାସ କରି ସଫଳ ହୋଇଥିଲେ। କାରଖାନା ଲାଗି ଶୀତଳାପଲ୍ଲୀରେ ଥିବା ଶତାଧିକ ଏକର ଜମି ରେଲୱେକୁ ହସ୍ତାନ୍ତର କରାଯାଇଥିଲା। ମୋଦୀଙ୍କ ଶାସନର ପ୍ରଥମ ପାଳିରେ ରେଳ ବଜେଟରେ ୱାଗନ ଫ୍ୟାକ୍ଟ୍ରି ପାଇଁ ୨ କୋଟି ବରାଦ କରାଯାଇଥିଲା। ପରବର୍ତ୍ତି ବଜେଟରେ ମାତ୍ର ହଜାରେ ଟଙ୍କା ଟୋକେନ୍ ବରାଦ କରାଗଲା। କାରଖାନା ପାଇଁ ରେଳ ମନ୍ତ୍ରଣାଳୟର ବୈଷୟିକ ପଦାଧିକାରୀମାନେ ଘନ ଘନ ଶୀତଳାପଲ୍ଲୀ ଆସି ସ୍ଥିତି ଅନୁଧ୍ୟାନ କଲେ। ଜଗନ୍ନାଥପୁର ଏବଂ ନରସିଂହପୁର ରେଳ ଷ୍ଟେସନ ମଧ୍ୟ ଭାଗରେ ଫ୍ୟାକ୍ଟ୍ରି ପ୍ରତିଷ୍ଠା ଲାଗି ଚିହ୍ନଟ କରିଥିଲେ। ପରବର୍ତ୍ତି ପର୍ଯ୍ୟାୟରେ ଦେଶରେ ବହୁ ପରିମାଣର ୱାଗନ ମହଜୁଦ ଥିବା ଦର୍ଶାଇ ପ୍ରସ୍ତାବିତ କାରଖାନା ଏନଡିଏ ସରକାର ବାତିଲ କରିଦେଲେ। ଦିଆଯାଇଥିବା ଜମି ମଧ୍ୟ ଜିଲା ପ୍ରଶାସନକୁ ଫେରସ୍ତ କରିଦିଆଗଲା। ତେଣୁ ୱାଗନ କାରଖାନା ସ୍ୱପ୍ନ ମଉଳିଗଲା।

ଅପରପକ୍ଷରେ ଓଡ଼ିଶାରୁ ବିଜେଡି ସମର୍ଥନରେ ରାଜ୍ୟସଭାକୁ ନିର୍ବାଚିତ ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ହେବାରୁ ପୁଣି ୱାଗନ କାରଖାନା ପ୍ରସଙ୍ଗ ଉଠିଲା। ୨୦୨୧ ସେପ୍ଟେମ୍ବର ୨୨ରେ ପୂର୍ବତଟ ରେଲୱେ ମହାପ୍ରବନ୍ଧକ ବ୍ରହ୍ମପୁର ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ଶୀତଳାପଲ୍ଲୀ ପରିଦର୍ଶନରେ ଗଲେ। ସେଠାରେ ପୁଣି ୱାଗନ ଫ୍ୟାକ୍ଟ୍ରି ନଚେତ ରେଳରେ ବ୍ୟବହୃତ ବିଭିନ୍ନ ଯନ୍ତ୍ରପାତି ଉତ୍ପାଦ କାରଖାନା ପିପିପି ମୋଡ଼ରେ କରାଯିବାର ମତ ଦେଇଥିଲେ। ଜମି ପୁଣି ଫେରସ୍ତ ଆଣିବାରେ ଦର୍ଶାଇଥିଲେ। ଏହାର ମଧ୍ୟ ବର୍ଷେ ପୂରିଛି। ଏଯାବତ୍ କୌଣସି ପଦକ୍ଷେପ ନିଆଯାଇନଥିବାରୁ ସନ୍ଦେହ ଘେରକୁ ଆସିଛି। ସୂଚନାଯୋଗ୍ୟ ୱାଗନ କାରଖାନା ହେଲେ ଜିଲାର ଶହ ଶହ ଲୋକଙ୍କ ପାଇଁ ନିଯୁକ୍ତିର ବାଟ ଫିଟିବ ଏବଂ ଆର୍ଥିକ ଉନ୍ନତି ଘଟିବ। ତେଣୁ କାରଖାନା ତୁରନ୍ତ ପ୍ରତିଷ୍ଠା ଲାଗି ବିଭିନ୍ନ ମହଲରୁ ଦାବି ହୋଇଛି।

ସେହିପରି ଗୋପାଳପୁରରୁ ରାୟଗଡ଼ା ନୂଆ ରେଳପଥ ନିର୍ମାଣ ପାଇଁ ୨୦୦୯ରୁ ସର୍ଭେ ଶେଷ ହୋଇଛି। ଏହାର ୧୨ ବର୍ଷ ବିତିବାକୁ ଯାଉଥିବା ବେଳେ ପୂର୍ବ ଉପା ସରକାର ଓ ବର୍ତ୍ତମାନର ଏନଡିଏ ସରକାର ଅମଳରେ ରେଳ ବଜେଟରେ ବ୍ୟୟବରାଦ ହେଉନାହିଁ। ଅନ୍ୟପକ୍ଷରେ ପଶ୍ଚିମ ଓଡ଼ିଶାର ସମ୍ବଲପୁର ଓ ଦକ୍ଷିଣ ଓଡ଼ିଶାର ଗୋପାଳପୁର ମଧ୍ୟରେ ରେଳପଥ ନିର୍ମାଣ ପାଇଁ ଡ୍ରୋନ ସର୍ଭେ କରାଯାଇଛି। ତାହା ମଧ୍ୟ ପ୍ରସ୍ତାବରେ ରହିଯାଇଛି। ୨୦୨୧ ସେପ୍ଟେମ୍ବର ୧୫ରେ ଜିଲା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଭଞ୍ଜନଗରରେ ହୋଇଥିଲା। ରାଜନୈତିକ ଚିଠା ପ୍ରସ୍ତାବରେ ୱାଗନ କାରଖାନା ସମେତ ଦୁଇ ନୂଆ ରେଳପଥ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଥିଲା। ତାହାର ମଧ୍ୟ ବର୍ଷେ ପୂରିବାକୁ ଯାଉଛି ଏବଂ ବିଜେଡି ମଧ୍ୟ ପ୍ରସ୍ତାବ ଗୃହୀତ କରାଇ ଚୁପ୍ ରହିଛି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ଏବଂ ନିର୍ବାଚିତ ସାଂସଦମାନେ ଲୋକସଭାରେ ପ୍ରସଙ୍ଗ ଉଠାଇବାକୁ ସଚେତନ ମହଲରୁ ମତ ପ୍ରକାଶ ପାଇଛି।

# ଜିଆର୍‌ଏସ୍‌ଙ୍କ ପତ୍ତା ମିଳୁନି
## ଏସ୍‌ପିଙ୍କୁ ଭେଟିଲେ ପରିବାରବର୍ଗ


ଏସ୍‌ପିଙ୍କୁ ଭେଟିବାକୁ ଯାଇଥିବା ପରିବାରବର୍ଗ।

ଛତ୍ରପୁର, ୨୦।୮ (ଡି.ଏନ୍.ଏ.)

ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକର ସୁନାଥର ଓ ଷୋଳଘର ପଞ୍ଚାୟତରେ ଜିଆରଏସ ଭାବେ କାର୍ଯ୍ୟରତ ସ୍ୱାଗତ ପଣ୍ଡାଙ୍କ ନିଖୋଜ ଘଟଣାକୁ ୧୩ ଦିନ ବିତିଯାଇଥିଲେ ସୁଦ୍ଧା କୌଣସି ପତ୍ତା ମିଳିପାରିନାହିଁ। ଏନେଇ ପୂର୍ବରୁ ତାଙ୍କ ସ୍ତ୍ରୀ ଲିଜାରାଣୀ ପଣ୍ଡା ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ କରିଥିଲେ। ଶନିବାର ଜିଆରଏସଙ୍କ ପତ୍ନୀ ଲିଜାରାଣୀ, ବାପା ନବକୃଷ୍ଣ, ଭାଇ ଅଜିତ ଏସପିଙ୍କୁ ଭେଟିଛନ୍ତି। ଅନ୍ୟପଟେ ପୋଲିସ ପକ୍ଷରୁ ଖୋଜାଖୋଜି ଚାଲିଛି। ପୁରୁଷୋତ୍ତମପୁର ଏସଡିପିଓ ଏହାର ନେତୃତ୍ୱ ନେଉଛନ୍ତି ଏବଂ ଅତିରିକ୍ତ ଏସପି ମଧ୍ୟ ଏହାର ତଦାରଖ କରୁଛନ୍ତି, ସିସିଟିଭି ଫୁଟେଜ ସମେତ ବିଭିନ୍ନ ତଥ୍ୟକୁ ନେଇ ପୋଲିସ ତା'ର କାମ ଚଳାଇଛି ବୋଲି ଏସ୍‌ପି କହିଛନ୍ତି। ଅନୁସନ୍ଧାନ ମିଳିଲେ ପରିବାରଙ୍କୁ ଜଣାଯିବ ବୋଲି ଏସପି ପରିବାର ବର୍ଗଙ୍କୁ ଆଶ୍ୱାସନା ଦେଇଛନ୍ତି। ଚଳିତ ମାସ ୮ ତାରିଖରୁ ଜିଆରଏସ ପଣ୍ଡା ନିଖୋଜ ହୋଇଯାଇଛନ୍ତି।

# ଡ୍ରାଇଭର, ସହଯୋଗୀ ଗିରଫ: ୩ ଲକ୍ଷ ୪ ହଜାର ଟଙ୍କା ଜବତ


ଗିରଫ ଅଭିଯୁକ୍ତ ସହ ଜବତ ଟଙ୍କା

ଖଲ୍ଲିକୋଟ,୨୦।୮ (ଡି.ଏନ୍.ଏ.)

ଆନ୍ଧ୍ରପ୍ରଦେଶରୁ କୋଲକାତା ଅଭିମୁଖେ ଯାଉଥିବା ଏକ ମାଛ ବୋଝେଇ ଟ୍ରକରୁ ମାଛ ଚୋରି କରି ରାସ୍ତାରେ ବିକ୍ରି କରିଦେବା ପରେ ଖଲ୍ଲିକୋଟ ବଡ଼ଘାଟିରେ ଦୁର୍ଘଟଣାର ରୂପ ଦେବା ପାଇଁ ଟ୍ରକରେ ଗ୍ୟାସ ସିଲିଣ୍ଡର ରଖି ନିଆଁ ଲଗାଇ ଦେଇଥିଲେ ଡ୍ରାଇଭର। ଏହି ଘଟଣାର ତଦନ୍ତ କରି ଗତ ୩୦ ତାରିଖରେ ପୋଲିସ ଟ୍ରକର ଖଲାସୀ ଏସ. ନାଗରାଜୁ ଓ ଡ୍ରାଇଭରର ସାଙ୍ଗ କେ. ସୁନୀଲଙ୍କୁ ଗିରଫ କରିଥିବା ବେଳେ ଡ୍ରାଇଭର ଭି. ଶିବରାମ ପ୍ରସାଦ ଫେରାର ହୋଇଯାଇଥିଲା।

ଏସଆଇ ଦେବାଶିଷ ମିଶ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ଶନିବାର ଡ୍ରାଇଭର ଭି. ଶିବରାମ ପ୍ରସାଦ ଓ ସହଯୋଗୀ ଏନ. ସୀମାଞ୍ଚଳମକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ସେମାନଙ୍କ ନିକଟରୁ ୩ ଲକ୍ଷ ୪ ହଜାର ୩ ଶହ ଟଙ୍କା ଜବତ କରି ଟ୍ରକ ମାଲିକ ସୁରେଶ ବର୍ମାଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ ସୂଚନା ଦେଇଛନ୍ତି।

### ବଡ଼ ଘାଟିରେ ମାଛ ଟ୍ରକ୍ ଜଳିଯିବା ଘଟଣା

ସୂଚନା ପ୍ରକାରେ, ଖଲ୍ଲିକୋଟ ବଡ଼ ଘାଟିରେ ଗତ ଜୁନ ୨୨ରେ ଏକ ମାଛ ଟ୍ରକ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏହି ଟ୍ରକରେ ୧୦ ଟନ ମାଛ ଲୋଡ଼ ହୋଇଥିବା ବେଳେ ଜଳନ୍ତା ଟ୍ରକରୁ କମ ପୋଡା ମାଛ ମିଳିବା ନେଇ ଟ୍ରକ ମାଲିକଙ୍କୁ ସନ୍ଦେହ ହୋଇଥିଲା। ପୋଲିସ ମାମଲା ରୁଜୁ କରି ଅନୁସନ୍ଧାନ ଆରମ୍ଭ କରିଥିଲା। ଡ୍ରାଇଭର ଭି. ଶିବରାମ ପ୍ରସାଦ ୧୩ଲକ୍ଷ ଟଙ୍କାର ମାଛ ନେଇ କୋଲକାତା ଅଭିମୁଖେ ବାହାରିଥିଲେ। ଭୋଗପୁରମରେ ପି. କାନକା ରାଜୁ ନାମକ ଜଣେ ବ୍ୟବସାୟୀଙ୍କୁ ୭ ଲକ୍ଷ ଟଙ୍କାରେ ମାଛ ବିକ୍ରି କରିଦେଇଥିଲେ। ଏହାକୁ ଲୁଚାଇବା ପାଇଁ ଦୁର୍ଘଟଣାର ରୂପ ଦେବାକୁ ଡ୍ରାଇଭର ଟ୍ରକରେ ନିଆଁ ଲଗାଇଦେଇଥିଲେ। ତାଙ୍କୁ ସହଯୋଗ କରିଥିଲେ ଖଲାସୀ ଏସ. ନାଗରାଜୁ ଓ ଡ୍ରାଇଭରର ସାଙ୍ଗ କେ. ସୁନୀଲ।


## TENDER CALL NOTICE

No. CAD-1553: Odisha Rail Infrastructure Development Limited, invites sealed tenders for supply of Manpower Services for one year at Bhubaneswar. Tender document and details of the work are available in website **https://oridl.in/current-tenders/**. Last date for submission of tender is **14.09.2022 at 03.00 P.M.**

**Sd./- Director (Project & Planning)**
OIPR-14063/11/0002/2223

## OFFICE OF THE MUNICIPAL COUNCIL, BRAJRAJNAGAR
No. C-1019
### E-Procurement Notice

| | | |
|---|---|---|
| Bid Identification No. | : | BRJNRM-04/2022-23 |
| Total No. of Works | : | 75 Nos. |
| Tender ID | : | 2022_ORULB_80581 |
| Tender Value | : | Rs.3.00 lakhs to 19.95 lakhs |
| Bid Security | : | Rs.3000.00 to Rs.19,950.00 |
| Available Period | : | Dt.22.08.2022, 11.00 A.M. to 03.09.2022, 05.00 P.M. |
| Tender Opening Date | : | 07th September 2022, 11.00 A.M. |

Bidders are requested to participate in advance with their Class-II and Class-III contractor DSC before the closing date. Further details pelase visit: **www.tendersorissa.gov.in.**

**Sd./- Executive Officer**
**Brajrajnagar Municipality**
OIPR-13099/11/0014/2223

## GOVT. OF ODISHA
No. A-453
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER
Vansadhara Nagabali Basin, Paralakhemundi
(email Id: se_sicpkd@yahoo.com)
### e-Procurement Notice No. ACEVNB-01/2022-23

| | | | |
|---|---|---|---|
| 1. | Type of works | : | Flood potection works of river banks |
| 2. | Total number of Packages | : | 4 (Four) Nos. |
| 3. | Estimated Cost | : | Rs.179.11 lakhs to Rs.425.81 lakhs |
| 4. | Bid Identification No. | : | ACEVNB/GID-01/2022-23, ACEVNB/GID-02/2022-23, ACEVNB/GID-03/2022-23, ACEVNB/RID-04/2022-23. |
| 5. | Period of Completion | : | 11 (Eleven) months to 12 (Twelve) months |
| 6. | Availability & submission of bids online | : | From 11.00 A.M. of 22.08.2022 to 5.00 P.M. of 05.09.2022. |
| 7. | Date of Opening of Technical Bids | : | 06.09.2022 at 11.30 A.M. in the O/o. the Additional Chief Engineer, Vansadhara Nagabali Basin, Paralakhemundi. |
| 8. | Procurement Officer | : | Additonal Chief Engineer, Vansadhara nagabali Basin, Paralakhemundi |
| 9. | Further details can be seen from Govt. website **www.tendersodisha.gov.in** and any adendum/corrigendum/cancellation will be published in the said website. | | |

**Sd./- Additional Chief Engineer**
**Vansadhara Nagabali Basin, Paralakhemundi**
OIPR-32417/11/0002/2223

## NOTICE INVITING TENDER
## OFFICE OF THE MUNICIPAL COUNCIL, NAYAGARH
NAYAGARH (ODISHA), PIN - 752069
No. C-1020 e-Mail: nacnayagarh@yahoo.co.in
### Tender Call Notice No. 3071 Dt.17.08.2022
### E-Procurement Notice No. MUNLNGR-04/2022

| | | | |
|---|---|---|---|
| 1 | Name of the Work | : | Civil Works on EPC Contract (Turnkey Basis) |
| 2 | Name of Works | : | Design, Construction, Renovation and furnishing of Sanskruti Bhawan at Nayagarh |
| 3 | Value of Work | : | Rs.1,98,96,000/- |
| 4 | Class of Contractor | : | B & A Class Contractor |
| 5 | Period of Completion | : | 180 Days |
| 6 | Date of Publication | : | Dt.20.08.2022 |
| 7 | Date and Time of availability of document in the portal | : | From Dt.20.08.2022 at 10.00 A.M. to Dt.01.09.2022 upto 5.00 P.M. |
| 8 | Last Date/Time for receipt of bids in portal | : | Dt.01.09.2022 upto 5.00 P.M. |
| 9 | Last date of Submission of Original documents in this office | : | On or before Dt.03.09.2022 upto 5.00 P.M. by Registered Post/Speed Post/ Drop Box available at Municipal Office |
| 10 | Date and Time of opening Technical Bid | : | Dt.05.09.2022 at 11.00 A.M. at Municipality Office, Nayagarh |
| 11 | Date and Time of Opening Financial Bid | : | Intimation will be given later through E-Mail |
| | Name and address of the Officer Inviting Bid | : | Sd./- Executive Officer, Nayagarh Municipality |

Further details can be seen from e-Procurement portal **https://tendersodisha.gov.in**.
OIPR-13134/11/0013/2223

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୨୧୯ ତା:୧୦।୦୮।୨୨
### ବିଜ୍ଞାପନ

No. CAD-1551: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ରଥମ ପର୍ଯ୍ୟାୟ, ଚନ୍ଦ୍ରଶେଖରପୁର ହାଉସିଂ ପ୍ରକଳ୍ପ, ଭୁବନେଶ୍ୱରରେ ଫ୍ଲାଟ ଗୃହ ନଂ. ଏମ୍.ଆଇ.ଜି.–୨–୬୯/୫ (MIG-II-69/5)ଟିକୁ ଶ୍ରୀମତୀ ମାନସୀ ସାମଲ, ସ୍ୱା.: ଅନିରୁଦ୍ଧ ସାମଲ, ସା/ପୋ.: କେନ୍ଦୁପଦା, ଥା: ଯୋରନ୍ଦା, ଜି: ଢେଙ୍କାନାଳଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ମାନସୀ ସାମଲ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ରଞ୍ଜିତାରାଣୀ ଖଣ୍ଡୁଆଳ, ସ୍ୱା.: ସନ୍ତୋଷ କୁମାର ମହାନ୍ତି, ସା/ପୋ.: କୁରୁଣ୍ଟି, ଥା: ରାଜନଗର, ଜି.: କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ୍ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟ୍ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0257/2223

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୨୧୭ ତା:୦୮।୦୮।୨୨
### ବିଜ୍ଞାପନ

No. CAD-1548: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ମୈତ୍ରୀ ବିହାର, ୧ମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏଚ୍.ଆଇ.ଜି. (ଏସ୍)–୧୧୭ [HIG (S) 117]ଟିକୁ ଶ୍ରୀ ଅନୀଲ କୁମାର ଭଟ୍ଟ, ପି.: ମାୟାରାମ ଭଟ୍ଟ, ସା: ବେଲ୍ ରୋଡ, ସୁବାସ ନଗର, ପୋ.: କ୍ଲେମେଣ୍ଟ ଟାଉନ, ଥା/ଜି.: ଡେହେରାଡୁନ୍ (ଉତ୍ତରାଞ୍ଚଳ)ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଅନୀଲ କୁମାର ଭଟ୍ଟ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ହରପ୍ରିୟା ନନ୍ଦ, ସ୍ୱା.: ନବ କିଶୋର ଜେନା, ସା: ଗୋପାଳକୃଷ୍ଣ ଲେନ୍, ଅବକାସ୍ ଲେନ୍, ଷ୍ଟେସନ ରୋଡ, ପୋ.: ପୁରୀ–୨, ଥା: କୁମ୍ଭାରପଡ଼ା, ଜି.: ପୁରୀଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0254/2223

## JAJPUR MUNICIPALITY: JAJPUR
(Ph:06728-222073 / E-mail: jajpur.m.1869@gmail.com)
No: 2920 / Date: 16.08.2022
### REQUEST FOR PROPOSAL (RFP)

**No.C-1023:**For Providing Consultancy Services for preparation of DPR including Topographical Survey, Design and Engineering including Technical Validation for Improvement of Drainage System of Jajpur Municipalities in the District of Jajpur, Odisha
Bid Processing Fee (Non-Refundable): Rs.10,000/- (Rupees Ten Thousand Only)

All other terms and conditions may be seen from the Detailed Tender Called Notice documents available in **https://jajpur.nic.in & www.jajpurmunicipality.co.in.**

The authority reserves the right to accept or cancel any or all the DTCN without assigning any reason thereof.

**Sd./- Executive Officer, Jajpur Municipality**
OIPR-13171/11/0009/2223

## DIRECTORATE OF MEDICAL EDUCATION & TRAINING,ODISHA
NO 9892// BBSR, Date-17.08.2022
### NOTICE
### ADMISSION NOTICE FOR ANM, GNM, BASIC B.SC, P.B.B.SC., M.SC&P.B.DIPLOMA NURSING COURSES-2022-23

**No.KK-118:**Online Application are invited from the eligible candidates for admission to ANM, GNM, BASIC B.Sc, P.B.B.Sc, M.Sc & P.B.Diploma Nursing courses in all the ONMRC[Odisha Nurses & Midwives Registration Council] recognised Government and Private Nursing Institutions of the state for the academic session 2022-23. Intending candidates must submit their online application from dt.20.08.2022 to dt. 09.09.2022 by 11:59P.M. by paying Application fee amounting Rs. 300/- (Rupees Three Hundred only) for ANM course, Rs. 500/- (Rupees Five Hundred only) for GNM, BASIC B.Sc Nursing course & Rs.1000/- (Rupees One Thousand only) for P.B.B.Sc, M.Sc & P.B.Diploma Nursing course excluding bank charges (to be borne by the applicants themselves) as applicable through Net Banking/ Card payments/ Other payment modes (UPI). For details go through the prospectus. The prospectus will be available in the website http://dmetodisha.gov.in and http://dohodisha.nic.in from dt. 20.08.2022.

ADMISSION CALENDAR FOR ANM, GNM, BASIC B.SC, P.B.B.SC, M.SC & P.B.DIPLOMA NURSING COURSES FOR THE ACADEMIC SESSION 2022-23

| Counseling & Admission Process | P.B. Diploma/M.Sc./ Post Basic B.Sc. Nursing | Basic B.Sc. Nursing/GNM/ANM |
|---|---|---|
| Availability of Prospectus in official website: **www.dmetodisha.gov.in dohodisha.nic.in** | 20.08.2022 | 20.08.2022 |
| Availability of Online Application form & payment of Application fee in official website: **dohodisha.nic.in** | 20.08.2022, 5.00 P.M. | 20.08.2022, 5.00 P.M. |
| Last date of online registration form | 05.09.2022, 11.59 P.M. | 05.09.2022, 11.59 P.M. |
| Last date for submission of online application form & Application fee | 09.09.2022, 11.59 P.M. | 09.09.2022, 11.59 P.M. |

**Sd./- Convener**
**State Nursing Selection Committee**
OIPR-10016/11/0018/2223

## STATE POLLUTION CONTROL BOARD, ODISHA
PARIBESH BHAWAN, A/118, NILAKANTHANAGAR, UNIT-VIII, NAYAPALLI, BHUBANESWAR - 751012
Website:www.ospcboard.org, EPABX : 0674-2562847
Email: paribesh1@ospcboard.org
No.14814 SPCB/ICZM/506/2019-2020 Date:17.8.22
### E-TENDER CALL NOTICE

**No.CAD-1554:**Notice Inviting E-Tender for executing Dry Docking Repair Work of 'MV Sagar Utkal' berthed at DST Berth, Paradeep Port, Paradeep.
**Online Bids** through e-Tender portal (https://tendersodisha.gov.in) are invited from eligible bidders for executing Dry Docking Repair Work of 'MV Sagar Utkal' as per the particulars mentioned below:

| Sl. No. | Bid Reference No. | Item Name | Bid Document Cost |
|---|---|---|---|
| 1 | TCN No. Dt. | Executing Dry Docking Repair Work of 'MV Sagar Utkal' berthed at DST Berth, Paradeep Port, Paradeep | Free of Cost |

| Sl. No. | Particulars | Date and Time |
|---|---|---|
| 01 | Date of publishing of tender | 19.08.2022 |
| 02 | Bid document download start date | 19.08.2022 (4.00 PM) |
| 03 | Duration of downloading of bid document | 14 Days |
| 04 | Last date of download of Bid document | 03.09.2022 (12.00 PM) |
| 05 | Opening of Technical Bid Folder | 05.09.2022 (4.00PM) Conference Hall at Central Laboratory Plot No. 59 B 2&3 Chandaka I.E Patia, KIIT, Bhubaneswar-751024 |
| 06 | All other information | All other Information will be updated in https://tendersodisha.gov.in and www.ospcboard.org |

The bid document with all information relating to the bidding process including cost of bid document, EMDs, Prequalification criteria and terms & condition are available in the website: https://tendersodisha.gov.in and www.ospcboard.org.The Authority reserves the right to accept/reject any part thereof or all the bids without assigning any reason thereof.

OIPR-08012/11/0223/2223 **Sd./- Member Secretary**